# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧/୨୦୧୮ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, September 1 / 2018 (Career & Appointment) | ★★★★★★

୪୪ଶ ଭାଗ ୨୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ୱିଙ୍କ୍ କୁଇନ୍ ପ୍ରିୟା ୱାରିୟରଙ୍କୁ ଆଶ୍ୱସ୍ତି**

ଭିଡିଓ ବିବାଦରେ 'ୱିଙ୍କ୍ କୁଇନ୍' ପ୍ରିୟା ପ୍ରକାଶ ୱାରିୟରଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ତାଙ୍କ ନାଁରେ ଦାଏର ହୋଇଥିବା ଏତଲାକୁ କୋର୍ଟ ରଦ୍ଦ କରିଦେଇଛନ୍ତି ।

୦୨

୧୩

**୭୫ ଡଲାର ଛୁଇଁବ ଅଶୋଧିତ ତେଲ ଦର**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୫ ଡଲାର ଛୁଇଁବ ବୋଲି ଇଣ୍ଟରନ୍ୟାଶନାଲ ଏନର୍ଜି ଏଜେନ୍ସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଫତିହ ବିରଲ କହିଛନ୍ତି ।








## ସଂକ୍ଷେପରେ

### ୬ ଦିନ ଛୁଟି ରହିବନି ବ୍ୟାଙ୍କ

ନୂଆଦିଲ୍ଲୀ, ୩୧।୮: ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଦେଶର ବ୍ୟାଙ୍କଗୁଡ଼ିକ ଲଗାତର ୬ ଦିନ ଛୁଟି ରହିବ ନାହିଁ। କିଛିଦିନ ଧରି ସୋସିଆଲ୍ ମିଡିଆରେ ବ୍ୟାଙ୍କ ବନ୍ଦ ରହିବା ନେଇ ଖବର ପ୍ରସାରିତ ହେଉଥିବା ବେଳେ ଅର୍ଥ ମନ୍ତ୍ରଣାଳୟ ଶୁକ୍ରବାର ଏହି ଗୁଜବକୁ ଖଣ୍ଡନ କରିଛି। ମନ୍ତ୍ରଣାଳୟର କହିବା ଅନୁସାରେ ଜନସାଧାରଣ ଏହାକୁ ନେଇ ବ୍ୟସ୍ତ ହେବା ଆବଶ୍ୟକ ନାହିଁ। ଅର୍ଥ ମନ୍ତ୍ରଣାଳୟ ଜାରି କରିଥିବା ସ୍ପଷ୍ଟୀକରଣ ଅନୁସାରେ, ରବିବାର (ସେପ୍ଟେମ୍ବର ୨) ଏବଂ ସେପ୍ଟେମ୍ବର ୮ (ମାସର ଦ୍ୱିତୀୟ ଶନିବାର) ବ୍ୟାଙ୍କ ଚିରାଚରିତ ଭାବେ ବନ୍ଦ ରହିବ। କିନ୍ତୁ ଜନ୍ମାଷ୍ଟମୀ ସକାଶେ ୩ ତାରିଖରେ ଦେଶବ୍ୟାପୀ ବ୍ୟାଙ୍କ ଛୁଟି ହେବ ନାହିଁ। ନେଗୋସିଏବୁଲ ଇନଷ୍ଟ୍ରୁମେଣ୍ଟ୍ ଆକ୍ଟ, ୧୮୮୧ ଅନୁସାରେ କେତୋଟି ନିର୍ଦ୍ଦିଷ୍ଟ ରାଜ୍ୟରେ ଉକ୍ତ ଦିନ ବ୍ୟାଙ୍କ ବନ୍ଦ ରହିବ।

☞ପୃଷ୍ଠା–୧୨

### ଏଲ୍‌ପିଜି ଦର ବଢ଼ିଲା

ନୂଆଦିଲ୍ଲୀ,୩୧।୮: ଶୁକ୍ରବାର ସବ୍‌ସିଡିଯୁକ୍ତ ଘରୋଇ ରନ୍ଧନ ଗ୍ୟାସ୍(ଏଲ୍‌ପିଜି) ସିଲିଣ୍ଡର ଦାମ ୧.୪୯ ଟଙ୍କା ବୃଦ୍ଧି ପାଇଛି। ଫଳରେ ଦିଲ୍ଲୀରେ ଶୁକ୍ରବାର ମଧ୍ୟରାତ୍ରିରୁ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦାମ ୪୯୮.୦୨ ଟଙ୍କାରୁ ୪୯୯.୫୧ଟଙ୍କାକୁ ବଢ଼ିଯାଇଛି। ସେହିପରି ଦିଲ୍ଲୀରେ ଅଣସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦାମ ୩୦.୫୦ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ସିଲିଣ୍ଡର ପିଛା ମୂଲ୍ୟ ୮୨୯ ଟଙ୍କାରେ ପହଞ୍ଚିଛି।

**ଝାରସୁଗୁଡ଼ା ବିମାନବନ୍ଦର ସେପ୍ଟେମ୍ବର ୨୨ରେ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ**

........୩........

## ଆଜିର ସମ୍ପାଦକୀୟ

### ଡିଆରଡିଓର ନୂଆ ମୁଖ୍ୟ

## ଆଜିର ମନ୍ତବ୍ୟ

" ଟଙ୍କା ଏବେ ଜ୍ୱରରେ ପୀଡ଼ିତ ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## କିଛି ତଥ୍ୟ

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୪୪୫.୪ ନିୟୁତ ଡଲାର ବୃଦ୍ଧି ଘଟି ୪୦୧.୨୯୩ ବିଲିୟନ ଡଲାର ଛୁଇଁଛି। ଏଥିରେ ଗତ ସପ୍ତାହରେ ୩୩.୨ ନିୟୁତ ହ୍ରାସ ହେବା ସହ ୪୦୦.୮୪ ବିଲିୟନ ଡଲାର ରହିଥିଲା।

– ଭାରତୀୟ ରିଜର୍ଭ ବ୍ୟାଙ୍କ


NECC NATIONAL EGG CO-ORDINATION COMMITTEE | 31.08.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers




ବଲାଙ୍ଗୀର ମେଡିକାଲ କଲେଜ ଉଦ୍‌ଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସହ ଅନ୍ୟ ଅତିଥିବୃନ୍ଦ।

■ ବଲାଙ୍ଗୀର ମେଡିକାଲ କଲେଜ ଲୋକାର୍ପିତ

# ସେବା ହେଉ ଡାକ୍ତରଙ୍କ ଧ୍ୟେୟ

ବଲାଙ୍ଗୀର ଅଫିସ, ୩୧।୮

■ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରୁ ରାଜ୍ୟ: ନଡ୍ଡା

■ କଲେଜ ପରିସରରେ ୯୫ କୋଟିରେ ହେବ ଅତ୍ୟାଧୁନିକ ହସ୍ପିଟାଲ: ପ୍ରତାପ

ସେବା ହିଁ ଡାକ୍ତରଙ୍କ ଧ୍ୟେୟ ହେବା ଉଚିତ। ଓଡ଼ିଶାର ଡାକ୍ତରମାନେ ତ୍ୟାଗ ଓ ଉତ୍ସର୍ଗୀକୃତ ଭାବନା ସହ ରୋଗୀଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇଦେଇ ରାଜ୍ୟର ନାଁ ରଖିବା ଉଚିତ। ବଲାଙ୍ଗୀରରେ ଶୁକ୍ରବାର ବହୁପ୍ରତୀକ୍ଷିତ ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲର ଲୋକାର୍ପଣ ଅବସରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବଲାଙ୍ଗୀର ପାଇଁ ଶୁକ୍ରବାର ଥିଲା ଏକ ଐତିହାସିକ ଦିନ। ଦୀର୍ଘ ୧୮ବର୍ଷର ପ୍ରତୀକ୍ଷା ପରେ ଏଠାରେ ମେଡିକାଲ କଲେଜକୁ ମହାନ୍ ସନ୍ଥ ଭୀମ ଭୋଇଙ୍କ ନାମରେ ନାମିତ କରି ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଉତ୍ସର୍ଗ କରିଛନ୍ତି। ପ୍ରଥମେ କଲେଜ କ୍ୟାମ୍ପସରେ ଥିବା ସନ୍ଥକବିଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଅନାବରଣ କରିଥିଲେ। ପରେ ଉଭୟେ ମେଡିକାଲ କଲେଜ ଫଳକ ଉଦ୍‌ଘାଟନ କରିଥିଲେ। ଏହାପରେ ମେଡିକାଲ କଲେଜ ପ୍ରେକ୍ଷାଳୟରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ରଖି ଏହି ମେଡିକାଲ କଲେଜର ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆଜିର ଦିନକୁ ଐତିହାସିକ ମୁହୂର୍ତ୍ତ ଭାବେ ବିବେଚନା କରି ଭୀମ ଭୋଇଙ୍କ ଆଦର୍ଶ, ତ୍ୟାଗ, ଦୁର୍ଗତ ମଣିଷଙ୍କ ସେବା ଓ ବିଶ୍ୱଭ୍ରାତୃତ୍ୱର ମନୋଭାବ ନେଇ ଏଠାକାର ଡାକ୍ତରୀ ଛାତ୍ରୀଛାତ୍ର ଓ ଡାକ୍ତରମାନେ ସେବା ଯୋଗାଇବେ ବୋଲି ସେ ଆଶାପୋଷଣ କରିଥିଲେ। ଏହି ମେଡିକାଲ କଲେଜ ଓଡ଼ିଶାର ବିକାଶର ଆଉ ଏକ ନିଦର୍ଶନ ବୋଲି ସେ କହିଥିଲେ। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଏବେ ସାକାର ହୋଇଛି। ଏହାଦ୍ୱାରା ଏହି ଅଞ୍ଚଳର ଲୋକେ ଉପଯୁକ୍ତ ଚିକିତ୍ସା ସେବା ପାଇବା ସହ ଛାତ୍ରୀଛାତ୍ରମାନେ ମେଡିକାଲ ପାଠ ପଢ଼ିବାର ସୁଯୋଗ ପାଇବେ। ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ବିକାଶମୂଳକ କାର୍ଯ୍ୟ କରିବାରେ ତାଙ୍କ ସରକାର ନିଷ୍ଠା ଓ ସ୍ୱଚ୍ଛତାର ସହ କାର୍ଯ୍ୟ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିସହ ଭୀମ ଭୋଇ ମେଡିକାଲ କଲେଜ ସ୍ୱାସ୍ଥ୍ୟସେବା

☞ପୃଷ୍ଠା–୪



ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଧାବିକା ଦୁତୀ ଚାନ୍ଦଙ୍କୁ ଶୋଭାଯାତ୍ରାରେ ନିଆଯାଉଛି। (ଫଟୋ–ବିକାଶ ନାୟକ) (ରିପୋର୍ଟ: ଖେଳପୃଷ୍ଠା)

# ପାଣି କମିଲା, ଥମିଲାନି ରାଜନୀତି

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

**ମହାନଦୀରେ ବନ୍ୟା ପରିସ୍ଥିତି**

■ ରାଜନୈତିକ ବନ୍ଧୁମାନେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି: ଧର୍ମେନ୍ଦ୍ର

■ ଦାୟିତ୍ୱରେ ଥିବା ଲୋକେ ବିଦ୍ୱେଷ ସୃଷ୍ଟିକାରୀ: ପ୍ରସନ୍ନ

■ ବନ୍ୟା ପରିସ୍ଥିତି ପାଇଁ ବିଜେଡି-ଭାଜପା ଦାୟୀ: ନିରଞ୍ଜନ

ମୌସୁମୀ ସମୟରେ ରାଜ୍ୟରେ ଉପୁଜୁଥିବା ବନ୍ୟା ପରିସ୍ଥିତି ପାଇଁ ଛତିଶଗଡ ସରକାରଙ୍କୁ ଓଡ଼ିଶା ଦୋଷ ଦେବାରେ ଲାଗିଛି। ଏହାକୁ ନେଇ ରାଜ୍ୟର ସବୁଦଳ ମଧ୍ୟରେ ରାଜନୈତିକ ଆରୋପ-ପ୍ରତ୍ୟାରୋପ ଜାରି ରହିଛି। ଏ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଏଠାକାର ଶାସକ ଦଳର ରାଜନୈତିକ ବନ୍ଧୁମାନେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିବାକୁ ପ୍ରୟାସ କରୁଛନ୍ତି। ଉଭୟ ରାଜ୍ୟ ପରସ୍ପର ସହ କଥାବାର୍ତ୍ତା ଜାରି ରଖିବା ଆବଶ୍ୟକ। ଆଲୋଚନା ମାଧ୍ୟମରେ ହିଁ ସମାଧାନର ବାଟ ଫିଟିବ ବୋଲି ସେ କହିଛନ୍ତି। ଧର୍ମେନ୍ଦ୍ର ଏଥିପାଇଁ ଗୁରୁବାର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି କହିଥିଲେ, ଓଡ଼ିଶା ସରକାରଙ୍କ ଆଗ୍ରହରେ ଦୁଇ ରାଜ୍ୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ବୈଠକ ବସିଥିଲା। ବୈଠକରେ କିନ୍ତୁ ଓଡ଼ିଶା ସରକାର ରାଜ୍ୟର ସମସ୍ୟା କଥା ଉଠାଇଲେ ନାହିଁ। ଭୟର ବାତାବରଣ ଏବଂ ବିଦ୍ୱେଷ ସୃଷ୍ଟି କରିବାକୁ ଚାହିଁଲେ ସମସ୍ୟାର ସମାଧାନ ହେବନାହିଁ।

☞ପୃଷ୍ଠା–୧୨

■ ଆଇଟି କରୁଛି ବିଚାର

# ପାନ୍‌ରେ ପିତାଙ୍କ ନାମ ରହିବନି

ନୂଆଦିଲ୍ଲୀ,୩୧।୮

ପରମାନେଣ୍ଟ ଆକାଉଣ୍ଟ ନମ୍ବର(ପାନ୍) ଆବେଦନ ବେଳେ ଫର୍ମରେ ପିତାଙ୍କ ନାମ ଉଲ୍ଲେଖ କରିବା ବାଧ୍ୟତାମୂଳକ ରହିଛି। ତେବେ ଆୟକର ବିଭାଗ(ଆଇଟି) ଆଗାମୀ ଦିନରେ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପ୍ରସ୍ତାବ ଦେଇଛି। ସିବିଡିଟି ପକ୍ଷରୁ ଜାରି ଚିଠା ବିଜ୍ଞପ୍ତି ଅନୁଯାୟୀ, ଯେଉଁଠି ଆବେଦନକାରୀଙ୍କ ଅଭିଭାବକ କେବଳ ମା' ସେକ୍ଷେତ୍ରରେ ସେ ପାନ୍ ଆବେଦନ ଫର୍ମ ୪୯ଏ ଏବଂ ୪୯ଏଏରେ ଏକକ ଅଭିଭାବକ ଭାବେ ମା'ଙ୍କ ନାମ ଲେଖିବେ। ଏହାଛଡ଼ା ଆବେଦନକାରୀଙ୍କୁ କିଭଳି ଲାମିନେଟଯୁକ୍ତ ପାନ୍ ଦିଆଯିବ ସେ ସମ୍ପର୍କରେ ପ୍ରିନ୍ସିପାଲ ଡାଇରେକ୍ଟର ଜେନେରାଲ କିମ୍ବା ଆୟକର ବିଭାଗ ଡାଇରେକ୍ଟର ଜେନେରାଲ ନିଷ୍ପତ୍ତି ନେବେ। ଏନେଇ ତାଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିବାକୁ ପ୍ରସ୍ତାବରେ କୁହାଯାଇଛି।

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

ଅନିବାର୍ଯ୍ୟ କାରଣବଶତଃ ଏଥର କ୍ୟାରିୟର ସମ୍ପର୍କିତ ଲେଖା ପ୍ରକାଶ ପାଇପାରୁନାହିଁ।

# ୪ ଓଡ଼ିଆଙ୍କୁ ରୌପ୍ୟ ପଦକ

**ଏସିଆନ ଗେମ୍ସ ମହିଳା ହକି**



ଦୀପ୍‌ଗ୍ରେସ | ନମିତା | ସୁନୀତା | ଲିଲିମା

ଭୁବନେଶ୍ୱର, ୩୧।୮(କ୍ରୀଡ଼ା ପ୍ରତିନିଧି)

ଇଣ୍ଡୋନେସିଆର ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ମହିଳା ହକି ଇଭେଣ୍ଟରେ ଭାରତୀୟ ଦଳ ରୌପ୍ୟ ପଦକ ହାସଲ କରିଛି। ତେଣୁ ଜାତୀୟ ଦଳର ସଦସ୍ୟା ଭାବେ ଓଡ଼ିଶାର ସୁନୀତା ଲାକ୍ରା, ଦୀପ୍‌ଗ୍ରେସ ଏକ୍କା, ନମିତା ଟପ୍ପୋ, ଲିଲିମା ମିଞ୍ଜ ମଧ୍ୟ ରୌପ୍ୟ ପଦକ ପାଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଭାରତ ୧–୨ ଗୋଲ୍‌ରେ ଜାପାନଠାରୁ ପରାସ୍ତ ହୋଇଛି। ସୁନୀତା, ଦୀପ୍‌ଗ୍ରେସ, ନମିତା, ଲିଲିମାଙ୍କ ପାଇଁ ଏହା ଦ୍ୱିତୀୟ ଏସିଆନ ଗେମ୍ସ ପଦକ। ୨୦୧୪ରେ ଇଞ୍ଚିଅନରେ ଅନୁଷ୍ଠିତ ଏସିଆଡ୍‌ରେ ଭାରତୀୟ ଦଳର ସଦସ୍ୟ ଭାବେ ଏହି ୪ ଓଡ଼ିଆ ଖେଳାଳି ବ୍ରୋଞ୍ଜ ପଦକ ହାସଲ କରିଥିଲେ।

☞ପୃଷ୍ଠା–୪






"ଏନ୍‌ଡିଏର କେତେଜଣ ଲୋକ ନରେନ୍ଦ୍ର ମୋଦିଙ୍କୁ ୨୦୧୯ରେ ପୁଣିଥରେ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁନାହାନ୍ତି। ତେଣୁ ସେମାନେ ମେଣ୍ଟରେ ବିବାଦ ପାଇଁ ଗୁଜବ ସୃଷ୍ଟି କରୁଛନ୍ତି।

- ଉପେନ୍ଦ୍ର କୁଶୱାହ, ଆର୍‌ଏଲ୍‌ଏସ୍‌ପି ଅଧକ୍ଷ ତଥା କେନ୍ଦ୍ରମନ୍ତ୍ରୀ



## ସଂକ୍ଷେପରେ

### ନାଗାଲାଣ୍ଡରେ ବନ୍ୟା ୧୨ ମୃତ, ୩ ହଜାର ବିସ୍ଥାପିତ



**କୋହିମା,୩୧।୮ :** ନାଗାଲାଣ୍ଡରେ ବର୍ଷା ଓ ବନ୍ୟାର ପ୍ରକୋପ ଦେଖିବାକୁ ମିଳିଛି। ସେଠାରେ ଗତ ସପ୍ତାହ ହେବ ପ୍ରବଳ ବର୍ଷା ଓ ଭୂସ୍ଖଳନ ପରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁଁ ୧୨ ଜଣଙ୍କର ମୃତ୍ୟୁ ହୋଇ ସାରିଛି ବୋଲି ନାଗାଲାଣ୍ଡର ମୁଖ୍ୟମନ୍ତ୍ରୀ ନେଫ୍ୟୁ ରିଓ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହାସହ ସେ ଏକ ଭିଡିଓ ପୋଷ୍ଟ କରି କେନ୍ଦ୍ରର ସହାୟତା ଲୋଡିଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ପାଣି ମାଡିଯିବାରୁ ୪୦୦ ଗ୍ରାମର ୩ ହଜାର ପରିବାର ବିସ୍ଥାପିତ ହୋଇଛନ୍ତି। ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ଦେଖିବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହ ଆଶ୍ୱାସନା ଦେବା ସହ ଟୁଇଟ୍ କରି କହିଛନ୍ତି ଖୁବ୍ ଶୀଘ୍ର ଏନ୍‌ଡିଆର୍‌ଏଫ୍ ଟିମ୍ ସେଠାକୁ ଯାଇ ରିଲିଫ ପ୍ରଦାନ କରିବେ। ରାଜନାଥ ପ୍ରତିଶ୍ରୁତି ପାଇବା ପରେ ନେଫ୍ୟୁ ରିଓ ତାଙ୍କୁ ଧନ୍ୟବାଦ ଦେଇଛନ୍ତି।

### ହସ୍ପିଟାଲରେ ବୀରଭଦ୍ର

**ଶିମ୍ଲା,୩୧।୮ (ପି.ଟି.):** ହିମାଚଳପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ବୀରଭଦ୍ର ସିଂ ଅସୁସ୍ଥ।



ଶିମ୍ଲାର ଇନ୍ଦିରା ଗାନ୍ଧୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ଛାତିରେ ସଂକ୍ରମଣ ଯୋଗୁଁ ବୀରଭଦ୍ରଙ୍କ ସ୍ୱାସ୍ଥ୍ୟ ହଠାତ ଖରାପ ହୋଇପଡିଥିଲା। ପୂର୍ବ ଅପେକ୍ଷା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଶୁକ୍ରବାର ଡାକ୍ତରମାନେ ସୂଚନା ଦେଇଛନ୍ତି। ଗୁରୁବାର ବିଧାନସଭା ଅଧିବେଶନରେ ଯୋଗଦେବା ପରେ ତାଙ୍କୁ ଜ୍ୱର ହୋଇଥିଲା। ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

### ରାବ୍ରୀ ଦେବୀ, ତେଜସ୍ୱୀଙ୍କୁ ଜାମିନ

**ନୂଆଦିଲ୍ଲୀ,୩୧।୮ (ପି.ଟି.):** ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ୍ (ଆଇଆର୍‌ସିଟିସି) ଟେଣ୍ଡର ଦୁର୍ନୀତ ମାମଲାରେ ଶୁକ୍ରବାର ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ସ୍ତ୍ରୀ ରାବ୍ରୀ ଦେବୀ ଓ ସାନପୁଅ ତେଜସ୍ୱୀ ଯାଦବଙ୍କୁ ଆଶ୍ୱସ୍ତି ମିଳିଛି। ଦିଲ୍ଲୀର ଏକ ସ୍ୱତନ୍ତ୍ର ଅଦାଲତ ଦୁହିଁଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି। ଉଭୟଙ୍କୁ ୧ ଲକ୍ଷ ଟଙ୍କାର ଦୁଇଟି ସିକ୍ୟୁରିଟି ବଣ୍ଡରେ ଜାମିନ୍ ଦିଆଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୬କୁ ଧାର୍ଯ୍ୟ କରାଯାଇଛି। ପୂର୍ବରୁ ଏହି ମାମଲାରେ ଲାଲୁଙ୍କ ପରିବାରକୁ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ଏକ ମାମଲାରେ ଲାଲୁ ଝାଡଖଣ୍ଡ ଜେଲରେ ଥିବାରୁ ଶୁକ୍ରବାର କୋର୍ଟରେ ହାଜର ହୋଇପାରି ନଥିଲେ।

### ଚିଦାମ୍ବରମ୍‌ଙ୍କୁ ପୁଣି ଜେରା

**ନୂଆଦିଲ୍ଲୀ, ୩୧।୮ (ପି.ଟି.):** ଏୟାରସେଲ୍-ମାକ୍ସିସ୍ ମନି ଲଣ୍ଡରିଂ ମାମଲାରେ ପୁଣି ଶୁକ୍ରବାର ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କୁ ଜେରା କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଚତୁର୍ଥ ଥର ପଚରାଉଚରା କରିବା ପାଇଁ ତାଙ୍କୁ ଇଡି ସମନ କରିଥିଲା। ପୂର୍ବାହ୍ନରେ ଇଡି ଅଧିକାରୀଙ୍କ ନିକଟରେ ହାଜର ହେବା ପରେ ବରିଷ୍ଠ କଂଗ୍ରେସ ନେତା ଚିଦାମ୍ବରମ୍‌ଙ୍କୁ ଏହି ଦୁର୍ନୀତି ସମ୍ପର୍କରେ ଜେରା କରାଯାଇଥିଲା। ପିଏମ୍‌ଏଲଏ ଆଇନ ଅନୁଯାୟୀ ତାଙ୍କର ବୟାନ ମଧ ରେକର୍ଡ ହୋଇଛି। ଗତ ୨୪ ତାରିଖରେ ଚିଦାମ୍ବରମ୍‌ଙ୍କୁ ୬ ଘଣ୍ଟା ଜେରା କରାଯାଇଥିଲା।

### [ଇତିହାସର ଆଇନାରେ]

### ସେପ୍ଟେମ୍ବର ୧ର ପ୍ରମୁଖ ଘଟଣା

୧୯୨୩ ସେପ୍ଟେମ୍ବର ୧ରେ ଜାପାନର ହୋନ୍‌ଶୁ ଦ୍ୱୀପରେ ୮.୨ ତୀବ୍ରତାର ଭୂକମ୍ପ ଘଟିଥିଲା। ଏହାକୁ ଗ୍ରେଟ୍ କାଣ୍ଟୋ ଭୂକମ୍ପ ବୋଲି କୁହାଯାଏ। ଏଥିରେ ୧,୪୨,୦୦୦ ଲୋକ ପ୍ରାଣ ହରାଇଥିବା ଜଣାଯାଏ।

୧୯୬୯ ସେପ୍ଟେମ୍ବର ୧ରେ ଲିବ୍ୟା ସେନା କ୍ୟାପ୍‌ଟେନ୍ ମୁଆମାର୍ ଅଲ୍-ଗଦ୍ଦାଫି ଲିବ୍ୟା ସମ୍ରାଟ୍ ଇଦ୍ରିସ ପ୍ରଥମଙ୍କୁ ସାମରିକ ବିଦ୍ରୋହ ଜରିଆରେ ଗାଦିଚ୍ୟୁତ କରି କ୍ଷମତା ହାସଲ କରିଥିଲେ।

■ ଅପହରଣ ନାଟକର ଅବସାନ: ୧୧ ପୋଲିସ ସମ୍ପର୍କୀୟ ମୁକ୍ତ

# ହିଜ୍‌ବୁଲର ପ୍ରତିଶୋଧ ରଣନୀତି

**ଶ୍ରୀନଗର/ନୂଆଦିଲ୍ଲୀ, ୩୧।୮ (ପି.ଟି./ଆଇଏଏନ୍‌ଏସ୍)**

ତିନି ଦିନର ଛକାପଞ୍ଝା ପରେ ଆତଙ୍କବାଦୀଙ୍କ ଅପହରଣ ନାଟକର ଅବସାନ ଘଟିଛି। ଦକ୍ଷିଣ କଶ୍ମୀରରେ ପୋଲିସ ସହ ଖେଳ ଖେଳୁଥିବା କୁଖ୍ୟାତ୍ ଆତଙ୍କବାଦୀ ସଙ୍ଗଠନ ହିଜ୍‌ବୁଲ ମୁଜାହିଦ୍ଦିନ ଶେଷରେ ସମସ୍ତ ୧୧ ପୋଲିସ ସମ୍ପର୍କୀୟଙ୍କୁ ମୁକ୍ତ କରିଛନ୍ତି। ପାକିସ୍ତାନରେ ରହୁଥିବା ହିଜ୍‌ବୁଲ ମୁଖିଆ ସୟଦ୍ ସଲାହୁଦ୍ଦିନଙ୍କ ଦ୍ୱିତୀୟ ପୁଅ ସୟଦ୍ ଅହମ୍ମଦ ସକିଲଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଗିରଫ କରିବା ଏବଂ ପୋଲିସ ପକ୍ଷରୁ ଏହାର ଅପରେଶନାଲ୍ କମାଣ୍ଡର ରିୟାଜ୍ ନାଇକୁଙ୍କ ବାପା ଅସାଦୁଲ୍ଲା ନାଇକୁଙ୍କୁ ଜେରା କରାଯିବା ପରେ ରଣନୀତି ବଦଳାଇଛନ୍ତି ଆତଙ୍କବାଦୀ। ପୋଲିସ କର୍ମଚାରୀଙ୍କ ଆତ୍ମୀୟସ୍ୱଜନଙ୍କୁ ଅପହରଣ କରି ସେମାନେ ଏହି ଦୁଇ କାର୍ଯ୍ୟାନୁଷ୍ଠାନର ପ୍ରତିଶୋଧ ନେଇଥିଲେ। ହେଲେ ଶୁକ୍ରବାର ରାତିରେ ସେମାନଙ୍କୁ ଛାଡ଼ିଦେଇଥିବା ଜଣାପଡ଼ିଛି। ସମଗ୍ର ଜମ୍ମୁ-କଶ୍ମୀରରେ ଆତଙ୍କ ଖେଳାଇ ରକ୍ତର ହୋଲି ଖେଳିବାକୁ ହିଜ୍‌ବୁଲ ମୁଜାହିଦ୍ଦିନକୁ ପାକିସ୍ତାନ ଅର୍ଥ ଯୋଗାଉଛି। ଏହାର ମାଧ୍ୟମ ପାଲଟିଛନ୍ତି ହିଜ୍‌ବୁଲ ମୁଜାହିଦ୍ଦିନ ମୁଖ୍ୟ ସୟଦ୍ ସଲାହୁଦ୍ଦିନ ଓ କେତେଜଣ ବିଚ୍ଛିନ୍ନତାବାଦୀ ନେତା। ସଲାହୁଦ୍ଦିନଙ୍କଠାରୁ ଅର୍ଥ ନେଇ ସ୍ଥାନୀୟ ଯୁବକଙ୍କୁ ଆତଙ୍କବାଦ ପ୍ରତି ଆକର୍ଷିତ କରୁଥିବା ଜଣାପଡ଼ିବା ପରେ ତାଙ୍କ ୪୮ ବର୍ଷୀୟ ପୁଅ ସକିଲଙ୍କୁ ଗୁରୁବାର ଏନ୍‌ଆଇଏ ଗିରଫ କରିଥିଲା। ତାଙ୍କୁ ଶୁକ୍ରବାର ଦିଲ୍ଲୀର ଏକ କୋର୍ଟରେ ହାଜର କରାଯାଇଛି। ସକିଲଙ୍କୁ ଜିଲା ଜଜ୍ ପୁନମ୍ ଏ.ବମ୍ବା ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଏନ୍‌ଆଇଏ ହାଜତକୁ ପଠାଇ ଦେଇଛନ୍ତି। ଏହା ପୂର୍ବରୁ ସଲାହୁଦ୍ଦିନ୍‌ଙ୍କ ବଡ଼ପୁଅ ଶାହିଦଙ୍କୁ ମଧ ସମାନ ଅଭିଯୋଗରେ ଏନ୍‌ଆଇଏ ଗିରଫ କରିଥିଲା। ସେପଟେ ହିଜ୍‌ବୁଲ କମାଣ୍ଡର ରିୟାଜ୍ ନାଇକୁଙ୍କ ବାପା ଅସାଦୁଲ୍ଲାଙ୍କୁ ବୁଧବାର ରାତିରେ ପୁଲୱାମାରୁ ପୋଲିସ ଧରି ପଚରାଉଚରା କରୁଥିଲା। ଏହାକୁ ନେଇ ପ୍ରତିଶୋଧପରାୟଣ ହୋଇଉଠିଛି ହିଜ୍‌ବୁଲ। ଏହି ସଙ୍ଗଠନର ଆତଙ୍କବାଦୀମାନେ ଦକ୍ଷିଣ କଶ୍ମୀରର ବିଭିନ୍ନ ଅଞ୍ଚଳରୁ ପୋଲିସ କର୍ମଚାରୀଙ୍କ ୧୧ ସମ୍ପର୍କୀୟଙ୍କୁ ଅପହରଣ କରିନେଇଥିଲେ। ପୋଲିସ ଶୁକ୍ରବାର ରିୟାଜ୍ ନାଇକୁଙ୍କ ବାପା ଅସାଦୁଲ୍ଲାଙ୍କୁ ଛାଡ଼ିଦେବା ପରେ ଆତଙ୍କବାଦୀମାନେ ଜଣେ ଡିଏସ୍‌ପିଙ୍କ ଭାଇଙ୍କ ସମେତ ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିଛନ୍ତି। ଅପହୃତମାନେ ନିଜ ନିଜ ଘରକୁ ଫେରିଛନ୍ତି କି ନାହିଁ ତାହା ଯାଞ୍ଚ କରାଯାଉଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଆତଙ୍କବାଦୀଙ୍କ ଏଭଳି କାଣ୍ଡକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଏବଂ ଓମାର ଅବ୍‌ଦୁଲ୍ଲା ନିନ୍ଦା କରିଛନ୍ତି। ପୋଲିସ କର୍ମଚାରୀଙ୍କ ସମ୍ପର୍କୀୟଙ୍କୁ ଅପହରଣ ଘଟଣାରୁ ଉପତ୍ୟକାର ଉଦ୍‌ବେଗଜନକ ସ୍ଥିତି ପ୍ରତିଫଳିତ ହେଉଛି ବୋଲି ଏନ୍‌ସି ଉପାଧ୍ୟକ୍ଷ ଓମାର ଟୁଇଟ୍ କରିଛନ୍ତି। ସେହିପରି ପୋଲିସ ଓ ଆତଙ୍କବାଦୀଙ୍କ ସମ୍ପର୍କୀୟମାନଙ୍କୁ ହଇରାଣ କରାଯିବା ଅନୁଚିତ ବୋଲି ପିଡିପି ଅଧ୍ୟକ୍ଷା ମେହବୁବା କହିଛନ୍ତି।



ହିଜ୍‌ବୁଲ କମାଣ୍ଡର ରିୟାଜ୍ ନାଇକୁ।

**କଶ୍ମୀରରେ ଛକାପଞ୍ଝା**

- ■ନାଇକୁଙ୍କ ବାପାଙ୍କୁ ପୋଲିସ ଛାଡ଼ିଲା
- ■ସମସ୍ତ ଅପହୃତଙ୍କୁ ମୁକ୍ତ କଲେ ଆତଙ୍କବାଦୀ
- ■୧୦ ଯାଏ ଏନ୍‌ଆଇଏ ହାଜତରେ ସଲାହୁଦ୍ଦିନଙ୍କ ପୁଅ

## ପୋଲିସକୁ ୩ ଦିନ ମହଲତ

**ଶ୍ରୀନଗର,୩୧।୮ (ପି.ଟି.)**

ଜମ୍ମୁ-କଶ୍ମୀରରେ ହିଜ୍‌ବୁଲର ପୋଷ୍ଟର ବୟ ପାଲଟିଥିବା ରିୟାଜ୍ ନାଇକୁ ଶୁକ୍ରବାର ପୋଲିସକୁ ୩ ଦିନର ମହଲତ ଦେଇଛନ୍ତି। ସେ ସୋସିଆଲ ମିଡିଆରେ ୧୨ ମିନିଟର ଏକ ଅଡିଓ କ୍ଲିପ୍ ଜାରି କରି ପୋଲିସ ସମ୍ପର୍କୀୟଙ୍କ ଅପହରଣ ପାଇଁ ନିଜକୁ ଦାୟୀ କରିଛନ୍ତି। ପୋଲିସ ହାଜତରେ ଥିବା ଆତଙ୍କବାଦୀଙ୍କ ସମସ୍ତ ସମ୍ପର୍କୀୟଙ୍କୁ ୩ ଦିନ ମଧ୍ୟରେ ନ ଛାଡ଼ିଲେ ସେମାନଙ୍କ ପରିବାର ମଧ ସୁରକ୍ଷିତ ରହିବେ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। ଆତଙ୍କବାଦୀଙ୍କ ସମ୍ପର୍କୀୟଙ୍କୁ ଗିରଫ କରି ପୋଲିସ ସେମାନଙ୍କୁ ଏଭଳି ପଦକ୍ଷେପ ନେବାକୁ ବାଧ କରିଛି। ପୋଲିସ କର୍ମୀମାନେ ଚାକିରି ଛାଡ଼ିଦିଅନ୍ତୁ। ନଚେତ୍ ପରିଣାମ ଭୋଗିବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ରିୟାଜ୍ ଏଥିରେ ଧମକ ଦେଇଛନ୍ତି।

■ ସରକାରୀ ବିଜ୍ଞାପନର ଦୁରୁପଯୋଗ

# କେନ୍ଦ୍ର, ଭାଜପା, ୬ ରାଜ୍ୟକୁ ନୋଟିସ

**ନୂଆଦିଲ୍ଲୀ,୩୧।୮ (ପି.ଟି.)**



ସରକାରୀ ବିଜ୍ଞାପନର ଦୁରୁପଯୋଗ କରିଥିବା ଅଭିଯୋଗରେ କେନ୍ଦ୍ର, ଭାଜପା ଓ ୬ ରାଜ୍ୟକୁ ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ନୋଟିସ ଜାରି କରିଛନ୍ତି।

କେନ୍ଦ୍ର ସରକାର, ଭାଜପା ଏବଂ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ତେଲେଙ୍ଗାନା ସରକାରୀ ବିଜ୍ଞାପନ ଜାରି କରିବା କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନକୁ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଦିଲ୍ଲୀର ବୁରାଡିରୁ ପ୍ରତିନିଧିତ୍ୱ କରୁଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିଧାୟକ ସଞ୍ଜୀବ ଝା ଏନେଇ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସଞ୍ଜୀବଙ୍କ ଆବେଦନର ଶୁଣାଣି କରି ଏ ସଂକ୍ରାନ୍ତରେ କେନ୍ଦ୍ର, ଭାଜପା ଓ ଉପରୋକ୍ତ ୬ ରାଜ୍ୟକୁ ନୋଟିସ ଜାରି କରିଛନ୍ତି। ପ୍ରକାଶ ଯେ, ବିଜ୍ଞାପନରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ବ୍ୟତୀତ ଅନ୍ୟ ନେତାମାନଙ୍କ ଫଟୋ ବ୍ୟବହାର କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଏହାର ପୁନର୍ବିଚାର ପାଇଁ କେନ୍ଦ୍ର ସରକାରଙ୍କ ସମେତ ସେତେବେଳେ ନିର୍ବାଚନ ହେବାକୁ ଥିବା ପଶ୍ଚିମବଙ୍ଗ ଓ ତାମିଲନାଡୁ ପକ୍ଷରୁ ଆବେଦନ କରାଯାଇଥିଲା। ୨୦୧୫ ମେ ୧୩ରେ ସୁପ୍ରିମକୋର୍ଟ ସରକାରୀ ବିଜ୍ଞାପନ ନିୟନ୍ତ୍ରଣ ପାଇଁ ୩ ନିରପେକ୍ଷ ବ୍ୟକ୍ତିଙ୍କୁ ନେଇ ଏକ କମିଟି ଗଠନ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଦାଲତ ପରେ ଏହି ନିର୍ଦ୍ଦେଶନାମାରେ ପରିବର୍ତ୍ତନ ଆଣି କହିଥିଲେ ଯେ, କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ରାଜ୍ୟର ମନ୍ତ୍ରୀମାନଙ୍କ ଫଟୋ ସରକାରୀ ବିଜ୍ଞାପନରେ ଛପାଯାଇ ପାରିବ।

■ ସରିଲା ବିମ୍‌ଷ୍ଟେକ୍ ବୈଠକ

# 'ଭାରତ ମୈତ୍ରୀ ପଶୁପତି ଧର୍ମଶାଳା' ଉଦ୍‌ଘାଟିତ

**କାଠମାଣ୍ଡୁ,୩୧।୮ (ପି.ଟି.)**

ନେପାଳର କାଠମାଣ୍ଡୁଠାରେ ଚାଲିଥିବା ଦୁଇଦିନିଆ 'ବଙ୍ଗୋପସାଗର ବହୁକ୍ଷେତ୍ରୀୟ ବୈଷୟିକ ଓ ଅର୍ଥନୈତିକ ସହଯୋଗ ଅଭିଯାନ' (ବିମ୍‌ଷ୍ଟେକ୍) ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବଙ୍ଗୋପସାଗର କ୍ଷେତ୍ରରେ ନିରନ୍ତର ବିକାଶ ପାଇଁ ପରିବହନ ଯୋଗାଯୋଗର ମାଷ୍ଟର ପ୍ଲାନ୍ ଅବିଳମ୍ବେ ଆପଣାଇବା ପାଇଁ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହମତି ପ୍ରକାଶ ପାଇଛି। ବୈଠକରେ ୧୮ ସୂତ୍ରୀ କାଠମାଣ୍ଡୁ ଘୋଷଣାନାମାରେ ମୋହର ଲାଗିଛି। ଏହି ଅବସରରେ 'ବିମ୍‌ଷ୍ଟେକ୍ ଗ୍ରୀଡ୍ ଇଣ୍ଟରକନେକ୍ସନ୍' ରାଜିନାମା ସ୍ୱାକ୍ଷର ହୋଇଛି। ଏହି ଚୁକ୍ତି ମୁତାବକ ବଙ୍ଗୋପସାଗର କ୍ଷେତ୍ରରେ ବିଦ୍ୟୁତ୍ ଶକ୍ତିର ସୁପରିଚାଳନା କରାଯିବ।

ବିମ୍‌ଷ୍ଟେକ୍ ସମ୍ମିଳନୀ ଉପରାନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେପାଳ ପ୍ରତିପକ୍ଷ କେ.ପି. ଶର୍ମା ଓଲି, ଥାଇଲାଣ୍ଡ ପ୍ରତିପକ୍ଷ ପ୍ରୟୁଥ ଚାନ୍-ଓ-ଚା ଏବଂ ମ୍ୟାନ୍‌ମାର ରାଷ୍ଟ୍ରପତି ୱିନ୍ ମିଣ୍ଟଙ୍କ ସହ ମଧ ପୃଥକ୍ ଭାବେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ନେପାଳ ପ୍ରତିପକ୍ଷ ଓଲିଙ୍କ ସହ କାଠମାଣ୍ଡୁସ୍ଥିତ ପଶୁପତି ମନ୍ଦିର ପ୍ରାଙ୍ଗଣରେ ୪୦୦ ଶଯ୍ୟା ବିଶିଷ୍ଟ 'ଭାରତ ମୈତ୍ରୀ ପଶୁପତି ଧର୍ମଶାଳା'ର ଉଦ୍‌ଘାଟନ କରିଛନ୍ତି। ଭାରତ ସହାୟତାରେ ନିର୍ମିତ ଏହି ଧର୍ମଶାଳା ତୀର୍ଥଯାତ୍ରୀଙ୍କ ଉଦ୍ଦେଶ୍ୟରେ ନିର୍ମିତ। ଏହି ଧର୍ମଶାଳା ତୀର୍ଥଯାତ୍ରୀଙ୍କୁ ଦୁଇ ପଡ଼ୋଶୀ ଭାରତ ଏବଂ ନେପାଳର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ପ୍ରତିପାଦନ କରିବ ବୋଲି ମୋଦି କହିଛନ୍ତି।

**■୧୮ ସୂତ୍ରୀ କାଠମାଣ୍ଡୁ ଘୋଷଣାନାମା ଗୃହୀତ**

# ମାଓବାଦୀଙ୍କ ଟାର୍ଗେଟ୍‌ରେ 'ମୋଦି-ରାଜ୍'

**ମୁମ୍ବାଇ,୩୧।୮ (ପି.ଟି.)**

ଭୀମା-କୋରେଗାଓଁ ହିଂସା ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଗିରଫ କର୍ମୀଙ୍କ ବିରୋଧରେ ମାଓବାଦୀ ଲିଙ୍କ୍ ନେଇ ଦୃଢ଼ ପ୍ରମାଣ ରହିଛି। ଏଣୁ ସେମାନଙ୍କୁ ଗିରଫ କରାଯାଇଥିଲା ବୋଲି ଶୁକ୍ରବାର ମହାରାଷ୍ଟ୍ର ପୋଲିସ ସ୍ପଷ୍ଟ କରିଛି। ଦେଶରେ 'ମୋଦି-ରାଜ୍'ର ଅନ୍ତ ଘଟାଇବା ଲାଗି ରାଜୀବ ଗାନ୍ଧୀ ହତ୍ୟାକାଣ୍ଡର ପୁନରାବୃତ୍ତି ଘଟାଇବା ପାଇଁ ସେମାନେ ଷଡ଼ଯନ୍ତ୍ର କରିଥିଲେ ବୋଲି ମହାରାଷ୍ଟ୍ର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଡିଜି) (ଆଇନଶୃଙ୍ଖଳା) ପରମବୀର ସିଂ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମାନବାଧିକାର କର୍ମୀ ରୋନା ଜ୍ୟାକବ୍ ୱିଲ୍‌ସନଙ୍କୁ ମହାରାଷ୍ଟ୍ରର ଭୀମା-କୋରେଗାଓଁ ହିଂସାକାଣ୍ଡ ଘଟଣାରେ ଗତ ଜୁନରେ ଦିଲ୍ଲୀରୁ ଗିରଫ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ସିଂ କହିଛନ୍ତି, ରୋନା ୱିଲ୍‌ସନ୍ ଏବଂ ସିପିଆଇ-ମାଓବାଦୀ ନେତାଙ୍କ ମଧ୍ୟରେ ଦିଆନିଆ ହୋଇଥିବା ଏକ ଇ-ମେଲ୍‌ରେ ରାଜୀବ ଗାନ୍ଧୀ ଭଳି ଘଟଣା ବିଷୟରେ ଉଲ୍ଲେଖ ରହିଛି। ଯୋଜନା ସଫଳ କରିବା ଲାଗି ଗ୍ରେନେଡ୍ ଲଞ୍ଚର ଆବଶ୍ୟକତା ପଡ଼ିବ ଏବଂ ଏଥିପାଇଁ ୮ କୋଟି ଟଙ୍କା ଲୋଡ଼ା ବୋଲି ମାଓବାଦୀ ନେତା କମ୍ରେଡ୍ ପ୍ରକାଶଙ୍କୁ ରୋନା ଲେଖିଥିଲେ। ଏଥିରେ ପ୍ରକାଶଙ୍କ ମତ ଲୋଡ଼ାଯାଇଥିଲା। ମୋଦି ରାଜ୍‌ର ଅନ୍ତ ଘଟାଇବା ଲାଗି କମ୍ରେଡ୍ କିଷାନ୍ ଏବଂ ଅନ୍ୟାନ୍ୟ କେତେଜଣ ସଦସ୍ୟ ଦୃଢ଼ଯୋଜନା ପ୍ରସ୍ତୁତ କରିସାରିଥିବା କୁହାଯାଇଥିଲା। ଅରୁଣ 'ଫେରେରା', ଭର୍ନନ୍ 'ଗନ୍‌ସାଲ୍‌ଭେସ୍' ଏବଂ ଅନ୍ୟାନ୍ୟ ନେତାମାନେ ସହରୀ ସାମ୍ମୁଖ୍ୟର ଲଢ଼େଇ ବିଷୟରେ ଚିନ୍ତାଶୀଳ ବୋଲି ଚିଠିରେ ସୂଚନା ଦିଆଯାଇଥିଲା। ମାଓବାଦୀ ସେଣ୍ଟ୍ରାଲ କମିଟିର ସଦସ୍ୟମାନେ ଏହି କର୍ମୀଙ୍କ ସହ ପାସ୍‌ୱାର୍ଡ ସୁରକ୍ଷିତ ମେସେଜ୍‌ରେ ସୂଚନା ଆଦାନପ୍ରଦାନ କରୁଥିଲେ, ତାହାପୁଣି କୋରିୟର୍ ମାଧ୍ୟମରେ ବୋଲି ଏଡିଜି ସିଂ ସୂଚନା ଦେଇଛନ୍ତି।

- ■ରାଜୀବ ଗାନ୍ଧୀ ହତ୍ୟାକାଣ୍ଡର ପୁନରାବୃତ୍ତି ଯୋଜନା
- ■ଗିରଫ କର୍ମୀଙ୍କ ଚିଠିରୁ ମିଳିଲା ପ୍ରମାଣ

## ମାଓବାଦୀଙ୍କୁ ତାଲିମ ଦେବ ପିଏଲ୍‌ଏ

**ନୂଆଦିଲ୍ଲୀ,୩୧।୮:** ଭାରତ ସରକାରଙ୍କ ବିରୋଧରେ ସାଂଘାତିକ ଷଡ଼ଯନ୍ତ୍ର ରଚୁଛନ୍ତି ମାଓବାଦୀ। ଅସ୍ତ୍ରଶସ୍ତ୍ର ହାସଲ ଏବଂ ସାମରିକ ପ୍ରଶିକ୍ଷଣ ନେବା ଲାଗି ଏକାଧିକ ଉଗ୍ରବାଦୀ ଗୋଷ୍ଠୀ ମ୍ୟାନ୍‌ମାରରେ ଗୁପ୍ତ ବୈଠକ କରିଥିବା ଗୋଇନ୍ଦା ସଂସ୍ଥାଗୁଡିକ ସୂଚନା ଦେଇଛନ୍ତି। ସୂତ୍ର ଅନୁଯାୟୀ, ଜୁନ୍‌ରେ ଗିରଫ ହୋଇଥିବା ଜଣେ ଅଭିଯୁକ୍ତଙ୍କ ନିକଟରୁ ପୁଣେ ପୋଲିସ ଜବତ କରିଥିବା ଏକ ଚିଠିରୁ ଏହି ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ ହୋଇଛି। ଦେଶ ବିରୋଧରେ ଯୁଦ୍ଧ ଘୋଷଣା କରିବା ଲାଗି ଏକ ଯୁଗ୍ମ ଘୋଷଣାନାମା ସ୍ୱାକ୍ଷର ହୋଇଛି। ସହରାଞ୍ଚଳରେ ମାଓବାଦୀ ସଂଗଠନକୁ ସକ୍ରିୟ କରବାପାଇଁ ଏକ ଅର୍ବାନ୍ ୟୁନାଇଟେଡ୍ ଫ୍ରଣ୍ଟ ଗଠନ ଲାଗି ସ୍ଥିର ହୋଇଛି। ଜମ୍ମୁ-କଶ୍ମୀରର ବିଭିନ୍ନ ଆତଙ୍କବାଦୀ ଗୋଷ୍ଠୀଙ୍କ ସହ ମିଳିତ ଭାବେ ସିପିଆଇ (ମାଓବାଦୀ) ସଦସ୍ୟମାନେ ମଣିପୁରର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ଠାରୁ ସାମରିକ ପ୍ରଶିକ୍ଷଣ ନେବା ଲାଗି ଯୋଜନା କରୁଛନ୍ତି। ଗେରିଲା କୌଶଳ ପାଇଁ ପରିଚିତ ପିଏଲ୍‌ଏ ମାଓବାଦୀଙ୍କୁ ପ୍ରଶିକ୍ଷଣ ଦେବାକୁ ରାଜି ହୋଇଛି। ଟ୍ରେନିଂ ପାଇଁ ମହାରାଷ୍ଟ୍ରର ଗଡ଼୍‌ଚିରୋଲି ଏବଂ ଛତିଶଗଡ଼ର ଘଞ୍ଚ ଜଙ୍ଗଲ ଅଞ୍ଚଳକୁ ଚୟନ କରାଯାଇଛି। ସହରାଞ୍ଚଳରେ ଲଢ଼େଇ ଲାଗି ଯୁବ ସଦସ୍ୟଙ୍କୁ ପ୍ରସ୍ତୁତ କରାଯିବ। ଭାରତ-ନେପାଳ ଏବଂ ଭାରତ-ମ୍ୟାନ୍‌ମାର ସୀମାନ୍ତରେ ଅସ୍ତ୍ରଶସ୍ତ୍ର ଚାଲାଣ ପାଇଁ ତିନୋଟି ନଦୀକୁ ବାଛିଛନ୍ତି। ଏସବୁ ପାଇଁ ସିପିଆଇ(ଏମ୍)ର ସେଣ୍ଟ୍ରାଲ୍ କମିଟି କମ୍ରେଡ୍ ବଜେଟ ମଞ୍ଜୁର କରିଛି।

## ଫୁର୍‌ସତ

# ପୁଣି କାର୍ଯ୍ୟକ୍ଷମ ହେବ ରୋଭର

**ୱାଶିଂଟନ:** ମଙ୍ଗଳରେ କିଛିଦିନ ଧରି ଲାଗିରହିଥିବା ଝଡ ଥମିଯାଇଥିବାରୁ ଆକାଶ ନିର୍ମଳ ରହିଛି। ଏହାର ପରିବେଶ ସମ୍ପର୍କରେ ତଥ୍ୟ ଯୋଗାଉଥିବା ଅପର୍ଚ୍ୟୁନିଟି ରୋଭର ଏବେ ପୁଣି କାର୍ଯ୍ୟକ୍ଷମ ହୋଇପାରିବ ବୋଲି ନାସା ବୈଜ୍ଞାନିକମାନେ ଆଶା କରୁଛନ୍ତି। ସେମାନଙ୍କ କହିବାନୁଯାୟୀ, ସୌରଶକ୍ତି ଚାଳିତ ରୋଭର ଖୁବ୍‌ଶୀଘ୍ର ପ୍ରଚୁର ସୂର୍ଯ୍ୟାଲୋକ ପାଇବା ସହିତ ସ୍ୱୟଂକ୍ରିୟ ଭାବରେ ଏହା କାର୍ଯ୍ୟକ୍ଷମ ହୋଇପାରିବ।

ରୋଭର ରହିଥିବା ସ୍ଥାନର ଉପର ଆକାଶରେ ଯେଉଁ ଝଡ ସୃଷ୍ଟି ହୋଇଥିଲା ତାହାଦ୍ୱାରା ଉକ୍ତ ପର୍ଯ୍ୟବେକ୍ଷଣକାରୀ ମହାକାଶଯାନର ଶକ୍ତି ଉତ୍ପାଦନ ହ୍ରାସ ପାଇଥିଲା। ବ୍ୟାଟେରି କାର୍ଯ୍ୟ କରୁ ନ ଥିଲା। ଫଳରେ ରୋଭର କୌଣସି ତଥ୍ୟ ପଠାଇବାକୁ ସମର୍ଥ ହୋଇପାରି ନ ଥିଲା। କିନ୍ତୁ ବର୍ତ୍ତମାନ ଝଡ ଥମିଯାଇଥିବା ଯୋଗୁ ରୋଭର ପ୍ରଚୁର ସୂର୍ଯ୍ୟକିରଣ ପାଇପାରିବ ଏବଂ ବ୍ୟାଟେରି ରିଚାର୍ଜ ହୋଇପାରିବ ବୋଲି ନାସାର ଜେଟ୍ ପ୍ରପଲସନ୍ ଲାବୋରେଟୋରିର ଅପର୍ଚ୍ୟୁନିଟି ପ୍ରୋଜେକ୍ଟ ମ୍ୟାନେଜର ଜନ୍ କୋଲାସ୍ ପ୍ରକାଶ କରିଛନ୍ତି।

ମଙ୍ଗଳରେ ଏକ ଧୂଳିଝଡ ମେ ୩୦ରେ ପ୍ରଥମ ଥର ପାଇଁ ଠାବ କରାଯାଇଥିଲା। ଏଥିପାଇଁ ସୌରଶକ୍ତିଚାଳିତ ବ୍ୟାଟେରି ସୂର୍ଯ୍ୟକିରଣ ପାଇବାକୁ ସମର୍ଥ ହୋଇ ନ ଥିଲା। ତେବେ ସଂରକ୍ଷିତ ଶକ୍ତିଦ୍ୱାରା ରୋଭର ଶେଷଥର ଲାଗି ଜୁନ୍ ୧୦ରେ ସର୍ବଶେଷ ତଥ୍ୟ ପଠାଇପାରିଥିଲା।

**ଥମିଲା ମଙ୍ଗଳ ଝଡ଼**





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୪ | ୨୫.୬ |
| ଚାନ୍ଦବାଲି | ୩୧.୪ | ୨୬.୮ |
| କଟକ | ୩୨.୨ | ୨୫.୦ |
| ପାରାଦ୍ୱୀପ | ୩୧.୩ | ୨୮.୪ |
| ଭୁବନେଶ୍ୱର | ୩୨.୮ | ୨୬.୪ |
| ଗୋପାଳପୁର | ୩୨.୬ | ୨୬.୮ |
| ପୁରୀ | ୩୩.୬ | ୨୭.୪ |
| ଅନୁଗୋଳ | ୩୧.୭ | ୨୪.୬ |
| ବାରିପଦା | ୩୦.୦ | ୨୬.୬ |
| ଝାରସୁଗୁଡ଼ା | ୩୦.୧ | ୨୩.୨ |
| କେନ୍ଦୁଝର | ୩୧.୨ | ୨୫.୦ |
| ସମ୍ବଲପୁର | ୩୨.୦ | ୨୦.୫ |
| ସୁନ୍ଦରଗଡ଼ | --- | ୧୮.୦ |
| ହୀରାକୁଦ | ୩୧.୩ | ୨୧.୫ |
| ତାଳଚେର | ୩୧.୮ | ୨୫.୨ |
| ଭବାନୀପାଟଣା | --- | ୨୫.୦ |
| ବଲାଙ୍ଗୀର | --- | ୨୪.୨ |
| କୋରାପୁଟ | ୨୬.୨ | ୨୦.୬ |
| ଫୁଲବାଣୀ | --- | ୨୧.୦ |
| ଟିଟିଲାଗଡ଼ | ୩୦.୫ | ୨୨.୫ |
| ମାଲକାନଗିରି | ୨୯.୮ | ୨୬.୮ |
| ସୋନପୁର | ୩୦.୮ | ୨୦.୬ |
| ଦାରିଙ୍ଗିବାଡ଼ି | --- | ୧୯.୦ |
| ଢେଙ୍କାନାଳ | ୩୧.୮ | --- |

ଡିଗ୍ରୀ ସେଲ୍‌ସିୟସ୍



# ଆଖି ମାରିଲେ ଦୋଷ ନାହିଁ

**ନୂଆଦିଲ୍ଲୀ:** ଆଖି ମାରି ରାତାରାତି ଚର୍ଚ୍ଚିତ ଚେହେରା ପାଲଟିଥିବା 'ୱିଙ୍କ୍ କୁଇନ୍' ପ୍ରିୟା ପ୍ରକାଶ ୱାରିୟରଙ୍କୁ ବଡ଼ଧରଣର ଆଶ୍ୱସ୍ତି ମିଳିଛି। ଆଖି ମାରୁଥିବାର ଦୃଶ୍ୟ ସମ୍ବଳିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରିୟାଙ୍କ ଅନେକ ଫ୍ୟାନ୍ ବନିଯାଇଥିଲେ ସୁଦ୍ଧା ଏହାକୁ ଅଶାଳୀନ ଆଚରଣ ଦର୍ଶାଇ କିଛି ଲୋକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିନେତ୍ରୀ ପ୍ରିୟା, ମାଲୟାଲମ୍ ଫିଲ୍ମ 'ଓରୁ ଆଦାର ଲଭ୍'ର ନିର୍ଦ୍ଦେଶକ ଏବଂ ପ୍ରଯୋଜକଙ୍କ ନାଁରେ ଦାଏର ହୋଇଥିବା ଏତଲାକୁ ଶୁକ୍ରବାର ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ଏବେ ଆଉ ସେମାନେ ବିଚାରର ସମ୍ମୁଖୀନ ହେବେ ନାହିଁ। ପ୍ରିୟା ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ଦୀପକ ମିଶ୍ର, ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲ୍‌କର, ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ଯେଉଁ ମାଲୟାଲମ୍ ଲୋକଗୀତରେ ପ୍ରିୟାଙ୍କୁ ଦେଖିବାକୁ ମିଳୁଛି ତାହା ୧୯୭୮ରୁ ରିଲିଜ୍ ହେଲାଣି। ଏହି ଭିଡିଓ ଗୀତରେ କୌଣସି ଧର୍ମକୁ ନିନ୍ଦା କରାଯାଇ ନାହିଁ। ଏଥିରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ (ମୁସଲମାନ)ର ଲୋକଙ୍କ ଭାବାବେଗକୁ ଆଘାତ ଦିଆଯାଇଥିବା କୁହାଯାଇପାରିବ ନାହିଁ। ତେଣୁ ପ୍ରିୟାଙ୍କ ପିଟିଶନକୁ ଗ୍ରହଣ କରିବା ସହ ତେଲେଙ୍ଗାନାରେ ଦାଏର ହୋଇଥିବା ଏତଲାକୁ ଖଣ୍ଡପୀଠ ରଦ୍ଦ କରିଦେଇଛନ୍ତି। ଉକ୍ତ ଗୀତର ଚିତ୍ରଣକୁ ନେଇ ଆଉ କୌଣସି ଏତଲା କିମ୍ବା ଅଭିଯୋଗ ଗ୍ରହଣ ନ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆଇପିସିର ଦଫା ୨୯୫-କ ଆଧାରରେ ୧୮ ବର୍ଷୀୟା ଅଭିନେତ୍ରୀ ଓ ଅନ୍ୟମାନଙ୍କ ବିରୋଧରେ କୌଣସି ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।





କୋରାପୁଟ ଜିଲା ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଟାପାଯୋଡ଼ି ନିକଟରେ ଗୁରୁବାର ମଧ୍ୟରାତ୍ରିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। କାର୍‌ରେ ଫେରୁଥିବା ବେଳେ ତାହା ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ମାଲକାନଗିରି ଜିଲା ଲାଟିଆଗୁଡ଼ା ଗ୍ରାମର ଚୈତନ୍ୟ ମହାନ୍ତି (୬୩) ଓ ତାଙ୍କ ପତ୍ନୀ ବିଦ୍ୟୁତଲତା ମହାନ୍ତି (୫୮)।






## ସଂକ୍ଷେପରେ

### ଆଇନ କମିଶନଙ୍କ ପ୍ରସ୍ତାବ ପୁରୁଷଙ୍କ ବିବାହ ବୟସ ମଧ୍ୟ ୧୮ ବର୍ଷ ହେଉ

**ନୂଆଦିଲ୍ଲୀ,୩୧।୮(ପି.ଟି.):** ମହିଳାଙ୍କ ଭଳି ପୁରୁଷଙ୍କ ସର୍ବନିମ୍ନ ବିବାହ ବୟସ ସୀମା ୧୮ ବର୍ଷ କରିବା ଲାଗି ଶୁକ୍ରବାର ଆଇନ କମିଶନ ପ୍ରସ୍ତାବ ଦେଇଛନ୍ତି। ଉଭୟ ମହିଳା ଏବଂ ପୁରୁଷଙ୍କ ବିବାହ ବୟସ ସମାନ ହେବା ଉଚିତ। ବୟସ୍କଙ୍କ ମଧ୍ୟରେ ବିବାହ ପାଇଁ ଭିନ୍ନ ଭିନ୍ନ ବୟସ ବ୍ୟବସ୍ଥାର ଅନ୍ତ ହେବା ଦରକାର ବୋଲି ତିନିବର୍ଷିଆ କାର୍ଯ୍ୟକାଳର ଶେଷ ଦିନରେ କମିଶନ କହିଛନ୍ତି। 'ପରିବାର ସଂସ୍କାର ଆଇନ' ସମ୍ବନ୍ଧୀୟ ପରାମର୍ଶ ପତ୍ରରେ ଆୟୋଗ ଦର୍ଶାଇଛନ୍ତି ଯେ, ଯଦି ଜଣେ ପୁରୁଷ ୧୮ ବର୍ଷ ବୟସରେ ସାବାଳକ ବୋଲି ମାନ୍ୟତା ପାଉଛି ଏବଂ ସରକାର ବାଛିବାର ଅଧିକାର ପାଉଛି, ତେବେ ତାକୁ ଜୀବନସାଥୀ ବାଛିବାର ଅଧିକାର ମଧ ମିଳିବା ଉଚିତ। ଭାରତୀୟ ସାବାଳକ ଆଇନ ୧୮୭୫ ଅନୁସାରେ ପୁରୁଷ ହୁଅନ୍ତୁ ଅବା ମହିଳା ୧୮ ବର୍ଷ ବୟସ୍କ ନାଗରିକଙ୍କୁ ସାବାଳକ ମାନ୍ୟତା ମିଳିବା ଦରକାର। ସ୍ୱାମୀ ଏବଂ ସ୍ତ୍ରୀଙ୍କ ବୟସର ସୀମାରେ ଫରକ୍ ରଖିବାର କୌଣସି ଭିତ୍ତିନାହିଁ। ବିବାହ କରିବାକୁ ଯାଉଥିବା ଏକ ଯୋଡ଼ି ସବୁ ଦିଗରୁ ସମାନ ଏବଂ ସେମାନଙ୍କ ଭାଗୀଦାରି ସମାନ ରହିବା ଉଚିତ। ସ୍ୱାମୀଙ୍କଠାରୁ ସ୍ତ୍ରୀ ବୟସରେ ସାନ ହେବା ଉଚିତ ବୋଲି ଯେଉଁ ମାନ୍ୟତା ରହିଛି, ସେଥିପାଇଁ ପୁରୁଷ ଏବଂ ମହିଳାଙ୍କ ବିବାହ ବୟସସୀମା ୨୧ ଏବଂ ୧୮ ବର୍ଷ ରଖାଯାଇଛି ବୋଲି କମିଶନ ସ୍ପଷ୍ଟ କରିଛନ୍ତି।

### ମହିଳାଙ୍କୁ ସମ୍ପତ୍ତିର ସମାନ ଭାଗ ମିଳୁ

**ନୂଆଦିଲ୍ଲୀ,୩୧।୮(ପି.ଟି.):** ଆର୍ଥିକ ଅବଦାନ ନିର୍ବିଶେଷରେ ପରିବାରରେ ମହିଳାଙ୍କ ଭୂମିକାକୁ ପରିଚୟ ମିଳିବା ଉଚିତ। ବିବାହ ପରେ ଛାଡ଼ପତ୍ର ହେଲେ ମଧ ମହିଳାଙ୍କୁ ସମ୍ପତ୍ତିର ସମାନ ଭାଗ ମିଳିବା ଦରକାର ବୋଲି ଶୁକ୍ରବାର ଆଇନ କମିଶନ ପ୍ରକାଶ କରିଛନ୍ତି। ତିନିବର୍ଷିଆ କାର୍ଯ୍ୟକାଳର ଶେଷ ଦିନରେ କମିଶନ ସମସ୍ତ ବ୍ୟକ୍ତିଗତ ଏବଂ ଧର୍ମନିରପେକ୍ଷ ଆଇନର ସଂଶୋଧନ ହେବା ଉଚିତ ବୋଲି କହିଛନ୍ତି। ତେବେ କୌଣସି ଏକ ସମ୍ପର୍କ ଛିନ୍ନହେବା ପରେ ଏହି ନୀତି ସ୍ୱତଃସ୍ଫୂର୍ତ୍ତ ଭାବେ ସମ୍ପତ୍ତିକୁ ସମାନ ଦୁଇ ଭାଗରେ ବଣ୍ଟନ କରିବ ନାହିଁ ବୋଲି କମିଶନ କହିଛନ୍ତି।

# ଝାରସୁଗୁଡ଼ା ବିମାନବନ୍ଦର ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ

- ସ୍ପଷ୍ଟ କଲେ ଧର୍ମେନ୍ଦ୍ର
- ସେପ୍ଟେମ୍ବର ୨୨ରେ ତାଳଚେର ଫର୍ଟିଲାଇଜର ଲିମିଟେଡର ଭିତ୍ତିପ୍ରସ୍ତର, ୨ ପ୍ରକଳ୍ପ ଉଦ୍‌ଘାଟନ

**ଝାରସୁଗୁଡ଼ା ଅଫିସ/ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡାଠାରେ ନିର୍ମିତ ଓଡ଼ିଶାର ଦ୍ୱିତୀୟ ପୂର୍ଣ୍ଣାଙ୍ଗ ବିମାନବନ୍ଦରର ଶୁଭାରମ୍ଭ କରିବେ। ଏଥିସହ ନୂତନ ଜ୍ଞାନକୌଶଳ ଆଧାରରେ ନିର୍ମିତ ହେବାକୁ ଥିବା ତାଳଚେର ଫର୍ଟିଲାଇଜର ଲିମିଟେଡର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଏନେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ପଷ୍ଟ କରିଛନ୍ତି।

ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ୧୩ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶରେ ପ୍ରତିଷ୍ଠିତ ହେବାକୁ ଥିବା ସାର କାରଖାନାରୁ କେବଳ ସାର ନୁହେଁ, ବରଂ ବୈଜ୍ଞାନିକମାନଙ୍କ ଅନୁସନ୍ଧାନ ଆଧାରରେ କୋଇଲାରୁ ଗ୍ୟାସ, ଆମୋନିଆ, ୟୁରିଆ ଉତ୍ପାଦନ କରିବ। ଏହାସହ ଜଟିଳ ବୈଜ୍ଞାନିକ ପ୍ରକ୍ରିୟାରେ ମିଥାନୋଲ ମଧ ଉତ୍ପାଦିତ ହେବ। କୋଇଲାରୁ ମିଥାନୋଲ ବାହାରିଲେ ଅଶୋଧିତ ତୈଳର ଆମଦାନୀକୁ କମ୍ କରାଯାଇ ଦେଶର ଅର୍ଥନୀତିକୁ ବଡ ସହଯୋଗ ମିଳିବ ବୋଲି ସେ କହିଛନ୍ତି। ତାଳଚେରଠାରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ପରେ ଝାରସୁଗୁଡାଠାରେ ଉଡାନ ଯୋଜନାରେ ନୂଆ ବିମାନବନ୍ଦରର ଶୁଭ ଉଦ୍‌ଘାଟନ ପ୍ରଧାନମନ୍ତ୍ରୀ କରିବେ ବୋଲି ସେ କହିଛନ୍ତି। ଆସନ୍ତା ମାସ ୬ତାରିଖରେ ଝାରସୁଗୁଡା ବିମାନବନ୍ଦରର ସମୀକ୍ଷା କରିବା ପାଇଁ ଧର୍ମେନ୍ଦ୍ର ଯିବେ ବୋଲି ଜଣାପଡିଛି।

ଅନ୍ୟପଟେ ଶୁକ୍ରବାର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଝାରସୁଗୁଡା ଯାଇ ବିମାନବନ୍ଦର ସ୍ଥିତି ସମୀକ୍ଷା କରିଛନ୍ତି। ତାଙ୍କ ସହ ଭାଜପା ବିଧାୟିକା ରାଧାରାଣୀ ପଣ୍ଡା, ଦଳର କାର୍ଯ୍ୟକର୍ତ୍ତା ଏବଂ ବିମାନବନ୍ଦର କର୍ତ୍ତୃପକ୍ଷ ଥିଲେ। ସମସ୍ତେ ରନୱେ, ଏଟିସି ଟାୱାର, ପ୍ରଶାସନିକ କୋଠା, ଅଗ୍ନିଶମ ବ୍ୟବସ୍ଥା ବୁଲି ଦେଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଭାଜପା କାର୍ଯ୍ୟକର୍ତ୍ତାମାନେ ଉତ୍ସାହିତ ଥିବା ଜଣାପଡିଛି। ବିମାନବନ୍ଦର ଲୋକାର୍ପଣ ଅବସରରେ ପ୍ରଧାନମନ୍ତ୍ରୀ ଆଉ ୨ଟି ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସୁନ୍ଦରଗଡ ଜିଲା ଏମ୍‌ସିଏଲ୍ ଅଧୀନ ବସୁନ୍ଧରା କୋଇଲା ଖଣି ଅଞ୍ଚଳରୁ କୋଇଲା ପରିବହନ ଲାଗି ୨୦୧୩ରେ ସରଡେଗା-ଝାରସୁଗୁଡା ଟ୍ରେନ୍ ଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାୟ ୫୦.୩୦କିମି ବିଶିଷ୍ଟ ଏହି ଟ୍ରେନ୍ ଲାଇନ ନିର୍ମାଣ ଲାଗି କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ୧୦୪୪କୋଟି ଟଙ୍କା ବ୍ୟୟ କରିଛି। ଏହାକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ। ସେହିପରି ସୁନ୍ଦରଗଡ ଜିଲା ବସୁନ୍ଧରା ଖଣି ଅଞ୍ଚଳର ଦୁଇଟି କୋଇଲା ଖଣି ପରିଚାଳନା ପାଇଁ ଅନୁମୋଦନ ମିଳିସାରିଛି। ଉକ୍ତ ଦୁଇଟି ଖଣିର ପରିଚାଳନା କାର୍ଯ୍ୟ ଆରମ୍ଭ ପୂର୍ବରୁ ମଧ ଉଦ୍‌ଘାଟନ କରାଯିବ। ଝାରସୁଗୁଡା ବିମାନବନ୍ଦର ପରିଦର୍ଶନ କରିବାକୁ ଯିବା ଅବସରରେ ପ୍ରଧାନମନ୍ତ୍ରୀ ବିମାନବନ୍ଦର ଉଦ୍‌ଘାଟନ ସହ ଏହି ୨ଟି ପ୍ରକଳ୍ପର

# ରାହୁଲଙ୍କ କୈଳାସ ମାନସରୋବର ଯାତ୍ରା ଆରମ୍ଭ

**ନୂଆଦିଲ୍ଲୀ, ୩୧।୮(ପି.ଟି.):** କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର କୈଳାସ ମାନସରୋବର ଯାତ୍ରା ଆରମ୍ଭ କରିଛନ୍ତି। ଦେଶବାସୀଙ୍କ ସୁଖ ସମୃଦ୍ଧି ପାଇଁ ଭଗବାନ ଶିବଙ୍କ ନିକଟରେ ସେ ପ୍ରାର୍ଥନା କରିବେ। ପାଖାପାଖି ୧୨ରୁ ୧୫ ଦିନ ପର୍ଯ୍ୟନ୍ତ ରାହୁଲଙ୍କ ତୀର୍ଥଯାତ୍ରା ଜାରି ରହିବ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି।

କର୍ନାଟକ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କରିବାକୁ ଯିବାବେଳେ ମଝି ଆକାଶରେ ହେଲିକପ୍ଟର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲେ ରାହୁଲ। ଏହାପରେ ସେ କୈଳାସ ମାନସରୋବର ଯାତ୍ରା କରିବେ ବୋଲି ଏପ୍ରିଲ ୨୯ରେ ଘୋଷଣା କରିଥିଲେ। ଏବେ ସେ ତାଙ୍କ ଇଚ୍ଛା ପୂରଣ କରିବାକୁ ଯାଇଛନ୍ତି। ନିଜକୁ ଶିବଭକ୍ତ ବୋଲାଉଥିବା ରାହୁଲଙ୍କୁ ଭାଜପା ସମାଲୋଚନା କରିଛି। ସୁଯୋଗ ମିଳିଲେ ରାହୁଲ ଚାଇନା ମୁଖପାତ୍ରଙ୍କ ଭଳି ଆଚରଣ ପ୍ରଦର୍ଶନ କରନ୍ତି। ତେଣୁ ଚାଇନା ଆମ୍ବାସାଡର ତାଙ୍କୁ ସ୍ୱାଗତ କରିବେ ବୋଲି କଂଗ୍ରେସ ମୁଖ୍ୟ ଚାହୁଁଥିବା ଭାଜପା ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି।










# ଆମେରିକାର ନୀତିକୁ ଦୋଷ ଦେଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୩୧।୮:** ଗତ କିଛି ଦିନ ଧରି ଘରୋଇ ବଜାରରେ ତୈଳ ଦର ହ୍ରାସ ହେବାର ନାଁ ଧରୁ ନ ଥିବା ବେଳେ ଏହା ଖାଉଟିଙ୍କ ଚିନ୍ତାକୁ ବଢାଇ ଦେଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବଢିବା ଯୋଗୁ ଘରୋଇ ବଜାରରେ ଏହାର ବିଶେଷ ପ୍ରଭାବ ପଡିଛି। ବଜାରରେ ଅସ୍ୱାଭାବିକ ଭାବେ ଅଶୋଧିତ ତୈଳ ଦର ବୃଦ୍ଧି ଲାଗି ଆମେରିକାର ଏକପାଖିଆ ନୀତି ଦାୟୀ। ଏଭଳି ଦର ବୃଦ୍ଧି ଲାଗି ୟୁଏସ୍‌ର ନୀତିବିଶେଷ ଭାବେ ଦାୟୀ ବୋଲି ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

**ତୈଳ ଦର ବୃଦ୍ଧି**

ପେଟ୍ରୋଲ, ଡିଜେଲ ଦର ବୃଦ୍ଧିକୁ ନେଇ ସରକାର ଚିନ୍ତିତ ଅଛନ୍ତି। ଦର ନିୟନ୍ତ୍ରଣ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ସୂଚନା ଦେଇଛନ୍ତି।

ଆମେରିକା ନୀତି ଯୋଗୁ ଡଲାର ତୁଳନାରେ ବିଶ୍ୱର ଅନ୍ୟ ଦେଶଗୁଡିକର ମୁଦ୍ରାର ବିନିମୟ ମୂଲ୍ୟ ଦୁର୍ବଳ ହୋଇଛି। ଏହା ଦ୍ୱାରା ଟଙ୍କା ଉପରେ ମଧ ପ୍ରଭାବ ପଡିଛି। ତୈଳ ଦର ଅସ୍ୱାଭାବିକ ଭାବେ ବଢୁଛି। ତୈଳ ଦର ବୃଦ୍ଧି ତଥା ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ଦ୍ୱାରା ଅର୍ଥନୀତି ପ୍ରଭାବିତ ହୋଇଛି। ଏଗୁଡିକ ବାହ୍ୟ କାରଣ ବୋଲି ପ୍ରଧାନ କହିଛନ୍ତି। ଦେଶର ୪ ମେଟ୍ରୋ ସହରରେ ଶୁକ୍ରବାର ପେଟ୍ରୋଲ ଓ ଡିଜେଲ ଦର ରେକର୍ଡ ସ୍ତରରେ ରହିଛି। ମେ ୨୯ ପରଠାରୁ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି କ୍ଷେତ୍ରରେ ଏହା ରେକର୍ଡ। ସହରଗୁଡିକରେ ପେଟ୍ରୋଲ ଦର ଲିଟର ପିଛା ୭୮.୫୨ ଟଙ୍କାରୁ ୮୫.୯୩ ଟଙ୍କା ରହିଛି। ସେହିଭଳି ଡିଜେଲ ଦର ୭୦.୨୧ ଟଙ୍କାରୁ ୭୪.୫୪ ଟଙ୍କା ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଶୁକ୍ରବାର ୨୬ ପଇସା ହ୍ରାସ ହେବାରୁ ଏହା ୭୧ ଟଙ୍କା ସ୍ତର ଛୁଇଁଛି।

# ଭିତରକନିକାରେ ୯୧,୨୨୪ ଦେଶୀୟ ପକ୍ଷୀ

**ରାଜନଗର, ୩୧।୮ (ଡି.ଏନ୍.ଏ.)**

ପକ୍ଷୀବିହାର ଭାବେ ପରିଚିତ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତ ବର୍ଷ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇଛି। ଗତବର୍ଷ ଭିତରକନିକାରେ ୧ ଲକ୍ଷ ୪ ହଜାର ୪୯୦ ଦେଶୀୟ ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ୯୧ ହଜାର ୨୨୪ ପକ୍ଷୀ ଆସିଛନ୍ତି। ଗତ ବର୍ଷ ଅପେକ୍ଷା ୧୩ ହଜାର ୨୬୬ ପକ୍ଷୀ କମ୍ ଆସିଛନ୍ତି। ତେବେ ଜଳବାୟୁର ପରିବର୍ତ୍ତନ ଓ ବିଶ୍ୱତାପନ ଯୋଗୁ ଭିତରକନିକାର ଜୈବ ବିବିଧତା ପ୍ରଭାବିତ ହେଉଥିବାରୁ ପକ୍ଷୀ ସଂଖ୍ୟା କମିଥିବା ଜଣାପଡିଛି। ଏ ନେଇ ପ୍ରକୃତି ପ୍ରେମୀ ଓ ପରିବେଶବିତ୍‌ମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।



**ପକ୍ଷୀ ଗଣନା ଶେଷ**

- ଗତ ବର୍ଷଠାରୁ ୧୩,୨୬୬ ପକ୍ଷୀ କମ୍

ସୂଚନାଥାଉ କି, ଗତ ଅଗଷ୍ଟ ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଭିତରକନିକାରେ ଦେଶୀୟ ପକ୍ଷୀମାନଙ୍କ ଗଣନା କରାଯାଇଥିଲା। କନିକା ଅତିରିକ୍ତ ବନ ସଂରକ୍ଷକ ସୁବ୍ରତ ପାତ୍ର ଓ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ୩ଟି ଟିମ୍ ଏହି ଗଣନାରେ ସାମିଲ ହୋଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................


ବିଦୁ
ପରିବାରବର୍ଗ


ଲିନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



## SALE

Used car for sales. All models, attractive prices, spot finance, free accessories. Call: 9776900444, 9583011021. Conditions apply. D-64120



## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64125

Bhubaneswar AIIMS Hospital DOON School 30' road gharabari possession plot. 9438763122. D-62786

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellowzone plot ମିଳୁଅଛି। 7437853535. D-8143

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry , gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8082

Ready to built 4250 sqft. plot available at Jamukoli Mouza, Sundarpada- Jatni Road right side. 9238846887, 9348897443. D-62125

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64123

ମେଣ୍ଢାଶାଳ ନିକଟବର୍ତ୍ତୀ ହରିପୁର ମୌଜାରେ ୭୧/୨ ଏକର ଉନ୍ନତମାନର ଜମି ବିକ୍ରି ହେବ। ଆନିକଟ ଏବଂ ଡେରାସଡ୍ୟାମ ପାଖରେ। 9438323520, 9853116886. D-63078

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 9583032439. D-63600

3 bedroom flat 4000 sqft. full furnished including 4 car parking (A-Block) (G-4/5) Ridhisidhi Enclave, ICE Factory Lane, Cuttack Road, Bhubaneswar. Contact No: 9439706527, 9123142997. D-8142

Booking duplex 4BHK 1500 sqft. Tankapani road Sai Temple 38,19,000/- simplex 2BHK 1200 sqft. 26,19,000/-. 7735738102. D-8137

ସୁନ୍ଦରପଦା କୁହା ମୌଜା Hitech Plaza ପାଖରେ ପ୍ଲଟ ବିକ୍ରିହେବ। (ଘରବାଡି ପଟ୍ଟା ମାଗଣା)। 9439364818, 9337766961. D-8134

4BHK duplex at Balianta/ (land-1400 construction-2100) @ 50 lakh residential gharabari land at Patrapada @ 2100, Malipada @ 1050, Nuagaon @ 800/1400, Hanspal @ 1700. Contact-M-Planets: 9861022055, 9938219397. D-8100

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.30 lakhs. Contact: 9937059891, 8908312315, 8908292617.** D-8140

ଭୁବନେଶ୍ୱର ବାଲିଅନ୍ତାରେ 30ft. road ଘରବାରି boundary ସୁବିଧା ଥାଇ 650/-ରେ ପ୍ଲଟ ମିଳୁଛି। 9668194157. D-63481

## PURCHASE

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64124



Construction of home and shop with branded materials for 450/- and 1000/-. Mob: 9176647692. D-7923

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & architect plan– SMPL: 9439483779.** D-8141



Furnished airconditioned room near Lingaraj Temple, Bhubaneswar, Rs. 5,000/-. 9437388990. D-63362



A-class packers & movers. Household relocation countrywide. 9338820222, 9938534188. D-7979



Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Bangkok spa special offer 50% off on all 1hrs any full body massage. 9861688844, 8018739084. D-63594

G.S Spa herbal full body massage ladies/ gents. 9078429117, 7683840853. D-63079

All type of massage and good therapy full body massage Sai herbal spa. 7609005923. D-64201

Sampark ayurvedic massage club, fully relaxed/ refreshed by expert lady, home service available. Contact us: 9937637219. D-8139

Newly opening ayurvedic body massage in joint pains, smart therapist. 9776383819. D-64126

Newly opening ayurvedic body massage smart therapist, Shree Herbal. 7750020754. D-64127

Physiotherapy and Herbal massage by trained ladies/ Gents Therapist- 7008773793. D-63482

Herbal full body massage by smart/ expert therapist. Contact: 8338067247. D-64113

Experience full body massage with us by experts. Enquiry: 7377048581. D-64129


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କେରଳବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିକୁ ଦାନ

ଭୁବନେଶ୍ୱର, ୩୧।୮(ବ୍ୟୁରୋ)-କେରଳ ବନ୍ୟା ଦୁର୍ଗତଙ୍କ ସହାୟତା ପାଇଁ ଶୁକ୍ରବାର ଦୁଇଟି ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥ ଦାନ କରାଯାଇଛି। ଖୋର୍ଦ୍ଧାସ୍ଥିତ ଡି.ଏ.ଭି. ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ୫୦ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ଓଡିଶା ରାଜ୍ୟ ବିଦ୍ୟୁତ୍ ସଂଘ, ବ୍ରହ୍ମପୁର ପକ୍ଷରୁ ୩୧ହଜାର ଟଙ୍କାର ଡ୍ରାଫ୍ଟ ଦିଆଯାଇଛି। କେରଳବାସୀଙ୍କ ପ୍ରତି ସେମାନଙ୍କ ଏଭଳି ସହୃଦୟତା ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଜଣାଇଛନ୍ତି।

### କମ୍ପାନୀ ସେକ୍ରେଟାରୀଙ୍କ ରାଷ୍ଟ୍ରୀୟ ସମ୍ମିଳନୀ

# ବିକାଶ ପାଇଁ କମ୍ପାନୀ ସେକ୍ରେଟାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ଧର୍ମେନ୍ଦ୍ର




ଭୁବନେଶ୍ୱର, ୩୧।୮(ବ୍ୟୁରୋ)

ଭୁବନେଶ୍ୱରଠାରେ ଆୟୋଜିତ କମ୍ପାନୀ ସେକ୍ରେଟାରୀମାନଙ୍କ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଇସିଏସ୍ଆଇ ଦ୍ୱାରା ସିଏସଆର ପ୍ରଫେଶନାଲ ନୂଆ ପାଠ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ପାଠ୍ୟକ୍ରମର ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ବିଭିନ୍ନ କ୍ଷେତ୍ରରେ ଦକ୍ଷତାର ଆବଶ୍ୟକତାକୁ ଦେଖି ସରକାରୀ ଓ ବେସରକାରୀ କ୍ଷେତ୍ରରେ ନୂଆ ପାଠ୍ୟକ୍ରମ ଆରମ୍ଭ ହେଉଛି। ନୂଆ କ୍ଷେତ୍ର ଯଥା ଇନ୍‌ସଲଭାନ୍‌ସି, ଏମରଜିଙ୍ଗ ଟେକ୍ନୋଲୋଜି, ଆରବିଟ୍ରେସନାରି ଆଦି ନୂତନ ପାଠ୍ୟକ୍ରମ ଯୋଗୁ ଡିଜିଟାଲ ଅର୍ଥନୀତିର ବ୍ୟାପକତା ବଢୁଛି। ଏହି ନୂତନ ପାଠ୍ୟକ୍ରମ ସମୂହ ଯୁବପିଢିଙ୍କ ପାଇଁ ନୂଆ ସମ୍ଭାବନା ଆଣିବା ସହ ସମାଜକୁ ଅଧିକ ଲାଭପ୍ରଦାନ କରିବ ବୋଲି ସେ କହିଛନ୍ତି। ଏହି ସମ୍ମିଳନୀକୁ ଉଦ୍‌ବୋଧିତ କରି ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ଓଡିଶାରେ ଭରପୂର ପ୍ରାକୃତିକ ସମ୍ପଦ ରହିଛି। ସୁଦୀର୍ଘ ବେଳାଭୂମି ରହିଛି, ଏସବୁ ପାଇଁ ନୂଆ ଭାରତର ନୂଆ ଅର୍ଥନୀତିରେ ଓଡିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ। ପୂର୍ବଭାରତରେ ଓଡିଶା, ବିକାଶର ପ୍ରୟୋଗଶାଳା ହେବ। ବନ୍ଦରଗୁଡିକ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଥିବା ପାରାଦୀପ ବନ୍ଦର ଆସନ୍ତା ବର୍ଷ ସୁଦ୍ଧା ଦେଶର ଶ୍ରେଷ୍ଠ ବନ୍ଦର ହେବ। ଏକବିଂଶ ଶତାବ୍ଦୀରେ ଏସିଆ ମହାଦେଶରେ ଭାରତ ନେତୃତ୍ୱ ନେଉଛି। ଦେଶର ଏହି ବିକାଶରେ କମ୍ପାନୀ ସେକ୍ରେଟାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାର ଆସିବାପରେ ଦେଶର ବିକାଶ ଆଗେଇ ଚାଲିଛି। ଗତ ୪ବର୍ଷରେ ଦେଶ ସବୁ କ୍ଷେତ୍ରରେ ଆଗେଇ ଚାଲିଛି। ୨୦୧୪ ମସିହା ପର୍ଯ୍ୟନ୍ତ ଦେଶରେ ୧୩କୋଟି ଏଲ୍‌ପିଜି ଗ୍ରାହକ ଥିବାବେଳେ ଗତ ୪ବର୍ଷରେ ଏହି ସଂଖ୍ୟା ୧୧.୫କୋଟିରେ ପହଞ୍ଚିଛି। ୨୦୧୪ରେ ସରକାର ଦାୟିତ୍ୱ ନେବା ବେଳକୁ ୧୮ହଜାର ଗାଁରେ ବିଜୁଳି ପହଞ୍ଚିଥିଲା। ଗତ ୪ବର୍ଷ ମଧ୍ୟରେ ବିଜୁଳି ସଂଯୋଗ ହୋଇ ନ ଥିବା ସମସ୍ତ ଗାଁରେ ବିଜୁଳି ପହଞ୍ଚାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...




ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍‌ପିଟାଲ, ବଲାଙ୍ଗୀର।

### ୪ ଓଡ଼ିଆଙ୍କୁ ...

ଫଳରେ ଓଡ଼ିଶା ଖେଳାଳି ଭାବେ ଏସିଆନ ଗେମ୍ସରେ ହକିରୁ ଏକାଧିକ ପଦକ ପାଇବାରେ ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ଜ୍ୟୋତି ସୁନୀତା କୁଲୁଙ୍କ ସହ ଏହି ୪ ଖେଳାଳି ଯୋଡ଼ି ହୋଇ ଯାଇଛନ୍ତି। ଓଭରଅଲ୍ ଦେଖିବାକୁ ଗଲେ, ଜାକର୍ତ୍ତା ଏସିଆନ ଗେମ୍ସର ଉଭୟ ୧୦୦ ଓ ୨୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରି ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ମଧ୍ୟ ଏହି କ୍ଲବର ସଦସ୍ୟା ହୋଇଯାଇଛନ୍ତି। ତେବେ ଦୂତୀ ଗୋଟିଏ ଏସିଆନ ଗେମ୍ସରେ ୨ଟି ପଦକ ଜିତି ଅନ୍ୟମାନଙ୍କଠାରୁ ଆଗରେ ରହିଛନ୍ତି। ଏବେ ଏସିଆନ ଗେମ୍ସରେ ୨୦ ଜଣ ଓଡ଼ିଶା ଖେଳାଳିଙ୍କ ପଦକ ସଂଖ୍ୟା ୨୭ରେ ପହଞ୍ଚିଛି।

### ସେବା ହେଉ ...

କ୍ଷେତ୍ରରେ ଏକ ଉତ୍କୃଷ୍ଟ ଉଦାହରଣ ହେବ ବୋଲି ସେ ଆଶାପୋଷଣ କରିଥିଲେ। ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାର ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡାଙ୍କୁ ତାଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ।

ଅନ୍ୟତମ ଅତିଥି କେନ୍ଦ୍ରମନ୍ତ୍ରୀ ନଡ୍ଡା ତାଙ୍କ ବକ୍ତବ୍ୟରେ କହିଥିଲେ, ଏହି ମେଡିକାଲ କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଛାପ ଛାଡ଼ିବ ବୋଲି କହିଥିଲେ। ଏହି ଅବସରରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଯୋଗାଉଥିବା ବହୁ ସହାୟତା ଓ ଯୋଜନା ସମ୍ପର୍କରେ ନଡ୍ଡା କହିଥିଲେ। ଆୟୁଷ୍ମାନ ଭାରତ, ଅମୃତ ଦୀନଦୟାଲ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଭଳି ଜନହିତକର ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାର ସହଯୋଗ କରନ୍ତୁ ବୋଲି କହିଥିଲେ। ଡାକ୍ତରମାନଙ୍କୁ ଗଢ଼ିବାକୁ ତାଙ୍କ ପଛରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଣୁ ସେମାନେ ଡାକ୍ତର ହୋଇସାରିବା ପରେ ଦେଶବାସୀଙ୍କୁ ଉଚିତ୍ ଚିକିତ୍ସା ସେବା ଯୋଗାଇଦେବାକୁ ଆଗେଇ ଆସନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ତାଙ୍କ ବକ୍ତବ୍ୟରେ କହିଥିଲେ, ୩ବର୍ଷ ତଳେ ରାଜ୍ୟରେ ମେଡିକାଲ ସିଟ୍ ସଂଖ୍ୟା ୪୫୦ ଥିବାବେଳେ ଏବେ ଏହା ୧୦୫୦କୁ ବୃଦ୍ଧି ପାଇଛି। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଭଳି ବୃହତ୍ ଯୋଜନା ହାତକୁ ନେଇ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଏଥିସହ ଖୁବ୍‌ଶୀଘ୍ର ଭୀମ ଭୋଇ ମେଡିକାଲ କଲେଜ ପରିସରକୁ ଲାଗି ଆଉ ଏକ ଅତ୍ୟାଧୁନିକ ହସ୍ପିଟାଲ ୯୫କୋଟି ଟଙ୍କାରେ ନିର୍ମାଣ କରାଯିବ ବୋଲି ସେ କହିଥିଲେ। ଏହି ମେଡିକାଲ କଲେଜ ପାଇଁ କେନ୍ଦ୍ର ସରକାର ୬୯ କୋଟି ଟଙ୍କା ଦେଇଥିବାବେଳେ ରାଜ୍ୟ ସରକାର ୧୬୭ କୋଟି ଟଙ୍କା ଖର୍ଚ୍ଚ କରିଥିବା ସେ ସୂଚନା ଦେଇଥିଲେ। ଯେଉଁ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର କେବିକେ ଜିଲାରେ ଯୋଗଦେବେ ସେମାନଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇବେ ବୋଲି ମନ୍ତ୍ରୀ ଜେନା କହିଥିଲେ। ବିରୋଧୀଦଳ ନେତା ନରସିଂହ ମିଶ୍ର ଉଦ୍‌ବୋଧନ ଦେଇ ବଲାଙ୍ଗୀରରେ ଭୀମ ଭୋଇ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ତାଙ୍କ ଉଦ୍ୟମକୁ ନରସିଂହ ପ୍ରଶଂସା କରିଥିଲେ। ବହୁ ବିଳମ୍ବ ହେଲେ ସୁଦ୍ଧା ମେଡିକାଲ କଲେଜ ବାସ୍ତବ ରୂପ ନେଇଥିବାରୁ ଆଜିର ଦିନ ସମଗ୍ର ଅଞ୍ଚଳବାସୀଙ୍କ ପାଇଁ ଆନନ୍ଦ ଓ ଉଲ୍ଲାସର ଦିନ ବୋଲି ସେ କହିଥିଲେ। ବଲାଙ୍ଗୀରରେ ମେଡିକାଲ କଲେଜ ପ୍ରତିଷ୍ଠା ହେବାରେ ପୂର୍ବତନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଗୁଲାମନବୀ ଆଜାଦ୍‌ଙ୍କ ଭୂମିକାକୁ ସେ ପ୍ରଶଂସା କରି ତାଙ୍କୁ ଓ ଏବକାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡାଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ। ଏମ୍‌ପି କଳିକେଶ ନାରାୟଣ ସିଂଦେଓ ନିଜ ବକ୍ତବ୍ୟରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ନଡ୍ଡାଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂଦେଓ, ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁ, ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା, କଣ୍ଟାବାଞ୍ଜି ବିଧାୟକ ହାଜି ମହମ୍ମଦ ଆୟୁବ ଖାଁ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ସଭାରେ ଜିଲାପାଳ ଅରିନ୍ଦମ ଡାକୁଆ ସ୍ୱାଗତ ଭାଷଣ ଦେଇଥିଲେ। କଲେଜ ଡିନ୍ ପ୍ରଫେସର ଲଳିତ କୁମାର ମେହେର ଭୀମ ଭୋଇ ମେଡିକାଲ କଲେଜ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପାଠ କରିଥିଲେ। ୧୦୦ ସିଟ୍ ବିଶିଷ୍ଟ ଏହି ମେଡିକାଲ କଲେଜ ୨୭ ଏକର ଜମିରେ ରହିଛି। ଏଠାରେ ଏବେ ୧୦୦ ଛାତ୍ରୀଛାତ୍ରଙ୍କ ସହ ୧୨୭ କର୍ମଚାରୀ ଥିବା ସେ ସୂଚନା ଦେଇଥିଲେ। କଲେଜରେ ଥିବା ସୁବିଧା ଓ ଚିକିତ୍ସା ସେବା ସମ୍ପର୍କରେ ସେ ଜଣାଇଥିଲେ। ଶେଷରେ ମେଡିକାଲ କଲେଜ ଅଧୀକ୍ଷକ ନାରାୟଣ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ତା.୦୧.୦୯.୨୦୧୮ (ଶନିବାର)



✓ଗୌରୀ ସାହୁ
ଆବିର୍ଭାବ : ତା.୦୫.୦୩.୧୯୪୮ରିଖ (ଗୁରୁବାର)
ତିରୋଧାନ : ତା.୦୬.୦୯.୨୦୧୨ରିଖ (ଗୁରୁବାର)
ପ୍ଲଟ୍ ନଂ-୨୪୦, ଭିମପୁର ମୌଜା, ଭୁବନେଶ୍ୱର

ଠିକ୍ ଆଜିର ଦିନରେ ଆମକୁ ଛାଡି ଚାଲିଗଲ, ତଥାପି ଆମର ପାଖେ ପାଖେ ଥିଲାଭଳି ଲାଗୁଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶିର୍ବାଦ ଆମପ୍ରତି ସବୁବେଳେ ରହିଥାଉ।
ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୁମର ଅମର ଆତ୍ମା ସଦ୍‌ଗତି ପ୍ରାପ୍ତି ହେଉ।

: ଶୋକସନ୍ତପ୍ତ :
ସ୍ୱାମୀ : ବଂଶୀଧର ସାହୁ, ବଡପୁଅ, ବୋହୂ, ସାନପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ।

ଧ-୬୨୮୭

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶ୍ରୀମତୀ ପ୍ରତିଭା ପାଣିଗ୍ରାହୀ**

ଷଷ୍ଠ ମାସିକ ଶ୍ରାଦ୍ଧଦିବସ ଉପଲକ୍ଷେ ସ୍ୱାମୀ- ପ୍ରଭାତ ସୁନ୍ଦର ପାଣିଗ୍ରାହୀ, ଜ୍ୟେଷ୍ଠପୁତ୍ର- ଜିତେନ୍ ପାଣିଗ୍ରାହୀ, କନିଷ୍ଠପୁତ୍ର- ରୋଷନ ପାଣିଗ୍ରାହୀ, କନ୍ୟା- ସ୍ମୃତି ପାଣିଗ୍ରାହୀ, ପୁତ୍ରବଧୂ- ଶୁଭଯାନି, ରଶ୍ମିପ୍ରଭା, ଜ୍ୱାଇଁ- ସୀମାଞ୍ଚଳ ପଣ୍ଡା, ପୌତ୍ରାଦି- ସୌମ୍ୟାଶ୍ରୀ, ଶୁଭାଶିଷ, ଅନନ୍ୟା, ଆର୍ଯ୍ୟନ୍, ରିଶିତା, ବନ୍ଧୁ- କିରଣକାନ୍ତ ପାଣିଗ୍ରାହୀ, ରଜନୀରାଣୀ ପଣ୍ଡା, ଆଶିଷ ପାଣିଗ୍ରାହୀ, ଅସୀମା ପାଣିଗ୍ରାହୀ, ଅରୁଣକାନ୍ତ ପାଣିଗ୍ରାହୀ, ପ୍ରମଦା ପାଣିଗ୍ରାହୀ, ମୌସୁମୀ ପାଣିଗ୍ରାହୀ, ବର୍ଷା ପାଣିଗ୍ରାହୀ, ଆଦିତ୍ୟ ପାଣିଗ୍ରାହୀ, ଭାଇ- ଦୁର୍ଗାପ୍ରସନ୍ନ ସାହୁ, ଭାଉଜ- ଆରତି ସାହୁ ଏବଂ ପରିବାରବର୍ଗ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

ଧ-୬୩୬୧୯


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜିର ଚନ୍ଦ୍ର ଧନ ସପ୍ତମାଧିପ ଶୁକ୍ରଙ୍କ ନକ୍ଷତ୍ରସ୍ଥ ହେତୁ ଅର୍ଥ ସମ୍ପର୍କିତ ସମସ୍ୟା ମଧ୍ୟରେ ବ୍ୟସ୍ତତା ଅନୁଭବ କରିବେ। ପୁନଶ୍ଚ ଶୁକ୍ର ରାଶିର ଷଷ୍ଠରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି କିମ୍ବା ମତପାର୍ଥକ୍ୟଜନିତ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ବିଳାସକାରକ ଶୁକ୍ର କିନ୍ତୁ ମିତ୍ର ବୁଧ କ୍ଷେତ୍ରରେ ମନୋରଞ୍ଜନ କାର୍ଯ୍ୟରେ ବନ୍ଧୁଙ୍କ ନିମନ୍ତ୍ରଣ ପାଇବେ।

**ବୃଷ** — ଚନ୍ଦ୍ରଙ୍କ ସହ ଶୁକ୍ରଙ୍କ ଷଡାଷ୍ଟକ ସ୍ଥିତି ହେତୁ ମନ ଅନୁଯାୟୀ କୌଣସି କାମ କରିବା ସହଜ ସାଧ୍ୟ ନ ହୋଇପାରେ। ସମ୍ପର୍କୀୟମାନଙ୍କ ସହ ସୁସମ୍ପର୍କ ସେତେଟା ଭଲ ରହିବ ନାହିଁ। ଗୃହ ନିର୍ମାଣ, ଯାନବାହନ ମରାମତି ଓ ସଭାସମିତିରୁ ଉପକୃତ ହେବେ। ପରିବାରରେ ଗତକାଲି ଘଟି ଯାଇଥିବା ଘଟଣାର ମୋଡ ବଦଳି ଯାଇପାରେ।

**ମିଥୁନ** — ବୃହସ୍ପତିଙ୍କ ସହ ଚନ୍ଦ୍ରଙ୍କ ପ୍ରତ୍ୟକ୍ଷ ସମ୍ପର୍କ ଉନ୍ନତ ଚିନ୍ତା ନୂତନ ଯୋଜନା, ନୂତନ କର୍ମାରମ୍ଭ ପାଇଁ ଶୁଭପ୍ରଦ ରହିବ। ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ। ଜମିଜମା, ପୁରୁଣା ଗାଡି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇବେ। ଗୃହସୀମାକୁ କେନ୍ଦ୍ରକରି ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟି ହେବ।

**କର୍କଟ** — ପରିବାର ସ୍ଥାନ ପ୍ରତି ଚନ୍ଦ୍ରଙ୍କ ଶୁଭ ସମ୍ପର୍କ ଏକାଧାରରେ ସୁସ୍ଥ ପାରିବାରିକ ଜୀବନ ସହ କର୍ମକ୍ଷେତ୍ର ମଧ୍ୟ ସମସ୍ୟାମୁକ୍ତ ରହିବ। ଅର୍ଥ ସମ୍ପର୍କିତ ସଙ୍କଟଜନକ ସ୍ଥିତିରେ ସୁଧାର ଆସିବା ସହ କାମ ହାସଲରେ ପ୍ରତିବନ୍ଧକ ରହିବ ନାହିଁ। ପୂର୍ବରୁ ଲାଗିରହିଥିବା କଚେରି ମାମଲା ମନ୍ଥର ହେବା କାରଣରୁ ଉଦ୍‌ବେଗ ବୃଦ୍ଧି ପାଇବ।

**ସିଂହ** — ଆଜିର ଗ୍ରହସ୍ଥିତିର ପ୍ରଭାବରେ ଦିନଟିରେ ମିଶ୍ରିତଫଳ ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ସରକାରୀ ସ୍ତରର କିମ୍ବା ରାଜନୀତି କ୍ଷେତ୍ରର କାମରେ ଲକ୍ଷ୍ୟପୂରଣ କରିବେ। କିନ୍ତୁ ବୁଧ କ୍ଷେତ୍ରରେ ନୀଚରାଶିସ୍ଥ ଶୁକ୍ର ଆପଣଙ୍କୁ ବନ୍ଧୁଙ୍କ କଥାରେ ପ୍ରଭାବିତ କରାଇ କୌଣସି ଅକରଣୀୟକର୍ମ ପାଇଁ ପ୍ରୋତ୍ସାହିତ କରିପାରନ୍ତି।

**କନ୍ୟା** — ଆଜି ଆପଣ ଲକ୍ଷ୍ୟଭ୍ରଷ୍ଟ ହେବେନି ସତ କିନ୍ତୁ ସହଜ ଓ ସୁବିଧାରେ କୌଣସି କାମ କରିପାରିବେ ନାହିଁ। ଅବଶ୍ୟ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ରାହୁଙ୍କ ସ୍ଥାନ ସ୍ଥିତିରୁ ପ୍ରତ୍ୟେକ କ୍ଷେତ୍ରରେ କୌଶଳ ପ୍ରୟୋଗ କରି କାମ ହାସଲ କରିପାରିବେ। ପ୍ରଶାସନ, ପ୍ରକାଶନ ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି।

**ତୁଳା** — କର୍ମାଧିପ କେନ୍ଦ୍ରସ୍ଥ ହେତୁ କର୍ମକ୍ଷେତ୍ରରେ, ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ବନ୍ଧୁଙ୍କ ପ୍ରିୟପାତ୍ର ହେବେ। ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡିକ ସୁରୁଖୁରୁରେ ହେବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ,କୃଷି,ବାଣିଜ୍ୟରେ ଚେଷ୍ଟା ସଫଳ ହେବ।

**ବିଛା** — ଆଜି ନୂଆ କାମ ଆରମ୍ଭ କରିବା କିମ୍ବା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ଯାତ୍ରା କରିବାକୁ ଅନୁକୂଳ ଦିନଟିଏ। ତଥାପି ପ୍ରଥମେ ପ୍ରଥମେ କର୍ମକ୍ଷେତ୍ରରେ କିଛି ନା କିଛି ବ୍ୟତିକ୍ରମ ଲାଗି ରହିବ। ଆଲୋଚନା କ୍ଷେତ୍ରରେ ଭାବିଚିନ୍ତି କାମ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସାଧାରଣ କଥାକୁ ନ ବୁଝି ପଡୋଶୀ ବିରୋଧାତ୍ମକ ମନ୍ତବ୍ୟ ଦେଇପାରନ୍ତି।

**ଧନୁ** — ଅଷ୍ଟମାଧିପ ଦୋଷ ଚନ୍ଦ୍ରଙ୍କ ପାଖରେ ନ ଥିଲେ ମଧ୍ୟ ଅର୍ଥପାଇବା, କିଛି କହିବା, ସନ୍ତାନଙ୍କ ସ୍ୱାସ୍ଥ୍ୟ ପାଇଁ ସାଧାରଣ ସମସ୍ୟା ରହିବ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରତିବନ୍ଧକର ସାମ୍ନା କରି ଅଶାନ୍ତି ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଥିବା ବିବାଦ ସମାଧାନର ସମୟ ବିଳମ୍ବିତ ହୋଇପାରେ। ସରକାରୀସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଉଲ୍ଲସିତ ହେବେ।

**ମକର** — ଆଜି ଚତୁର୍ଥ ଚନ୍ଦ୍ର ବନ୍ଧୁମିଳନଜନିତ ଆନନ୍ଦ ଅନୁଭବ କରିବେ। ଶେଷ ପର୍ଯ୍ୟାୟରେ ମତାନ୍ତରଜନିତ ବାକ୍‌ବିତଣ୍ଡା ସୃଷ୍ଟି ହୋଇପାରେ। ଜମିଜମା କ୍ରୟ ବିକ୍ରୟ,ନୂତନ ବାଣିଜ୍ୟାରମ୍ଭ ପାଇଁ ମନ ବଳାଇ ପାରନ୍ତି। କିଛିଟା ଲୋଭନୀୟ ପ୍ରତିଶ୍ରୁତି ପ୍ରଦାନ କରି ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିପାରେ।

**କୁମ୍ଭ** — ଆଜିର ତୃତୀୟ ଚନ୍ଦ୍ର ଯାତ୍ରା, ଆନୁଷ୍ଠାନିକ କାମ, ଧର୍ମକାର୍ଯ୍ୟ ପାଇଁ ଶୁଭପ୍ରଦ ହେବ। ଯେଉଁ କାମରେ ହାତ ଦିଅନ୍ତୁ ନା କାହିଁକି ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ସାଙ୍ଗସାଥୀଙ୍କ ସହଯୋଗରୁ ବିଦ୍ୟମାନ ସ୍ଥିତିରୁ ମୁକ୍ତି ମିଳିବା ଯୋଗୁ ମନ ଏକ ପ୍ରକାର ଖୁସି ହୋଇଯିବ। କେତେକ ଆକସ୍ମିକ ସମସ୍ୟାକୁ ନେଇ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ମୀନ** — ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ଆପଣଙ୍କ ମନକୁ ପାଇଲା ଭଳି କଥା କାମକୁ ଆସିବ। କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ କ୍ଷେତ୍ରରେ ତଥା ବ୍ୟବସାୟ କ୍ଷେତ୍ରରେ ଆଶାପୂରଣ କରିପାରିବେ। ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଆନୁଷ୍ଠାନିକ କାମରୁ କିମ୍ବା ସଭାସମିତିରେ ସଫଳତା ହାସଲ କରି ସାମାୟିକ ଆନନ୍ଦ ଅନୁଭବ କରିବେ।

ଆଜି ଭାଦ୍ରବ କୃଷ୍ଣ ଷଷ୍ଠୀ ଶନିବାର, ଶ୍ରୀମନ୍ଦିରରେ ହରି ଜନ୍ମାଧିବାସ, ଗର୍ଭଉଦକ ବନ୍ଦାପନା, ଜେଉଡ ଭୋଗ, ସେପ୍ଟେମ୍ବର ୧ ତାରିଖ, ଜାତୀୟ ପରିପୁଷ୍ଟି ସପ୍ତାହ ଆରମ୍ଭ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୪୭ମି. ଗତେ ଘ୧।୨୮ମି. ମଧ୍ୟେ, ଘ୩।୦୦ମି. ଗତେ ଘ୪।୩୭ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୫୨ମି. ଗତେ ଘ୮।୨୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୪୦ମି. ଗତେ ଘ୧୧।୧୪ମି. ମଧ୍ୟେ ରାହୁକାଳ।



କୋଇଲା ଦୁର୍ନୀତି ମାମଲାରେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ାଙ୍କ ବିରୋଧରେ ତଳକୋର୍ଟ ଶୁକ୍ରବାର ଚାର୍ଜଫ୍ରେମ୍ କରିଛନ୍ତି। ତାଙ୍କ ବିରୋଧରେ ଝାଡ଼ଖଣ୍ଡର ଅମରକୋଣ୍ଡା କୋଇଲା ବ୍ଲକ୍ ଆବଣ୍ଟନବେଳେ ଦୁର୍ନୀତି, ଆପରାଧିକ ଷଡ଼ଯନ୍ତ୍ର, ଠକେଇ ଆଦି ଅଭିଯୋଗ ହୋଇଛି। କୋଡ଼ା ଶୁକ୍ରବାର ଅଦାଲତରେ ହାଜର ହୋଇ ନିଜକୁ ନିର୍ଦ୍ଦୋଷ ବୋଲି କହିଥିଲେ।

# ନିର୍ବାଚନରେ ମତଦାତାଙ୍କୁ ମିଳିବ ରସିଦ

ଭୁବନେଶ୍ୱର,୩୧।୮(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନ କେତେବେଳେ ଘୋଷଣା ହୋଇପାରେ। ସେ ନେଇ ଏବେଠାରୁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଗଲାଣି। ଏଥିରେ ଖୋରାକ ଯୋଗାଇଛି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ତତ୍ପରତା। ଓଡିଶାକୁ ଇଭିଏମ୍ ଆସିବା ପରେ ନିର୍ବାଚନ ପରିଚାଳନା ନେଇ ସର୍ବଦଳୀୟ ବୈଠକ ଡାକିବା ନିର୍ବାଚନ ଉଷ୍ମତାକୁ ଆହୁରି ବଢାଇ ଦେଇଛି। ଆସନ୍ତା ସାଧାରଣ ନିର୍ବାଚନରେ ଭୋଟିଂ ମେଶିନରେ ଭୋଟର ଭେରିଫାଏଡ ପେପର ଅଡିଟ ଟ୍ରେଲ(ଭିଭିପିଏଟି) ବ୍ୟବହାର କରାଯିବ। ମତଦାତା କାହାକୁ ଭୋଟ ଦେଲେ ସେ ନେଇ ରସିଦ ପାଇପାରିବେ।

ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଜିଲାପାଳଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଇଲେକ୍ଟ୍ରୋନିକ ଭୋଟିଂ ମେଶିନ(ଇଭିଏମ୍)ର ଫାଷ୍ଟ ଲେଭଲ ଚେକିଂ(ଏଫଏଲସି) ଏବଂ ଭିଭିପିଏଟି ବିଷୟରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀମାନଙ୍କୁ ତାଲିମ ଦିଆଯିବ। ଏଫଏଲସି ବିଷୟରେ ତାଲିମ ଦେବା ପାଇଁ ଭାରତର ନିର୍ବାଚନ କମିଶନ ଦୁଇଜଣ ଅଧିକାରୀଙ୍କୁ ଓଡିଶା ପଠାଇଛନ୍ତି। ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ଏହି ତାଲିମ କାର୍ଯ୍ୟ ଆରମ୍ଭ ହେବ। ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର କହିଛନ୍ତି

- ସମସ୍ତ ବୁଥ୍‌ରେ ଭିଭିପିଏଟି ପ୍ରୟୋଗ ହେବ
- ଜିଲାପାଳଙ୍କୁ ଇଭିଏମ୍ ଏଫ୍ଏଲସି ପ୍ରଶିକ୍ଷଣ

ଯେ ଇଭିଏମ୍‌ର ଏଫଏଲସି ସମ୍ପର୍କିତ ପ୍ରଶିକ୍ଷଣ ବାଧ୍ୟତାମୂଳକ କରାଯାଇଛି। ଏହି ମେଶିନ କିପରି କାର୍ଯ୍ୟ କରିବ ସେ ନେଇ ପରୀକ୍ଷାନିରୀକ୍ଷା କରାଯାଇଛି। ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସମ୍ମୁଖରେ ଇଭିଏମ୍‌ଗୁଡିକ ଯାଞ୍ଚ କରାଯାଉଛି। ଓଡିଶା ପାଇଁ ଇଭିଏମ୍ ପ୍ରସ୍ତୁତ କରିଥିବା ସଂସ୍ଥା ହାଇଦ୍ରାବାଦ ସ୍ଥିତ ଇଲେକ୍ଟ୍ରୋନିକ୍ସ କର୍ପୋରେଶନ ଅଫ ଇଣ୍ଡିଆର ଏକ ବୈଷୟିକ ଟିମ୍ ଏଫଏଲସି ପ୍ରଶିକ୍ଷଣ ପାଇଁ ଆସି ପହଞ୍ଚିବେ। ଜିଲାପାଳମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଫଏଲସି ଯାଞ୍ଚ କରାଯିବ। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ୧୦ଟି ଜିଲାର ଏଫ୍ଏଲସି ଯାଞ୍ଚ ହେବ। ଦ୍ୱିତୀୟ ସପ୍ତାହରେ ଅବଶିଷ୍ଟ ୨୦ ଜିଲାର ଏଫଏଲସି ତନଖି କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ବିଭିନ୍ନ ପର୍ଯ୍ୟାୟରେ ଭିଭିପିଏଟି ରାଜ୍ୟ ଗ୍ରହଣ କରିବ। କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ କହିଛନ୍ତି ଯେ ନିର୍ବାଚନ ପରିଚାଳନା କରିବା ପୂର୍ବରୁ ଜିଲା ନିର୍ବାଚନ ଅଧିକାରୀ ଭାବେ ଆମକୁ ପ୍ରଶିକ୍ଷଣ ନେବାକୁ ପଡିବ। ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ତାହାକୁ ସହଜରେ ମୁକାବିଲା କରାଯାଇ ପାରିବ। ଏହି ପ୍ରଶିକ୍ଷଣ ନିଶ୍ଚିତ ଭାବେ ଏ ଦିଗରେ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ବିଜେପୁର ଉପ ନିର୍ବାଚନରେ ପ୍ରଥମ ଥର ପାଇଁ ଭିଭିପିଏଟି ବ୍ୟବହାର କରାଯାଇଥିଲା। ୨୦୧୯ ସାଧାରଣ ନିର୍ବାଚନ ସମୟରେ ସମସ୍ତ ୪୭ ହଜାର ୬୦୬ ବୁଥ୍‌ରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ।

## ବ୍ୟାଙ୍କ ସଂଗ୍ରହ କରିବ ଡିଜିଟାଲ ଜୀବନ ପ୍ରମାଣପତ୍ର

ଭୁବନେଶ୍ୱର, ୩୧।୮: ଯେଉଁ ବ୍ୟାଙ୍କଗୁଡିକ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍‌ସନ ବିତରଣ କରୁଛନ୍ତି ସେମାନେ ଉପଭୋକ୍ତାମାନଙ୍କଠାରୁ ଡିଜିଟାଲ୍ ଜୀବନ ପ୍ରମାଣପତ୍ର(ଲାଇଫ୍ ସାର୍ଟିଫିକେଟ୍) ଗ୍ରହଣ କରିବେ। ବାୟୋମେଟ୍ରିକ୍ ମେଶିନ ଦ୍ୱାରା ଏହି ପେପରଲେସ୍ ପ୍ରମାଣପତ୍ର ଗ୍ରହଣ କରିବା ବ୍ୟାଙ୍କଗୁଡିକର କର୍ତ୍ତବ୍ୟ। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନା ଅନୁସାରେ ପେନ୍‌ସନ ଉପଭୋକ୍ତା ନିଜ ବ୍ୟାଙ୍କ ଶାଖାକୁ ଯାଇ ବାୟୋମେଟ୍ରିକ୍ ମେଶିନ ମାଧ୍ୟମରେ ଏହି ପ୍ରମାଣ ପତ୍ର କରାଇପାରିବେ। ସେହିପରି ନିଜ ଅଞ୍ଚଳରେ ଥିବା ନିକଟସ୍ଥ ଭବିଷ୍ୟନିଧି କାର୍ଯ୍ୟାଳୟ କିମ୍ବା

### ଇପିଏଫ୍‌ଓର ସୂଚନା

କଟକ ଓ ବାଲେଶ୍ୱର ସ୍ଥିତ ଭବିଷ୍ୟନିଧି କାର୍ଯ୍ୟାଳୟକୁ ଯାଇ ଏହି ପ୍ରମାଣପତ୍ର ପାଇଁ ପଞ୍ଜୀକୃତ କରାଇପାରିବେ। କର୍ମଚାରୀ ଭବିଷ୍ୟନିଧୀ ପାଣ୍ଠି ସଂଗଠନ (ଇପିଏଫ୍ଓ) ଏବଂ ବ୍ୟାଙ୍କଗୁଡିକ ମଧ୍ୟରେ ଏଥିପାଇଁ ଚୁକ୍ତି ସ୍ୱାକ୍ଷର ହୋଇଛି। ହିତାଧିକାରୀଙ୍କୁ ପେନ୍‌ସନ ବିତରଣ ଓ ସେମାନଙ୍କଠାରୁ ଲାଇଫ୍ ସାର୍ଟିଫିକେଟ୍ ସଂଗ୍ରହ ପାଇଁ ଇପିଏଫ୍ଓ ବ୍ୟାଙ୍କଗୁଡ଼କୁ ଦେୟ ପ୍ରଦାନ କରୁଛି। ଏ ସମ୍ପର୍କରେ ସମସ୍ତ ପେନ୍‌ସନ ବିତରଣକାରୀ ବ୍ୟାଙ୍କଗୁଡିକୁ ସୂଚନା ଦିଆଯାଇଥିବା ଆଞ୍ଚଳିକ ଭବିଷ୍ୟନିଧି କମିଶନର ସୂଚନା ଦେଇଛନ୍ତି।




# ୨୯ରେ ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର,୩୧।୮(ବ୍ୟୁରୋ)

ରାଜ୍ୟରେ ମହିଳାମାନେ ଅସୁରକ୍ଷିତ। ବିଜେଡିର ଦୀର୍ଘ ୧୮ ବର୍ଷ ଶାସନ କାଳରେ ମହିଳାମାନେ ନ୍ୟାୟ ପାଇ ନ ଥିବା ଭାଜପା ମହିଳା ମୋର୍ଚ୍ଚା ଅଭିଯୋଗ କରିଛି। ଦେଶବ୍ୟାପୀ ମହିଳାମାନଙ୍କୁ ସଂଗଠିତ କରିବା ପାଇଁ ସେପ୍ଟେମ୍ବର ୨୯ ଓ ୩୦ରେ ପୁରୀଠାରେ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର କାର୍ଯ୍ୟକାରିଣୀ ଅନୁଷ୍ଠିତ ହେବ ବୋଲି ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି।

ଭୁବନେଶ୍ୱରରେ ଶୁକ୍ରବାର ଅନୁଷ୍ଠିତ ହୋଇଥିବା ମହିଳା ମୋର୍ଚ୍ଚା ମହାଅଧିବେଶନ ବୈଠକ ପରେ ପ୍ରଭାତୀ କହିଛନ୍ତି ଯେ, ନାବାଳିକାମାନେ ବଳାତ୍କାରର ଶିକାର ହୋଇ ଆତ୍ମହତ୍ୟା କରୁଛନ୍ତି। ଗାଁ ଗାଁରେ ମଦ ଦୋକାନ ଖୋଲି ଯୁବକମାନଙ୍କୁ ମଦୁଆ କରିଚାଲିଛି ବିଜେଡି ସରକାର। ଭାଜପା ମହିଳା ମୋର୍ଚ୍ଚା ରାଜ୍ୟର ଦୁର୍ନୀତିଗ୍ରସ୍ତ ଓ ମହିଳା ବିରୋଧୀ ବିଜେଡି ସରକାରକୁ ବଦଳାଇବାର ସଂକଳ୍ପ ନେଇଥିବା ସେ କହିଛନ୍ତି। ସେପ୍ଟେମ୍ବର ୫ ତାରିଖରୁ ୨୧ ପର୍ଯ୍ୟନ୍ତ ବୁଥ୍ ଚାଲ ଅଭିଯାନ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି।

ସଭାରେ ଯୋଗଦେଇ ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା ବିଜୟା ରାହତକର କହିଛନ୍ତି, ପ୍ରଧାନମନ୍ତ୍ରୀ ୪ ବର୍ଷରେ ଅନେକ ଯୋଜନା କରିଛନ୍ତି। ସବୁଥିରେ ମହିଳାମାନଙ୍କୁ ଯଥେଷ୍ଟ ପ୍ରାଧାନ୍ୟ ଦିଆଯାଇଛି। ସ୍ୱଚ୍ଛ ଭାରତ ମିଶନରେ ମହିଳାଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ଦକ୍ଷତା ବିକାଶ, ମୁଦ୍ରା ଋଣ ଇତ୍ୟାଦି ରହିଛି। ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ୫ କୋଟି ମହିଳା ଉପକୃତ ହୋଇଥିବା ବିଜୟା କହିଛନ୍ତି।



ମହାଅଧିବେଶନରେ ଭାଜପା ନେତୃବୃନ୍ଦ (ବାମରୁ) ସୁରମା ପାଢ଼ୀ, ସମୀର ମହାନ୍ତି, ବିଜୟା ରାହତକର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରଭାତି ପରିଡ଼ା।

- ୫ରୁ ୨୧ ବୁଥ୍ ଚାଲ ଅଭିଯାନ
- ପ୍ରଧାନମନ୍ତ୍ରୀଙ୍କ ପ୍ରଦତ୍ତ ଯୋଜନାକୁ ରାଜ୍ୟ କରୁଛି ଅଣଦେଖା: ଧର୍ମେନ୍ଦ୍ର

ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ମହିଳା ସକ୍ଷମ ହେଲେ ପରିବାର ସକ୍ଷମ ହେବ ଏବଂ ପରିବାର ସକ୍ଷମ ହେଲେ ସମାଜ ଶକ୍ତିଶାଳୀ ହେବ। ମହିଳାମାନଙ୍କୁ ସୁରକ୍ଷା ଯୋଗାଇବା ସହ ଆତ୍ମନିର୍ଭରଶୀଳ କରିବା ମୋଦି ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। କେନ୍ଦ୍ରୀୟ ଯୋଜନାକୁ ମହିଳା ମୋର୍ଚ୍ଚାର କର୍ମକର୍ତ୍ତା ଘରେ ଘରେ ପହଞ୍ଚାଇବେ। ରାଜ୍ୟ ସରକାର ଜାଣିଶୁଣି ପ୍ରଧାନମନ୍ତ୍ରୀଙ୍କ ପ୍ରଦତ୍ତ ଯୋଜନାକୁ ଅଣଦେଖା କରୁଥିବା ଧର୍ମେନ୍ଦ୍ର କହିଛନ୍ତି।

ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ରାଜ୍ୟ ଉପସଭାପତି ସମୀର ମହାନ୍ତି, ସାଧାରଣ ସଂପାଦକ(ସଂଗଠନ) ମାନସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ଜେଇଇ ମେନ୍: ଆଜିଠୁ ନାମ ପଞ୍ଜୀକରଣ

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

୨୦୧୯ ଜାନୁୟାରୀରେ ଅନୁଷ୍ଠିତ ହେବାକୁ ଥିବା ଜେଇଇ ମେନ୍ ପାଇଁ ଶନିବାରଠାରୁ ଆଗ୍ରହୀ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିବେ। ପଞ୍ଜୀକରଣର ଶେଷ ତାରିଖ ସେପ୍ଟେମ୍ବର ୩୦ ରହିଛି। ଅକ୍ଟୋବର ପହିଲା ପର୍ଯ୍ୟନ୍ତ ଫି ଦାଖଲର ଶେଷ ତାରିଖ ରହିଛି। ଏହାରି ଭିତରେ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଗ୍ରହୀ ଛାତ୍ରୀଛାତ୍ର www.jeemain.nic.in ୱେବ୍‌ସାଇଟକୁ ଯାଇ ନାମ ପଞ୍ଜୀକରଣ କରିବେ। ସୂଚନାଯୋଗ୍ୟ, ବର୍ଷକୁ ୨ଥର ଜେଇଇ ମେନ୍ ପରୀକ୍ଷା ଅନୁଷ୍ଠିତ ହେବ। ଏ ନେଇ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯିବା ପରେ ପ୍ରଥମ ସେଶନ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ନ୍ୟାଶନାଲ ଟେଷ୍ଟ ଏଜେନ୍ସି(ଏନ୍‌ଟିଏ) ଏହି ପରୀକ୍ଷା ପରିଚାଳନା କରିବ। ବି.ଇ, ବି.ଟେକ୍, ବି.ଆର୍କ, ବି.ପ୍ଲାନ୍ କୋର୍ସ ସହିତ ଏନ୍ଆଇଟି ଏବଂ ସିଏଫ୍‌ଟିଆଇରେ ନାମଲେଖାଇବା ପାଇଁ ହେଲେ ଜେଇଇ ମେନ୍ ସ୍କୋର ରଖିବାକୁ ପଡ଼ିବ। ଆଇଆଇଟି ଏବଂ ଆଇଏମ୍ଏମ ଧାନବାଦରେ ପଢିବାକୁ ହେଲେ ଜେଇଇ ମେନ୍-୨୦୧୯ ସହିତ ଜେଇଇ ମେନ୍ ଆଡଭାନ୍ସଡ ପରୀକ୍ଷାରେ ର୍‍ୟାଙ୍କ ରଖିବାକୁ ପଡିଥାଏ। ଫର୍ମରେ କିଛି ତ୍ରୁଟି ଥିଲେ ଛାତ୍ରୀଛାତ୍ରମାନେ ଅକ୍ଟୋବର ମାସ ମଧ୍ୟରେ ସଂଶୋଧନ କରିପାରିବେ। ଜାନୁୟାରୀ ୬ରୁ ୨୦ ମଧ୍ୟରେ ଜେଇଇ ମେନ୍ ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ସେଶନ ପରୀକ୍ଷା ଏପ୍ରିଲ ୬ରୁ ୨୦ ତାରିଖ ଭିତରେ ହେବ। ଏଥିପାଇଁ ଫେବୃୟାରୀ ୮ରୁ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିବେ।






ଏପରି କେବେ ଭାବିବ ନାହିଁ ଯେ, ସତ୍ୟ ଓ ମିଥ୍ୟା-ଆଲୋକ ଏବଂ ଅନ୍ଧକାର-ଆତ୍ମଦାନ ଏବଂ ସ୍ୱାର୍ଥପରତା-ଉଭୟଙ୍କୁ ଭଗବାନଙ୍କ ଲାଗି ନିବେଦିତ ହୋଇଥିବା ମନ୍ଦିର ଭିତରେ ଏକ ସଙ୍ଗେ ବାସ କରିବାକୁ ଦିଆଯାଏ। ଦିବ୍ୟ ରୂପାନ୍ତର ହେବ ସର୍ବାଙ୍ଗୀନ। ତେଣୁ ଯାହା କିଛି ତାର ପ୍ରତିରୋଧୀ ସେ ସବୁର ସର୍ବାଙ୍ଗୀନ ପରିହାର ନିତାନ୍ତ ଆବଶ୍ୟକ।

-ଶ୍ରୀଅରବିନ୍ଦ

# ଡିଆର୍‌ଡିଓରେ ନୂଆ ମୁଖ୍ୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର ସରକାର ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଜ୍ଞାନିକ ପରାମର୍ଶଦାତା ଜି. ସତୀଶ ରେଡ୍ଡୀଙ୍କୁ ପ୍ରତିରକ୍ଷା ଗବେଷଣା ବିଭାଗ (ଡିଡିଆର୍‌ଡି)ର ସଚିବ ତଥା ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥା (ଡିଆର୍‌ଡିଓ)ର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇ ତିନିମାସର କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି। ମେ ଶେଷ ସପ୍ତାହରେ ଅବସର ନେଇଥିବା ସେଲ୍‌ଭିନ୍ ଖ୍ରୀଷ୍ଟୋଫରଙ୍କ ସ୍ଥାନରେ ସେ ଦୁଇବର୍ଷ ପାଇଁ ନିଯୁକ୍ତି ପାଇଛନ୍ତି। ଯଦିଚ ୧୯୮୨ ବ୍ୟାଚ୍‌ର ପଶ୍ଚିମବଙ୍ଗ କ୍ୟାଡର ଆଇଏଏସ୍ ଅଫିସର ତଥା ପ୍ରତିରକ୍ଷା ସଚିବ ସଞ୍ଜୟ ମିତ୍ର ଉକ୍ତ ପଦବୀର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ, ତଥାପି ଖ୍ରୀଷ୍ଟୋଫରଙ୍କ ଉତ୍ତରାଧିକାରୀ ଚୟନରେ ବିଳମ୍ବ ଉକ୍ତ ପଦ ପାଇଁ ଦାବିଦାରମାନଙ୍କ ମଧ୍ୟରେ ବ୍ୟାପକ ଲବିର ସୂତ୍ରପାତ କରିଥିଲା। ରିପୋର୍ଟ ଅନୁସାରେ ଖ୍ରୀଷ୍ଟୋଫରଙ୍କ କାର୍ଯ୍ୟକାଳ ପୂରିବା ପୂର୍ବରୁ ପରବର୍ତ୍ତୀ ମୁଖ୍ୟ ନିଯୁକ୍ତି ଲାଗି ସରକାର ସବୁ ପ୍ରକ୍ରିୟା ସାରିଥିଲେ। କିନ୍ତୁ ଯେଉଁ ବ୍ୟକ୍ତିଙ୍କୁ ଚୟନ କରାଯାଇଥିଲା, ତାଙ୍କ ବିରୋଧରେ ପ୍ରତିକୂଳ ଗୋଇନ୍ଦା ରିପୋର୍ଟ ମିଳିବାରୁ ପୂରା ପ୍ରକ୍ରିୟାକୁ ବାତିଲ କରିଦିଆଯାଇଥିଲା। ସେତେବେଳେ ଅନ୍ୟ ବିବାଦ ମଧ୍ୟ ସୃଷ୍ଟି ହୋଇଥିଲା। କିଛି ସମୟ ପାଇଁ ଗୁଜବ ଉଠିଲା ଯେ, ଡିଆର୍‌ଡିଓର ବୈଦ୍ୟୁତିକ ଓ ଯୋଗାଯୋଗ ବ୍ୟବସ୍ଥା ମହାନିର୍ଦ୍ଦେଶକ ଡ. ଜିଲେଲାମୁଡ଼ି ମଞ୍ଜୁଳା ଦୌଡ଼ରେ ଆଗରେ ଅଛନ୍ତି। ତାଙ୍କ ପଛରେ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍‌ଙ୍କ ସମର୍ଥନ ଅଛି ବୋଲି ବିଶ୍ୱାସ କରାଯାଉଥିଲା, ଯଦିଚ ସେ ଡିଆର୍‌ଡିଓରେ କାର୍ଯ୍ୟରତ ଅନେକ ବୈଜ୍ଞାନିକଙ୍କଠାରୁ କନିଷ୍ଠ। ରେଡ୍ଡୀ ହେଉଛନ୍ତି ଜଣେ ବିଖ୍ୟାତ କ୍ଷେପଣାସ୍ତ୍ର ବୈଜ୍ଞାନିକ। ଡିଆର୍‌ଡିଓର ମୁଖ୍ୟ ପଦବୀରେ ସାଧାରଣତଃ କ୍ଷେପଣାସ୍ତ୍ର ବୈଜ୍ଞାନିକମାନେ ନିଯୁକ୍ତି ପାଇବାର ପରମ୍ପରା ତାଙ୍କ ନିଯୁକ୍ତି ଦ୍ୱାରା ବଳବତ୍ତର ରହିଲା।

### କ୍ଷେତ୍ରାଧିକାର ହରାଉଛନ୍ତି ଆଇଏଏସ୍

ଆଇଏଏସ୍ ବାବୁମାନେ ଧୀରେ ଧୀରେ ନିଜର ଚମକ ହରାଉଥିବାର ଅନୁଭବ କରୁଛନ୍ତି। ଯେଉଁସବୁ ପଦବୀରେ ଆଗରୁ କେବଳ ଆଇଏଏସ୍ ବାବୁମାନେ ହିଁ ନିଯୁକ୍ତି ପାଉଥିଲେ ସେଥିରେ ଅନ୍ୟ ସର୍ବଭାରତୀୟ ସେବାର ବାବୁମାନେ ନିଯୁକ୍ତି ପାଇବା ବର୍ତ୍ତମାନ ମୋଦି ସରକାରରେ ଏକ ଲକ୍ଷଣୀୟ ଧାରାରେ ପରିଣତ ହୋଇଛି। ଗତ କିଛିବର୍ଷ ହେଲା ଯୁଗ୍ମ ସଚିବ ବା ତତ୍ତୁଲ୍ୟ ପଦବୀଗୁଡ଼ିକରେ ଆଇଏଫ୍‌ଏସ୍, ଆଇଆର୍‌ଏସ୍ ଓ ଆଇପିଏସ୍ ଅଫିସରମାନେ ନିଯୁକ୍ତି ପାଇଆସୁଛନ୍ତି। ବର୍ତ୍ତମାନ ଯେଉଁ ଆଇପିଏସ୍ ଅଫିସରମାନଙ୍କର ନାମତାଲିକା ପ୍ରସ୍ତୁତ କରାଯାଇଛି, ସେମାନେ ଯଦି ପ୍ରକୃତରେ ବିଭିନ୍ନ କେନ୍ଦ୍ର ମନ୍ତ୍ରଣାଳୟ ଓ ବିଭାଗରେ ନିଯୁକ୍ତି ପାଆନ୍ତି, ତେବେ ପୋଲିସ ଅଫିସରମାନେ ଅନେକ ସରକାରୀ ବିଭାଗର ମୁଖ୍ୟ ହେବେ। ଗତ ଦୁଇବର୍ଷ ଭିତରେ କେନ୍ଦ୍ର ଯୁଗ୍ମ ସଚିବ ବା ତତ୍ତୁଲ୍ୟ ପଦରେ ନିଯୁକ୍ତି ପାଇବା ଲାଗି ମୁଖ୍ୟତଃ ୧୯୯୫ ଓ ୧୯୯୬ ବ୍ୟାଚ୍‌ର ୩୧ ଜଣ ଆଇପିଏସ୍ ଅଫିସରଙ୍କର ଏକ ନାମତାଲିକା ପ୍ରସ୍ତୁତ କରାଯାଇଛି। ପୂର୍ବରୁ ମୋଦି ସରକାର ଯୁଗ୍ମ ସଚିବ ବା ତତ୍ତୁଲ୍ୟ ପଦରେ ନିଯୁକ୍ତି ଲାଗି ୭ ଜଣ ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଧିକାରୀଙ୍କ ଏକ ନାମତାଲିକା ଘୋଷଣା କରିଥିଲେ। ଉକ୍ତ ୭ ଜଣଙ୍କ ମଧ୍ୟରୁ ୩ ଜଣ ୧୯୯୨ ବ୍ୟାଚ୍‌ର ଓ ବାକି ୪ ଜଣ ୧୯୯୬ ବ୍ୟାଚ୍‌ର। ତେବେ ଆଇଏଏସ୍ ଅଫିସରମାନେ ନିଜର କ୍ଷେତ୍ରାଧିକାର ହରାଇବା ନେଇ ପ୍ରତିବାଦ କରିବାର ଆମେ ଦେଖିବାକୁ ପାଉନାହୁଁ।

### ଚିନ୍ତିତ ଅପାରଗ ବାବୁ

ଉତ୍ତରପ୍ରଦେଶରେ ୫୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଯେଉଁ ବାବୁମାନେ କାମ କରିପାରୁ ନାହାନ୍ତି, ସେମାନଙ୍କୁ ଯାଞ୍ଚ କରି ସ୍ୱେଚ୍ଛାକୃତ ଅବସର ନେବା ପାଇଁ ବାଧ୍ୟ କରିବା ଲାଗି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯେଉଁ ଆଦେଶ ଦେଇଛନ୍ତି, ସେଥିରେ ରାଜ୍ୟର ୧୬ ଲକ୍ଷ ସରକାରୀ କର୍ମଚାରୀ ଚିନ୍ତିତ ହୋଇଉଠିଛନ୍ତି। ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଏକ ଆଦେଶନାମା ମୁଖ୍ୟ ଶାସନ ସଚିବ ଡ. ଅନୁପ ଚନ୍ଦ୍ର ପାଣ୍ଡେ ଓ ବିଭିନ୍ନ ବିଭାଗକୁ ଦେଇଛନ୍ତି। ଜୁଲାଇ ୩୧ ସୁଦ୍ଧା ଏହି ସ୍କ୍ରିନିଂ ଟେଷ୍ଟ ପ୍ରକ୍ରିୟା ଶେଷ କରି ଫେଲ୍ ହୋଇଥିବା ବାବୁମାନଙ୍କ ତାଲିକା ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ପ୍ରଦାନ କରିବା ପାଇଁ ସେ ଆଦେଶ ଦେଇଛନ୍ତି। ଯେଉଁମାନେ ସ୍କ୍ରିନିଂ ଟେଷ୍ଟରେ ଫେଲ୍ ହେବେ ସେମାନଙ୍କୁ ସଅଳ ସ୍ୱେଚ୍ଛାକୃତ ଅବସର ନେବା ପାଇଁ କୁହାଯିବ। ୫୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ସ୍କ୍ରିନିଂ ଟେଷ୍ଟ ବାଧ୍ୟତାମୂଳକ। ଗତବର୍ଷ ମେ-ଜୁନ୍ ମାସରେ ବରିଷ୍ଠ ଆଇଏଏସ୍ ଓ ଆଇପିଏସ୍ ଅଫିସରମାନଙ୍କ ପାଇଁ ଅନୁରୂପ ସ୍କ୍ରିନିଂ ଟେଷ୍ଟ କରାଇବାକୁ ମୁଖ୍ୟମନ୍ତ୍ରୀ ଆଦେଶ ଦେଇଥିଲେ। ଯେଉଁମାନେ କାମ କରିପାରୁନାହାନ୍ତି ବା ଦୁର୍ନୀତିଗ୍ରସ୍ତ ସେମାନଙ୍କୁ ସ୍ୱେଚ୍ଛାକୃତ ଅବସର ଦେବା ଏହାର ଉଦ୍ଦେଶ୍ୟ ଥିଲା। ତେବେ ସରକାରଙ୍କୁ ଅପାରଗ ଆଇଏଏସ୍ ଓ ଆଇପିଏସ୍ ବାବୁମାନଙ୍କର ଏକ ତାଲିକା ଦିଆଯାଇଥିଲେ ମଧ୍ୟ ଏଯାବତ୍ କାହାକୁ ଅବସର ନେବାକୁ ବାଧ୍ୟ କରାଯାଇ ନାହିଁ। ଡିଓପିଟିର ନିୟମ ବାହାରେ ରାଜ୍ୟ ସରକାର ଏପରି ଏକ ଯାଞ୍ଚ ପରମ୍ପରା ଆରମ୍ଭ କରିଥିବାରୁ ଉତ୍ତରପ୍ରଦେଶ ଆଇଏଏସ୍ ସଂଘ ଏହାର ଘୋର ପ୍ରତିବାଦ କରିଥିଲେ।

Email: dilipcherian@gmail.com

# ନୂଆ କୋଣାର୍କ: ସ୍ପର୍ଦ୍ଧା ନୁହେଁ ପ୍ରଚେଷ୍ଟା

ଦେବୀପ୍ରସନ୍ନ ନନ୍ଦ

ଭାସ୍କର୍ଯ୍ୟ ଶିଳ୍ପ ଦୃଷ୍ଟିରୁ କୋଣାର୍କ ଅନନ୍ୟ। ଏହାର ପ୍ରସ୍ତର ଦେହରେ ସୂକ୍ଷ୍ମ କାରୁକାର୍ଯ୍ୟର ପଟାନ୍ତର ନାହିଁ। ଓଡ଼ିଶାର ସ୍ୱାଭିମାନର ପ୍ରତୀକ କୋଣାର୍କ। ଭାରତର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ କୋଣାର୍କ ଅନ୍ୟତମ। ୟୁନେସ୍କୋ ପକ୍ଷରୁ ଚିହ୍ନିତ ବିଶ୍ୱର ଐତିହ୍ୟସ୍ଥଳୀ ତାଲିକାରେ କୋଣାର୍କ ଅନ୍ତର୍ଭୁକ୍ତ। ମୁଖ୍ୟ ମନ୍ଦିର ନଷ୍ଟ ହୋଇଯାଇଥିଲେ ମଧ୍ୟ କେବଳ ଜଗମୋହନ ଓ ସଂଲଗ୍ନ ମୂର୍ତ୍ତି ସବୁ ସେହି ଅର୍ଦ୍ଧଭଗ୍ନ ପ୍ରସ୍ତରସ୍ତୂପ ମଧ୍ୟରୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ଶାସ୍ତ୍ରସମ୍ମତ ସ୍ଥାପତ୍ୟ କୌଶଳରେ ସମୃଦ୍ଧ ଏହି କୀର୍ତ୍ତି ଯେ ଦିନେ ଏହି ରାଜ୍ୟର ଶିଳ୍ପୀମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା ଏ କଥା ଭାବିଲେ ଓଡ଼ିଆଙ୍କ ଛାତି ଫୁଲିଉଠେ। ଶିଳ୍ପୀମାନଙ୍କ ପାଇଁ କୋଣାର୍କ ତୀର୍ଥକ୍ଷେତ୍ର, କଳାପିପାସୁଙ୍କ ପାଇଁ ସୌନ୍ଦର୍ଯ୍ୟର ଭୂସ୍ୱର୍ଗ, ଭାରତୀୟଙ୍କ ପାଇଁ ଗୌରବର ସ୍ମାରକୀ ଏବଂ ବିଦେଶୀମାନଙ୍କ ପାଇଁ ପରମ ଏକ ଆଶ୍ଚର୍ଯ୍ୟ। ତେବେ ଏହାର ବର୍ତ୍ତମାନର ସ୍ଥିତି ସଚେତନ ନାଗରିକ ଓ ଗବେଷକମାନଙ୍କ ମନରେ ଆଣିଦିଏ ଗଭୀର ଉଦ୍‌ବେଗ। ସେମାନଙ୍କ ମନରେ ଅନେକ ପ୍ରଶ୍ନ। ଏହି ଭଗ୍ନ କୋଣାର୍କର ଆୟୁଷ କେତେ? ଜଗମୋହନରେ ଝୁନ୍ଦା ଯାଇଥିବା ବାଲିର ପ୍ରଭାବ ପାର୍ଶ୍ୱ କାନ୍ଥମାନଙ୍କରେ କେତେ? ସଂରକ୍ଷଣ ନାମରେ ଭଗ୍ନ କାରୁକାର୍ଯ୍ୟ ସ୍ଥାନରେ ତୁଚ୍ଛା ପଥର ଖଣ୍ଡ ଲଗାଇବାର କାରଣ କ'ଣ? ସଂରକ୍ଷଣ ଦାୟିତ୍ୱରେ ଥିବା ଭାରତ ସରକାରଙ୍କ ଅଧୀନ ପ୍ରତ୍ନକୀର୍ତ୍ତି ସର୍ବେକ୍ଷଣ ସଂସ୍ଥାର କାର୍ଯ୍ୟଶୈଳୀ ଏହି ବିଶାଳ ଐତିହ୍ୟସ୍ଥଳୀକୁ କ୍ରମକ୍ଷୟ ପ୍ରକ୍ରିୟାରୁ ବଞ୍ଚାଇବାରେ କେତେଦୂର ସମର୍ଥ! ଗତ ପଚାଶ ବର୍ଷ ତଳର କୋଣାର୍କର କାରୁକାର୍ଯ୍ୟ ସହିତ ବର୍ତ୍ତମାନର ସ୍ଥିତି ମଧ୍ୟରେ ଅସାମଞ୍ଜସ୍ୟ କେତେ?

କୋଣାର୍କ ସେମିତି ରହିଥାଏ ଜଣେ ବିଗତଯୌବନା ପ୍ରାପ୍ତବୟସ୍କା ରମଣୀ ଭଳି, ଯାହାର ସୌନ୍ଦର୍ଯ୍ୟ ଥାଏ ମାତ୍ର ଲାବଣ୍ୟ ନ ଥାଏ। ରାତି ପାହିଲେ ଶହ ଶହ ଯାତ୍ରୀ ଆସନ୍ତି ଏବଂ ତାହାର ରୂପକାନ୍ତି ଦେଖି ଆତ୍ମହରା ହୁଅନ୍ତି। ଗାଇଡ୍‌ମାନେ ତାଙ୍କୁ ବୁଝାଇ ଦିଅନ୍ତି କୋଣାର୍କର ଅତୀତର ଦୁଃଖଦ କାହାଣୀ। କଳାପାହାଡ଼, ସମୁଦ୍ରପଥର ଦୁର୍ଦ୍ଦାନ୍ତ ନାବିକ, ପୁଣି ସାମୁଦ୍ରିକ ଲୁଣି ପବନର କୁପ୍ରଭାବ, ତତ୍କାଳୀନ ଶାସକମାନଙ୍କ ଉଦାସୀନତା ଆଦି ସବୁ ତତ୍ତ୍ୱ ବଖାଣନ୍ତି। ପୁଣି ଆଉ ଗୋଟିଏ ପର୍ଯ୍ୟାୟରେ ଆରମ୍ଭ ହୁଏ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଅତ୍ୟାଚାର। ଶିଉଳି ଛଡ଼ାଇବା ଆଳରେ ସେମାନେ ରାମ୍ପି ପକାନ୍ତି କୋଣାର୍କର ଦେହକୁ ଅତି ନିଷ୍ଠୁରଭାବରେ। ତା'ପରେ ନଷ୍ଟ ହୋଇ ଯାଇଥିବା ଅନେକ କମନୀୟ ଅଂଶ ବଦଳରେ ଖଣ୍ଡେ ଚଉରସ ପଥର ସେହି ସ୍ଥାନରେ ଲଗାଇ ଦେଇ ଅତ୍ୟନ୍ତ ବିକୃତ କରିପକାନ୍ତି। ତା'ଠାରୁ ଅଧିକ କିଛି କରିବାକୁ ତାଙ୍କର ବ୍ୟବସ୍ଥା ନାହିଁ। ମହାବଳିପୁରମ୍, ଖଜୁରାହୋ ଓ ଦେଶର ଅନ୍ୟ ଐତିହ୍ୟସ୍ଥଳୀରେ ମଧ୍ୟ ସେହି ଅବସ୍ଥା, ମାତ୍ର ସେସବୁଠାରେ ଭାଙ୍ଗିଯାଉଥିବା କାରୁକାର୍ଯ୍ୟ କୋଣାର୍କର ସମକକ୍ଷ ନୁହେଁ। ମୋଟାମୋଟି କୋଣାର୍କର ଭଗ୍ନ କାରୁକାର୍ଯ୍ୟ ସଦୃଶ ନିର୍ମାଣ କରିପାରିବା ଭଳି ସାମର୍ଥ୍ୟ ଓଡ଼ିଶାର ଶିଳ୍ପୀମାନଙ୍କର ଅଛି ବୋଲି ସରକାରୀ ସଂସ୍ଥାର ବିଶ୍ୱାସ ବା ସ୍ୱୀକୃତି ନାହିଁ। ଏଥି ଯୋଗୁ ଓଡ଼ିଶାର ପାରଙ୍ଗମ ଶିଳ୍ପୀକୁଳ ଏହାକୁ ଏକ ସ୍ୱାଭିମାନର ପ୍ରଶ୍ନଭାବେ ଗ୍ରହଣ କରିଛନ୍ତି। ଏହାକୁ ଏକ ଆହ୍ୱାନ ବୋଲି ଧରି ନିଜେ ସର୍ବସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବିଶିଷ୍ଟ ସ୍ଥପତି ରଘୁନାଥ ମହାପାତ୍ର। ସେ କୋଣାର୍କର ବିଭିନ୍ନ ଅଂଶର ଅବିକଳ ନକଲ ନିର୍ମାଣ କରି ତାଙ୍କର ପାରଦର୍ଶିତା ଦେଖାଇ ସାରିଛନ୍ତି।

ପୂର୍ବରୁ ରଘୁନାଥ କଟକର ବାରବାଟୀ ଦୁର୍ଗ ତୋରଣ ଉପର ଘୋଡ଼ା, ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ କୋଣାର୍କର ଯୁଦ୍ଧଘୋଡ଼ା ଆଉ ଧଉଳି ଶାନ୍ତିସ୍ତୂପର ୧୫ ଫୁଟ ଉଚ୍ଚ ବୁଦ୍ଧମୂର୍ତ୍ତି ପ୍ରଭୃତି ନିର୍ମାଣ କରିସାରିଥିଲେ। କେତେଗୋଟି ମନ୍ଦିରକାମ କରିବାଦ୍ୱାରା ତାଙ୍କର ଆତ୍ମବିଶ୍ୱାସ ଦୃଢ଼ ହୋଇଥିଲା। ତା' ପରେ ତତ୍କାଳୀନ ସିସ୍‌ମୋ ହୋଟେଲ ସାମନା କାନ୍ଥରେ ଲଗାଯାଇଥିବା କୋଣାର୍କଚକର ପ୍ରତିକୃତି ଲାଗି ତାଙ୍କ କଳା ପାରଦର୍ଶିତାକୁ ସାର୍ବଜନୀନ ସ୍ୱୀକୃତି ମିଳିଥିଲା। କୋଣାର୍କର ଦୁଃଖକଥା ସେ କେବେ ପାସୋରି ନ ଥିଲେ। କୋଣାର୍କର ବିରହ ବେଦନା ସର୍ବଦା ତାଙ୍କ ଅନ୍ତରରେ ଗୁଞ୍ଜରିତ ହେଉଥିଲା। କୋଣାର୍କର ଭଗ୍ନସ୍ତୂପ ମଧ୍ୟରୁ କେହି ଯେମିତି ତାଙ୍କୁ କହୁଥିଲା, ତମେ ପାରିବ, ଉଦ୍ୟମ କର, ଆଗେଇ ଚାଲ। ଏ ଜାତି ତୁମ ପଛରେ ଅଛି। ତୁମର ଭାଇମାନେ ତୁମ ସାଙ୍ଗରେ ଅଛନ୍ତି। ଏବେ ତୁମେ ପ୍ରମାଣ କର ତୁମର ବଂଶଗତ କଳାକୌଶଳର ପରାକାଷ୍ଠା।

କ୍ରମେ ରଘୁନାଥ ବାଲ୍ୟତ କାଳରେ ନିଜ ଅଜାଙ୍କଠାରୁ ପ୍ରାପ୍ତ ହୋଇଥିବା ଶିଳ୍ପଶାସ୍ତ୍ରପ୍ରସୂତ କୌଶଳ, ଶହ ଶହ ସଂଖ୍ୟାରେ ଶିଳ୍ପୀଙ୍କ ସହମତି ଏବଂ ଅସଂଖ୍ୟ ଶୁଭେଚ୍ଛୁଙ୍କ ସହଯୋଗର ପ୍ରତିଶ୍ରୁତିକୁ ପାଥେୟ କରି କୋଣାର୍କ ଅନୁରୂପ ଏକ ମନ୍ଦିର ନିର୍ମାଣକରି ଓଡ଼ିଆ ଶିଳ୍ପୀକୁଳର କଳାନିପୁଣତା ପୁନଃପ୍ରମାଣିତ କରିବାପାଇଁ ଅଣ୍ଟା ଭିଡ଼ିଲେ। ମାନସିକସ୍ତରରେ ଯୋଜନାର ଅଙ୍କୁରୋଦ୍‌ଗମ ହେଲା। ନୂଆ ମନ୍ଦିର ପାଇଁ ଉପଯୁକ୍ତ ଜମିର ସନ୍ଧାନ କାର୍ଯ୍ୟ ଆରମ୍ଭ ହେଲା। କୋଣାର୍କ ନିକଟବର୍ତ୍ତୀ ଅଞ୍ଚଳ ଅଧିକାଂଶ ଅଭୟାରଣ୍ୟର ଅଂଶ ବିଶେଷ ହୋଇଥିବାରୁ ସେଠାରେ ଜମି ମିଳିବା ସମ୍ଭବ ହେଲାନାହିଁ। ତଥାପି ରଘୁନାଥ ନିଜ ଲକ୍ଷ୍ୟରୁ ବିଚ୍ୟୁତ ହୋଇନାହାନ୍ତି। ନିଜ ପ୍ରଚେଷ୍ଟାରେ ସେ ଏକ ମନ୍ଦିର ପୁନର୍ଗଠନ ପାଇଁ ପୁରୀ ଜିଲାର ସାକ୍ଷୀଗୋପାଳ ନିକଟବର୍ତ୍ତୀ ଅଞ୍ଚଳରେ ପ୍ରାୟ ଅଶୀ ଏକର ଜମି କିଣି ମନ୍ଦିର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କଲେ। ଏହି ମନ୍ଦିରପୁରରେ ଗଣପତି, ଶିବ, ନାରାୟଣ, ମା' ଅମ୍ବିକା ଓ ଭାସ୍କର ବା ଆଦିତ୍ୟ ନାରାୟଣଙ୍କ ମନ୍ଦିର ରହିବାର ଯୋଜନା କଲେ। ଏହି ଘୋଷଣା ମୂଳରେ ଥିଲା ରଘୁନାଥଙ୍କର ଗଭୀର ଆତ୍ମବିଶ୍ୱାସ, ଶ୍ରୀଜଗନ୍ନାଥଙ୍କ ନିକଟରେ ସମର୍ପଣ ଭାବ ଏବଂ ସର୍ବୋପରି ତାଙ୍କ ଗୁରୁ ବୁଢ଼ାବାପାଙ୍କର ଆଶୀର୍ବାଦ। ସେ ବିଭିନ୍ନ ସଭାସମିତିରେ ବାରମ୍ବାର କହିଲେ ଯେ ଏହି ପ୍ରସ୍ତାବିତ ମନ୍ଦିର ସ୍ଥଳୀରେ କଳିଙ୍ଗଶୈଳୀର କାରୁକାର୍ଯ୍ୟ ରହିବ, ଯାହାକି ଆମ ରାଜ୍ୟର ପୁରୁଣା ନଷ୍ଟପ୍ରାୟ ଶିଳ୍ପସମ୍ଭାରର ନକଲ ନ ହେଲେ ମଧ୍ୟ ସମକକ୍ଷ ହେବ। ଏହା ଅଙ୍ଗୀକାରମୁକ୍ତ ଚିନ୍ତକମାନଙ୍କର ବିପୁଳ ସମର୍ଥନ ଲାଭକଲା। ଏହାର କାରଣ ମହାପାତ୍ର ପୂର୍ବରୁ ଅନୁଗୋଳର ଜିନ୍ଦଲ କମ୍ପାନୀ ପରିସର ଏବଂ ବାଲେଶ୍ୱରର ଇମାମୀ କମ୍ପାନୀ ଦ୍ୱାରା ନିର୍ମିତ ବୃହତ୍ ମନ୍ଦିର, ଭୁବନେଶ୍ୱର ବିମାନବନ୍ଦରରେ ଅନେକ ବୃହଦାକାର କୋଣାର୍କ ଚକ ସହିତ ରାଜ୍ୟ ବାହାରେ ଆହୁରି ଅନେକ ଭାସ୍କର୍ଯ୍ୟ ଶିଳ୍ପ ସଫଳଭାବେ ସ୍ଥାପନ କରିପାରିଥିଲେ ଏବଂ ତାଙ୍କର କର୍ମକୁଶଳତା ସକାଶେ ଭାରତ ସରକାର ତାଙ୍କୁ ପର୍ଯ୍ୟାୟକ୍ରମେ ପଦ୍ମଶ୍ରୀ (୧୯୭୪), ପଦ୍ମଭୂଷଣ (୨୦୦୧) ଏବଂ ୨୦୧୩ରେ ପଦ୍ମବିଭୂଷଣ ଉପାଧିରେ ଭୂଷିତ କରିଛନ୍ତି। ପୁନଶ୍ଚ ନିକଟରେ ରାଷ୍ଟ୍ରପତି ତାଙ୍କୁ ରାଜ୍ୟ ସଭା ସଦସ୍ୟ ଭାବେ ମନୋନୀତ କରିଛନ୍ତି।

ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଏହି ପ୍ରସ୍ତାବିତ ମନ୍ଦିରପୁର ନିର୍ମାଣ କାର୍ଯ୍ୟପାଇଁ ରାଜ୍ୟ ବା କେନ୍ଦ୍ର ସରକାରଙ୍କଠାରୁ କୌଣସି ଅନୁଦାନର ଆଶା ରଖିନାହାନ୍ତି। ନିଜେ ଏକ ଟ୍ରଷ୍ଟ ଗଠନକରି ସେହି ନାମରେ ଜମିକିଣି ନିଜସ୍ୱ ଉଦ୍ୟମରେ ଶୁଭେଚ୍ଛୁମାନଙ୍କଠାରୁ ପାଣ୍ଠି ସଂଗ୍ରହକରି ଏହି ମହାନ୍ କାର୍ଯ୍ୟକୁ ଆଗେଇ ନେବାକୁ ଆଶା ବାନ୍ଧିଛନ୍ତି। ଆମେ ଓଡ଼ିଆମାନେ ଏଥିରେ ସକ୍ରିୟ ସହଯୋଗ ନ କରିପାରିଲେ ମଧ୍ୟ ସାମାଜିକ ସ୍ୱୀକୃତି ଦେଇ ଉଦ୍ୟମୀଙ୍କୁ ଉତ୍ସାହିତ କରିବାରେ ଅସୁବିଧା କେଉଁଠି?

ପ୍ରକାଶଯୋଗ୍ୟ ଯେ, ପୁରୀ-କୋଣାର୍କ ରାସ୍ତାରେ ଏକ ସ୍ୱାମୀନାରାୟଣ ମନ୍ଦିର ତଥା ପୁରୀଠାରୁ ଚନ୍ଦନପୁର ମଧ୍ୟରେ ଅକ୍ଷୟପାତ୍ର ଫାଉଣ୍ଡେଶନ ଦ୍ୱାରା ବୃହତ୍ ରାଧାକୃଷ୍ଣ ମନ୍ଦିର ନିର୍ମାଣପାଇଁ ଯୋଜନା ଚାଲିଥିବା ଜଣାଯାଏ। ଭବିଷ୍ୟତରେ ଏସବୁ ମନ୍ଦିରର ସଫଳ ରୂପାୟନ ଘଟିଲେ ପୁରୀ-କୋଣାର୍କ-ଭୁବନେଶ୍ୱରକୁ ନେଇ ଗଠିତ ସ୍ୱର୍ଣ୍ଣ ତ୍ରିଭୁଜର ଆଧ୍ୟାତ୍ମିକ ବର୍ଣ୍ଣାଢ୍ୟ ପରିବେଶ ଆହୁରି ଉଜ୍ଜ୍ୱଳ ହୋଇଉଠିବ। ଏହାଦ୍ୱାରା କୌଣସି ପୁରୁଣା ମନ୍ଦିରର ଆକର୍ଷଣ କମିଯିବ ବୋଲି ଚିନ୍ତାକରିବା ଆଦୌ ସୁସ୍ଥ ମସ୍ତିଷ୍କର କାର୍ଯ୍ୟ ନୁହେଁ। ରଘୁନାଥଙ୍କୁ ସେ ସୁଯୋଗ ଦିଆଯାଉ। ସେ ତାଙ୍କ ପାରଦର୍ଶିତା ପ୍ରତିପାଦିତ କରନ୍ତୁ। ଆମ ରାଜ୍ୟର ଐତିହ୍ୟ ବିଭବରେ ଆଉ ଗୋଟିଏ କୀର୍ତ୍ତି ସଂଯୁକ୍ତ ହେଉ।

ସମ୍ପାଦକ, ଐତିହ୍ୟ ସଂରକ୍ଷଣ ପରିଷଦ, ପୁରୀ,
ମୋ- ୯୪୩୭୧୬୬୩୬୯

# ଜନ୍ମାଷ୍ଟମୀର ବାର୍ତ୍ତା



ଡ. ପ୍ରଫୁଲ୍ଲ କୁମାର ସାହୁ

ଆଉ ଦିନକ ପରେ ଆସୁଛି ଜନ୍ମାଷ୍ଟମୀ, ଲୀଳାପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଜନ୍ମତିଥି। ଦୁଷ୍ଟ ସଂହାର ଓ ଧର୍ମ ସଂସ୍ଥାପନା ପାଇଁ ଭଗବାନ ଯୁଗେ ଯୁଗେ ଧରାଧାମକୁ ଅବତରି ଆସିଛନ୍ତି ଭିନ୍ନ ଭିନ୍ନ ରୂପରେ। ଭାଗବତରେ ଅଛି- ''ଯୁଗକୁ ଯୁଗ ଏହି ମତେ, ପରମାନନ୍ଦ ଏ ଜଗତେ।'' ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଠିକ୍ ଏହି କଥା କହିଛନ୍ତି ଗୀତାରେ। ଅର୍ଥାତ୍ ଆସୁରିକ ଶକ୍ତିର ବିନାଶ ଓ ଧର୍ମର ପୁନଃସଂସ୍ଥାପନ ହେଉଛି ଭଗବାନଙ୍କ ଧରାବତରଣର ମହାନ୍ ଉଦ୍ଦେଶ୍ୟ।

ଆଜକୁ ପ୍ରାୟ ୫୨୪୬ ବର୍ଷ ତଳର କଥା (ବିଦ୍ୱାନ୍ ବିଶ୍ୱନାଥ ଚକ୍ରବର୍ତ୍ତୀଙ୍କ କାଳ ନିରୂପଣ ଅନୁସାରେ)। ସେତେବେଳେ ନିରଙ୍କୁଶ କ୍ଷମତାର ଅଧିକାରୀ ପ୍ରବଳପ୍ରତାପୀ ମହାରାଜ କଂସର ଏକଚ୍ଛତ୍ରବାଦ ଶାସନରେ ଥରହର ହେଉଥିଲା ମଥୁରାକଟକ। ରାଜକର୍ମଚାରୀଙ୍କ ଶୋଷଣ ଓ କଷଣରେ ଅତିଷ୍ଠ ହୋଇ ତ୍ରାହି ତ୍ରାହି ଡାକୁଥିଲେ ଦୁର୍ବଳ ଏବଂ ସଦାଚାରୀ ପ୍ରଜାକୁଳ। ଏଭଳି ଅନ୍ଧାରି ଶାସନକୁ ମନେ ମନେ ବିରୋଧ କରି ଏକ ନୂତନ ରାଜନୈତିକ ଶକ୍ତିର ଅଭ୍ୟୁତ୍ଥାନ ଅପେକ୍ଷାରେ ଥିଲେ ରାଜ୍ୟର ଚିନ୍ତାଶୀଳ ପ୍ରଜା। ସମୟର ଏ ଆହ୍ୱାନକୁ ଗ୍ରହଣ କରି ରାଜତନ୍ତ୍ରବିରୋଧୀ ଏକ ବୈପ୍ଳବିକ ଶକ୍ତି ଭାବରେ ଉଭା ହେଲେ ଭଗବାନ ଶ୍ରୀକୃଷ୍ଣ।

ସେଦିନ ଥିଲା ନିଗିଡ଼ା ଭୋଦୁଅର ଅନ୍ଧାର ପକ୍ଷ। ପୂର୍ଣ୍ଣିମା ଓ ଅମାବାସ୍ୟାର ମଝାମଝି ଅଷ୍ଟମୀ ତିଥି। କଂସର କୁଶାସନ ପରି ଚାରିଆଡ଼େ ଘୋଟିଥିଲା କିଟି କିଟି ଅନ୍ଧାର। ଠିକ୍ ଅର୍ଦ୍ଧରାତ୍ର ବେଳକୁ ଏକ ଦିବ୍ୟ ଆଲୋକରେ ଝଲସିଉଠିଲା କଂସର ବନ୍ଦୀଶାଳା। ଅସହାୟତାର ବୁକୁ ଚିରି ପ୍ରତୀୟମାନ ହେଲା ବିପ୍ଳବର ବହ୍ନିମାନ ରୂପ। ବନ୍ଦିନୀ ଦେବକୀଙ୍କ ଅଷ୍ଟମ ଗର୍ଭରୁ ସାକାର ରୂପେ ପ୍ରକଟ ହେଲେ ଭଗବାନ ଶ୍ରୀକୃଷ୍ଣ। କଂସ କାରାଗାରର ଅନ୍ଧକାର ଭିତରେ ଜନ୍ମଲାଭ କରି ଜଗତ୍‌କର୍ତ୍ତା ଜଗତକୁ ଜଣେଇଦେଲେ ଅତ୍ୟାଚାରୀ କି ସ୍ୱେଚ୍ଛାଚାରୀ ପକ୍ଷରେ ନୁହେଁ, ସେ ଥାଆନ୍ତି ଦୁର୍ବଳ ଓ ସଦାଚାରୀଙ୍କ ପକ୍ଷରେ।

ଭକ୍ତିର ଅନ୍ୟ ନାମ ଆତ୍ମସମର୍ପଣ ଓ ଅହଂକାରଶୂନ୍ୟ ଆତ୍ମନିବେଦନ। ସେଭଳି ଅହଂକାରଶୂନ୍ୟ ଆତ୍ମନିବେଦନର ପ୍ରତୀକ ହେଉଛନ୍ତି ଦେବକୀ ଓ ବସୁଦେବ। ତେଣୁ ତାଙ୍କୁ ଆଦୌ ଅପ୍ରକଟ ହୋଇ ରହିଲାନି ଭଗବାନ ଶ୍ରୀକୃଷ୍ଣଙ୍କ ରୂପ। ସନ୍ତାନର ଦିବ୍ୟ ରୂପ ସଂଦର୍ଶନ ମାତ୍ରେ ଏକ ଅବ୍ୟକ୍ତ ଆନନ୍ଦରେ ଛଳ ଛଳ ହୋଇଗଲା ସେମାନଙ୍କ ଆଖି। କୃଷ୍ଣ ଚେତନାର ଅଫୁରନ୍ତ ପୁଲକରେ ପୂରିଉଠିଲା ପ୍ରାଣ। ଭକ୍ତିପୂର୍ଣ୍ଣ



ଆବେଗରେ ଆପେ ଆପେ ଯୋଡ଼ିହୋଇଗଲା ହାତ। ପରମୁହୂର୍ତ୍ତରେ ମନେ ପଡ଼ିଗଲା କ୍ରୂର କଂସର ନିଷ୍ଠୁର ଆଦେଶ। ଭୟରେ ଥରି ଉଠିଲା ଛାତି। ପିତା ବସୁଦେବଙ୍କ ତୁଣ୍ଡରୁ ସ୍ୱତଃ ବାହାରି ପଡ଼ିଲା- ''ତୋତେ ହୋ ତୁହି ରକ୍ଷା କର, ମୁଁ ଛାର ମନୁଷ୍ୟ ମାତର।'' ଦୁରାଚାରୀ କଂସ କବଳରୁ ନିଜକୁ ରକ୍ଷା କରିବାର ସାମର୍ଥ୍ୟ ଯେ ଶିଶୁ-ଶ୍ରୀହରିଙ୍କର ନ ଥିଲା ତାହା ନୁହେଁ, ମାତ୍ର ସମୟ ଯାଏ ଧୈର୍ଯ୍ୟର ସହ ଅପେକ୍ଷା କରିବା ଥିଲା ତାଙ୍କ ଚରିତ୍ରର ବୈଶିଷ୍ଟ୍ୟ। ତେଣୁ କଂସ ଭୟରେ ଗୋପପୁରରେ ଆତ୍ମଗୋପନ କରିବାର ନିଷ୍ପତ୍ତି ନେଇ ସେ ଜଗତକୁ ଜଣେଇଦେଲେ ଯେ ବିଧିର ବିଧାନ ଆଗରେ ସ୍ୱୟଂ ଭଗବାନ ବି ଅସହାୟ।

ଲକ୍ଷ୍ୟ ହାସଲ ପାଇଁ ସଂକଳ୍ପ ଦୃଢ଼ ହେଲେ ହାର୍ ମାନେ ବିପଦ। ଅଦୃଷ୍ଟର ଇଙ୍ଗିତରେ ଲକ୍ଷ୍ୟପଥରୁ ହଟିଯାଏ ଗୋଟିଏ ପରେ ଗୋଟିଏ ପ୍ରତିବନ୍ଧକ। ସେହି ନ୍ୟାୟରେ ବସୁଦେବଙ୍କ ହସ୍ତପାଦରୁ ଖୋଲିଗଲା ଶୃଙ୍ଖଳ। ଉନ୍ମୁକ୍ତ ହୋଇଗଲା କାରାଗାରର ଦ୍ୱାର ଏବଂ ପ୍ରହରୀମାନେ ଶୋଇଗଲେ ଗଭୀର ନିଦ୍ରାରେ। ଏଥିସହିତ ମୁହଁକୁ ମୁହଁ ଦିଶୁ ନ ଥିବା ମେଘଅନ୍ଧାର ରାତିରେ ବସୁଦେବଙ୍କୁ ବାଟ କଢେଇ ନେବା ପାଇଁ କ୍ଷଣକୁ କ୍ଷଣ ଚମକିଲା ବିଜୁଳି। ଉଛୁଳା ନଈ ବି ଛାଡ଼ିଦେଲା ବାଟ। ଅର୍ଥାତ୍ ପ୍ରକୃତି କେବେ ଓଗାଳେ ନାହିଁ ପ୍ରଗତିର ବାଟ। ଅନନ୍ତ ଫଣା ଟେକି ବର୍ଷାରୁ ଶିଶୁକୁ ରକ୍ଷା କଲା। ଶିଶୁ ପ୍ରତି ଏକ ମାନବେତର ପ୍ରାଣୀର ଏହି ମମତ୍ୱବୋଧ ସଂପ୍ରତି ସମାଜରେ ବଢ଼ିଚାଲିଥିବା ଶିଶୁ ନିର୍ଯାତନା ବିରୋଧରେ ଏକ ପ୍ରତିବାଦ। ଏକ ମଧୁର ଚେତାବନୀ। ବାସ୍ତବରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଥିଲେ ଅହଂକାର ଓ ଅତ୍ୟାଚାରର ଶତ୍ରୁ। ତାଙ୍କ ଧରାବତରଣ ଅନ୍ତରାଳରେ ରହିଛି ଶିଶୁ ଓ ନାରୀ ନିର୍ଯାତନା ତଥା ସକଳ ପ୍ରକାର ଅନ୍ୟାୟ ବିରୋଧରେ ସଂଗ୍ରାମର ସନ୍ଦେଶ। ଏହି ପରିପ୍ରେକ୍ଷୀରେ ଜନ୍ମାଷ୍ଟମୀର ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାଟି ହେଉଛି ପ୍ରତିକୂଳତା ସହିତ ସଂଘର୍ଷ କରି ଆଗକୁ ବଢିବାରେ ଥାଏ ଅସଲ ବୀରତ୍ୱ। ଡାରଉଇନ୍‌ଙ୍କ ବିବର୍ତ୍ତନ ତତ୍ତ୍ୱ ଅନୁସାରେ ଯିଏ ଲଢ଼ିପାରେ, ସେହି କେବଳ ଜାହିର କରିପାରେ ନିଜର ଅସ୍ତିତ୍ୱ। ଜନ୍ମାଷ୍ଟମୀ ସେହି ଲଢୁଆପଣର ଶାଶ୍ୱତ ଉଦ୍‌ଘୋଷଣା।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ- ୯୪୩୮୮୫୫୦୮୮

## ଏଇ ଭାରତରେ

ପୋଲିସର ଅନ୍ୟ ନାମ ଶାନ୍ତିରକ୍ଷକ। କିନ୍ତୁ ପୋଲିସ ପୋଷାକ ପିନ୍ଧି ଅଭିଯୋଗକାରୀ ମନରେ ଅଶାନ୍ତିର ମଞ୍ଜି ବୁଣିଲେ ସେ ସହିପାରେ ନାହିଁ। ଆତ୍ମହତ୍ୟାର ପଥ ବାଛିନିଏ। ଏପରି ଏକ ସ୍ପର୍ଶକାତର ଘଟଣା ଉତ୍ତରପ୍ରଦେଶର ଶାହାଜାହାନପୁରରେ ଘଟିଛି। ୨୮ବର୍ଷର ଜଣେ ମହିଳା ବଳାତ୍କାରର ଶିକାର ହୋଇ ଅଭିଯୋଗ ଦାଏର କରିବାକୁ ଥାନାକୁ ଯାଇଥିଲେ। ଏତଲା ଗ୍ରହଣ ବଦଳରେ ୩ ଜଣ ପୋଲିସ ଅଭିଯୁକ୍ତଙ୍କ ସହ ରଫାଦଫା କରିବାକୁ ସମ୍ପୃକ୍ତ ମହିଳାଙ୍କ ଉପରେ ଚାପ ପକାଇଥିଲେ। ଏଥିନେଇ ମହିଳା ଜଣକ ଅତ୍ୟନ୍ତ ନିରାଶ ହୋଇପଡ଼ିଥିଲେ। ସେ ଏତେ ଧୈର୍ଯ୍ୟହରା ହୋଇପଡିଥିଲେ ଯେ, ଥାନା ପରିସରରେ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଗୁରୁବାର ତାଙ୍କୁ ଜିଲା ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ମହିଳାଙ୍କ ସ୍ୱାମୀ ବଳାତ୍କାର ଏବଂ ଆତ୍ମହତ୍ୟା ପାଇଁ ସୁଯୋଗ ସୃଷ୍ଟିକରିବା ଅଭିଯୋଗରେ ଏକ ମାମଲା ଦାଏର କରିଛନ୍ତି। ଉକ୍ତ ଘଟଣାରେ ଥାନା ଇନ୍-ଚାର୍ଜଙ୍କ ସମେତ ଦୁଇଜଣ ସବ୍‌ଇନ୍ସପେକ୍ଟରଙ୍କୁ ନିଲମ୍ବିତ କରାଯାଇଛି।

### ଚିରନ୍ତନୀ

ମଳିନ କ୍ଷୀଣ ଧୂସର ଦେହ ତୁଟିଛି ତା'ର ଆକାଶ ଗେହ
ଭୂତଳେ ପଡ଼ି ପରାଣ ତା'ର ମାଗଇ ସୁଖ ମାଗଇ ସ୍ନେହ।
(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧ ସେପ୍ଟେମ୍ବର ୧୯୯୩

- ବ୍ରାଜିଲର ଏକ ବସ୍ତି ଉପରେ କେତେକ ଅଜ୍ଞାତ ବନ୍ଧୁକଧାରୀ ଆଖିବୁଜା ଗୁଳି ଚାଳନା କରିବା ଫଳରେ ୨୧ ଜଣଙ୍କ ମୃତ୍ୟୁ।
- ଯୋଜନା କମିଶନ ଉପାଧ୍ୟକ୍ଷ ପ୍ରଣବ ମୁଖାର୍ଜୀ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବାଣିଜ୍ୟ ମନ୍ତ୍ରୀ ଭାବେ ସାମିଲ ହେଲେ।



ଜିଲା ଡାଏରୀ

## ଢେଙ୍କାନାଳ

### ଶୃଙ୍ଖଳିତ ବିଭାଗରେ ବିଶୃଙ୍ଖଳା

ଢେଙ୍କାନାଳ ଜିଲାରେ ପୋଲିସ ପ୍ରଶାସନ ଭଳି ଶୃଙ୍ଖଳିତ ବିଭାଗରେ ବିଶୃଙ୍ଖଳା ଚିନ୍ତାଜନକ ହୋଇଛି। ଗତ ୨୪ ତାରିଖରେ ଏକ କୋଇଲା ଡିପୋରେ ଚୋରାଚାଲାଣ ଓ ଅପମିଶ୍ରଣକୁ ନେଇ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ଘଟଣା ସମ୍ପର୍କରେ ତଥ୍ୟ ଜାଣିବା ପାଇଁ ଖବରଦାତାମାନେ ଥାନା ଅଧିକାରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଥାନା ଅଧିକାରୀ ଜଣେ ଏଏସ୍‌ଆଇଙ୍କ ଜରିଆରେ ଜଣେ ଗିରଫ ଅଭିଯୁକ୍ତଙ୍କୁ ସମ୍ମୁଖକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇ ତାଙ୍କଠାରୁ ସିଧାସଳଖ ସବୁ ଶୁଣିବା ପାଇଁ କହିଥିଲେ। କିଛି ସମୟ ପରେ ଏଏସ୍‌ଆଇ ଜଣକ ଏସ୍‌ଆଇ ଅଭିଯୁକ୍ତଙ୍କୁ ନେବା ପାଇଁ ମନାକଲେ ବୋଲି କହି ଖାଲି ହାତରେ ଫେରିଆସିବାରୁ ଖବରଦାତାମାନଙ୍କ ସମ୍ମୁଖରେ ଥାନା ଅଧିକାରୀ ଉତ୍ତେଜିତ ହୋଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କଲେ। ଏସ୍‌ଆଇ ବାଧ୍ୟହୋଇ ଅଭିଯୁକ୍ତଙ୍କୁ ପଠାଇଲେ। ଅଭିଯୁକ୍ତଙ୍କୁ ଏଭଳି ଶିକ୍ଷା ଦିଆଯାଇଥିଲା ଯେ, ସେ ଖବରଦାତାଙ୍କ ଆଗରେ ମୁହଁ ଖୋଲିଲେ ନାହିଁ। ଶୃଙ୍ଖଳିତ ବିଭାଗରେ ଏଭଳି ବିଶୃଙ୍ଖଳା ସ୍ପୃହଣୀୟ ନୁହେଁ।

-ରତନ ନାୟାର

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସ ଫେଲ

ମହାଶୟ,

ଆପଣଙ୍କ ସମ୍ପାଦକୀୟ 'ପୋଲିସ ଫେଲ' ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ। ୧୨୨ରୁ ୧୧୯-ଆଇପିଏସ୍ ଅଫିସର ଫେଲ ବୋଲି ପ୍ରକାଶ ପାଇଛି। ଦେଶର ଆଇନକାନୁନ୍ ବ୍ୟବସ୍ଥା କିପରି ନିମ୍ନଗାମୀ ହୋଇସାରିଲାଣି, ତାହା ବେଶି ଭାବିବସିଲେ ରକ୍ତଚାପ ବଢିଯାଇପାରେ। ଏପରି ପରୀକ୍ଷାମାନ ପୂର୍ବ ସରକାର ଅମଳରେ ବି ହେବା ଉଚିତ ଥିଲା। ଏହି ଅଫିସରମାନଙ୍କ ଉପରେ ଥିବା ଟାଣୁଆ ପୋଲିସ ଅଫିସର ମଧ୍ୟ (ଡିଜି ଓ ଡିଆଇଜି ପ୍ରମୁଖ) ଏହି ଦିଗ ସମୂହକୁ ଅଧିକ ଧ୍ୟାନ ଦେବା ଆବଶ୍ୟକ।

ପ୍ରଫୁଲ୍ଲ କୁମାର ନାୟକ, ବୋଷ କଲୋନୀ, କଟକ

### ପାହାଡ଼ିଆ ଜମିରେ ମିଶ୍ରିତ ଚାଷ

ଧରିତ୍ରୀରେ ପ୍ରକାଶିତ ବିଚିତ୍ର ବିଶ୍ୱାଳଙ୍କ ନିବନ୍ଧ ଅନୁଯାୟୀ, ପାହାଡ଼ିଆ ଜମି କି ଡଙ୍ଗରରେ ଆଦିବାସୀମାନେ କେଉଁ କାଳରୁ ବିଭିନ୍ନ ପ୍ରକାର ଫସଲ ଯଥା କାନ୍ଦୁଲ, ମାଣ୍ଡିଆ, ମକା, ଜନା, ତୈଳବୀଜ, ପରିବା ଆଦି ଚାଷ କରିଆସୁଛନ୍ତି। ସମତଳ ଜମିର ଚାଷୀ କେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲ ନଷ୍ଟ ହେବାରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଥିବା ବେଳେ ଆଦିବାସୀ ଏପରି ଆତ୍ମହତ୍ୟା କରିବା କ୍ୱଚିତ୍ ଦେଖାଯାଏ। କୃଷି ବିଭାଗ ଏହି ଚାଷୀମାନଙ୍କୁ କୃଷିରେ ଉନ୍ନତି ନିମନ୍ତେ ସହାୟତା କଲେ ସେମାନଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ହେବ, ଏଥିରେ ସନ୍ଦେହ ନାହିଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | A | 3 | 5 | D | | | C | | | | 7 | | 8 | |
| 9 | | | 2 | | | | 4 | D | 1 | B | | | | |
| | 6 | 0 | | | 1 | | | 9 | | | | | | |
| | | 2 | 7 | | | | | | | 3 | | D | 4 | 5 |
| | C | | 8 | | | 3 | A | | | | | | | 6 |
| E | | C | | | D | 4 | 3 | | | | 2 | | B | |
| | 4 | | | | | 9 | | A | | 6 | | E | | |
| D | | | | | | | | 5 | | 1 | | | | 7 |
| | 8 | | | | 9 | B | | | 3 | E | | | 5 | |
| | | B | 4 | 8 | A | | 0 | | C | D | | | | |
| | | | | | | | | 0 | 6 | 2 | | | D | B |
| | | | E | | | | | 7 | | | | | | |
| | | | A | 5 | 2 | | 6 | | | | D | 9 | | 0 |
| B | | | | | | | 5 | 3 | 9 | | | 6 | | 2 |
| 0 | 9 | 1 | | 6 | | | | 2 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | E | 4 | 0 | 3 | 7 | 8 | A | 6 | C | D | 2 | 5 | B | 1 |
| 7 | C | 1 | 8 | 9 | B | 2 | 3 | D | 0 | A | 5 | E | 6 | 4 |
| D | B | 2 | C | 1 | 4 | E | 9 | 5 | 8 | 7 | 6 | A | 3 | 0 |
| A | 6 | 0 | D | 2 | 5 | B | 4 | 1 | E | 3 | 9 | C | 8 | 7 |
| 3 | 5 | 8 | E | A | 6 | C | 0 | 7 | 4 | B | 1 | D | 9 | 2 |
| 0 | 9 | C | A | E | 2 | 7 | 6 | B | 1 | 4 | 3 | 8 | 5 | D |
| 2 | A | B | 5 | 7 | D | 4 | 8 | C | 6 | 0 | E | 3 | 1 | 9 |
| 6 | 4 | E | 9 | 0 | C | D | 1 | 3 | A | 5 | 8 | 2 | 7 | B |
| 1 | 3 | 5 | 4 | B | 8 | 9 | E | 2 | D | C | 7 | 6 | 0 | A |
| 8 | 7 | D | 1 | 6 | 3 | 0 | 5 | A | 2 | 9 | B | 4 | C | E |
| C | 0 | 7 | B | 5 | 9 | A | D | 8 | 3 | E | 4 | 1 | 2 | 6 |
| E | 2 | 6 | 7 | C | 0 | 3 | B | 4 | 5 | 1 | D | 9 | A | 8 |
| 4 | 1 | 3 | 6 | 8 | E | 5 | 7 | 0 | 9 | 2 | A | B | D | C |
| B | 8 | 9 | 3 | D | A | 1 | 2 | E | 7 | 6 | C | 0 | 4 | 5 |
| 5 | D | A | 2 | 4 | 1 | 6 | C | 9 | B | 8 | 0 | 7 | E | 3 |

ଗତକାଲିର ଉତ୍ତର

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧ ସେପ୍ଟେମ୍ବର, ୨୦୧୮



କେତେ ଦାନ ଦେଲ ସେଇଟା ବଡ଼ କଥା ନୁହେଁ, କିଭଳି ଭାବରେ ଦେଲ ତାକୁ ହିଁ ଭଗବାନ ଭଲ ଭାବରେ ଲକ୍ଷ୍ୟ କରିଥାନ୍ତି।
- ଆବ୍ରାହମ ଲିଙ୍କନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସଦ୍‌ଗୁରୁ ସାଇନାଥ ମହାରାଜଙ୍କ ୭ମ ବାର୍ଷିକ ମହୋତ୍ସବ-୨୦୧୮ ଅବସରରେ କଳସ ଯାତ୍ରା, ନୀଳାଦ୍ରି ବିହାର ହିଲ୍‌ଟପ୍‌ସ୍ଥିତ ଶ୍ରୀଶିରିଡ଼ି ସାଇ କୁଟିର ପ୍ରାଙ୍ଗଣ, ସକାଳ ୭ଟା।
- ଲୟୋଲା ସ୍କୁଲ, ଭୁବନେଶ୍ୱର ଓ ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ '୮ମ ଆଦିତ୍ୟ ମେମୋରିଆଲ କୁଇଜ୍-୨୦୧୮', ଏକ୍ସଆଇଏମ୍‌ବି ଅଡିଟୋରିୟମ୍, ଜାଭିୟର ଛକ, ସକାଳ ୯ଟା।
- ଜାଭିୟର ୟୁନିଭର୍ସିଟି, ଭୁବନେଶ୍ୱରର ମିଡିଆ ଆଣ୍ଡ ପିଆର୍ ସେଲ ପକ୍ଷରୁ ମିଡିଆ କନ୍‌କ୍ଲେଭ 'କମ୍ୟୁନିକ୍ ଏକ୍ସୟୁବି', ମିନି ଅଡିଟୋରିୟମ୍, ଏକ୍ସୟୁବି, ପୂର୍ବାହ୍ନ ୧୦ଟା।
- ଇଣ୍ଡିଆନ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା(ପିଏମ୍‌ୟୁୱାଇ) କାରବାନ୍ ଟକିଜ୍‌ର ଉଦ୍‌ଘାଟନ, ଇଣ୍ଡିଆନ ଅଏଲ୍ ଭବନ, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା ୩୦।
- ପ୍ରଦର୍ଶନୀ 'ସିଲ୍‌କ ଇଣ୍ଡିଆ-୨୦୧୮', ଦି ନ୍ୟୁ ମାରିୟନ, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୮ଟା ୩୦।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ଅଖିଳ ଭାରତ କୃଷକ ସଭା ପକ୍ଷରୁ ବିକ୍ଷୋଭ, ଲୋୟର୍ ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ସାଥ୍-ସାଥ୍'ର ପଞ୍ଚମ ଦିବସ, ଗ୍ୟାଲେରି ପରିସର, ପୂର୍ବାହ୍ନ ୧୧ଟା ୩୦।
- ଆଇବିଏସ୍ ବିଜିନେସ୍ ସ୍କୁଲ ପକ୍ଷରୁ ଫାକଲ୍‌ଟି ନଲେଜ୍ ଶେୟାରିଂ ପ୍ରୋଗ୍ରାମ, ହୋଟେଲ ପ୍ରେସିଡେନ୍ସି, ମଧ୍ୟାହ୍ନ ୧୨ଟା।
- ହିନ୍ଦୀ ପଖୱାଡା-୨୦୧୮ର ଉଦ୍‌ଘାଟନୀ ଉତ୍ସବ, ବିଏସ୍‌ଏନ୍‌ଏଲ୍ ଭବନ, ଚତୁର୍ଥ ମହଲା, ଅଶୋକ ନଗର, ମଧ୍ୟାହ୍ନ ୧୨ଟା।
- ଦି ଇନ୍‌ଷ୍ଟିଚ୍ୟୁଟ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ବର୍ଷ ଜାତୀୟ ସମ୍ମିଳନୀ ଉଦ୍‌ଯାପନ, ହୋଟେଲ ମେଫେୟାର କନ୍‌ଭେନଶନ, ଅପରାହ୍ନ ୧୨ଟା ୩୦।
- 'ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ'ର ଶୁଭାରମ୍ଭ ସମାରୋହ, ମୁଖ୍ୟ ମହାଡାକପାଳ, ଓଡ଼ିଶା ସର୍କଲ ଅଫିସ କ୍ୟାମ୍ପସ, ଅପରାହ୍ନ ୨ଟା ୩୦।
- ଧର୍ମ ଜାଗରଣ ସମିତି, ଓଡ଼ିଶା ପକ୍ଷରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ, ସରସ୍ୱତୀ ଶିଶୁ ମନ୍ଦିର, ୟୁନିଟ୍-୮, ସନ୍ଧ୍ୟା ୬ଟା ୩୦।

**କଟକ**

- ମହାକବି ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ, ଗଡ଼ଗଡ଼ିଆ ଘାଟ, ସକାଳ ୯ଟା।
- ଏଲ୍‌ଆଇସିର ୬୨ତମ ବାର୍ଷିକ ଉତ୍ସବ ଏବଂ ବୀମା ସପ୍ତାହ ପାଳନ, ଡିଭିଜନାଲ୍ ଅଫିସ କ୍ୟାମ୍ପସ, ନୂଆପାଟଣା, ପୂର୍ବାହ୍ନ ୧୦ଟା ୩୦।
- ସିଡିଏ ପକ୍ଷରୁ ଦୁଇ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ, ସେକ୍ଟର-୮ ଓ ୯, ଅଭିନବ ବିଡ଼ାନାସୀ, ପୂର୍ବାହ୍ନ ୧୧ଟା।
- ସିଡିଏର ୩୬ତମ ବାର୍ଷିକ ଉତ୍ସବ, ସିଡିଏ ପରିସର, ଅରୁଣୋଦୟ ମାର୍କେଟ, ମଧ୍ୟାହ୍ନ ୧୨ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୨୬ତମ ଇଣ୍ଡିଆ ଥିଏଟର ଅଲିମ୍ପିଆଡ୍ ଉଦ୍‌ଘାଟନ, ସାରଳା ଭବନ, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ଏଲ୍‌ଆଇସି ବୀମା ସପ୍ତାହ ପାଳନ, ଏଲ୍‌ଆଇସି କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଟ୍ୟାଲେଣ୍ଟ ଫେଷ୍ଟ, ପୌରସଦନ, ଅପରାହ୍ନ ୨ଟା।
- ସର୍ବଭାରତୀୟ ଡାକ ଚେସ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ହଲିଡେ ରିସର୍ଟ, ଅପରାହ୍ନ ୨ଟା ୩୦।

**ବାଲିଅନ୍ତା**

- ଜବାହରଲାଲ ନେହେରୁ ଉଚ୍ଚ ମାଧମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ, ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ୩୦।

**ସାକ୍ଷୀଗୋପାଳ**

- ଶ୍ରୀକୃଷ୍ଣ ଜନ୍ମୋତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ଅଧିବାସ, ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ପୂର୍ବାହ୍ନ ୧୧ଟା। ସାଂସ୍କୃତିକ କାର୍ଯ୍ୟକ୍ରମ, ରାତି ୭ଟା।



ଶୁକ୍ରବାର ମଧ୍ୟାହ୍ନରେ ରାଜଧାନୀର ୟୁନିଟ୍-୩ ରାମ ମନ୍ଦିର ଅଞ୍ଚଳରେ ବର୍ଷା ସମୟର ଦୃଶ୍ୟ।

### ଜାଲ ଦିବ୍ୟାଙ୍ଗ ପ୍ରମାଣପତ୍ରରେ ନାମଲେଖା ମହଙ୍ଗା ପଡ଼ିଲା

# ୧୮ ଛାତ୍ରୀଛାତ୍ରଙ୍କ ନାମଲେଖା ରଦ୍ଦ

**ପୁରୀ ଅଫିସ, ୩୧।୮**

ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ଯୁକ୍ତ୩ରେ ଦିବ୍ୟାଙ୍ଗ କୋଟାରେ ଜାଲ ପ୍ରମାଣପତ୍ର ଦେଇ ୧୯ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ର ପୂର୍ବରୁ ଟିସି ନେଇ କଲେଜ ଛାଡ଼ିଛନ୍ତି। ବାକି ୧୮ଜଣଙ୍କ ନାମଲେଖାକୁ କଲେଜ କର୍ତ୍ତୃପକ୍ଷ ରଦ୍ଦ କରିଛନ୍ତି। ଏନେଇ କଲେଜ ଅଧକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର କୁହନ୍ତି, ଜାଲ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗକୁ ଜଣାଇ ଦିଆଯାଇଥିଲା। ଗତ ଶନିବାର କଲେଜର ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ଷ୍ଟାଫ କାଉନ୍‌ସିଲ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଧରାପଡିଥିବା ଛାତ୍ରୀଛାତ୍ରଙ୍କ ନାମଲେଖା ରଦ୍ଦ ଲାଗି ନିଷ୍ପତ୍ତି ହୋଇଥିଲା। ନାମଲେଖା ରଦ୍ଦ ହୋଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ନୋଟିସ ବୋର୍ଡରେ ଲଗାଯାଇଛି।

ପ୍ରକାଶ ଯେ, ଚଳିତବର୍ଷ ଯୁକ୍ତ ୩ ଏବଂ ସ୍ନାତକୋତ୍ତର ବିଭାଗରେ ୩୭ ଛାତ୍ରୀଛାତ୍ର ଜାଲ ପ୍ରମାଣପତ୍ର ଦେଇ ନାମ ଲେଖାଇଥିବା ଅଭିଯୋଗ ହୋଇଥିଲା। ସାର୍ଟିଫିକେଟ ଯାଞ୍ଚ ଲାଗି କଲେଜ କର୍ତ୍ତୃପକ୍ଷ ପୁରୀ ସିଡିଏମ୍‌ଓଙ୍କ ନିକଟକୁ ପଠାଇଥିଲେ। ସିଡିଏମ୍‌ଓ ଏହାର ତଦନ୍ତ କରି ୧୯ଟି ସାର୍ଟିଫିକେଟରେ ତ୍ରୁଟି ରହିଥିବା ଦର୍ଶାଇଥିଲେ।



OFFICE OF THE PRINCIPAL, S.C.S. (AUTONOMOUS) COLLEGE, PURI
NO. 3309 / DATE. 29.08.2018
IMPORTANT NOTICE
(Cancellation of Provisional Admission of Candidates who had submitted Fake Disability Certificates for Admission into +3 1st Year Arts/ Science/ Commerce Class During 2018-19 against Reserved (Quota) Seats meant for Physically Handicapped Candidates).

In continuation to this office notice No. 3246/ Dt. 25.08.2018 it is informed to all concerned that neither any of the candidates (as per the list mentioned below) turned up to meet the undersigned nor submitted any written statement/ explanation within the stipulated period about submission of fake/ forged disability certificates for taking admission against reserved (quota) seats for Physically Handicapped candidates into +3 1st year degree class in Arts/ Science/ Commerce stream during this session 2018-19. It was clearly notified in the said notice that if no reply is received from any or all of the candidates within the stipulated period actions as deemed proper will be taken against them.

| Slr | Applicant Name | Category | Sex (M/F) | Roll No. | MRIN | Barcode No. |
|---|---|---|---|---|---|---|
| 1 | Satyanarayan Maharana | General | Male | BA18-416 | 26152302/0171 | 18D264029 |
| 2 | Palak Somantray | General | Female | BA18-424 | 26152302/0178 | 18D256116 |
| 3 | Satyabhama Swain | General | Female | BA18-426 | 26152302/0177 | 18D255287 |
| 4 | Satyanarayan Behera | General | Male | BA18-429 | 26152302/0172 | 18D274148 |
| 5 | Sai Charan Bej | General | Male | BA18-450 | 26151403/0579 | 18D272262 |
| 6 | Durga Prasad Gupta | General | Male | BA18-451 | 26151403/0576 | 18D271952 |
| 7 | Archana Dash | General | Female | BA18-453 | 26151403/0577 | 18D253693 |
| 8 | Sabil Kumar Das | General | Male | BC18-163 | 26151403/0458 | 18D234512 |
| 9 | Arpita Mishra | General | Female | BC18-166 | 26151403/0572 | 18D257772 |
| 10 | Bishnu Prasad Behera | General | Male | BC18-171 | 26151905/1529 | 18D242531 |
| 11 | Debi Prasad Brahma | General | Male | BC18-172 | 26152302/0170 | 18D263001 |
| 12 | Nrusingha Narayan Sahoo | General | Male | BC18-173 | 26152302/0167 | 18D274058 |
| 13 | Ikshree Panda | General | Female | BC18-174 | 26151905/1531 | 18D235250 |
| 14 | Samir Kumar Sahoo | General | Male | BC18-178 | 26132902/0601 | 18D245135 |
| 15 | Subham Mohanty | General | Male | BC18-177 | 26151905/1530 | 18D247461 |
| 16 | Queen Mohanty | General | Female | BC18-181 | 26152302/0182 | 18D253972 |
| 17 | Simran Panda | General | Female | BS18-088 | 26151905/1637 | 18D234275 |
| 18 | Ankita Dash | General | Female | BS18-709 | 26151905/1780 | 18D294673 |

Under the above circumstances as per the resolution of the meeting of HODs and members of Admission Committee held on 25.08.2018 it is hereby notified that the provisional admission of the above candidates into +3 1st year degree class in Arts/ Science/ Commerce stream during this session 2018-19 is cancelled. Their names be struck off from the Admission Register/ Long Roll/ Attendance Register and they are no more the students of this college.

This fact shall be intimated to Govt. (Performance Tracking Cell)/ OCAC, Bhubaneswar for taking further necessary action at their end.

Principal
S.C.S. (A) College

Memo No 3310 / Date 29.08.2018
Copy to District Informatics Officer, NIC, Puri for information and necessary action with request to upload the same in the college website: www.scscollege.nic.in for the interest of the public.

# ରାହୁରେଖା ଲାଗି ହେଲେ ମହାପ୍ରଭୁ

**ପୁରୀ ଅଫିସ, ୩୧।୮**

ପବିତ୍ର ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଶୁକ୍ରବାର ମହାପ୍ରଭୁଙ୍କୁ ସୁନା ରାହୁରେଖା ଲାଗି କରାଯାଇଛି। ଦଇତାପତି ସେବକମାନେ ରାହୁରେଖା ଲାଗି କରିଛନ୍ତି। ଏଥିପାଇଁ ଅପରାହ୍ନ ୨ଟାରୁ ସନ୍ଧ୍ୟା ପ୍ରାୟ ୬ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା।

ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ଅପରାହ୍ନ ୨ଟାରୁ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଏହାପରେ ପାଳିଆ ପୁଷ୍ପାଳକ ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କୁ ଖୋବାକଣ୍ଠି ମଇଲମ କରିଥିଲେ। ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରକୁ ବିଜେ କରାଇଥିଲେ। ଶୁଦ୍ଧସୁଆରମାନେ ରତ୍ନସିଂହାସନ ତଳେ ଓସୁଅ ପ୍ରସ୍ତୁତ କରିଥିଲେ। ବୋଇରାଣି ପାହାଡା ପକାଇଥିଲେ। ପାହାଡା ଉପରେ ବଣିଆମାନେ ସଫା କରିଥିବା ସୁନା ରାହୁରେଖା ରଖି ଓସୁଅରେ ମୁହଁ ବନ୍ଦ କରିଥିଲେ। ପତିମହାପାତ୍ର ରାହୁରେଖାକୁ ସଂସ୍କାର କରିବା ପରେ ଦଇତାପତିମାନେ ଶୁଦ୍ଧ ସୁଆରଙ୍କଠାରୁ ଓସୁଅ ଏବଂ ଚାଙ୍ଗଡା ମେକାପଙ୍କଠାରୁ ବଇତମ (ଛିଣ୍ଡା କନା) ନେଇ ରାହୁରେଖା ଲାଗି କରି ରୁନ୍ଧା କାର୍ଯ୍ୟ ସମାପନ କରିଥିଲେ। ସନ୍ଧ୍ୟା ୬ଟାରେ ରାହୁରେଖା ଲାଗି ସମ୍ପୂର୍ଣ୍ଣ ହୋଇଥିଲା। ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରୁ ଆଣି ରତ୍ନସିଂହାସନରେ ବିଜେ କରାଇଥିଲେ। ଠାକୁରମାନଙ୍କ ମଇଲମ ହୋଇ ବେଶ ବଢିଥିଲା। ମଧ୍ୟାହ୍ନଧୂପ ପୂଜା ସରିବା ପରେ ପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ୩ ବାଡ଼ରେ ବନ୍ଦାପନା କରିଥିଲେ। ମହାସ୍ନାନ ପରେ ଭକ୍ତଙ୍କୁ ଦର୍ଶନ ପାଇଁ ଛଡା ଯାଇଥିଲା।

ସୂଚନାଯୋଗ୍ୟ, ରାହୁରେଖା ହେଉଛି ମହାପ୍ରଭୁଙ୍କ ଶ୍ରୀମୁଖକୁ ଉଦ୍‌ଭାସିତ କରୁଥିବା ଏକ ସୁବର୍ଣ୍ଣ ଅଳଙ୍କାର। ଦେବସ୍ନାନ ପୂର୍ଣ୍ଣିମାରେ ରତ୍ନଚିତା ଏବଂ ରାହୁରେଖା ଓଲାଗି ହୋଇଥାଏ। ସପ୍ତାବରଣ କାର୍ଯ୍ୟ ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ରତ୍ନଚିତା ଏବଂ ରାହୁରେଖା ଲାଗି ହେବା ପରେ ଶ୍ରୀଅଙ୍ଗ ସ୍ୱୟଂ ସମ୍ପୂର୍ଣ୍ଣ ହୋଇଥାଏ। ଚିତାଲାଗି ଅମାବାସ୍ୟାରେ ରତ୍ନଚିତା ଏବଂ ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀରେ ରାହୁରେଖା ଲାଗି ହୋଇଥାଏ।




NATIONAL INSTITUTE OF FASHION TECHNOLOGY, BBSR
(Ministry of Textile, Govt. of India)
**E-TENDER NOTICE**
E-Tenders are invited by NIFT Bhubaneswar for Providing House-keeping Services, Annual Maintenance Contract (AMC) of Dell make Laptops and Procurement of Apple make Laptops. Last date for receipt of e-tenders are 24.09.2018, 25.09.2018 and 26.09.2018 respectively. - Director

## ବିମାନବନ୍ଦରରେ ନିର୍ମାଣ ହେବ ସେରିମୋନିଆଲ ଲାଉଞ୍ଜ

**ଭୁବନେଶ୍ୱର, ୩୧।୮(ବ୍ୟୁରୋ):** ଖୁବ୍‌ଶୀଘ୍ର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପରିସରରେ ନିର୍ମାଣ ହେବ ଭିଭିଆଇପି ସେରିମୋନିଆଲ ଲାଉଞ୍ଜ। ବିମାନବନ୍ଦର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏହା ନିର୍ମାଣ କରାଯିବ ବୋଲି ଯୋଜନା ହୋଇଛି। ଏହି ଲାଉଞ୍ଜରେ ୫ଷ୍ଟାର ହୋଟେଲର ବନ୍ଦୋବସ୍ତ ରହିବ। ଭିଭିଆଇପି ଗସ୍ତରେ ସାଧାରଣ ଯାତ୍ରୀ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ଏଥିପାଇଁ ଜାଗା ଚିହ୍ନଟ ସରିଛି। ଏଥିସହିତ ଟର୍ମିନାଲ ପାଖରେ ଥିବା କାର୍ଗୋ ଟର୍ମିନାଲକୁ ସ୍ଥାନାନ୍ତର କରାଯିବ। ବିମାନବନ୍ଦର ପରିସରରେ ଘରୋଇ ଆନ୍ତର୍ଜାତୀୟ କାର୍ଗୋ ଟର୍ମିନାଲ ରହିଛି। ଯାତ୍ରୀମାନଙ୍କ ଯିବା ଆସିବା ରାସ୍ତାରେ କାର୍ଗୋ ଗାଡ଼ି ମଧ୍ୟ ଯିବା ଆସିବା କରୁଛି। ଯାହା ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆଗାମୀ ଦିନରେ କାର୍ଗୋ ପାଇଁ ସ୍ୱତନ୍ତ୍ର ପ୍ରବେଶ ପଥ ଓ ସ୍ୱତନ୍ତ୍ର ଟର୍ମିନାଲ ନିର୍ମାଣ ପାଇଁ ଯୋଜନା କରାଯାଇଛି। ବିମାନବନ୍ଦରର ଦକ୍ଷିଣ ପଶ୍ଚିମ ଦିଗରେ ଏଥିପାଇଁ ସ୍ଥାନ ନିରୂପଣ କରାଯାଉଛି। କାର୍ଗୋ ଟର୍ମିନାଲ ସ୍ଥାନାନ୍ତର ହେଲେ ଯାତ୍ରୀମାନଙ୍କ ଯାତାୟାତ ସୁବିଧା ହୋଇପାରିବ ବୋଲି ସାଧାରଣ ଲୋକ ଆଶା ରଖିଛନ୍ତି।

## ପୌର ପରିଷଦ, ମାଲକାନଗିରି
### ନିବେଦନ

ପବିତ୍ର ସ୍ୱାୟତ୍ତ ଶାସନ ପାଳନ ଅବସରରେ ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୦୧।। ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟବସ୍ତୁ ଏକ ଥାଳିରେ (Dustbin) ସଂଗୃହୀତ କରି ରଖିବେ ଏବଂ ତତ୍ ପରଦିନ ପୂର୍ବାହ୍ନରେ ପରିଷଦରେ ଆବର୍ଜନା ବାହନରେ ପକାଇବେ।
୦୨।। ଅଯଥା ନିଜ ଆବର୍ଜନା ନିଜ ଦୋକାନ ସାମ୍ନାରେ ଥିବା ନର୍ଦ୍ଦମାରେ/ରାସ୍ତାରେ ପକାଇବେ ନାହିଁ।
୦୩।। ସେହିଭଳି ସହରର ସମସ୍ତ ନାଗରିକ ମଧ୍ୟ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ଏକ ଥାଳିରେ ରଖି ନିର୍ଦ୍ଦିଷ୍ଟ ଆବର୍ଜନା ବାହନରେ ପକାଇବେ ଅଥବା ନିକଟସ୍ଥ ଆବର୍ଜନା କୁଣ୍ଡରେ ପକାଇବେ।
୦୪।। କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ।
୦୫।। କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା:- ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡିବେ ନାହିଁ।
୦୬।। କୌଣସି ନାଗରିକ ଯଦି ଆବର୍ଜନା ଓ ନିର୍ମାଣ ସାମଗ୍ରୀ ପକାଇ ରାସ୍ତା ତଥା ନର୍ଦ୍ଦମା ଅବରୋଧ କରନ୍ତି ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପରିଷଦ ବାଧ୍ୟ ହେବେ।
୦୭।। ଗୃହ ନିର୍ମାଣ (Building Plan Approval) କରିବା ନିମନ୍ତେ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ, ମାଲକାନଗିରିଙ୍କ ଅନୁମତି ନିତାନ୍ତ ଜରୁରୀ ଅଟେ। ଅନ୍ୟଥା ତାହା ଆଇନ ଅନୁଯାୟୀ ସ୍ୱୀକୃତି ହେବ ନାହିଁ।
୦୮।। ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License) ପୌର ପରିଷଦ ମାଲକାନଗିରିଙ୍କ ଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟୀ ସ୍ଥଳିରେ ଲଗାଇ ରଖିବେ।
୦୯।। ଦୁଇ ଚକିଆ ଓ ଚାରି ଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ।
୧୦।। ସହରକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ତେଣୁ ନିଜ ନିଜର କର୍ତ୍ତବ୍ୟ ପାଳନ କରି ପରିଷଦଙ୍କୁ ସହଯୋଗ ପ୍ରଦାନ କରନ୍ତୁ।
୧୧।। ସମସ୍ତଙ୍କ ଘରେ ଶୌଚାଳୟ ନିର୍ମାଣ କରି ଧାର୍ଯ୍ୟ ସରକାରୀ ସୁବିଧା ପ୍ରାପ୍ତ କରନ୍ତୁ।
୧୨।। ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ।
୧୩।। ପଲିଥିନ୍ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ, ମାଲକାନଗିରି
ସ୍ୱା./-ଉପାଧକ୍ଷ, ପୌର ପରିଷଦ, ମାଲକାନଗିରି
ସ୍ୱା./- ଅଧକ୍ଷା, ପୌର ପରିଷଦ, ମାଲକାନଗିରି

## ସେଲ୍‌ଫି କର୍ଣ୍ଣର

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।





@ ଅନୁପମ



@ ଚିନୁ



@ କ୍ରିଷ୍ଣା



@ ବିଶ୍ୱ



@ ସୁନୟନା



@ ରଜତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ପୂର୍ବ ତଟ ରେଳପଥ

**କପିଳାସ ରୋଡ଼ ଠାରୁ ସାଳଗାଁ ଷ୍ଟେସନ ଦୋହରୀକରଣ ଲାଇନ୍‌ରେ ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ ସମ୍ବନ୍ଧୀୟ ସାର୍ବଜନିକ ଅଧିସୂଚନା**

ପୂର୍ବ ତଟ ରେଳପଥ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ନିମ୍ନ ବର୍ଣ୍ଣିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳବାଇ ଲାଇନ୍ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହା ପରେ **25,000 ଭୋଲ୍ଟ, 50 Hz, AC** ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ କରାଯିବ। ସେହି ତାରିଖ ଦିନ ଓ ତାହା ପର ଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନ୍‌ରେ ସବୁ ସମୟ ପାଇଁ ବିଦ୍ୟୁତ୍ ପ୍ରବାହିତ ହେବ। ଏଣୁ କୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭର ହେଡ୍ ଲାଇନ୍ ନିକଟକୁ ଯିବେ ନାହିଁ କିମ୍ବା ତାହାର ଆଖପାଖରେ କୌଣସି କାର୍ଯ୍ୟ କରିପାରିବେ ନାହିଁ।

**କପିଳାସ ରୋଡ଼ ଠାରୁ ସାଳଗାଁ ଷ୍ଟେସନ ପର୍ଯ୍ୟନ୍ତ ଦୋହରୀକରଣ:**

| କ୍ର. ସଂ. | ସେକ୍ସନ | ସିଏଚ୍ ଠାରୁ | ସିଏଚ୍ ପର୍ଯ୍ୟନ୍ତ | ମୋଟ କି.ମି. |
|---|---|---|---|---|
| କ | କପିଳାସ ରୋଡ଼ ୟାର୍ଡ଼ | | | |
| 1. | କ୍ରସ୍ ଓଭର-51 | 392/612.50 | 392/725.00 | 112.50 |
| 2. | କ୍ରସ୍ ଓଭର-53 | 392/779.00 | 392/891.50 | 112.50 |
| 3. | କ୍ରସ୍ ଓଭର-55 | 392/945.50 | 392/995.00 | 49.50 |
| 4. | R-4 ସଂପ୍ରସାରଣ,କପିଳାସ ରୋଡ଼ ୟାର୍ଡ଼ର ବାହାରୀ ସୀମା ପଟରୁ। | 392/864.50 | 393/104.50 | 243.00 |
| 5. | କ୍ରସ୍ ଓଭର-57 | 393/41.50 | 393/104.50 | 63.00 |
| 6. | R-5 ସଂପ୍ରସାରଣ, କପିଳାସ ରୋଡ଼ ୟାର୍ଡ଼ର ବାହାରୀ ସୀମା ପଟରୁ। | 392/997.00 | 393/334.00 | 340.00 |
| 7. | କ୍ରସ୍ ଓଭର-59 | 393/154.00 | 393/230.50 | 76.50 |
| 8. | R-6 | 393/118.00 | 394/157.50 | 1044.50 |
| 9. | କ୍ରସ୍ ଓଭର-76 | 394/22.00 | 394/76.00 | 54.00 |
| 10. | କ୍ରସ୍ ଓଭର-66 | 394/179.50 | 394/238.50 | 59.00 |
| 11. | କ୍ରସ୍ ଓଭର-60 | 394/506.00 | 394/591.50 | 85.50 |
| ଖ | କପିଳାସ ରୋଡ଼ ଠାରୁ ସାଳଗାଁ ଡାଉନ୍ ଲାଇନ୍ | | | |
| 1. | ସାଳଗାଁ ଠାରେ R-5 ସହିତ କପିଳାସ ରୋଡ଼ ଠାରୁ ସାଳଗାଁ ଡାଉନ୍ ଲାଇନ୍ | 394/242.50 | T401/403.50 | 4533.50 |
| ଗ | ସାଳଗାଁ ୟାର୍ଡ଼ | | | |
| 1. | କ୍ରସ୍ ଓଭର-44 | T397/322.00 | T400/21.50 | 76.50 |
| 2. | କ୍ରସ୍ ଓଭର-34 | T399/973.50 | T400/48.50 | 72.00 |
| 3. | କ୍ରସ୍ ଓଭର-38 | T400/219.50 | T400/282.50 | 63.00 |
| 4. | କ୍ରସ୍ ଓଭର-46 | T400/318.50 | T400/417.50 | 99.00 |
| 5. | କ୍ରସ୍ ଓଭର-41 | T401/273.00 | T401/354.00 | 81.00 |
| 6. | କ୍ରସ୍ ଓଭର-37 | T401/408.00 | T401/466.50 | 58.50 |
| 7. | କ୍ରସ୍ ଓଭର-33 | T401/709.50 | T401/790.50 | 81.00 |
| 8. | କ୍ରସ୍ ଓଭର-31 | T401/831.00 | T401/921.00 | 90.00 |
| 9. | R-4 ସଂପ୍ରସାରଣ(ତାଳଚିଆ ସୀମା ପଟରୁ) | T401/214.50 | T401/547.50 | 333.00 |
| | | | ମୋଟ୍ ଲମ୍ବ : | 7727.50 |

ଦ୍ରଷ୍ଟବ୍ୟ : କପିଳାସ ରୋଡ଼ ଏବଂ ସାଳଗାଁ ଷ୍ଟେସନ ଠାରେ ଷ୍ଟେସନ ୟାର୍ଡ଼ଗୁଡ଼ିକର ଅନ୍ୟ OHE ଲାଇନ୍ ଏବଂ ପ୍ରଚଳିତ ସିଙ୍ଗିଲ ଲାଇନ୍‌ରେ ପୂର୍ବରୁ 25000 ଭୋଲ୍ଟ AC ଦ୍ୱାରା ବିଦ୍ୟୁତ୍ ପ୍ରବାହ ହୋଇସାରିଛି।

**AC 25 KV ଟ୍ରାକ୍ସନର ପ୍ରଚଳନ**
**"ସଡ଼କ ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା"**

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ, **25 KV AC** ଇଲେକ୍ଟ୍ରିକ୍ ଟ୍ରାକ୍ସନର ପ୍ରଚଳନ ସମ୍ପର୍କରେ ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼ ମଣ୍ଡଳର ୟାର୍ଡ଼ଗୁଡ଼ିକର ରୂପାନ୍ତରଣ ସହିତ କପିଳାସ ରୋଡ଼ ଠାରୁ ସାଳଗାଁ ଦୋହରୀକରଣ ପର୍ଯ୍ୟନ୍ତ ସେକ୍ସନଗୁଡ଼ିକରେ **25,000 ଭୋଲ୍ଟ AC** ଇଲେକ୍ଟ୍ରିକ୍ ଟ୍ରାକ୍ସନର ପ୍ରବର୍ତ୍ତନ ସମ୍ପର୍କରେ ସମସ୍ତ ଲେଭେଲ କ୍ରସିଙ୍ଗଗୁଡ଼ିକ ଠାରେ କୌଣସି ବୋଝେଇ ଗାଡ଼ି ଜୀବନ୍ତ ଟ୍ରାକ୍ସନ ତାର ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସଡ଼କ ସ୍ତର ଠାରୁ **4.67** ମିଟର ଉଚ୍ଚତାରେ ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି।

ତେଣୁ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚାଇ ଦିଆଯାଉଅଛି ଯେ, ସଡ଼କ ଗାଡ଼ି ରେ ମାଲ ବୋଝେଇ କରିବା ସମୟରେ ଉପର ଲିଖିତ ଉଚ୍ଚତାକୁ ଧ୍ୟାନରେ ରଖି ମାଲ ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନ କରେ, ସେଥିପ୍ରତି ଦୃଷ୍ଟି ଦେବେ। ଅଧିକ ଉଚ୍ଚତାରେ ମାଲ ବୋଝେଇ କରିବା ଦ୍ୱାରା ନିମ୍ନଲିଖିତ ବିପଦରହିଛି :
i) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ପରିଣାମ ସ୍ୱରୂପ ରେଳ ଲାଇନ୍ ଓ ରାସ୍ତା ଅବରୋଧ।
ii) ପରିବହନ ହେଉଥିବା ମାଲ କିମ୍ବା ଯନ୍ତ୍ରାଂଶ କିମ୍ବା ସେହି ଗାଡ଼ି ପ୍ରତି ବିପଦ।
iii) ବିଦ୍ୟୁତ୍ ପରିବାହୀ ସଂସ୍ପର୍ଶରେ ଆସିବା ଫଳରେ ବିପଦର ନିକଟବର୍ତ୍ତୀ ହେବା ସହ ଅଗ୍ନି ଭୟ ସହିତ ଜୀବନହାନୀର ଆଶଙ୍କା।

**ବିଦ୍ୟୁତ୍ ପ୍ରବାହ ତାରିଖ: 08.09.2018**

PR-82/CB/18-19 | ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-I, ଭୁବନେଶ୍ୱର

**IN THE COURT OF CIVIL JUDGE, SENIOR DIVISION, BHUBANESWAR**
**M.S. No.: 1779/2013**
**State Bank of India, Personal Banking Branch, Bhubaneswar,** represented through Stressed Assets Recovery Branch, Rasulgarh, Bhubaneswar by its City Case Officer. **...Plaintiff**
**Versus**
**Pravat Kumar Samal** **...Defendant**
**To,**
**Pravat Kumar Samal,** S/o: Giridhar Samal, Permanent Vill: Haladi Basanta, P.O: Sanupada Dharpur, Via: Binjharpur, Dist.: Jajpur, Residing at- G-3, Kalpana Fire Station Colony, Bhubaneswar-14. Working as Constable No. C-1389 at Commissioner of Police, Bhubaneswar-1.
**NOTICE UNDER ORDER-5 RULE-20 C.P.C.**
Take notice that the Plaintiff has filed a suit against you for realization of **Rs.2,42,238/-** (Rupees Two lakhs forty two thousand two hundred thirty eight) with P.I. & F.I. and you are avoiding the service of summons, for which summons can not be served on you in normal course.
You are thereby directed to appear in this Court on **12.11.2018 10.30 A.M.** in person or by a Pleader duly instructed by you to answer all points in the above said suit failing which suit shall be heard and determined in your absence.
Given under my hand and seal of this Court on **23rd day of August of 2018.**
**Sd/- Civil Judge, Senior Division Bhubaneswar**

**IN THE COURT OF CIVIL JUDGE, SENIOR DIVISION, BHUBANESWAR**
**M.S. No.: 1780/2013**
**State Bank of India, Personal Banking Branch, Bhubaneswar,** represented through Stressed Assets Recovery Branch, Rasulgarh, Bhubaneswar by its City Case Officer. **...Plaintiff**
**Versus**
**Rakesh Ranjan Samal** **...Defendant**
**To,**
**Rakesh Ranjan Samal,** age- 48 years, S/o: Prafulla Chandra Samal, Permanent Vill/P.O: Balibari, P.S/Via: Bari, Dist.: Jajpur-753005. Residing at- Qtr. No. F-68, OSAP 7th Bn. Campus, P.O: Mancheswar R.S., Bhubaneswar-17, Working as Sepoy No.- 180 at O/o Commandant, OSAP 7th Bn. P.O.: Mancheswar R.S., Bhubaneswar-17.
**NOTICE UNDER ORDER-5 RULE-20 C.P.C.**
Take notice that the Plaintiff has filed a suit against you for realization of **Rs.1,32,164/-** (Rupees One lakh thirty two thousand one hundred sixty four) with P.I. & F.I. and you are avoiding the service of summons, for which summons can not be served on you in normal course.
You are thereby directed to appear in this Court on **12.11.2018 10.30 A.M.** in person or by a Pleader duly instructed by you to answer all points in the above said suit failing which suit shall be heard and determined in your absence.
Given under my hand and seal of this Court on **28th day of August of 2018.**
**Sd/- Civil Judge, Senior Division Bhubaneswar**

**IN THE COURT OF CIVIL JUDGE, SENIOR DIVISION, BHUBANESWAR**
**M.S. No.: 1781/2013**
**State Bank of India, Personal Banking Branch, Bhubaneswar,** represented through Stressed Assets Recovery Branch, Rasulgarh, Bhubaneswar by its City Case Officer. **...Plaintiff**
**Versus**
**Sukanta Kumar Mohapatra** **...Defendant**
**To,**
**Sukanta Kumar Mohapatra,** S/o: Bishnu Charan Mohapatra, Permanent Vill: Kuradhilo, P.O: Simara, P.S/Via: Begunia, Dist.: Khurda, Residing at- Plot No.: 2920, Garage Chhaka, Lewis Road, P.O: Old Town, Bhubaneswar-2.
**NOTICE UNDER ORDER-5 RULE-20 C.P.C.**
Take notice that the Plaintiff has filed a suit against you for realization of **Rs.1,70,502/-** (Rupees One lakh seventy thousand five hundred two) with P.I. & F.I. and you are avoiding the service of summons, for which summons can not be served on you in normal course.
You are thereby directed to appear in this Court on **12.11.2018, 10.30 A.M.** in person or by a Pleader duly instructed by you to answer all points in the above said suit failing which suit shall be heard and determined in your absence.
Given under my hand and seal of this Court on **23rd day of August of 2018.**
**Sd/- Civil Judge, Senior Division Bhubaneswar**



ନାମରେ ଭକ୍ତି, ଜୀବରେ ଦୟା
ନର ଜରୁର ସର୍ବଶ୍ରେଷ୍ଠ କାର୍ଯ୍ୟ।
- ଗୁରୁ ନାନକ

## ସଂକ୍ଷେପରେ

### ତଥ୍ୟ ସଂଗ୍ରହ ପାଇଁ ଆଧୁନିକ ବୈଷୟିକ ଜ୍ଞାନ ଆପଣେଇବାକୁ ପଡ଼ିବ

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର 'ଗବେଷଣା ତଥ୍ୟ ହାସଲ ପାଇଁ ପରିବର୍ତ୍ତିତ ପଦ୍ଧତି' ଶୀର୍ଷକ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରୋକ୍ୱେଷ୍ଟ ଏସିଆ ପାସିଫିକ୍ ଟ୍ରେନିଂ ଆଣ୍ଡ୍ କନ୍‌ସଲଟାଣ୍ଟ ପାର୍ଟନର ସଞ୍ଜୟ ରାଜନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସୃଜନଶୀଳ ଚିନ୍ତାଧାରା ଗବେଷଣାର ଏକ ନୂଆ ଦିଗନ୍ତ ସୃଷ୍ଟି କରିଥାଏ। ଏହାକୁ ସାକାର ରୂପ ଦେବା ପାଇଁ ତଥ୍ୟ ସମ୍ବଳିତ ନିବନ୍ଧ ଉପସ୍ଥାପନ କରିବାକୁ ପଡ଼ିବ। ଏଥିପାଇଁ ମୁଦ୍ରିତ ପୁସ୍ତକ, ମାଗାଜିନ ଓ ଜର୍ନାଲ ସହଜରେ ମିଳିବା କଷ୍ଟକର ହୋଇପଡୁଛି। ତେଣୁ ତଥ୍ୟ ସଂଗ୍ରହ ପାଇଁ ଆଧୁନିକ ବୈଷୟିକ ଜ୍ଞାନ ଆପଣେଇବାକୁ ପଡ଼ିବ। ଏବେ ଇଣ୍ଟରନେଟରେ ପ୍ରାୟ ସବୁ ପ୍ରକାର ତଥ୍ୟ ଉପଲବ୍ଧ ହେଉଥିଲେ ମଧ ସେଗୁଡ଼ିକ ସଂଗ୍ରହ କରିବା କୌଶଳ ଜାଣିବା ଉଚିତ। ଇ-ବୁକ୍, ଇ-ଜର୍ନାଲ ଓ ଇ-ମାଗାଜିନଗୁଡ଼ିକୁ ବ୍ରାଉଜିଂ କରି ସେଥିରୁ ତଥ୍ୟ ସଂଗ୍ରହ କରିହେବ ବୋଲି ସଞ୍ଜୟ ରାଜନ କହିଛନ୍ତି। ଲେଖନୀ ଶୈଳୀ ଯେପରି ପାଠକଙ୍କୁ ଆଦୃତ କରିବ ସେଥିପାଇଁ ତଥ୍ୟଭିତ୍ତିକ ନିବନ୍ଧ ପ୍ରସ୍ତୁତ କରିବାକୁ ଗବେଷକମାନଙ୍କୁ ରାଜନ ଆହ୍ୱାନ ଦେଇଛନ୍ତି। ବିଶେଷକରି ଇତିହାସ, ଐତିହାସିକ ଓ ପୁରାତନ କିର୍ତ୍ତିରାଜୀ ତଥ୍ୟଗୁଡ଼ିକ ଇଣ୍ଟରନେଟରେ ଉପଲବ୍ଧ ହେଉଥିବାରୁ ଏହାର ସଦୁପଯୋଗ କରିବା ଦରକାର ବୋଲି ସେ କହିଛନ୍ତି। ଇତିହାସ ବିଭାଗ ମୁଖ୍ୟ ଡ.ସୋମାରାଣୀ ଚାନ୍ଦଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଜିତ କୁମାର ସାହୁ ଓ ରମେଶ ଚନ୍ଦ୍ର ମହନ୍ତ ଉପସ୍ଥିତ ଥିଲେ। ପ୍ରାଧାପିକା ଡ. ଜୟନ୍ତୀ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

### ସମାଜରେ ସାମ୍ବାଦିକଙ୍କ ଦାୟିତ୍ୱବୋଧ ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ):** ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ୨୦୧୮ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଶୁକ୍ରବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତୈଳ ଓ ପ୍ରାକୃତିକ ଗ୍ୟାସ କମିଶନର ପୂର୍ବତନ ଉପ ମହାପ୍ରବନ୍ଧକ ମୀନକେତନ ମିଶ୍ର ଏବଂ ମିଡିଆ ପରାମର୍ଶଦାତା ଶାଲିନୀ ମହାପାତ୍ର ଯୋଗଦେଇ ନୂଆ ଶିକ୍ଷାବର୍ଷରେ ବିଭାଗରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ସମୟରେ ସାମ୍ବାଦିକତା, ଗଣ ଯୋଗାଯୋଗ, ବିଜ୍ଞାପନ, ଲୋକସମ୍ପର୍କ ଆଦିର ଆବଶ୍ୟକତା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରସନ୍ନ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପାଧକ୍ଷା ଡ. ରୀତା ପତି, ବିଭାଗ ସଂଯୋଜକ ଡ. ଚିତ୍ତରଞ୍ଜନ ମିଶ୍ର, ବିଭାଗୀୟ ମୁଖ୍ୟ ଡ. ନଳୀନ କୁମାର ପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଅଧକ୍ଷ ଡ. ମହାନ୍ତି କହିଥିଲେ, ସାମ୍ବାଦିକତାକୁ କ୍ୟାରିୟର ଭାବେ ଚୟନ କରିବା ନିଶ୍ଚିତ ଭାବେ ସାହସିକତାର ପରିଚୟ। ସାମ୍ବାଦିକମାନେ ଖବର ପରିବେଷଣ ସଂସ୍ଥାଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ବେଳେ ସତ୍ୟ ତଥ୍ୟ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ସେହିପରି ସମାଜରେ ସାମ୍ବାଦିକମାନଙ୍କର ଦାୟିତ୍ୱବୋଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପାଧକ୍ଷା ଡ. ପତି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ବିଭାଗର ପୂର୍ବତନ ସଂଯୋଜିକା ଡ. ରଞ୍ଜିତା ପତିଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଦୁର୍ଘଟଣାରେ ୨ ମହିଳା ଗୁରୁତର

**ବାଲିଅନ୍ତା, ୩୧।୮ (ଡି.ଏନ୍.ଏ.):** ପୁରୀ ବାଇପାସ୍ ରାସ୍ତାର କେଶୁରା ନିକଟ ଝାରପଡ଼ା ଛକଠାରେ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ୨ ମହିଳା ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବାଲିଅନ୍ତାର ରୀତା ଜେନା ଓ ବଇଁଚୁଆ ପଞ୍ଚାୟତର ସମିତି ସଭ୍ୟା ରାଜଲକ୍ଷ୍ମୀ ନାଥ। ସ୍ଥାନୀୟ ଏକ ହୋଟେଲ ଚାଲିଥିବା କାର୍ଯ୍ୟକ୍ରମରେ ଯୋଗଦେଇ ଉଭୟ ସ୍କୁଟିରେ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

## ଆସିଲା ବ୍ୟବଚ୍ଛେଦ ରିପୋର୍ଟ

# ଅତ୍ୟଧିକ ରକ୍ତସ୍ରାବ ଯୋଗୁ ମୃତ୍ୟୁ

**ପୂର୍ଣ୍ଣଚନ୍ଦ୍ର ହତ୍ୟା ମାମଲା**

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ନୟାପଲ୍ଲୀ ଥାନା ଆଇଆରସି ଭିଲେଜ ସରକାରୀ ହାଇସ୍କୁଲ ହତାରେ ସାଲିଆସାହିରେ ରହୁଥିବା ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ହତ୍ୟା କରାଯାଇଥିଲା। ଶୁକ୍ରବାର ପୂର୍ଣ୍ଣଚନ୍ଦ୍ରଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ପୂର୍ଣ୍ଣଚନ୍ଦ୍ରଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ କଟାଯାଇଥିବାରୁ ଅତ୍ୟଧିକ ରକ୍ତସ୍ରାବ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ତାଙ୍କ ମୃତ୍ୟୁ ରାତି ପ୍ରାୟ ଗୋଟାଏରୁ ୨ଟା ମଧ୍ୟରେ ଘଟିଥିବା ଜଣାପଡିଛି।

ଇତିମଧ୍ୟରେ ହତ୍ୟାକାଣ୍ଡକୁ ୧୨ ଦିନ ବିତିଲାଣି, ହେଲେ ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିପାରିନି। ଏପରି କି ହତ୍ୟାକାରୀଙ୍କୁ ପୋଲିସ ଚିହ୍ନଟ ମଧ କରି ପାରିନି। ପୋଲିସ କେବଳ ଇନ୍ଦ୍ରଧନୁ ମାର୍କେଟରେ ଲାଗିଥିବା ସିସିଟିଭି ଫୁଟେଜକୁ ଧରି ବସିଛି। ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ଏହି ହତ୍ୟାକାଣ୍ଡ ପଛରେ ପୂର୍ଣ୍ଣଚନ୍ଦ୍ରଙ୍କ ମାମୁଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ପୂର୍ଣ୍ଣଚନ୍ଦ୍ର ମାମୁଙ୍କର ନୟାପଲ୍ଲୀ ଅଞ୍ଚଳରେ ୭ଟି ଚାଟ୍ ଦୋକାନ ରହିଛି। ସେ ଗୋଟିଏ ଚାଟ୍ ଦୋକାନରେ ବ୍ୟବସାୟ କରୁଥିବା ବେଳେ ଅନ୍ୟଗୁଡ଼ିକୁ ଭଡାରେ ଦେଇଛନ୍ତି। ପୂର୍ଣ୍ଣଚନ୍ଦ୍ର ଏକ ଚାଟ୍ ଦୋକାନ ନେଇ ବ୍ୟବସାୟ କରିବାକୁ ଚାହିଁଥିଲେ। କିନ୍ତୁ ଏଥିରେ ତାଙ୍କ ମାମୁ ରାଜି ନ ଥିଲେ। ଯାହାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ଝଗଡା ମଧ ହୋଇଥିଲା। ତେଣୁ ଏହି ଝଗଡାକୁ କେନ୍ଦ୍ରକରି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ହତ୍ୟା ଦିନ ପୂର୍ଣ୍ଣଚନ୍ଦ୍ରଙ୍କ ମାମୁଙ୍କ ଫୋନ୍ ଲୋକେସନ ଉକ୍ତ ଅଞ୍ଚଳରେ ଥିବାରୁ ପୋଲିସର ସନ୍ଦେହ ତାଙ୍କ ଉପରେ ଅଧିକ ଘନୀଭୂତ ହେଉଛି।

ଅନ୍ୟପଟେ ପୂର୍ଣ୍ଣଚନ୍ଦ୍ର ସ୍ତ୍ରୀ ଓ ପିଲାଙ୍କୁ ଗାଁରେ ଛାଡିଥିବା ବେଳେ ସାଲିଆସାହିରେ ଆଉ ଜଣେ ଯୁବତୀଙ୍କୁ ଆଣି ରଖିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ହତ୍ୟା ପରେ ଉକ୍ତ ଯୁବତୀ ଫେରାର ଅଛନ୍ତି।

ଏ ନେଇ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି, ଆମେ ସବୁ ଦିଗକୁ ନେଇ ଘଟଣାର ତଦନ୍ତ କରୁଛୁ। ଏହି ହତ୍ୟା ଘଟଣାରେ ପ୍ରତିଦିନ ନୂଆ ନୂଆ ଦିଗ ସାମନାକୁ ଆସୁଥିବାରୁ ହତ୍ୟାକାରୀ ସମ୍ପର୍କରେ ଜାଣିବା ଟିକେ ବିଳମ୍ବ ହେଉଛି। ତଥାପି ଖୁବ୍ ଶୀଘ୍ର ହତ୍ୟାକାରୀଙ୍କୁ ଗିରଫ କରାଯିବ।





ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟର ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

**ବାଲିଅନ୍ତା, ୩୧।୮ (ଡି.ଏନ୍.ଏ.)**

ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଦୁଇଦିନବ୍ୟାପୀ ଚାଲିଥିବା ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଯୋଗଦେଇଥିବା ୨୫ଜଣ ଗବେଷକ ଓ ଛାତ୍ରୀଛାତ୍ର ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ଭାବେ କ୍ୟାପଟେନ୍ କେ.ଏସ୍.ଭି. ସୁବ୍ରମଣ୍ୟନ୍ ଏବଂ ସମ୍ମାନିତ ଅତିଥି ଭାବେ ଡ. ସ୍ୱରୂପ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ମିଳନୀର ଶ୍ରେଷ୍ଠ ଉପସ୍ଥାପକ ଭାବେ ମାର୍କେଟିଂ ବିଭାଗର ସବ୍ୟସାଚୀ ପ୍ରଧାନ, ଫାଇନାନ୍ସର ଶିଖା ମଧୁଲଗ୍ନା, ଏଚ୍.ଆର୍.ରେ ସୁଶାନ୍ତ କୁମାର ଜେନା ଓ ଜେନେରାଲ ମ୍ୟାନେଜ୍‌ମେଣ୍ଟରେ ଦୀପାନ୍ୱିତା ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନ ସମ୍ପାଦକ ଇଂ. ବଙ୍କିମ ମହାନ୍ତି, ଅଧକ୍ଷା ଡ. ଶର୍ମିଳା ସୁବ୍ରମଣ୍ୟନ୍, ଡାଇରେକ୍ଟର ତ୍ରିଲୋଚନ ନାୟକ ଓ ଅଜିତ କୁମାର କର ଉପସ୍ଥିତ ଥିଲେ। ପ୍ରଫେସର ଜିନାଶିଷ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା ଏବଂ ପରିଚାଳନାରେ ଅଧାପିକା ସୁଶ୍ରୀ ସଙ୍ଗୀତା ସାହୁ, ଉଷାରାଣୀ ସାହୁ ଓ ଅମିତା ପଣ୍ଡା ସହଯୋଗ କରିଥିଲେ।

## କଟନ୍ ଫ୍ୟାବ ୨୦୧୮ ଶୁଭାରମ୍ଭ

- ୨୩ ରାଜ୍ୟର ୧୫୦ କାରିଗର ସାମିଲ
- ୧୫୦ ଷ୍ଟଲରେ ସାମଗ୍ରୀ
- କଲମକାରୀ, ଚିକନ୍‌ୱାର୍କ କାରିଗରି ଆକର୍ଷଣ



**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ଅଓ୍ୱଧ ହସ୍ତକରଘା, ହସ୍ତଶିଳ୍ପ ଏବଂ ଗ୍ରାମୋଦ୍ୟୋଗ ସମିତି ପକ୍ଷରୁ ସ୍ଥାନୀୟ ପ୍ରଦର୍ଶନୀ ପଡିଆଠାରେ ଶୁକ୍ରବାରଠାରୁ 'କଟନ ଫ୍ୟାବ' ୨୦୧୮ ପ୍ରଦର୍ଶନୀ ଶୁଭାରମ୍ଭ ହୋଇଛି। ହସ୍ତତନ୍ତ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଏହି ପ୍ରଦର୍ଶନୀ ତଥା ବିକ୍ରି ମେଳା ଏଠାରେ ୧୦ ବର୍ଷରେ ପଦାର୍ପଣ କରିଛି। ମେଳା ଅକ୍ଟୋବର ୨ ଯାଏ ଚାଲିବ। ପୂର୍ବାହ୍ନ ୧୦.୩୦ ଠାରୁ ସଂଧ୍ୟା ୯ ଟା ପର୍ଯ୍ୟନ୍ତ ଉକ୍ତ ମେଳା ଚାଲିବ। ଏଠାରେ ୨୩ ରାଜ୍ୟରୁ ପ୍ରାୟ ୧୫୦ ହସ୍ତଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗ୍ରାହକମାନେ ପାଇପାରିବେ ବୋଲି ଆୟୋଜକ କମିଟର ମୁଖ୍ୟ ଜାଭେଦ୍ ଆଲାମ ସୂଚନା ଦେଇଛନ୍ତି। ଚଳିତ ବର୍ଷ ୧୫୦ ଷ୍ଟଲ ସ୍ଥାପନ କରାଯାଇଛି। ଏହି ଷ୍ଟଲଗୁଡିକରେ ଗ୍ରାହକମାନେ ପାରମ୍ପରିକ, ଅତ୍ୟାଧୁନିକ, ହ୍ୟାଣ୍ଡଲୁମ୍ ଶାଢ଼ି, ଡ୍ରେସ ମଟେରିଆଲ୍, କୁର୍ତ୍ତି, ସାଲୱାରକମିଜ, ହୋମ ଫର୍ନିସିଂ ସାମଗ୍ରୀ ଲାଭ କରିବାକୁ ସକ୍ଷମ ହେବେ। ସେହିଭଳି ପୁରୁଷଙ୍କ ଲାଗି କୁର୍ତ୍ତା ତଥା କପଡା ଭଳି ମଟେରିଆଲ ଏଠାରେ ଉପଲବ୍ଧ ହେବ।

ମେଳାରେ ଚଳିତ ବର୍ଷ କଲମକାରୀ, ଚିକନ୍‌ୱାର୍କ ଆକର୍ଷଣ ରହିଛି। ଏଠାରେ ଗ୍ରାହକମାନେ ଉତ୍ତରପ୍ରଦେଶର ଫ୍ୟାବ୍ରିକ ଚିକନ୍‌ୱାର୍କ, ବନାରସୀ ସିଲ୍କ, ଆପ୍ଲିକଇ ୱାର୍କ, ବ୍ଲକ ପ୍ରିଣ୍ଟ, ରାଜସ୍ଥାନ ଫ୍ୟାବ୍ରିକ, ପାରମ୍ପରିକ ବନ୍ଧାନୀ, କୋଟା ଦୋରିଆ, ବିହାର ଫ୍ୟାବ୍ରିକ, ଜମ୍ମୁକଶ୍ମୀର ଫ୍ୟାବ୍ରିକ, ପଶ୍ଚିମବଙ୍ଗ ଫ୍ୟାବ୍ରିକ ଲାଭ କରି ପାରିବେ। ସେହିଭଳି ଓଡିଶାର ସମ୍ବଲପୁରୀ ଇକ୍କତ, ବୋମକେଇ, ଆନ୍ଧ୍ର ପ୍ରଦେଶର କଲମକାରୀ, ଜରି ବର୍ଡର, ମଙ୍ଗଳଗିରି, ତାମିଲନାଡୁର ମଦୁରାଇ, କାଞ୍ଚିବରମ୍, ହରିୟାଣା ହ୍ୟାଣ୍ଡଲୁମ ଏମ୍ବ୍ରୋଡରୀ ଭଳି ଅନ୍ୟ ରାଜ୍ୟର ହସ୍ତଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଏଠାରେ ଉପଲବ୍ଧ ହେଉଛି। ଏହାବାଦ ଏଠାରେ ହାଇଦ୍ରାବାଦର ରିୟଲପର୍ଲ, ରାଜସ୍ଥାନର ଷ୍ଟୋନ୍ ପୋଲ୍କି, ମୁମ୍ବାଇ ଦିଲ୍ଲୀର ଆର୍ଟିଫିସିଆଲ୍ ଜୁଏଲେରୀ, ବେଡ୍ କଭର, ବେଡ୍ ଶିଟ, ପରଦା ଭଳି ସାମଗ୍ରୀ ଏଠାରେ ମିଳୁଛି। ଗତ ବର୍ଷ ମେଳାରେ ୯୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ଚଳିତ ବର୍ଷ ଏହା ୧.୨୦ କୋଟି ଛୁଇଁବ ବୋଲି ଆଲାମ୍ କହିଛନ୍ତି।

## ଗ୍ରୀନ୍ ଚିଲିର ଜମ୍‌କେ ଖାଓ, ଜିତ୍‌କେ ଜାଓ ପ୍ରତିଯୋଗିତା

**ଭୁବନେଶ୍ୱର, ୩୧।୮**

ପ୍ରମୁଖ ଫାଷ୍ଟଫୁଡ୍ ରେସ୍ତୋରା ଗ୍ରୀନ୍ ଚିଲି ପକ୍ଷରୁ ଜମ୍‌କେ ଖାଓ ଜିତକେ ଜାଓ ପ୍ରତିଯୋଗିତା ସମ୍ପର୍କରେ ଘୋଷଣା କରାଯାଇଛି। ଏହାର ବୈଧତା ସେପ୍ଟେମ୍ବର ୧୪ ଯାଏ ରହିବ। ଯେଉଁ ଗ୍ରାହକମାନଙ୍କର ଜମା ରାଶି ୨୦୦ ଟଙ୍କା ହୋଇଥିବ ସେମାନଙ୍କ ମଧ୍ୟରୁ ଭାଗ୍ୟଶାଳୀ ବିଜେତାମାନେ ଗ୍ରୀନ ଚିଲି ରେସ୍ତୋରାର ସମସ୍ତ କେନ୍ଦ୍ରରେ ସୁନା କଏନ ଜିତିବାର ସୁଯୋଗ ପାଇପାରିବେ। ୧୪ ସେପ୍ଟେମ୍ବରରେ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜଣେ ବୃତାନ୍ତ ଭାଗ୍ୟଶାଳୀ ବିଜେତା ବଛା ହେବା ସହ ତାଙ୍କୁ ଏକ ବାଇକ୍ ପ୍ରଦାନ କରାଯିବ ବୋଲି ସଂସ୍ଥା ପ୍ରକାଶ କରିଛି। ଏହିଭଳି ଏକ ପ୍ରତିଯୋଗିତା ଘୋଷଣା ଉତ୍ସବର ମାହୋଲକୁ ଦ୍ୱିଗୁଣିତ କରିବ ବୋଲି ଗ୍ରୀନ ଚିଲିର ମୁଖ୍ୟ ପ୍ରତିଷ୍ଠାତା କେଶବ ରାଓ କହିଛନ୍ତି।

## 'ସହରକୁ ସବୁଜ ସୁନ୍ଦର କରାଯିବ'

**ସ୍ୱାୟତ୍ତ ଶାସନ ଦିବସ**

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ସହର ପରିଚ୍ଛନ୍ନତା ଏବଂ ସୌନ୍ଦର୍ଯ୍ୟକରଣକୁ ବିଏମ୍‌ସି ଗୁରୁତ୍ୱ ଦେଉଛି। ଆଗକୁ ହକି ବିଶ୍ୱ କପ୍ ଆସୁଛି। ଏଥିପାଇଁ ବିଏମ୍‌ସି ଏବଂ ବିଡିଏ ମିଳିତ ଭାବେ ଅନେକ କାର୍ଯ୍ୟ କରିବାକୁ ଯାଉଛନ୍ତି ବୋଲି ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ କହିଛନ୍ତି।

କାର୍ଯ୍ୟକ୍ରମରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ବିଧାୟକ ବିଜୟ ମହାନ୍ତି, ପ୍ରିୟଦର୍ଶୀ ମିଶ୍ର, ଡେପୁଟି ମେୟର କେ.ଶାନ୍ତି, ବିଏମ୍‌ସି କମିଶନର କ୍ରିଷନ କୁମାର ଏବଂ ଅତିରିକ୍ତ କମିଶନର ଶୁଭମ୍ ସକସେନାଙ୍କ ସମେତ କର୍ପୋରେଟର ଏବଂ ବିଏମ୍‌ସିର ଅଧିକାରୀମାନେ ଉପସ୍ଥିତ ଥିଲେ। ଜୁଲାଇ ଏବଂ ଅଗଷ୍ଟରେ ଲଘୁଚାପଜନିତ ବର୍ଷାରେ ସହରରେ ବିଶେଷ କ୍ଷତି ହୋଇଛି। ଏଥିପାଇଁ ବିଏମ୍‌ସି ଏବର୍ଷ ସ୍ୱାୟତ୍ତ ଶାସନ ଦିବସକୁ ନିରାଡମ୍ବର ଭାବେ ପାଳନ କରିଛି। ଏହି ପରିପ୍ରେକ୍ଷୀରେ କମିଶନର କ୍ରିଷନ କୁମାର କହିଛନ୍ତି, ସହରର ଡ୍ରେନେଜ ବ୍ୟବସ୍ଥାକୁ ନବୀକରଣ କରାଯିବ। ଉଭୟ ବିଏମ୍‌ସି ଏବଂ ବିଡିଏ ମିଳିତ ଭାବେ କାମ କରୁଛନ୍ତି। କାର୍ଯ୍ୟକ୍ରମ ପରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମେୟର ଜେନା ଏବଂ ଡେପୁଟି ମେୟର କେ. ଶାନ୍ତି ବିଏମ୍‌ସି ହସ୍ପିଟାଲକୁ ଯାଇଥିଲେ। ସେଠାରେ ବହିର୍ବିଭାଗ ଏବଂ ୱାର୍ଡରେ ଥିବା ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ହସ୍ପିଟାଲରେ ଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ ୱାର୍ଡରେ ଥିବା ୩୦ ରୋଗୀ, ଭେଷଜ ବିଭାଗ ୱାର୍ଡରେ ଥିବା ୧୫ ରୋଗୀ ଏବଂ ୩ଟି ସ୍ୱତନ୍ତ୍ର କ୍ୟାବିନରେ ଥିବା ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

## ଚୋରା ମହୁଲି ଭାଟିରେ ଚଢ଼ାଉ

- ୧ ହଜାର ଲିଟର ମହୁଲି ମଦ ଜବତ
- ଖସିଗଲେ ଦୁଇ ଅଭିଯୁକ୍ତ

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ମୈତ୍ରୀବିହାର ହାତୁଆଶୁଣୀ ଅଞ୍ଚଳରେ ଏକ ଚୋରା ମହୁଲି ମଦ ଭାଟି ଉପରେ ଶୁକ୍ରବାର ଚନ୍ଦ୍ରଶେଖରପୁର ପୋଲିସ ଚଢ଼ାଉ କରିଛି। ସେଠାରୁ ୧ହଜାର ଲିଟର ମହୁଲି, ସେଥିରେ ବ୍ୟବହୃତ ହେଉଥିବା ନିଶା ବଟିକା, ରାସାୟନିକ ପଦାର୍ଥ ଓ ମଦ ରନ୍ଧା ଉପକରଣ ଜବତ କରିଛି। ଚଢ଼ାଉ ସୂଚନା ପାଇଁ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

ସୂଚନା ମୁତାବକ ଅଭିଯୁକ୍ତ ଦ୍ୱୟ ଉକ୍ତ ଅଞ୍ଚଳରେ ପ୍ରାୟ ଦେଢ ବର୍ଷ ଧରି ଚୋରା ଦେଶୀ ମଦ, ହାଣ୍ଡିଆ ଓ ମହୁଲି ରାନ୍ଧୁଥିଲେ। ଏମାନେ କୋଲକାତାରୁ ନାଇଟ୍ରୋଜେନ ଟାବଲେଟ ଓ ରେକ୍ଟିଫାଇଡ ସ୍ପିରିଟ ଆଣି ସେଥିରେ ମଦ ପ୍ରସ୍ତୁତ କରୁଥିଲେ। ଏ ନେଇ ଚନ୍ଦ୍ରଶେଖରପୁର ପୋଲିସ ନିକଟରେ ଖବର ପହଞ୍ଚିବା ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ଏ ନେଇ ପୋଲିସ ଓଡ଼ିଶା ଅବକାରୀ ଆକ୍ଟ ଦଫା ୫୨(ଏ) ଅନୁଯାୟୀ କେସ୍ ନଂ ୩୬୫/୧୮ରେ ମାମଲା ରୁଜୁ କରି ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢାଉ ଜାରି ରଖିଛି।





ଭୁବନେଶ୍ୱର ଇଉ୍‌କଲ୍ ଅଡିଟୋରିୟମ୍‌ଠାରେ ଶୁକ୍ରବାର ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ପାଇକରାୟଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହରେ ଯୋଗଦେଇଥିବା ଅତିଥି।

## ବିଡିଏ ପାଳନ କରିବ ୩୬ତମ ପ୍ରତିଷ୍ଠା ଦିବସ

## ଆଜିଠୁ ପ୍ଲାଷ୍ଟିକମୁକ୍ତ ହେବ ବିଡିଏ ଅଫିସ

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଶନିବାର ୩୬ତମ ପ୍ରତିଷ୍ଠା ଦିବସ ପାଳନ କରିବ। ସହରରେ ବର୍ଷାବିପ୍ଳାତ ଯୋଗୁ ବିଡିଏ ପ୍ରତିଷ୍ଠା ଦିବସକୁ ନିରାଡମ୍ବର ଭାବେ ପାଳନ କରିବ ବୋଲି ନିଷ୍ପତ୍ତି ନେଇଛି। ଏହି ଅବସରରେ ପୂର୍ବ ଘୋଷଣା ଅନୁଯାୟୀ ପ୍ରତିଷ୍ଠା ଦିବସ ଅର୍ଥାତ୍ ସେପ୍ଟେମ୍ବର ୧ରୁ ବିଡିଏ ଅଫିସ ପ୍ଲାଷ୍ଟିକମୁକ୍ତ ହେବ। ଅଫିସକୁ ପ୍ଲାଷ୍ଟିକମୁକ୍ତ ଘୋଷଣା କରାଯିବ। କର୍ମଚାରୀମାନେ ପ୍ଲାଷ୍ଟିକ ପାତ୍ରରେ ଯେପରି ଖାଦ୍ୟପଦାର୍ଥ ଅଫିସ୍ ନ ଆଣିବେ ଏବଂ ପ୍ଲାଷ୍ଟିକ ପାଣି ବୋତଲ ଅଫିସ୍‌ରେ ବ୍ୟବହାର ନ କରିବେ ସେନେଇ ସଚେତନ କରାଯିବ ବୋଲି ୟୁନାଇଟେଡ୍ ଫୋରମ୍‌ର ସମ୍ପାଦକ ଶୁଭ୍ରାଂଶୁ ଶେଖର ମହାନ୍ତି କହିଛନ୍ତି। ଏଥିସହ ପ୍ରତିଷ୍ଠା ଦିବସରେ ବିଡିଏ ପକ୍ଷରୁ ଜନସାଧାରଣଙ୍କୁ ଚାରା ବଣ୍ଟନ କରାଯିବା କାର୍ଯ୍ୟକ୍ରମ ରହିଛି।

## ମହିଳାଙ୍କୁ ଧମକ ଦେଇ ଅଟୋ ଚାଳକ ଗିରଫ

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଫୋନରେ ପ୍ରେମ ନିବେଦନ ସହ ହଇରାଣ କରୁଥିବା ଜଣେ ଯୁବକଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ଶହୀଦନଗର ଥାନା ପଥରବନ୍ଧ ବସ୍ତି ଅଞ୍ଚଳର ଶଙ୍କର ପଟ୍ଟନାୟକ। ଶଙ୍କର ଜଣେ ଅଟୋ ଚାଳକ। ଉକ୍ତ ମହିଳା ତାଙ୍କ ଅଟୋରେ ଯାଆସ କରନ୍ତି। ଶଙ୍କରଙ୍କ ବ୍ୟବହାର ଖରାପ ହେବାରୁ ସେ ଆଉ ଯାଉ ନ ଥିଲେ। କିନ୍ତୁ ଶଙ୍କର ତାଙ୍କ ନମ୍ବରକୁ ଅଶ୍ଳୀଳ ମେସେଜ ପଠାଇବା ସହ ପ୍ରେମ ନିବେଦନ କରିଥିଲେ। ମହିଳା ଜଣକ ଏଥିରେ ଅତିଷ୍ଠ ହୋଇ ଥାନାରେ ଅଭିଯୋଗ କରିବେ ବୋଲି କହିବାରୁ ଶଙ୍କର ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ମହିଳାଙ୍କ ଅଭିଯୋଗ ପରେ ପୋଲିସ ମାମଲା(୩୮୯/୧୮) ରୁଜୁ କରିଛି।

## ସ୍କୁଲରେ ପ୍ରାଥମିକ ଚିକିତ୍ସା ସାମଗ୍ରୀ ବଣ୍ଟନ

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ସେଣ୍ଟିନିଆଲ ପକ୍ଷରୁ ଶୁକ୍ରବାର ଆଇଆରସି ଭିଲେଜ ସେକ୍ଟର-୬ସ୍ଥିତ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ପ୍ରାଥମିକ ଚିକିତ୍ସା ସାମଗ୍ରୀ ବଣ୍ଟନ କରାଯାଇଛି। ଏମ୍‌ସ୍ ହସ୍ପିଟାଲର ଏକ ଡାକ୍ତରୀ ଦଳ ଏଥିରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଆଖି, ଚର୍ମ, ଦାନ୍ତ ଆଦି ରୋଗର ବିଭିନ୍ନ କାରଣ ଓ ନିରାକରଣ ସମ୍ପର୍କରେ ସଚେତନ କରାଇବା ସହିତ ଥଣ୍ଡା ଓ କାଶରୁ ଉପଶମ ପାଇବା ପାଇଁ ଉଚିତ୍ ପରାମର୍ଶ ଦେଇଥିଲେ। କ୍ଲବର ସଭାପତି ଶୁଭକାନ୍ତ ସାମନ୍ତସିଂହାରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶାକ୍ୟସିଂ ଷଡ଼ଙ୍ଗୀ, ଅଜିତ୍ ପାଢ଼ୀ, ରମେଶ ସାହୁ, ଆଦିତ୍ୟ ମହାନ୍ତି, ଅଶୋକ ବେହେରା, ଶୁଭକାନ୍ତ ପାଢୀ, ଶିଶିର ମହାପାତ୍ର, ଦୁର୍ଯ୍ୟୋଧନ ପଣ୍ଡା, ବି.କେ. ପାଟ୍ଟଯୋଶୀ ପ୍ରମୁଖ ସଭ୍ୟ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ବାଣ୍ଟିବା ସହିତ ପଲିଥିନ୍ ବସ୍ତୁ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ରଥ, ସିଆରସିସି ମଧୁସ୍ମିତା ଦାଶ, ବିଇଓ ସସ୍ମିତା ମାଳୀ ଏବଂ ଏବିଇଓ ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ରହି ଅନ୍ୟ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ଏଭଳି ପ୍ରାଥମିକ ଚିକିତ୍ସା ସେବା ଯୋଗାଇଦେବାକୁ ଅନୁରୋଧ କରିଥିଲେ। ଆଗାମୀ ଦିନରେ ଅନ୍ୟାନ୍ୟ ସ୍କୁଲରେ ପ୍ରାଥମିକ ଚିକିତ୍ସା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କ୍ଲବ ତରଫରୁ ନିଷ୍ପତ୍ତି ନିଆଯାଇଥିଲା।





ପ୍ରାଥମିକ ଚିକିତ୍ସା ସାମଗ୍ରୀ ବଣ୍ଟନ ଅବସରରେ ଉପସ୍ଥିତ ରୋଟାରୀ କ୍ଲବର କର୍ମକର୍ତ୍ତା ଓ ଅନ୍ୟମାନେ।

## ଏୟାରଫିଲ୍ଡ ଥାନା ପୋଲିସର ଯାଞ୍ଚରେ ପାତରଅନ୍ତର

# ଛୋଟ ବ୍ୟବସାୟୀ, କର୍ମଚାରୀଙ୍କୁ ବେଶି କଟକଣା

**ପୁରୁଣା ଭୁବନେଶ୍ୱର, ୩୧।୮ (ଡି.ଏନ.ଏ.)**

ଲୋକଙ୍କ ସେବାରେ ଅନେକ ମାରୁଥିବା କମିଶନରେଟ ପୋଲିସର କାର୍ଯ୍ୟକଳାପ କିନ୍ତୁ ଓଲଟା ଦେଖିବାକୁ ମିଳିଛି ଏୟାରଫିଲ୍ଡ ଥାନାରେ। ଏହି ଥାନାରେ ପ୍ରଭାବଶାଳୀ ଅଭିଯୁକ୍ତଙ୍କ ପାଇଁ ମାମଲା ରୁଜୁ କରିବାରେ ପୋଲିସ ପଛଘୁଞ୍ଚା ଦେଉଛି। କିଛି ମାସ ପୂର୍ବେ ଭୀମପୁର ମୌଜାର ଅଶୋକ ଦାଶ ନାମକ ବ୍ୟକ୍ତି ପ୍ରାୟ ୫କୋଟି ଟଙ୍କାର ଠକେଇର ଶିକାର ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଠକେଇ କରିଥିବା ବ୍ୟକ୍ତିଜଣକ ପ୍ରଭାବଶାଳୀ ହୋଇଥିବାରୁ ମାମଲା ରୁଜୁ କରିବାକୁ ପୋଲିସ ଡରିଥିଲା। ଫଳରେ ଅଶୋକ କୋର୍ଟଦ୍ୱାରସ୍ଥ ହୋଇଥିଲେ। କୋର୍ଟ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଆଦେଶ ଦେବା ପରେ ପୋଲିସ ମାମଲା ରୁଜୁ କରି ନୀରବ ବସିଯାଇଥିଲେ। ପରେ ୨ଜଣ ଖବରଦାତା ଅଶୋକଙ୍କଠାରୁ ଚେକରେ ୧ଲକ୍ଷ ଟଙ୍କା ନେଇ ଫେରାଇ ନ ଥିଲେ। ଏନେଇ ଥାନାରେ ଅଭିଯୋଗ କରିବାରୁ, ସେମାନେ ସାମ୍ବାଦିକ କିଛି କରିପାରିବୁନି ବୋଲି କହି ପୋଲିସ ଫେରାଇ ଦେଇଥିଲା। ଶେଷରେ କୋର୍ଟଙ୍କ ନିର୍ଦ୍ଦେଶ ପରେ ଥାନାରେ ୨୩୫/୧୮ ମାମଲା ରୁଜୁ ହେଲା। ଏମିତିକି ଥାନାରେ କାର୍ଯ୍ୟରତ କେତେଜଣ ଅଧିକାରୀଙ୍କ ବ୍ୟବହାର, କାର୍ଯ୍ୟକଳାପକୁ ନେଇ ସେମାନଙ୍କ ନାମରେ ମାମଲା ମଧ ଥିବା ଜଣାଯାଏ। ଏହି ଥାନା ଅଞ୍ଚଳରେ ପାଟ୍ରୋଲିଂରେ ଗୁଣ୍ଡା, ଅସାମାଜିକ ବ୍ୟକ୍ତିବିଶେଷଙ୍କୁ ଛାଡ଼ି ଦିଆଯାଉଥିବା ବେଳେ କ୍ଷୁଦ୍ର ବ୍ୟବସାୟୀ, ଫେରିବାଲା, ମାଛ ବ୍ୟବସାୟୀମାନଙ୍କ ପାଇଁ କଟକଣା କରାଯାଉଛି। ସେମାନଙ୍କୁ ଅଟକାଇ ହଇରାଣ କରାଯାଉଛି। ଏଭଳି ହଇରାଣ ହୋଇଛନ୍ତି ପୁରୁଣା ଭୁବନେଶ୍ୱର ପେପର ପଏଣ୍ଟରେ ଖବରକାଗଜ ବିକ୍ରି କାର୍ଯ୍ୟରେ ନିୟୋଜିତ ସଞ୍ଜୟ ସାହୁ ନାମକ ଜଣେ ଯୁବକ। ସେ ଦୀର୍ଘବର୍ଷ ହେଲା ସେଠାରେ କାର୍ଯ୍ୟ କରୁଥିବାବେଳେ ପ୍ରତିଦିନ ଭୋର ସମୟରେ ସେଠାକୁ ଯାଆନ୍ତି। ସବୁଦିନ ଭଳି ଶୁକ୍ରବାର ଭୋର ସମୟରେ ସଞ୍ଜୟ ପାତ୍ରପଡ଼ାରୁ ପେପର ପଏଣ୍ଟକୁ ଆସୁଥିବାବେଳେ ପୋଖରୀପୁଟ ଛକରେ ପାଟ୍ରୋଲିଂରେ ଥିବା ପୋଲିସ ଅଧିକାରୀ ତାଙ୍କୁ ଅଟକାଇ ପରିଚୟପତ୍ର ମାଗିଥିଲା। ତେବେ ପଏଣ୍ଟରେ ପହଞ୍ଚିବା ଡେରି ହେବ ମୋତେ ଛାଡ଼ନ୍ତୁ, ଗାଡି ନଂ. ଟିପି ରଖନ୍ତୁ, ଥାନାରେ ଡକ୍ୟୁମେଣ୍ଟ ନ ପହଞ୍ଚାଇଲେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସଞ୍ଜୟ କହିଥିଲେ। ମାତ୍ର ପୋଲିସ ନଛୋଡବନ୍ଦା। ଶେଷରେ ସଞ୍ଜୟ ହ୍ୱାଟ୍‌ସଆପରେ ଘରୁ ଡ୍ରାଇଭିଂ ଲାଇସେନ୍ସ ଦେଖାଇବା ପରେ ପୋଲିସ ଛାଡ଼ିଥିଲା। କିନ୍ତୁ ସେହି ସମୟରେ ମର୍ନିଂୱାକ୍ ଯାଉଛି କହି ଅନେକ ଲୋକ ସେଠାରୁ ପଳାଇଯାଉଥିଲେ ମଧ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା। ଏଥିରୁ ଜଣାପଡୁଛି ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟର ସ୍ୱଚ୍ଛତା। ପୋଲିସ ସମସ୍ତଙ୍କ ପାଇଁ ସମାନ ଭାବେ ନିୟମ, କଟକଣା ଗ୍ରହଣ କରୁ ନଚେତ୍ ଜନତାଙ୍କ ଆସ୍ଥା ହରାଇବ ବୋଲି ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି।



ସ୍କୁଲଗୁଡିକରେ ଝିଅମାନଙ୍କର ସୁରକ୍ଷା ପାଇଁ ସେମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ମାନବ ସମ୍ବଳ ବିକାଶମନ୍ତ୍ରୀ ପ୍ରକାଶ ଜାଭଡେକର ୧୬୪ କୋଟି ଟଙ୍କାର ଅନୁଦାନ ମଞ୍ଜୁର ପ୍ରଦାନ କରିଛନ୍ତି। 'ସମଗ୍ର ଶିକ୍ଷା' ନାମକ ଅଭିଯାନ ମାଧ୍ୟମରେ ଝିଅମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ୧.୩୪ ଲକ୍ଷ ସ୍କୁଲରେ ପ୍ରଶିକ୍ଷଣ ପାଇଁ ୧୦୨.୨୨ କୋଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୭୬,୫୮୧ ସ୍କୁଲରେ ଟ୍ରେନିଂ ପାଇଁ ୬୨ କୋଟି ଟଙ୍କା ମଞ୍ଜୁର କରାଯାଇଛି।

## ପ୍ରଥମ ପୃଷ୍ଠାରୁ

### ପାଣି କମିଲା...

ଏଥିଯୋଗୁ ତଳମୁଣ୍ଡର ରାଜ୍ୟ ବିଶେଷ କ୍ଷତିଗ୍ରସ୍ତ ହେବ। ଧର୍ମେନ୍ଦ୍ରଙ୍କ ପ୍ରତିକ୍ରିୟା ଉପରେ ମତରଖି ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଛତିଶଗଡ ସରକାର ଏକସଙ୍ଗେ ଡ୍ୟାମ୍‌ଗୁଡିକ ଖୋଲି ଦେଉଛନ୍ତି, ଯାହା ଓଡ଼ିଶାର ହୀରାକୁଦ ଡ୍ୟାମ୍ ପାଇଁ ବିପଦର କାରଣ ସାଜି ବନ୍ୟା ପରିସ୍ଥିତି ସୃଷ୍ଟି କରିବ। ଛତିଶଗଡ ଏଭଳି କାର୍ଯ୍ୟରୁ କ୍ଷାନ୍ତ ନ ରହିଲେ ଓଡ଼ିଶା ପାଇଁ ଧାରାବାହିକ ଭାବେ ସମସ୍ୟା ସୃଷ୍ଟି ହେବ। ଭୟ ବାତାବରଣ କିମ୍ବା ବିଦ୍ୱେଷ ଆମେ ସୃଷ୍ଟି କରୁନାହୁଁ। ଯେଉଁମାନେ ସଂଘୀୟ ବ୍ୟବସ୍ଥା ସଂରକ୍ଷଣ ଦାୟିତ୍ୱରେ ଅଛନ୍ତି ସେମାନେ ବିଦ୍ୱେଷ ସୃଷ୍ଟି କରୁଛନ୍ତି। କେନ୍ଦ୍ର ଯଦି ସଂଘୀୟ ବ୍ୟବସ୍ଥା ଭିତରେ ନିଜ ଦାୟିତ୍ୱ ନିର୍ବାହ କରନ୍ତା, ତେବେ ଏଭଳି ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ। ପୂର୍ବରୁ ବିଭିନ୍ନ ସ୍ତରରେ ବାରମ୍ବାର ଆଲୋଚନା ହୋଇଛି। ମାତ୍ର ଛତିଶଗଡ ଓ କେନ୍ଦ୍ର ସରକାର କୌଣସି ବିଧିବିଧାନ ମାନୁନାହାନ୍ତି ବୋଲି ପ୍ରସନ୍ନ ସମାଲୋଚନା କରିଛନ୍ତି। ଅପରପକ୍ଷରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ବନ୍ୟା ପରିସ୍ଥିତି ପାଇଁ ଉଭୟ ଭାଜପା-ବିଜେଡିକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ମହାନଦୀରେ ଚଳିତ ବନ୍ୟା ପରିସ୍ଥିତି ପାଇଁ ଭାଜପା-ବିଜେଡି ଦାୟୀ। ଖରାଦିନରେ ମହାନଦୀରେ ପାଣି ଟୋପେ ଆସୁ ନ ଥିବାବେଳେ ଏବେ ନଦୀକୂଳିଆ ଗାଁଗୁଡିକ ଜଳ ଘେରରେ ରହିଛି। ବିଜେଡି ସରକାରଙ୍କ ଭାଜପା ପ୍ରୀତି ଓ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରିବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଛତିଶଗଡ ସରକାର ମହାନଦୀ ଉପରମୁଣ୍ଡରେ ଏକାଧିକ ବନ୍ଧ ବାନ୍ଧିବା ସମୟରେ ରାଜ୍ୟ ସରକାର ସବୁ ଜାଣି ଚୁପ୍ ରହିଥିଲେ। ନିର୍ମାଣ କାମ ସମ୍ପୂର୍ଣ୍ଣ ଶେଷ ହେବା ପରେ ଶାସକ ବିଜେଡି ଏବେ ଏହାକୁ ନେଇ ରାଜନୀତି କରୁଛି। ଜଳ ପରିଚାଳନା ନେଇ ଓଡିଶା ଏବଂ ଛତିଶଗଡ ସରକାରଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହୁନାହିଁ। ଏପରି ସ୍ଥିତିରେ ଛତିଶଗଡ ସରକାର କେନ୍ଦ୍ରୀୟ ଜଳ ଆୟୋଗଙ୍କୁ ବେଖାତିର କରୁଥିବା ନିରଞ୍ଜନ ଅଭିଯୋଗ କରିଛନ୍ତି।

### ୬ ଦିନ ଛୁଟି ...

ସ୍ଥାନୀୟ ସୂଚନା ଅନୁସାରେ ଓଡିଶାରେ ୩ ତାରିଖରେ ବ୍ୟାଙ୍କ ବନ୍ଦ ରହିବ ନାହିଁ। ସେହିପରି ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ କାରବାର ଏବଂ ଏଟିଏମ୍ କାର୍ଯ୍ୟକାରିତା ପ୍ରଭାବିତ ହେବ ନାହିଁ ବୋଲି ଏଥିରେ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷରେ ୪ ଓ ୫ରେ ଭାରତୀର ରିଜର୍ଭ ବ୍ୟାଙ୍କ କର୍ମଚାରୀମାନେ ଯେଉଁ ଧର୍ମଘଟ ଡାକରା ଦେଇଛନ୍ତି, ସେଥିସକାଶେ ମଧ୍ୟ ବ୍ୟାଙ୍କ ବନ୍ଦ ହେବ ନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ସରକାରଙ୍କୁ ଘେରିବାକୁ ବିରୋଧୀ ପ୍ରସ୍ତୁତ

## ୩ରେ ବିଜେଡି, କଂଗ୍ରେସର ବିଧାୟକ ଦଳ ବୈଠକ

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ସେପ୍ଟେମ୍ବର ୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ମୌସୁମୀ ଅଧିବେଶନ । ଏହି ଅଧିବେଶନ ସ୍ୱଳ୍ପ-କାଳୀନ ହୋଇଥିଲେ ମଧ୍ୟ ବେଶ୍ ସରଗରମ ହେବ। ବିରୋଧୀ ଓ ଶାସକ ପରସ୍ପରକୁ ଘେରିବାକୁ ରଣନୀତି ପ୍ରସ୍ତୁତ ଆରମ୍ଭ କରି ଦେଲେଣି। ଅଧିବେଶନ ପୂର୍ବଦିନ ଅର୍ଥାତ ୩ ତାରିଖରେ କଂଗ୍ରେସ ଓ ବିଜେଡିର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ଶାସକ ଦଳର ବୈଠକ ଅପରାହ୍ନ ୫ଟା ୪୫ ମିନିଟରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ହେବ। ସେହିପରି କଂଗ୍ରେସ ବିଧାୟକ ଦଳ ବୈଠକ ଅପରାହ୍ନ ୬ଟାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ସେହିପରି କଂଗ୍ରେସ ବିଧାୟକ ଦଳ ବୈଠକରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଅଧ୍ୟକ୍ଷତା କରିବେ। ତେବେ ଭାଜପା ବିଧାୟକ ଦଳ ବୈଠକ ନେଇ ତାରିଖ ଧାର୍ଯ୍ୟ କରାଯାଇନାହିଁ।

ବିରୋଧୀ କଂଗ୍ରେସ ଓ ଭାଜପା ବିଭିନ୍ନ ପ୍ରସଙ୍ଗରେ ସଣ୍ଡୁଆଶି ଆକ୍ରମଣ କରିବାକୁ ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଆଇନ ଶୃଙ୍ଖଳା, ଶିକ୍ଷକ ଆନ୍ଦୋଳନ, ଚାଷୀଙ୍କୁ ବୀମା ଅର୍ଥ ନ ମିଳିବା, ବିଜୁ ଯୁବ ବାହିନୀ ଗଠନ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ପ୍ରସଙ୍ଗକୁ ବିରୋଧୀ ଅସ୍ତ୍ର କରିବେ। ବିଧାନ ପରିଷଦ ଗଠନ ସଂକଳ୍ପକୁ ମଧ୍ୟ ଭାଜପା ଓ କଂଗ୍ରେସ ବିରୋଧ କରିବେ ବୋଲି ପୂର୍ବରୁ ସୂଚନା ଦେଇଛନ୍ତି।

ତୈଳ ଦର ବୃଦ୍ଧି, ଓଡ଼ିଶା କେନ୍ଦ୍ରୀୟ ଅନୁଦାନ ପ୍ରଦାନରେ ବିଳମ୍ବ, ଛତିଶଗଡ ବ୍ୟାରେଜରୁ ଜଳ ଛାଡିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ଶାସକ ଦଳ ବିରୋଧୀଙ୍କ ଆକ୍ରମଣରୁ ବର୍ତ୍ତିବାକୁ ଉଦ୍ୟମ କରିବ।

# ବିଦ୍ୟୁତ୍ ଆଘାତରେ ଦନ୍ତା ମୃତ



**ଢେଙ୍କାନାଳ ଅଫିସ/ ସାତମାଇଲ, ୩୧।୮**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ରେଞ୍ଜ୍ ମହାଲୁଣ୍ଡା ପଞ୍ଚାୟତର ନୂଆପଡା ଗ୍ରାମ ଡେଙ୍ଗବୁରୀ ଜଙ୍ଗଲରେ ଶୁକ୍ରବାର ସକାଳେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ଜନ୍ତୁ ଶିକାର ପାଇଁ ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ହୁକ ପକାଯାଇ ଜଙ୍ଗଲରେ ତାର ବିଛାଯାଇଥିବା ବେଳେ ଏହା ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି। ସକାଳେ ହାତୀ ମରିପଡିଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ମଧୁସୂଦନ ପାତ୍ର, ବନପାଳ ଆର୍ଯ୍ୟରଞ୍ଜନ ସାହୁ ହାତୀ ସ୍କ୍ୱାଡ୍ କର୍ମଚାରୀଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଢେଙ୍କାନାଳ ଜିଲ୍ଲା ବନଖଣ୍ଡ ଅଧିକାରୀ ଦାୟିତ୍ୱରେ ଥିବା ମିରେଜ ପ୍ରଦୀପ ଦେବୀଦାସ, ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ର ନାଥ ଦାସ କର୍ମଚାରୀଙ୍କ ସହ ପହଞ୍ଚି ତଦନ୍ତ କରିଥିଲେ। ଅପରାହ୍ନରେ ରାସୋଲ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଡାକ୍ତର ବ୍ୟବଚ୍ଛେଦ କରିବା ପରେ ବିଭାଗ ପକ୍ଷରୁ ୨ଟି ଦାନ୍ତକୁ ଜବତ କରାଯାଇ ହାତୀ ମୃତଦେହ ସେଠାରେ ପୋତି ଦିଆଯାଇଥିଲା। ଘଟଣାସ୍ଥଳରୁ କିଛି ବିଦ୍ୟୁତ୍ ତାର ଜବତ କରାଯାଇଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହାକୁ ମିଶାଇ ଗତ ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ଜିଲାରେ ପ୍ରାୟ ୧୧ ହାତୀଙ୍କ ମୃତ୍ୟୁ ଘଟିଛି। ସେଥିରୁ ବିଦ୍ୟୁତ୍ ଆଘାତରେ ୨ଟି ହାତୀ ପ୍ରାଣ ହରାଇଥିବା ବିଭାଗ ସୂତ୍ରରୁ ଜଣାପଡିଛି।

# ଅମଲା ସଂଘ ଆନ୍ଦୋଳନକାରୀଙ୍କୁ ନେଇ ରାଜନୀତି

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**





ଆନ୍ଦୋଳନ ସ୍ଥଳରେ ଉଦ୍‌ବୋଧନ ଦେଉଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

- ଅଯଥା ବିବାଦ ଅନାବଶ୍ୟକ: ଧର୍ମେନ୍ଦ୍ର
- ସମ୍ବେଦନଶୀଳ ପ୍ରସଙ୍ଗରେ ରାଜନୀତି କରାନଯାଉ: ସସ୍ମିତ

ରାଜ୍ୟର ବିଭିନ୍ନ ବିଭାଗ ମୁଖ୍ୟ ଦପ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ଆନ୍ଦୋଳନରେ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଥିଲେ। ନଅତାଲାରେ ଧାରଣା ଦେଇଥିବା କର୍ମଚାରୀମାନଙ୍କ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଧର୍ମେନ୍ଦ୍ର ସେମାନଙ୍କ ଦାବି ଯୁକ୍ତିଯୁକ୍ତ ବୋଲି କହିଛନ୍ତି। ନଅତାଲା କର୍ମଚାରୀଙ୍କ ଦାବିକୁ ସେ ଓ ତାଙ୍କ ଦଳ ସମର୍ଥନ କରୁଥିବା ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ୧୫ଦିନ ହେବ ନଅତାଲା କର୍ମଚାରୀମାନେ କଲମ ଛାଡ ଆନ୍ଦୋଳନ କରୁଛନ୍ତି। ସେମାନଙ୍କ ଦାବି ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଇବେ। ୧୫ଦିନ ହେବ ରାଜ୍ୟବାସୀ ହଇରାଣ ହେଲେଣି। ମୁଖ୍ୟମନ୍ତ୍ରୀ ହେଉଛନ୍ତି ଘରର ମୁରବି। ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିକୁ ୪ରୁ ୫ମାସ ବିତିଯାଇଥିଲା ବେଳେ ଏପର୍ଯ୍ୟନ୍ତ ତାହା ପୂରଣ ହୋଇପାରୁନି। କେଉଁ ଅଧିକାରୀମାନେ ଏଥିରେ ବାଧକ ସାଜୁଛନ୍ତି ତାକୁ ମୁଖ୍ୟମନ୍ତ୍ରୀ ବିଚାର କରନ୍ତୁ। କିଏ ସଚିବାଳୟରେ, କିଏ ନଅତାଲାରେ କିମ୍ବା କିଏ ଜିଲାରେ କାର୍ଯ୍ୟ କରୁଛନ୍ତି। ଏହାକୁ ନେଇ ଅନାବଶ୍ୟକ ବିବାଦର ଆବଶ୍ୟକତା ନାହିଁ। ବିବାଦ ନ କରି ତୁରନ୍ତ ସମାଧାନର ବାଟ କରାଯାଉ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ରଙ୍କ ମତ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ନିଜ କାମ ଛାଡି ଅନ୍ୟମାନଙ୍କର କାର୍ଯ୍ୟରେ ହସ୍ତକ୍ଷେପ କରିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଏକ ଅଭ୍ୟାସଗତ ତ୍ରୁଟିରେ ପରିଣତ ହେଲାଣି। ଅମଲା ସଂଘର ଆନ୍ଦୋଳନସ୍ଥଳୀରେ ପହଞ୍ଚି କେନ୍ଦ୍ରମନ୍ତ୍ରୀ ଚିରାଚରିତ ଢଙ୍ଗରେ କୁମ୍ଭୀର କାନ୍ଦଣା କରିଛନ୍ତି। ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ସେ ରାଜନୈତିକ ରୁଟି ସେକିବାକୁ ପ୍ରୟାସ କରୁଛନ୍ତି। ଅମଲା ସଂଘ ପାଇଁ ଯାହା ପ୍ରାଯୁଜ୍ୟ ସେ ନେଇ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ପେଟ୍ରୋଲ ଦର ବୃଦ୍ଧି ପାଇଁ ୮୦ଟଙ୍କାରେ ପହଞ୍ଚିଲାଣି। ସେ ପ୍ରଥମେ ନିଜ ଦାୟିତ୍ୱ ଠିକଣା ଢଙ୍ଗରେ ତୁଲାନ୍ତୁ, ତା'ପରେ ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାଇବେ ବୋଲି ପାତ୍ର କହିଛନ୍ତି।

# ଏସ୍‌ଏସ୍‌ସି-୨୦୧୭ ପରୀକ୍ଷା ଫଳ ଘୋଷଣା ଉପରେ ରହିତାଦେଶ

**ନୂଆଦିଲ୍ଲୀ, ୩୧।୮ (ପି.ଟି.)**

ସରକାରୀ ବିଭାଗ ଓ ମନ୍ତ୍ରଣାଳୟରେ ନିଯୁକ୍ତି ଲାଗି ଷ୍ଟାଫ୍ ସିଲେକ୍ସନ୍ କମିଶନ (ଏସ୍‌ଏସ୍‌ସି) ପକ୍ଷରୁ ୨୦୧୭ରେ ହୋଇଥିବା ପରୀକ୍ଷା ଫଳ ଏବେ ପ୍ରକାଶ ପାଇବ ନାହିଁ। ପରୀକ୍ଷାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଆସିଥିବା ଅଭିଯୋଗର ସତ୍ୟତା ଥିବା ପ୍ରତୀୟମାନ ହେଉଥିବାରୁ ଫଳାଫଳ ଘୋଷଣା ଉପରେ ଶୁକ୍ରବାର ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି। ପରୀକ୍ଷାରେ ଜାଲିଆତି କରି ଲାଭ ଉଠାଇବା ପାଇଁ ଲୋକଙ୍କୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ଅଦାଲତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏସ୍‌ଏସ୍‌ସିର କମ୍ବାଇନ୍‌ଡ ଗ୍ରାଜୁଏଟ ଲେଭଲ୍ ଏବଂ ସେକେଣ୍ଡାରୀ ଲେଭଲ୍ ପରୀକ୍ଷାରେ ମହାଦୁର୍ନୀତି ଦୁର୍ନୀତି ହୋଇଥିବା କିଛିମାସ ପୂର୍ବେ ପ୍ରଘଟ ହେବା ପରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ଅନେକ ଏସ୍‌ଏସ୍‌ସି ଅଧିକାରୀ ଏଥିରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ମାମଲାର ତଦନ୍ତ ଭାର ସିବିଆଇ ଉପରେ ନ୍ୟସ୍ତ କରାଯାଇଥିଲା। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସୁପ୍ରିମକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିସାରିଛି। ଏହାକୁ ତର୍ଜମା କରିବା ପରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଦେ, ଏଲ୍. ନାଗେଶ୍ୱର ରାଓଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ୨୦୧୭ ଏସ୍‌ଏସ୍‌ସି ପରୀକ୍ଷାର ସମ୍ପୂର୍ଣ୍ଣ ବ୍ୟବସ୍ଥାରେ ଦୁର୍ନୀତି ହୋଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଯାଇଛି। ପ୍ରଶ୍ନପତ୍ରକୁ ସୁରକ୍ଷିତ ରଖିବା ଦାୟିତ୍ୱରେ ରହିଥିବା ଅଧିକାରୀ ହିଁ ଏସବୁ ଲିକ୍ କରୁଛନ୍ତି। ଏକଥା ବିଶ୍ୱାସ କରି ହେଉନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏସ୍‌ଏସ୍‌ସି ଅଧିକାରୀଙ୍କ ସପକ୍ଷରେ ଯୁକ୍ତି ଦର୍ଶାଇବା ଯୋଗୁ ଅତିରିକ୍ତ ସଲିସିଟର ଜେନେରାଲ ବିକ୍ରମଜିତ ବାନାର୍ଜୀଙ୍କ ଉପରେ ମଧ୍ୟ କୋର୍ଟ ପ୍ରବଳ ବର୍ଷିଛନ୍ତି। ଆବେଦନକାରୀ ଶାନ୍ତନୁ କୁମାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ପ୍ରଶାନ୍ତ ଭୂଷଣ ଏବଂ ଗୋବିନ୍ଦ ଜୀ କହିଥିଲେ, ପ୍ରଶ୍ନପତ୍ର ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀମାନେ ଏସବୁ ଲିକ୍ କରିଛନ୍ତି ବୋଲି ସିବିଆଇ ସ୍ୱୀକାର କରିଛି। ତେଣୁ ପରୀକ୍ଷା ଫଳ ଘୋଷଣା ଉପରେ ରହିତାଦେଶ କରାଯାଉ ବୋଲି ସେ କୋର୍ଟଙ୍କୁ ଅନୁରୋଧ କରିଥିଲେ।

# ଯୋଗେନ୍ଦ୍ର ବିଜେଡି ସାଧାରଣ ସମ୍ପାଦକ

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ):** ବିଜେଡି ନେତା ଯୋଗେନ୍ଦ୍ର ତ୍ରିପାଠୀ ଶୁକ୍ରବାର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ କାର୍ଯ୍ୟାଳୟରେ ପହଞ୍ଚିବା ପରେ କହିଛନ୍ତି ଯେ, ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୭୭ ମସିହାରେ ଜନତା ଦଳ ଏବଂ ବିଜେଡି ଗଠନଠାରୁ ଦଳର ଜଣେ ଶୃଙ୍ଖଳିତ ସଭ୍ୟ ଭାବେ କାର୍ଯ୍ୟ କରିଆସୁଛି। ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦେଇଥିବାରୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛି।

# ୨ ଆଇଏଏସ୍ ଅଫିସରଙ୍କୁ ନୂଆ ଦାୟିତ୍ୱ

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ):** ଦୁଇ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀଙ୍କୁ ବଦଳି କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥି ଅନୁଯାୟୀ ବ୍ରହ୍ମପୁର ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିବା ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଗଞ୍ଜାମ ଜିଲା ଡିଆରଡିଏର ଭାରପ୍ରାପ୍ତ ପ୍ରକଳ୍ପ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ମାଲକାନଗିରି ଜିଲା ଉପଜିଲାପାଳ ଥିବା ଲିଙ୍ଗରାଜ ପଣ୍ଡାଙ୍କୁ ଡିଆରଡିଏର ଭାରପ୍ରାପ୍ତ ପ୍ରକଳ୍ପ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଉପରୋକ୍ତ ୨ ଜଣ ଅଫିସର ଅନୁଶାସନ ସଚିବ ପାହ୍ୟାର ହୋଇଥିବାରୁ ଭାରପ୍ରାପ୍ତ ଅଧିକାରୀ ଦାୟିତ୍ୱ ଦିଆଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ।

## ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ପ୍ରସଙ୍ଗ | ଏନ୍‌ଜିଟିରେ ମାମଲା ରୁଜୁ

**ଯାଜପୁର ଅଫିସ, ୩୧।୮:** ବେଆଇନ କଳାପଥର ଖାଦାନ ପାଇଁ ପ୍ରାକୃତିକ ଉତ୍ସରେ ନିର୍ମିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବଳି ପଡୁଛି। ଏପରି କି ପଥର ମାଫିଆ ଓ ନିଜ ସ୍ୱାର୍ଥ ପାଇଁ କ୍ୟାବିନେଟ ମଞ୍ଜୁରୀପ୍ରାପ୍ତ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠାକୁ ନେଇ ମଧ୍ୟ ଷଡଯନ୍ତ୍ର ଚାଲିଛି। ପଥର ବ୍ୟବସାୟୀମାନେ ଏକ ସଙ୍ଗଠନ କରି ଏହି କେନ୍ଦ୍ରୀୟ ପ୍ରସ୍ତାବକୁ ବିରୋଧ କରୁଛନ୍ତି। ଏ ସଂକ୍ରାନ୍ତରେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ରେ ନିୟମିତ ଭାବେ ଖବର ପ୍ରକାଶ ପାଇବା ପରେ ଏବେ ଜଣେ ସାମାଜିକ କର୍ମୀ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ଅଭିଯୋଗ ସଂଖ୍ୟା ୬୦୪/୨୦୧୮ରେ ଗ୍ରୀନ୍ ଟ୍ରିବ୍ୟୁନାଲରେ ୧୨୮୬/ ୩୧।୮।୨୦୧୮ରେ ମାମଲା ପଞ୍ଜୀକୃତ ହୋଇଛି। ଏଥିରେ କେନ୍ଦ୍ର ସରକାର ସମେତ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ, ଯାଜପୁର ଜିଲାପାଳ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ଜଷ୍ଟିସ ଆଦର୍ଶ କୁମାର ଗୋଏଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଶୁକ୍ରବାର ଆବେଦନର ଶୁଣାଣି କରିଥିବା ସୂଚନା ମିଳିଛି।

# ବଲାଙ୍ଗୀର ମେଡିକାଲ କଲେଜ ପ୍ରତିଷ୍ଠା ଶ୍ରେୟକୁ ନେଇ ରାଜନୀତି

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ଦ୍ୱାରା ବଲାଙ୍ଗୀରସ୍ଥିତ ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍‌ପିଟାଲ ଲୋକାର୍ପିତ ହୋଇଛି। ହେଲେ ଶ୍ରେୟ ନେବା ପାଇଁ ରାଜନୈତିକ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ରାଜ୍ୟରେ କ୍ଷମତାସୀନ ବିଜେଡି, କେନ୍ଦ୍ରରେ କ୍ଷମତାସୀନ ଭାଜପା ଏବଂ ବିରୋଧୀ କଂଗ୍ରେସ ଶ୍ରେୟ ନେବା ପାଇଁ ଅଣ୍ଟା ଭିଡିଛନ୍ତି।

କେନ୍ଦ୍ରମନ୍ତ୍ରୀ ନଡ୍ଡା ଏହି ବାହାନାରେ 'ଆୟୁଷ୍ମାନ ଭାରତ' ଯୋଜନା ଲାଗୁ କରିବା ପାଇଁ ପରୋକ୍ଷରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ନିଜ ବକ୍ତବ୍ୟ ଛଳରେ ସେ କହିଛନ୍ତି ଯେ, ରାଜ୍ୟ ନିଜର ସ୍ୱାସ୍ଥ୍ୟ ଯୋଜନା ଲାଗୁ କରୁ, ମନା ନାହିଁ। ହେଲେ ତା' ସହିତ ଆୟୁଷ୍ମାନ ଯୋଜନାକୁ ବି କାର୍ଯ୍ୟକାରୀ କରୁ। ଏହି ଯୋଜନାରେ ଥିବା ପ୍ରଧାନମନ୍ତ୍ରୀ ଡାଏଲିସିସ୍ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରୁ। ରାଜ୍ୟର ଏମ୍‌ସ ସମେତ ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲରେ 'ଅମ୍ରିତ ଔଷଧ ଯୋଜନା' କାର୍ଯ୍ୟକାରୀ କରିବା ପାଇଁ ନଡ୍ଡା କହିଛନ୍ତି। ସେହିପରି ୩ ସଂସଦୀୟ କ୍ଷେତ୍ରକୁ ନେଇ ଗୋଟିଏ ମେଡିକାଲ ପ୍ରତିଷ୍ଠା ଯୋଜନାରେ ଭଦ୍ରକ, ଯାଜପୁର ଏବଂ ଢେଙ୍କାନାଳ ମଧ୍ୟରୁ ଗୋଟିଏ ସ୍ଥାନ ବାଛିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଅପରପକ୍ଷରେ ନଡ୍ଡାଙ୍କ ବକ୍ତବ୍ୟକୁ ସ୍ଥାନୀୟ ବଲାଙ୍ଗୀର ଏମ୍‌ପି କଳିକେଶ ସିଂଦେଓ ରାଜନୀତି ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ, ଭାଜପା ସରକାର କେବଳ ଯୋଜନା କରିବା ଜାଣିଛି। ଏହାକୁ ଯେଉଁ ପରିମାଣରେ ଅର୍ଥ ଦେବା କଥା, ତାହା ଉପଯୁକ୍ତ ସମୟରେ ଦିଏନାହିଁ। ଲୋକାର୍ପିତ ହୋଇଥିବା ମେଡିକାଲ କଲେଜର ୪୦ କୋଟି ଟଙ୍କା ଏଯାବତ୍ ଆସି ନ ଥିବା ସେ ଅଭିଯୋଗ କରିଛନ୍ତି।

ବିରୋଧୀ ଦଳ ନେତା ନରସିଂହ ମିଶ୍ର ମେଡିକାଲ କଲେଜ ଲୋକାର୍ପଣକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ସେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଥିବା ବେଳେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରସ୍ତାବିତ ହୋଇଥିବାରୁ ଶୁକ୍ରବାର କର୍ମୀଙ୍କ ସହ ବିଜୟ ଦିବସ ପାଳନ କରିଛନ୍ତି। ସେହିପରି ବିଜେଡି ଓ ଭାଜପା ମଧ୍ୟ ଶ୍ରେୟ ପାଇଁ ଯୁକ୍ତି ବାଢିଛନ୍ତି। ଦୁଇଦିନ ପୂର୍ବେ ଏହି ଉତ୍ସବର ନିମନ୍ତ୍ରଣ ପତ୍ରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ନାଁ ନ ଥିବାକୁ ନେଇ ଭାଜପା ପ୍ରଶ୍ନ ଉଠାଇଥିଲା। ଦଳର ନେତା କେ.ଭି. ସିଂଦେଓ କହିଛନ୍ତି ଯେ, ଛୋଟେ ମନ୍ ସେ କୋଇ ବଡା ନେହିଁ ହୋତା, ଟୁଟେ ମନ୍ ସେ କୋଇ ଖଡା ନେହିଁ ହୋତା। କେନ୍ଦ୍ରମନ୍ତ୍ରୀଙ୍କ ଫଟୋ ଲଗାଇଲେ ରାଜ୍ୟ ସରକାରଙ୍କ ଭୋଟ ବ୍ୟାଙ୍କ ହ୍ରାସ ପାଇବା ଭୟରେ ବିଜେଡି ଏପରି କରୁଥିବା କେ.ଭି. କହିଛନ୍ତି।


ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**ଡ୍ରାଇଭର ଆବଶ୍ୟକ**
ଘରୋଇ ଗାଡି ଚଳାଇବା ପାଇଁ ଏବଂ ଢେଙ୍କାନାଳ, ଅନୁଗୁଳ, ଗଞ୍ଜାମ ଜିଲ୍ଲାର ଲୋକ ହୋଇଥିବା। ରହିବା ବ୍ୟବସ୍ଥା ଅଛି।
7750899392

**REQUIRED**
ACCOUNTANT for BBSR Branch
Min. 2 Yrs Exp. in Tally
WEST COAST DIESEL LLP.
HIG-II/34, BDA Colony, Kapilaprasad, BBSR-751002
Contact: 9337003316
Email: odisha@wcdllp.com

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱରରେ Car ଏବଂ 407 ଗାଡ଼ି ଚଳାଇବା ପାଇଁ 4 ଜଣ ଡ୍ରାଇଭର ଆବଶ୍ୟକ।
Mobile: 7381203300

ଧରିତ୍ରୀ DHARITRI is looking for
**LAYOUT DESIGNERS**
- Minimum 3 years+ experience in news dailies.
- Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.

Apply within 10 days to:
recruitment@dharitri.com
Pay & perks will be the best in the industry for deserving candidates.

**19 VACANCY IN MNC**
Qual.- 10th To Graduation
Age- (18 To 30) Yrs
Monthly Rs.8000/- To Rs.20000/- + Hostel free.
9937042198, 9937172198

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319469228

**APPOINTMENT**
'Z' FINANCE Requires
1. COMPUTER ASSISTANTS-2 Nos.
2. MARKETING MANAGER- 15 Nos.
3. PEON- 2 Nos.
4. FINANCE MANAGER- 5 Nos.
Plot No: N-1/39, IRC Village.
Ph. No: 8480697808, 9078445982
Dt. Timing: 11 A.M.- 2 P.M.

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. ମାସିକ ଦରମା upto Rs.25000/-.
(Part Time / Full Time)
Contact: 9938676412

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**REQUIRED**
Well Educated Trained Teacher for CBSE Math, English, SST, Hindi, Odia an all types of Music, Dance, Art for MDKs Coaching Centre, Satya Vihar, Rasulgarh, BBSR.
For Contact Phone
9439177325, 9937160598

**DOMINOS PIZZA HIRING**
Delivery Boy Full Time / Part Time
Salary Rs. 9000/- to 10,000/- per month + Incentive.
Qualification: 10th Pass
Driving License Must.
CALL: 9040033665

**REQUIREMENT**
A smart Sales Girl (Fluent in English, Hindi & Odia, minimum qualification +2 with Computer knowledge) for a Boutique. Handsome Salary.
Contact- N2/180, IRC Village, Nayapalli, Bhubaneswar.
Mobile: 9438185270

**REQUIRED**
Experienced Beautician for Ladies Beauty SPA & Staff for Garment Showroom (Ladies & Gents), Chandrasekharpur, Bhubaneswar.
Ph: 9861610222, 7008679211

**ଜାତୀୟ ରିଟେଲ୍ ଚେନ୍ ଫାର୍ମାସି ଆବଶ୍ୟକ କରୁଛି**
ସ୍ମାର୍ଟ ଉତ୍ସାହୀ ସେଲ୍ସ ଏକ୍‌ଜିକ୍ୟୁଟିଭ୍
ଭୁବନେଶ୍ୱର ପାଇଁ। ପ୍ରାର୍ଥୀ ଏଫ୍‌ଏମ୍‌ସିଜି/ଫାର୍ମା ସେଲ୍ସରେ 1-2 ବର୍ଷ ଅଭିଜ୍ଞତାଧାରୀ କିମ୍ବା ପ୍ରତିଷ୍ଠିତ କଲେଜର ଏମ୍‌ବିଏ ଫ୍ରେଶର୍ ହୋଇଥିବା ଆବଶ୍ୟକ। ଆଗ୍ରହୀ ପ୍ରାର୍ଥୀମାନେ career@stayhappi.inରେ ନିଜର ସିଭି ପଠାଇପାରନ୍ତି କିମ୍ବା ଆମ ସହ 8448281862ରେ ଯୋଗାଯୋଗ କରିପାରନ୍ତି।
ପରିଦର୍ଶନ କରନ୍ତୁ: www.stayhappi.in

**KRISHNA PALACE (LODGE)**
REQUIRED
1. RECEPTION MANAGER (Having Computer Knowledge)
2. ROOM BOY 3. SWEEPER
Plot No: 15/A, Unit-3, Kharvel Nagar, BBSR-01
CONTACT NO
9437230525, 9937328292

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000 - 42,000.
8598856282

**WANTED**
For a Hotel division handling Hotels & Luxury Apartments
- Stewards
- Electrician
- Housekeeping Boys

Candidates with Hotel experience will be an added advantage.
Ph: 080 - 41487000/9000
99457 11116 / 98446 60100

A leading mattress & foam manufacturing company requires for Odisha
Marketing Executive
6 Posts
Salary (10 - 20K)
Contact:
8269927225, 7747016509

See Career Appointment on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**NATIONAL BANK FOR AGRICULTURE AND RURAL DEVELOPMENT**
NABARD
Plot No. C-24, G Block, Bandra-Kurla Complex, Bandra (E), Mumbai 400051

Direct Recruitment - 2018
(i) Officers in Grade 'A' (Protocol & Security Service)
(ii) Development Assistants in Clerical Service

NABARD, an all India Apex Organization, wholly owned by Government of India invites ONLY online applications from Indian citizens having necessary qualification for appointment in NABARD for the following posts:

| Sl. | Advt. No. | Post | Vacancies | Online Application Registration |
|---|---|---|---|---|
| 1 | 2/P & SS | Assistant Managers in Grade 'A' (Protocol & Security Service) | 07 | 27.08.2018 to 12.09.2018 |
| 2 | 3/DA | Development Assistants | 62 | 27.08.2018 to 12.09.2018 |

For all details related to vacancies, education qualification, age, application fee, selection procedure, etc., please visit https://www.nabard.org

Chief General Manager
27 August 2018 Human Resources Management Department
गाँव बढ़े >> तो देश बढ़े www.nabard.org Taking Rural India >> Forward

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 71.00 (26) | 38,645.07 (45.03) | 11,680.50 (3.70) | 31,340.00 (₹140) | 38,300.00 (₹0) |

ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସକୁ ନେଇ ଚିନ୍ତିତ ହେବାର କୌଣସି ଆବଶ୍ୟକତା ନାହିଁ।

-ପି.କେ. ଗୁପ୍ତା, ଏମ୍‌ଡି, ଏସ୍‌ବିଆଇ



ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ଦର୍ଶାଉଛି ଯେ, ଦେଶର ଅର୍ଥନୀତି ଢାଞ୍ଚା ସୁଦୃଢ଼ ରହିଛି।

-ବିବେକ୍ ଦେବରାୟ, ଅଧ୍ୟକ୍ଷ, ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ଉପଦେଷ୍ଟା ମଣ୍ଡଳୀ



## ସଂକ୍ଷେପରେ

### ଅଶୋଧିତ ତେଲ ଦର ୭୫ ଡଲାର ଛୁଇଁବ

**ନୂଆଦିଲ୍ଲୀ,୩୧-୮:** ଦେଶରେ ପେଟ୍ରୋଲ ଓ ଡିଜେଲ ଦର ସର୍ବକାଳୀନ ରେକର୍ଡ ଭାଙ୍ଗିବାରେ ଲାଗିଛି। ଆଗାମୀ ଦିନରେ ଏହା ଆହୁରି ରେକର୍ଡ ଭାଙ୍ଗିବ। କାରଣ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୫ ଡଲାର ଛୁଇଁବ ବୋଲି ଇଣ୍ଟରନ୍ୟାଶନାଲ ଏନର୍ଜି ଏଜେନ୍ସି(ଆଇଇଏ) ପକ୍ଷରୁ ସତର୍କ କରିଦିଆଯାଇଛି। ଭାରତରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଆଇଇଏର ଏକଜିକ୍ୟୁଟିଭ ଡାଇରେକ୍ଟର ଫତିହ ବିରଲ କହିଛନ୍ତି ଯେ, ଅଶୋଧିତ ତୈଳ ଉପରେ ଭାରତର ଅର୍ଥନୀତି ନିର୍ଭର କରୁଥିବାରୁ ଭାରତକୁ ବିକଳ୍ପ ଖୋଜିବାକୁ ହେବ ଏବଂ ଗାଡ଼ି ମୋଟରରେ ଇନ୍ଧନ ବ୍ୟବହାରକୁ କମାଇବାକୁ ପଡିବ। ଏହାଛଡା ବାୟୋ ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହିତ କରିବାକୁ ହେବ। ତୈଳ ଉତ୍ପାଦନକାରୀ ରାଷ୍ଟ୍ରସମୂହ ଓପେକ୍ ଉତ୍ପାଦନ ନ ବଢ଼ାଇଲେ ଦାମ ବୃଦ୍ଧି ପାଇ ବ୍ୟାରେଲ ପିଛା ୭୫ ଡଲାରରେ ପହଞ୍ଚିଯିବ ବୋଲି ସେ କହିଥିଲେ।

### ଭୋଡାଫୋନ-ଆଇଡିଆ ମିଶ୍ରଣ ସମ୍ପୂର୍ଣ୍ଣ

ନୂଆଦିଲ୍ଲୀ,୩୧-୮

ଦୀର୍ଘ ୧୫ ବର୍ଷ ଧରି ଦେଶର ସର୍ବବୃହତ୍ ଟେଲିକମ ଅପରେଟର ଭାବେ ଖ୍ୟାତି ଅର୍ଜନ କରିଥିବା ଏୟାରଟେଲ ଶୁକ୍ରବାର ନଂ ୨ ସ୍ଥାନକୁ ଖସି ଆସିଛି। ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି) ଅନୁମତି ଦେବା ପରେ ଆଇଡିଆ ସେଲ୍ୟୁଲାର ସହ ଭୋଡାଫୋନ ଇଣ୍ଡିଆର ମିଶ୍ରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଶୁକ୍ରବାରଠାରୁ ଏହି ଦୁଇ କମ୍ପାନୀ ମିଶିଯାଇ ଭୋଡାଫୋନ ଆଇଡିଆ ଲିମିଟେଡ ଭାବେ ନୂତନ ପରିଚୟ ଲାଭ କରିଛି। ଏହି ମିଶ୍ରଣ ପରେ ଦେଶର ଟେଲିକମ୍ ଉଦ୍ୟୋଗରେ ଏବେ ୩ଟି ବଡ଼ କମ୍ପାନୀ ଭାରତୀ ଏୟାରଟେଲ, ରିଲାଏନ୍ସ ଜିଓ ଇନଫୋକମ୍ ଓ ଭୋଡାଫୋନ ଆଇଡିଆ ଲିଃ ପ୍ରତିଯୋଗିତାରେ ତିଷ୍ଠି ରହିବେ। ୪୦ କୋଟି ୮୦ ଲକ୍ଷ ଗ୍ରାହକ ସହିତ ଭୋଡାଫୋନ ଆଇଡିଆ ଏବେ ଦେଶର ସର୍ବବୃହତ୍ ଟେଲିକମ୍ ଅପରେଟର ହୋଇଛି। କମ୍ପାନୀ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ନୂଆ କମ୍ପାନୀର ଏକ ବୋର୍ଡ ଅଫ ଡାଇରେକ୍ଟର ଗଠନ କରାଯାଇଛି। ଏଥିରେ ୬ ଜଣ ସ୍ୱାଧୀନ ସହିତ ୧୨ ଜଣ ଡାଇରେକ୍ଟର ରହିବେ ଏବଂ କୁମାରମଙ୍ଗଳମ ବିର୍ଲା କମ୍ପାନୀର ଅଧ୍ୟକ୍ଷ ରହିବେ।

### ଡବ୍ଲ୍ୟୁଟିଓକୁ ଟ୍ରମ୍ପଙ୍କ ଧମକ

**ୱାଶିଂଟନ,୩୧-୮:** ଆମେରିକା ପ୍ରତି ବିଶ୍ୱ ବାଣିଜ୍ୟ ସଂଗଠନର ବ୍ୟବହାର ନ ବଦଳିଲେ ଡବ୍ଲ୍ୟୁଟିଓରୁ ତାଙ୍କ ଦେଶ ଓହରିଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ ଟ୍ରମ୍ପ ଧମକ ଦେଇଛନ୍ତି। ବିଶ୍ୱ ବାଣିଜ୍ୟ ସଂଗଠନ ପ୍ରଥମେ ନିଜକୁ ସଜାଡୁ। ଏଥିରୁ ବିଚ୍ୟୁତ ହେଲେ ଆମେରିକା ବିଶ୍ୱ ବାଣିଜ୍ୟ ସଂଗଠନରୁ ଓହରିଯିବ ବୋଲି ସେ କହିଛନ୍ତି। ଜେନିଭାସ୍ଥିତ ବିଶ୍ୱ ବାଣିଜ୍ୟ ସଂଗଠନ ଦ୍ୱାରା ବହୁ ବର୍ଷ ହେବ ଆମେରିକା ଖରାପ ବ୍ୟବହାରର ଶିକାର ହୋଇ ଆସିଛି ବୋଲି ଗତ ମାସରେ ଟ୍ରମ୍ପ ଉଲ୍ଲେଖ କରିଥିଲେ। ଏହାର କାର୍ଯ୍ୟକଳାପରେ ପରିବର୍ତ୍ତନ କରିବାକୁ ହେବ। ନଚେତ୍ ଆମେରିକା ଏହି ସଂଗଠନର ସଦସ୍ୟ ହୋଇ ରହିବନି। ଅନ୍ୟପକ୍ଷରେ ଆମେରିକା ବାଣିଜ୍ୟ ପ୍ରତିନିଧି ରବର୍ଟ ଲାଇଟହାଇଜର କହିଥିଲେ ଯେ, ୨୦୦୧ରେ ଚାଇନାକୁ ଡବ୍ଲ୍ୟୁଟିଓରେ ସାମିଲ କରିବା ସବୁଠାରୁ ବଡ଼ ଭୁଲ୍ ଥିଲା।

### ସରକାରଙ୍କୁ ସେଲ୍ ଡିଭିଡେଣ୍ଟ ଦେବନି

**ନୂଆଦିଲ୍ଲୀ,୩୧-୮:** ରାଷ୍ଟ୍ରାୟତ୍ତ ଷ୍ଟିଲ୍ ଅଥରିଟି ଅଫ ଇଣ୍ଡିଆ(ସେଲ୍) କେନ୍ଦ୍ର ସରକାରଙ୍କୁ ଡିଭିଡେଣ୍ଟ ଦେବ ନାହିଁ ବୋଲି କହିଛି। କମ୍ପାନୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ସେଲ୍ ନିକଟରେ ନଗଦର ଅଭାବ ରହିଛି। ଏହାର ଋଣ ଏବଂ ଆୟ ଅନୁପାତ ଋଣପ୍ରଦାନକାରୀ ବ୍ୟାଙ୍କ ସହ ହୋଇଥିବା ଚୁକ୍ତିଠାରୁ ବହୁ ଅଧିକ ହୋଇଥିବାରୁ ସରକାରଙ୍କୁ ଡିଭିଡେଣ୍ଟ ଦେବା ଅସମ୍ଭବ। ମାର୍ଚ୍ଚ ସୁଦ୍ଧା ଶେଷ ହେଉଥିବା ଆର୍ଥିକ ବର୍ଷରେ ସରକାର ଡିଭିଡେଣ୍ଟ ଓ ଲାଭ ବାବଦରେ ୧.୦୬ ଲକ୍ଷ କୋଟି ଟଙ୍କା ଯୋଗାଡ କରିବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। କିନ୍ତୁ ସେଲ୍‌ର ଡିଭିଡେଣ୍ଟ ନ ଦେବା ନିଷ୍ପତ୍ତି ସରକାରଙ୍କୁ ଶକ୍ତ ଝଟ୍‌କା ଦେଇଛି। ଗତବର୍ଷ ସରକାର ଡିଭିଡେଣ୍ଟ ବାବଦରେ ୧୨୩ କୋଟି ଟଙ୍କା ପାଇଥିଲେ ଯାହା କି ଲକ୍ଷ୍ୟଠାରୁ ୧୩ ପ୍ରତିଶତ କମ୍ ଥିଲା। ଗତବର୍ଷର ମୋଟ୍ ସମ୍ପତ୍ତି ଆଧାରରେ କମ୍ପାନୀ ସରକାରଙ୍କୁ ୨୧୭୧ କୋଟି ଟଙ୍କାର ଡିଭିଡେଣ୍ଟ ଦେବା କଥା। ସେଲ୍ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି ଯେ, କମ୍ପାନୀ ନିକଟରେ ନଗଦ ଅର୍ଥ ନ ଥିବାରୁ ଡିଭିଡେଣ୍ଟ ଦେବା ଲାଗି ଏହା ବଜାରରୁ ଋଣ କରିବାକୁ ବାଧ ହେବ।

# ପ୍ରଥମ ତ୍ରୈମାସ ଅଭିବୃଦ୍ଧି ୮.୨%

ନୂଆଦିଲ୍ଲୀ,୩୧-୮(ପି.ଟି)

ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାରର ଜିଡିପି ଅଭିବୃଦ୍ଧି କ୍ଷେତ୍ରରେ ଉନ୍ନତିଧାରା ପରିଲକ୍ଷିତ ହୋଇଛି। ଏପ୍ରିଲ-ଜୁନ (ପ୍ରଥମ ତ୍ରୈମାସ)ସମୟରେ ଅଭିବୃଦ୍ଧି ୮.୨% ଛୁଇଁଛି। ଏହା ଗତ ୧୫ ତ୍ରୈମାସ ମଧ୍ୟରେ ସର୍ବାଧିକ। ମାନୁଫାକଚରିଂ ଓ କୃଷି କ୍ଷେତ୍ରରେ ଉନ୍ନତି ଯୋଗୁ ଅର୍ଥନୀତିରେ ଏଭଳି ପରିବର୍ତ୍ତନ ଆସିଛି। ଶୁକ୍ରବାର ସରକାର ପ୍ରକାଶ କରିଥିବା ତଥ୍ୟରୁ ଏହି ସୂଚନା ମିଳିଛି। ଘରୋଇ ବଜାର ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ପରିଗଣିତ ହେଉଥିବା ବେଳେ ଏଭଳି ଅଭିବୃଦ୍ଧି ଧାରା ଭାରତର ସ୍ଥିତିକୁ ଆହୁରି ଦୃଢ଼ କରିଛି। ସମାନ ସମୟରେ ଚାଇନାର ଅଭିବୃଦ୍ଧି ହାର ୬.୭% ରହିଛି। ଏହାଠାରୁ ଭାରତର ଅଭିବୃଦ୍ଧି ଢେର ଅଧିକ ରହିଛି।

୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) କନଷ୍ଟାଣ୍ଟ (୨୦୧୧-୧୨) ମୂଲ୍ୟ ଅନୁସାରେ ୩୩.୭୪ ଲକ୍ଷ କୋଟି ରହିଥିବା ଆକଳନ କରାଯାଇଛି। ଏହା ୨୦୧୭-୧୮ ଆର୍ଥିକ ବର୍ଷରେ ୩୧.୧୮ ଲକ୍ଷ କୋଟି ଟଙ୍କା ରହିଥିଲା। ଏଥିରେ ୮.୨% ଅଭିବୃଦ୍ଧି ହୋଇଥିବା କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ସୂଚନା ଦେଇଛି। ରିପୋର୍ଟ ମୁତାବକ ପ୍ରଥମ ତ୍ରୈମାସରେ ତ୍ରୈମାସିକ ଜିଭିଏ(ଗ୍ରସ୍ ଭାଲ୍ୟୁ ଆଡେଡ) (୨୦୧୧-୧୨)ର ବେସିକ୍ ପ୍ରାଇସ୍ ଆଟ୍ କନଷ୍ଟାଣ୍ଟ ଅନୁସାରେ ୩୧.୬୩ ଲକ୍ଷ କୋଟି ଟଙ୍କା ରହିଥିବା ଆକଳନ କରାଯାଇଛି। ଏହା ଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୨୯.୨୯ ଲକ୍ଷ କୋଟି ଟଙ୍କା ରହିଥିଲା। ଗତବର୍ଷ ତୁଳନାରେ ଏହି ଅଭିବୃଦ୍ଧି ୮% ରହିଥିବା ରିପୋର୍ଟରୁ ଜଣାଯାଇଛି।

୨୦୧୪-୧୫ ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ସମୟରେ ତ୍ରୈମାସ ଜିଡିପି ଅଭିବୃଦ୍ଧି ରେକର୍ଡ ସ୍ତରରେ ରହି ୮.୪% ଛୁଇଁଥିଲା। ରିପୋର୍ଟ ମୁତାବକ ମାନୁଫାକଚରିଂ କ୍ଷେତ୍ର ୧୩.୫% ଅଭିବୃଦ୍ଧି ହାସଲ କରିଛି। ଏହା ୨୦୧୭-୧୮ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୧.୮% କମ୍ ରହିଥିଲା। ସେହିଭଳି ୨୦୧୮-୧୯ ଆର୍ଥିକ ବର୍ଷର ବେସିକ୍ ପ୍ରାଇସ ଅନୁସାରେ କୃଷି, ଫରେଷ୍ଟ୍ରି ଏବଂ ମତ୍ସ୍ୟଚାଷ କ୍ଷେତ୍ରରେ ପ୍ରଥମ ତ୍ରୈମାସ ଜିଭିଏ ଅଭିବୃଦ୍ଧି ୫.୩% ରହିଛି। ଏହା ଗତ ଆର୍ଥିକ ବର୍ଷରେ ୩% ରହିଥିଲା।

**ପ୍ରମୁଖ କ୍ଷେତ୍ରରେ ସୁଧାର**

ଜୁଲାଇରେ ୮ ପ୍ରମୁଖ କ୍ଷେତ୍ରର ଅଭିବୃଦ୍ଧି ୬.୬% ରହିଛି। କୋଇଲା, ରିଫାଇନେରୀ ପ୍ରଡକ୍ଟ, ସିମେଣ୍ଟ ଏବଂ ସାର ଭଳି କ୍ଷେତ୍ରଗୁଡିକରେ ଉନ୍ନତ ପ୍ରଦର୍ଶନ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଗତ ବର୍ଷ ଜୁଲାଇରେ କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରୀ ଉତ୍ପାଦ, ସାର, ଷ୍ଟିଲ୍, ସିମେଣ୍ଟ, ଇଲେକଟ୍ରିସିଟି ଭଳି ୮ ପ୍ରମୁଖ କ୍ଷେତ୍ରରେ ଅଭିବୃଦ୍ଧି ୨.୯% ରହିଥିଲା। ଜୁଲାଇ ୨୦୧୮ରେ କୋଇଲା, ରିଫାଇନେରୀ ପ୍ରଡକ୍ଟ, ସାର ଓ ସିମେଣ୍ଟ କ୍ଷେତ୍ରରେ ଅଭିବୃଦ୍ଧି ଯଥାକ୍ରମେ ୯.୭% ,୧୨.୩%, ୧.୩% ଏବଂ ୧୦.୮% ରହିଛି। ଏହି ସମୟରେ ଅଶୋଧିତ ତୈଳ ତଥା ପ୍ରାକୃତିକ ବାଷ୍ପ ଉତ୍ପାଦନରେ ଅଭିବୃଦ୍ଧି ନକାରାତ୍ମକ ରହିଛି। ଗତବର୍ଷ ଏହି ସମୟରେ ଇସ୍ପାତ କ୍ଷେତ୍ରରେ ଅଭିବୃଦ୍ଧି ୯.୪% ରହିଥିବା ବେଳେ ଏହା ୬%କୁ ହ୍ରାସ ଘଟିଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲ ଜୁଲାଇରେ ୮ ପ୍ରମୁଖ କ୍ଷେତ୍ରର ଅଭିବୃଦ୍ଧି ୫.୮% ରହିଛି। ଏହା ଗତ ବର୍ଷ ସମାନ ସମୟରେ ୨.୬% ରହିଥିଲା।



- କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଦେଲା ରିପୋର୍ଟ
- ୧୫ ତ୍ରୈମାସର ସର୍ବୋଚ୍ଚ ସ୍ତରରେ ଅଭିବୃଦ୍ଧି
- ମାନୁଫାକ୍‌ଚରିଂ, କୃଷି କ୍ଷେତ୍ରରେ ଉନ୍ନତି
- ୨୦୧୪-୧୫ ଜୁଲାଇ-ସେପ୍ଟେମ୍ବର ଅଭିବୃଦ୍ଧି ୮.୪% ଥିଲା

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୩୫.୬୩%

ଭୁବନେଶ୍ୱର,୩୧-୮(ବ୍ୟୁରୋ)





ଦେଶରେ ଶିଳ୍ପ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ଜୁନ୍‌ରେ ୨୯୧ ପଏଣ୍ଟ ଥିଲା। ଏଥିରେ ୧୦ ପଏଣ୍ଟ ବୃଦ୍ଧି ପାଇ ଜୁଲାଇରେ ଏହା ୩୦୧ ପଏଣ୍ଟ ହୋଇଛି। ଏହା ଏକ ସର୍ବକାଳୀନ ରେକର୍ଡ ବୃଦ୍ଧି। ତାଳଚେର ଓ ଅନୁଗୋଳରେ ଏହା ୩୦୩ ପଏଣ୍ଟ ଥିଲା। ଏଥିରେ ୧୨ ପଏଣ୍ଟ ବୃଦ୍ଧି ଘଟି ୩୧୫ ପଏଣ୍ଟ ହୋଇଛି। ଅନ୍ୟପକ୍ଷରେ ରାଉରକେଲାରେ ଏହା ୩୦୭ ପଏଣ୍ଟ ଥିବାବେଳେ ଏଥିରେ ୩ ପଏଣ୍ଟ ବୃଦ୍ଧି ପାଇ ଏହା ୩୧୦ ପଏଣ୍ଟକୁ ବଢ଼ିଛି। ସେହିପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୨୮% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୭.୬୩% ବୃଦ୍ଧି ପାଇ ଏହା ୧୩୫.୬୩% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଚଳିତ ବର୍ଷ ଅକ୍ଟୋବର ପହିଲାରୁ ପାଇବେ। ମେ' ୩୦ ଓ ୩୧ରେ ଦୁଇଦିନ ଧରି ସିଜିଏମ୍‌ଙ୍କ ଠାରୁ ମେସେଞ୍ଜର ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୫୪.୧% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଏଥିରେ ୬.୬% ବୃଦ୍ଧି ପାଇଛି। ଫଳରେ ଏହା ୬୦.୭%ରେ ପହଞ୍ଚିଛି। ଏହି ବର୍ଦ୍ଧିତ ଡିଏ ସେମାନେ ନଭେମ୍ବର ପହିଲାରୁ ପାଇବେ। ଓଡ଼ିଶାର ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନ୍‌ସନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଶୁକ୍ରବାର ବିଭିନ୍ନ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ବୀମା କର୍ମଚାରୀମାନେ ବର୍ତ୍ତମାନ ୪୭.୪% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୬.୬% ବୃଦ୍ଧି ଘଟି ୫୪% ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ନଭେମ୍ବର ପହିଲାରୁ ପାଇବେ। ସରକାରୀ କର୍ମଚାରୀମାନେ ବର୍ତ୍ତମାନ ୯% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବୃଦ୍ଧି ଘଟି ଏହା ୧୨% ହୋଇଛି। ଫଳରେ ଏମାନେ ୨୦୧୯ ଜାନୁଆରୀରୁ ଏହି ବର୍ଦ୍ଧିତ ଡିଏ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ସମସ୍ତ ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ ଛାପାଖାନାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ଏହି ୧୨% ମହଙ୍ଗା ଭତ୍ତା ପାଇବେ। ସେପ୍ଟେମ୍ବର ୪ ଓ ୫ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଓ କର୍ମଚାରୀ ପେନ୍‌ସନ୍ ଓ ପେନ୍‌ସନ୍ ସଂଶୋଧନ ପାଇଁ ଧର୍ମଘଟ ଡାକରା ଦେଇଛନ୍ତି।

# ୭୧ ସ୍ତର ଛୁଇଁଲା ଟଙ୍କା

**ଅର୍ଥନୀତି ପାଇଁ ଚିନ୍ତା ବଢ଼ିଲା**



ନୂଆଦିଲ୍ଲୀ,୩୧-୮

ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୭୧ ସ୍ତର ଛୁଇଁଛି। କାରବାର ଶେଷ ହେବା ବେଳକୁ ୨୬ ପଇସା ହ୍ରାସ ପାଇଥିଲା। ମାସ ଶେଷରେ ଆମଦାନୀକାରୀଙ୍କ ଡଲାର ଚାହିଦା ବୃଦ୍ଧି ଏବଂ ଗତ କିଛି ଦିନ ହେଲା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କ୍ରମାଗତ ବଢ଼ିବା ଟଙ୍କା ମୂଲ୍ୟ ହ୍ରାସର ମୁଖ୍ୟ କାରଣ ବୋଲି କୁହାଯାଉଛି।

ଗୁରୁବାର ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୧୫ ପଇସା ହ୍ରାସ ପାଇ ୭୦.୭୪ରେ ବନ୍ଦ ହୋଇଥିଲା। ଅଗଷ୍ଟ ୩୧ ସୁଦ୍ଧା ଟଙ୍କାର ମୂଲ୍ୟ ୯.୯ ପ୍ରତିଶତ କମିଛି ଯାହାକି ଏସିଆରେ ପ୍ରଚଳିତ ଅନ୍ୟ ମୁଦ୍ରା ତୁଳନାରେ ସର୍ବାଧିକ। ରିଜର୍ଭ ବ୍ୟାଙ୍କ ଗତ କିଛି ଦିନ ହେଲା ବ୍ୟାପକ ହାରରେ ବଜାରରେ ଡଲାର ବିକ୍ରି କରୁଛି। ଏଥିଯୋଗୁ ଆଗାମୀ ଦିନରେ ଟଙ୍କାର ମୂଲ୍ୟ ଉପରେ ବିଶେଷ ଫରକ ପଡିବନି ବୋଲି ଟ୍ରେଡରମାନେ ମତପ୍ରକାଶ କରିଛନ୍ତି। ତେବେ ଟଙ୍କାର ମୂଲ୍ୟ ହ୍ରାସ ଲାଗି ରହିବା ଦେଶର ଅର୍ଥନୀତି ପ୍ରତି ଶୁଭସଙ୍କେତ ନୁହେଁ। ଏଥିଯୋଗୁ ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପଡିବା ଆରମ୍ଭ କଲାଣି।

**ଚାଲୁ ଖାତା ନିଅଣ୍ଟ ବଢ଼ିବ**

ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବା ଯୋଗୁ ଦେଶର ଚାଲୁ ଖାତା ନିଅଣ୍ଟ(କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ବା ସିଏଡି) ବୃଦ୍ଧି ପାଇବ। ଜୁନ୍‌ରେ ଏହା ୬୧ ମାସର ସର୍ବୋଚ୍ଚ ସ୍ତର ଛୁଇଁସାରିଲାଣି। ଟଙ୍କା ଦୁର୍ବଳ ହେବାରୁ ଆମଦାନୀ ଖର୍ଚ୍ଚ ବଢ଼ିବ। ଅଶୋଧିତ ତେଲ ଦିନକୁ ଦିନ ମହଙ୍ଗା ହେଉଥିବା ବେଳେ ଟଙ୍କାର ମୂଲ୍ୟ ହ୍ରାସ ସିଏଡିକୁ ଆହୁରି ବଢ଼ାଇବ। ଦେଶର ସିଏଡି ବଜେଟର ୨.୫%ରେ ପହଞ୍ଚି ୬ ବର୍ଷର ସର୍ବୋଚ୍ଚ ସ୍ତରରେ ଛୁଇଁବ ବୋଲି ଆକଳନ କରାଯାଇଛି। ଅଶୋଧିତ ତୈଳ ଦରରେ ବ୍ୟାରେଲ ପିଛା ୧୦ ଡଲାର ବଢ଼ିଲେ ଦେଶର ସିଏଡି ୦.୩% ହାରରେ ୯ ବିଲିୟନ ଡଲାର ବଢ଼ିଯିବ। ଅଶୋଧିତ ତେଲ ବ୍ୟାରେଲ ପିଛା ୯୦ ଡଲାରକୁ ଛୁଇଁଲେ ସିଏଡି ଜିଡିପିର ୩.୬% ହେବ ବୋଲି ଆକଳନ କରାଯାଇଛି।

**ମୁଦ୍ରାସ୍ଫୀତି ବୃଦ୍ଧି ପାଇବ**

ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ମୁଦ୍ରାସ୍ଫୀତି ଉପରେ ଚାପ ବଢ଼ିବ। ଅଧିକ ତେଲ ଦର ଯୋଗୁ ପରିବହନ ଖର୍ଚ୍ଚ ବଢ଼ିବ। ଯାହାର ପ୍ରଭାବରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ପନିପରିବା ଆଦିର ଦାମ ବଢ଼ିବ। ଏହାଦ୍ୱାରା ମୁଦ୍ରାସ୍ଫୀତି ବୃଦ୍ଧି ପାଇବ।

- ଗୁରୁବାର ଟଙ୍କାର ବିନିମୟ ମୂଲ୍ୟ ୭୦.୭୪ରେ ବନ୍ଦ ହୋଇଥିଲା
- ଅଗଷ୍ଟ ୩୧ ସୁଦ୍ଧା ଟଙ୍କାର ମୂଲ୍ୟ ୯.୯ ପ୍ରତିଶତ କମିଛି

**ଆମଦାନୀ ଶୁଳ୍କ ୧୦% ବଢ଼ିଛି**

ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ବହୁ ସାମଗ୍ରୀର ଆମଦାନୀ ଶୁଳ୍କ ଇତିମଧ୍ୟରେ ୧୦ ପ୍ରତିଶତ ବଢ଼ିସାରିଛି ବୋଲି ଆମଦାନୀକାରୀମାନେ ପ୍ରକାଶ କରିଛନ୍ତି। କଞ୍ଚା ମାଲ୍, ମେଶିନାରୀ, ଇଲେକ୍ଟ୍ରୋନିକ ଯନ୍ତ୍ରପାତି ଆଦିର ଆମଦାନୀ ଶୁଳ୍କ ବଢ଼ିସାରିଛି ଓ ଆଗକୁ ବଢ଼ିବା ନିଶ୍ଚିତ ହୋଇଯାଇଛି।

**ବିଦେଶରେ ପଢ଼ା, ଭ୍ରମଣ ମହଙ୍ଗା**

ଡଲାର ମୂଲ୍ୟ ବଢ଼ିବା ଯୋଗୁ ବିଦେଶରେ ପାଠ ପଢ଼ୁଥିବା ପିଲାମାନେ ଅଧିକ କ୍ଷତିଗ୍ରସ୍ତ ହେବେ। ସେମାନଙ୍କ ପାଠପଢ଼ା ଖର୍ଚ୍ଚ ବଢ଼ିଯିବ। ଏହା ମଧ୍ୟବିତ୍ତଙ୍କ ପକେଟକୁ ବେଶ୍ ବାଧିବ। ଏପ୍ରିଲ-ମେ'ରେ ଟଙ୍କାର ବିନିମୟ ମୂଲ୍ୟ ୬୪-୬୫ ଥିବା ବେଳେ ଋଣ ନେଇଥିବା ପିତାମାତାଙ୍କୁ ଆମେରିକାରେ ପାଠପଢ଼ାଇବା ପାଇଁ ଏବେ ବାର୍ଷିକ ୩ରୁ ୪ ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡିବ।

**ରୋଗୀ ଖର୍ଚ୍ଚ କରିବେ ଅଧିକ ଟଙ୍କା**

କ୍ୟାନସର ଓ ହୃଦରୋଗୀ ଭଳି ବିଦେଶୀ ଔଷଧ ଓ ମେଡିକାଲ ଯନ୍ତ୍ରପାତି ଉପରେ ଭରସା କରୁଥିବା ରୋଗୀଙ୍କୁ ଟଙ୍କାର କ୍ରମାଗତ ମୂଲ୍ୟ ହ୍ରାସ ମହଙ୍ଗା ହୋଇଛି। ସେମାନେ ଏଥିପାଇଁ ଅଧିକ ଖର୍ଚ୍ଚ କରିବାକୁ ବାଧ ହେଉଛନ୍ତି।

**ଉଦ୍ୟୋଗ ଜଗତ ପ୍ରଭାବିତ ହେବେ**

ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ବିଦେଶୀ ଋଣ ଉପରେ ଭରସା କରୁଥିବା ଉଦ୍ୟୋଗ ଜଗତକୁ ଅଧିକ ସୁଧ ଗଣିବାକୁ ପଡିବ। ସେମାନଙ୍କୁ ଚଢ଼ା ସୁଧରେ ବିଦେଶୀ ଋଣ ନେବାକୁ ପଡିବ। ଫଳରେ ଉତ୍ପାଦନ ଖର୍ଚ୍ଚ ବଢ଼ିବ।

**ରପ୍ତାନିରୁ ଫାଇଦା**

ଟଙ୍କାର ମୂଲ୍ୟ ହ୍ରାସ ଅର୍ଥନୀତି ପ୍ରତି ବହୁଳ ଭାବେ କ୍ଷତିକାରକ ହୋଇଥିଲେ ହେଁ ରପ୍ତାନିକାରୀଙ୍କ ମୁହଁରେ ହସ ଫୁଟାଇଛି। ଡଲାର ମୂଲ୍ୟ ବଢ଼ିବା ଯୋଗୁ ଦେଶକୁ ରପ୍ତାନି ବାବଦରେ ଅଧିକ ଡଲାର ଆସିବ। ଆଇଟି ସେକ୍ଟର ଓ ଫାର୍ମାସ୍ୟୁଟିକାଲ ଉଦ୍ୟୋଗ ରପ୍ତାନିଭିତ୍ତିକ ହୋଇଥିବାରୁ ସେମାନେ ଟଙ୍କାର ମୂଲ୍ୟ ହ୍ରାସରୁ ଫାଇଦା ପାଇବେ।

ବ୍ୟାଙ୍କଙ୍କୁ ୟୁଆଇଡିଏଆଇର ନିର୍ଦ୍ଦେଶ

# ଅତି କମ୍‌ରେ ଦିନକୁ ୮ଟି ଆଧାର ପଞ୍ଜୀକରଣ କର

ନୂଆଦିଲ୍ଲୀ, ୩୧-୮(ପି.ଟି.)

ବିଭିନ୍ନ ବ୍ୟାଙ୍କ ଶାଖାଗୁଡ଼ିକ ଆଧାର ପଞ୍ଜୀକରଣ ଓ ନବୀକରଣ ବ୍ୟବସ୍ଥାକୁ ସୁରୁଖୁରୁରେ ତୁଲାଇ ପାରୁନାହାନ୍ତି। ଏପରି କି ଦିନକୁ ୧୦ଟି ନୂଆ ଆଧାର କାର୍ଡ ଦେବାରେ ମଧ୍ୟ ସକ୍ଷମ ହେଉ ନାହାନ୍ତି। ଏହି କାରଣରୁ ଭାରତୀୟ ଏକକ ପରିଚୟପତ୍ର କର୍ତ୍ତୃପକ୍ଷ(ୟୁଆଇଡିଏଆଇ) ନିୟମରେ କୋହଳ କରି ଦେଇଛି। ୨୦୧୮ ନଭେମ୍ବର ପହିଲାରୁ ଅତିକମ୍‌ରେ ଦିନକୁ ୮ଟି କାର୍ଡ ପଞ୍ଜୀକରଣ ତଥା ନବୀକରଣ କରାଇବା ପାଇଁ କର୍ତ୍ତୃପକ୍ଷ ନୂଆ ନିର୍ଦ୍ଦେଶନାମା ଜାରି କରିଛି। ସେହିପରି ୨୦୧୯ ଜାନୁୟାରୀ ପହିଲାରୁ ଦୈନିକ ୧୨ଟି ଏବଂ ଏପ୍ରିଲ୍ ପହିଲାରୁ ୧୬ଟି ଲେଖାଏଁ ଆଧାର ପଞ୍ଜୀକରଣ ଓ ନବୀକରଣ କରାଇବା ପାଇଁ ନିର୍ଦ୍ଦେଶ ଦେଇଛି।

ଚଳିତବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ଏହି ନୂତନ ସଂଶୋଧିତ ଲକ୍ଷ୍ୟ ହାସଲ ନ କଲେ ବ୍ୟାଙ୍କଗୁଡ଼ିକୁ କୌଣସି ଆର୍ଥିକ ଦଣ୍ଡ ଭୋଗିବାକୁ ପଡ଼ିବ ନାହିଁ। କିନ୍ତୁ ଏହାପରେ ଯେଉଁ ବ୍ୟାଙ୍କଗୁଡ଼ିକ ଲକ୍ଷ୍ୟ ହାସଲ କରିବାରେ ବିଫଳ ହେବେ ସେମାନଙ୍କୁ ଜରିମାନା ଭୋଗିବାକୁ ପଡିବ। ଚଳିତବର୍ଷ ଜୁନ୍ ପହିଲାରେ ୟୁଆଇଡିଏଆଇ ବ୍ୟାଙ୍କଗୁଡିକୁ ନିର୍ଦ୍ଦେଶ ଦେଇଥିଲା ଯେ, ଜୁଲାଇ ପହିଲାରୁ ଦୈନିକ ଅତି କମ୍‌ରେ ୮ଟି କାର୍ଡ ଜାରି କରିବେ ଏବଂ କୌଣସି କାର୍ଡରେ ଭୁଲ୍ ଥିଲେ ତାହାକୁ ସଂଶୋଧନ କରିବେ। କିନ୍ତୁ ଏହାକୁ ଅକ୍ଟୋବର ପର୍ଯ୍ୟନ୍ତ ବଢାଇ ଦିଆଯାଇଛି।

# ଆଇସିଏଫ୍‌ଏଆଇ ବିଜନେସ୍ ସ୍କୁଲ୍ ପୁରସ୍କୃତ



ହାଇଦ୍ରାବାଦ,୩୧-୮

ଆଇସିଏଫ୍‌ଏଆଇ ବିଜନେସ୍ ସ୍କୁଲ୍ (ଆଇବିଏସ୍) ଡାର୍କ ସାଇଡ କେସ୍ ଆୱାର୍ଡ ଲାଭ କରିଛି। ଗତ ଚାରି ବର୍ଷ ମଧ୍ୟରେ ପ୍ରତିଷ୍ଠାନ ତୃତୀୟ ଥର ଲାଗି ଏହି ଆୱାର୍ଡ ଲାଭ କରିଛି। ଆମେରିକାର ଏକାଡେମି ଅଫ୍ ମ୍ୟାନେଜମେଣ୍ଟ (ଏଓଏମ୍)ର କ୍ରିଟିକାଲ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ଡିଭିଜନ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇବିଏସ୍‌କୁ ପୁରସ୍କୃତ କରାଯାଇଥିଲା। ନିକଟରେ ୟୁଏସ୍‌ର ଚିକାଗୋଠାରେ ଏଓଏମ୍‌ର ବାର୍ଷିକ ତଥା ୭୮ତମ କନଫରେନ୍ସ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ.ଦେବପ୍ରତିମ ପୁରକାୟସ୍ଥ, ଶୈଦା ମାସେହା କମର୍ ଏବଂ କୋଟି ବିନୋଦା ବାବୁ ଲେଖିଥିବା କେସ୍ 'ଆସଲେ ମାଡିଶନ ହ୍ୟାକିଂ ଆଣ୍ଡ ଦ ଏଥିକ୍ସ ଅଫ୍ ହ୍ୟାକ୍ଟିଭିଜିମ୍' ସ୍ଥାନିତ ହେବା ସହ ପୁରସ୍କାର ଲାଭ କରିଥିବା ଆଇସିଏଫ୍‌ଏଆଇ ବିଜନେସ୍ ସ୍କୁଲ ପକ୍ଷରୁ ସୂଚନା ରହିଛି।


**idco | ODISHA NEW OPPORTUNITIES**
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/E-1540/04/17-18/3937 Dtd:28.08.2018

**TENDER CALL NOTICE**

| | | |
| --- | --- | --- |
| Name of the Work | : | Electrical Installation work at Electrical department lab at CET Campus, Ghatikia, Bhubaneswar. |
| Estimated Cost of the Work | : | Rs. 9,46,100.00 |
| Period of Completion | : | 15 (Fifteen ) days |
| EMD Amount | : | Rs.10,000.00 |
| Cost of Bid Document | : | Rs. 4,000.00 + 720.00 (GST @ 18%) |
| Date of Availability of Tender | : | 03.09.2018 to 05.09.2018 up to11.00 hrs to 16.00 hrs. |
| Last Date of Submission of Tender | : | Upto 15.00 Hrs. of 10.09.2018 |
| Date of Opening of Tender | : | At 16.00 Hrs. on 21.09.2018 |
| Procurement Officer | : | Divisional Head (Electrical), IDCO, Bhubaneswar |

Further details can be seen from the IDCO website **www.idco.in** or, contact Er. S.C. Sahoo, Manager (Electrical) at Tel. No. (0674) 2541766 during office hours.

**Sd/-**
**D.H. (Electrical),IDCO, Bhubaneswar**

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
www.aiimsbhubaneswar.edu.in

No. AIIMS/BBSR/EE(EL)/026/190/2018 Date: 30th August 2018

**NOTICE INVITING e-TENDER**

The All India Institute of Medical Sciences (AIIMS), Bhubaneswar invites Tender for **"Supply, Installation, Testing and Commissioning of Internal Electrification work at newly constructed Patient waiting hall for Department of Surgical Oncology and Department of Radiotherapy in Hospital Complex, AIIMS, Bhubaneswar"**. Detailed description, terms & conditions and e-Tender document along with last date of submission of the e-Tender can be viewed from the AIIMS, Bhubaneswar website **www.aiimsbhubaneswar.edu.in.** The entire bid-submission would be online on the Tender Wizard Portal i.e. **https://www.tenderwizard.com/**AIIMS, Bhubaneswar.

**Sd/-**
**Superintending Engineer (I/C)**
**AIIMS, Bhubaneswar**

ଓଡ଼ିଶା ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
OPTCL Lifeline of Orissa
A GOVT. OF ODISHA UNDERTAKING
Office Of The General Manager (Electrical) EHT (O & M) Circle, Bidyutpuri Colony, Berhampur-760010, Ph.0680-2291904, Fax: 2291905, CIN:U40102OR2004SGC007553

**AUCTION SALE NOTICE**

On behalf of OPTCL, General Manager (Elect.), E.H.T (O&M) Circle, Berhampur invites sealed quotations in plain paper for auction sale of Departmental A/C Ambassador Car (Diesel) bearing Registration No.OR-02-H-2014 of this office at the office of the undersigned on or before **Dated.17.09.2018 by 3.00 PM**, The quotations will be opened on **Dated. 17.09.2018 at 4.00 PM** at office of the undersigned in presence of the bidders or their authorised representatives. For details please visit our website **www.optcl.co.in**. Corrigendum if any will be published in the website only.

***General Manager (Elect.)***

**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

Tender Notice for"DEVELOPMENT OF ROAD FROM SSM GATE TO 100T WEIGH BRIDGE."
Tender No:021/196/1794000061/02/00/500005751, Dtd.29.08.2018
Last Date & Time of Tender Submission: 04:00 PM on Dtd.19.09.2018

Tender Notice for "REMOVAL OF MUCK, SLUDGE, SCALE ETC FROM CRM"
Tender No:021/661/1788100130/01/00/500005812, Dtd.23.08.2018
Last Date & Time of Tender Submission: 04:00 PM on Dtd.12.09.2018

Tender Notice for "Procurement of BF#4 Hot Blast Valve."
Tender no. 003/243/1802000466/01/01/600000099 Dtd. 25.08.2018
Last Date &Time of Tender submission 4.00PM on Dtd. 24.09.2018

Corrigendum to Tender Notice for"Procurement Carbon Brushes for Main Drives of HSM, Grade: RE60."
Tender no. 354/1702002936/01/500005651 Dtd. 20.06.2018
Extended Last Date &Time of Tender submission 4.00PM on Dtd. 17.09.2018

Tender Notice for "Procurement of Reconditioning of Cladded Rolls (320 Dia) for SEG (10-15)" for SMS-II."
Tender no. 003/619/1812000013/01/00/500005811 Dtd. 25.08.2018
Last Date &Time of Tender submission 4.00PM on Dtd. 24.09.2018

Tender Notice for "Procurement of SAL WOOD Sleeper for T & RM department."
Tender no.004/697/1636000051/01/01 Dtd. 27.08.2018
Last Date &Time of Tender submission 4.00PM on Dtd. 17.09.2018

For details & downloadable tender document log on to our SAIL Website https:// www.sailtenders.co.in(unit RSP, Category'Contracts')

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*

# ମହିଳା ହକିରେ ଭାରତକୁ ରୌପ୍ୟ

**ଜାକର୍ତ୍ତା, ୩୧।୮ (ପି.ଟି.)**

ଏସିଆନ ଗେମ୍ସ ହକି ଇଭେଣ୍ଟରେ ଭାରତୀୟ ମହିଳା ଦଳ ନିରାଶ କରିଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଭାରତ ୧-୨ ଗୋଲରେ ଜାପାନଠାରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଫଳରେ ୨୦୨୦ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବାର ସୁଯୋଗ ଭାରତ ହାତଛଡ଼ା କରିଛି। ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରି ଜାପାନ ସ୍ୱର୍ଣ୍ଣ ଜିତିଥିବା ବେଳେ କୋରିଆକୁ ୨-୧ ଗୋଲରେ ହରାଇ ଚାଇନା ବ୍ରୋଞ୍ଜ୍ ପଦକ ହାସଲ କରିଛି। ଦୀର୍ଘ ୩୬ ବର୍ଷ ପରେ ଭାରତ ପୁଣି ସ୍ୱର୍ଣ୍ଣ ଜିତିବାର ସୁଯୋଗ ହାସଲ କରିଥିଲେ ମଧ୍ୟ ଶେଷରେ ବିଫଳ ହୋଇଛି। ଶେଷଥର ପାଇଁ ଭାରତୀୟ ମହିଳା ଦଳ ୧୯୮୨ ସଂସ୍କରଣରେ ଫାଇନାଲରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ମୋଟ ଉପରେ ଏସିଆନ ଗେମ୍ସରେ ଭାରତୀୟ ମହିଳା ଦଳ ଏଥି ସହିତ ଷଷ୍ଠ ପଦକ ହାସଲ କରିଛି। ଗତ ସଂସ୍କରଣରେ ଭାରତ ବ୍ରୋଞ୍ଜ୍ ଜିତିଥିଲା। ଅନ୍ୟପଟେ ସେମିଫାଇନାଲରେ ମାଲେସିଆଠାରୁ ପରାସ୍ତ ହୋଇଥିବା ଭାରତୀୟ ପୁରୁଷ ଦଳ ଶନିବାର ବ୍ରୋଞ୍ଜ୍ ପଦକ ପାଇଁ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।

ଫାଇନାଲ ମ୍ୟାଚ୍‌ରେ ବେଶ୍ ସଂଘର୍ଷ ଦେଖିବାକୁ ମିଳିଥିଲା। ଜାପାନ ଖେଳାଳିମାନେ ଗୋଟିଏ ପାଦ ଆଗରେ ଥିବା ପରି ମନେହେଉଥିଲା। ଭାରତ



ଏସିଆଡ୍ ମହିଳା ହକିରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ।

## ଜାପାନକୁ ସ୍ୱର୍ଣ୍ଣ, ଚାଇନାକୁ ବ୍ରୋଞ୍ଜ

ପକ୍ଷରୁ ୨୫ ମିନିଟରେ ନେହା ଗୋଏଲ ଏକ ମାତ୍ର ଗୋଲ ଦେଇଥିଲେ। ତେବେ ଜାପାନ ପେନାଲ୍ଟି କର୍ନର ମାଧ୍ୟମରେ ଦୁଇଟି ଗୋଲ ଦେଇ ଶେଷରେ ବାଜି ମାରିଥିଲା। ମ୍ୟାଚର ୧୧ ଓ ୪୪ତମ ମନିଟରେ ଜାପାନର ମିନାମି ଶିମିଜୁ ଓ ମୋଟୋମୋରି କାୱାମୁରା ଏହି ଗୋଲ କରିଥିଲେ। ଚାଇନାକୁ ସେମିରେ ହରାଇ ଦୀର୍ଘ ୨୦ ବର୍ଷ ପରେ ଭାରତ ଏସିଆନ ଗେମ୍ସ ଫାଇନାଲରେ ପ୍ରବେଶ କରିଥିଲା। ଜାପାନ ଏଥିସହ ପ୍ରଥମ ଏସିଆନ ଗେମ୍ସ ସ୍ୱର୍ଣ୍ଣ ଜିତିଛି। ତେବେ ପୂର୍ବରୁ ଜାପାନ ୩ଥର ରନର୍ସଅପ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ବିଶ୍ୱ ର୍ୟାଙ୍କିଂରେ ଭାରତ ପଞ୍ଚମ ସ୍ଥାନରେ ରହିଥିଲେ ମଧ୍ୟ ନବମ ସ୍ଥାନରେ ଥିବା ଜାପାନ ଶେଷରେ ବାଜି ମାରିଛି।

ମ୍ୟାଚ ପ୍ରଥମ କ୍ୱାର୍ଟରରେ ଦୁଇ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ପ୍ରଥମ ୧୦ ମିନିଟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ତେବେ ଦଶମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଗୁରଜିତଙ୍କ ପ୍ରୟାସକୁ ଜାପାନ ଗୋଲକିପର ପଣ୍ଡ କରିଥିଲେ। ଏହାର ଠିକ୍ ଗୋଟିଏ ମିନିଟ ପରେ ଜାପାନକୁ ପେନାଲ୍ଟି କର୍ନର ମିଳିଥିଲା। ଜାପାନ ଏହାକୁ ବେକାର ହେବାକୁ ନ ଦେଇ ଗୋଲ ସ୍କୋର କରି ୧-୦ରେ ଅଗ୍ରଣୀ ହାସଲ କରିଥିଲା।

ଦ୍ୱିତୀୟ କ୍ୱାର୍ଟରରେ ଦେଖିଚାହିଁ ଦୁଇ ଦଳ ଆରମ୍ଭ କରିଥିଲେ। ଭାରତୀୟ ଡିଫେନ୍ସ ଦୃଢ଼ତା ପ୍ରଦର୍ଶନ କରିଥିଲା ଓ ଜାପାନ ଖେଳାଳିଙ୍କୁ କୌଣସି ସୁଯୋଗ ଦେଇ ନ ଥିଲା। ସୁବିଧା ପାଇ ଭାରତ ୨୫ ତମ ମିନିଟରେ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲା। ଏହା ଏକ ଫିଲ୍ଡ ଗୋଲ ଥିଲା ଓ ଏହାକୁ ନେହା କରିଥିଲେ। ରିଭର୍ସ ହିଟ୍ କରି ନବନୀତ କୌର ଗୋଲ ପୋଷ୍ଟ ଆଡକୁ ମାରିଥିଲେ ଓ କୌଣସି ତ୍ରୁଟି ନ କରି ଏହାକୁ ନେହା ଗୋଲରେ ପରିଣତ କରିଥିଲେ।

ତୃତୀୟ କ୍ୱାର୍ଟରରେ ଅଗ୍ରଣୀ ହାସଲ କରିବାକୁ ଉଭୟ ଦଳ ଚେଷ୍ଟା କରିଥିଲେ। ତେବେ ୪୪ତମ ମିନିଟରେ ଭାରତ ଜାପାନକୁ ପେନାଲ୍ଟି ସୁଯୋଗ ଦେଇଥିଲା ଓ ଏହାର ଫାଇଦା ଉଠାଇ ଗୋଲ ଦେବା ସହ ଜାପାନ ୨-୧ରେ ଅଗ୍ରଣୀ ହାସଲ କରିଥିଲା।

ଚତୁର୍ଥ କ୍ୱାର୍ଟରରେ ମ୍ୟାଚକୁ ସମାନ ସ୍ଥିତିକୁ ଆଣିବାକୁ ଭାରତ ଖୁବ ପ୍ରୟାସ କରିଥିଲା। ତେବେ ଜାପାନ ଡିଫେନ୍ସ ଭାରତକୁ କୌଣସି ସୁଯୋଗ ଦେଇ ନ ଥିଲା। ମ୍ୟାଚ ଶେଷ ହେବାକୁ ୨ ମିନିଟ ବାକିଥିବା ବେଳେ ଗୋଲ ପରିଶୋଧ କରିବାକୁ ଭାରତ ଗୋଲକିପର ସବିତାଙ୍କୁ ହଟାଇଥିଲା। ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତରେ ତଥା ଶେଷ ୪୦ ସେକେଣ୍ଡରେ ଭାରତକୁ ୨ଟି ସୁଯୋଗ ମିଳିଥିଲା। କିନ୍ତୁ ଲକ୍ଷ୍ୟ ଭେଦ କରିବାରେ ଭାରତୀୟ ଖେଳାଳି ବିଫଳ ହୋଇଥିଲେ। ଶେଷରେ ୨-୧ରେ ବିଜୟୀ ହୋଇ ଜାପାନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଷ୍ଟାଡିୟମରେ ଉପସ୍ଥିତ ଭାରତୀୟ ପ୍ରଶଂସକ ନିରାଶ ହୋଇଥିଲେ।

# ଫାଇନାଲରେ ଏକମାତ୍ର ଭାରତୀୟ ବକ୍ସର ଅମିତ

**ଜାକର୍ତ୍ତା, ୩୧।୮ (ପି.ଟି.)**

ଅମିତ ପାଙ୍ଘଲ (୪୯ କିଗ୍ରା) ଏକମାତ୍ର ଭାରତୀୟ ବକ୍ସର ଭାବେ ଚଳିତ ଏସିଆନ୍ ଗେମ୍ସରେ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଅମିତ ଫିଲିପାଇନ୍ସର କାର୍ଲୋ ପାଲାମଙ୍କୁ ପରାସ୍ତ କରିଛନ୍ତି। ଭାରତୀୟ ବକ୍ସର ୩-୨ ବ୍ୟବଧାନରେ ବାଉଟ୍‌କୁ ଜିତି ନେଇଛନ୍ତି। ଅନ୍ୟପକ୍ଷରେ ୭୫ କେ.ଜି ବର୍ଗ ସେମିଫାଇନାଲରେ ପ୍ରବେଶ କରିଥିବା ବିକାଶ କ୍ରିଷ୍ଣନଙ୍କୁ ଅନ୍‌ଫିଟ୍ ବୋଲି ଘୋଷଣା କରାଯାଇଛି। କାଜାଖସ୍ତାନର ଅମନକୁଲ ଅବିଲଖାନଙ୍କ ବିପକ୍ଷ ସେମିଫାଇନାଲ ମ୍ୟାଚରୁ ତାଙ୍କୁ ଓହରିବାକୁ ପଡିଛି। ଫଳରେ ତାଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

### ଆହତ ବିକାଶ ବ୍ରୋଞ୍ଜରେ ସନ୍ତୁଷ୍ଟ

ଭାରତୀୟ ବକ୍ସର ବିକାଶ କ୍ରିଷ୍ଣନ (୭୫ କିଗ୍ରା)ଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିବ। କାରଣ ସେ ସେମିଫାଇନାଲ ବାଉଟ୍‌ରେ ଖେଳିପାରିବେ ନାହିଁ ବୋଲି ମେଡିକାଲ ଟିମ୍ ପକ୍ଷରୁ ଘୋଷଣା କରାଯାଇଛି। ତାଙ୍କ ବାମଆଖିରେ ଆଘାତ ଲାଗିଛି। ୨୬ ବର୍ଷୀୟ ବକ୍ସର କାଜାଖସ୍ତାନର ଆମାନକୁଲ ଅବିଲଖାଁଙ୍କ ସହ ମୁକାବିଲା କରିଥାନ୍ତେ। କିନ୍ତୁ ଆହତ ସମସ୍ୟା ଯୋଗୁ ତାଙ୍କୁ ମୁକାବିଲାରୁ ଓହରିବାକୁ ପଡ଼ିଛି। ଏହି ନିଷ୍ପତ୍ତି ସତ୍ତ୍ୱେ ସେ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ଭାରତୀୟ ବକ୍ସର ଭାବେ କ୍ରମାଗତ ୩ଟି ଏସିଆନ୍ ଗେମ୍ସରେ ପଦକ ନେବାକୁ ସକ୍ଷମ ହୋଇଛନ୍ତି। ବିକାଶ ୨୦୧୦ ଗୁଆଙ୍ଗଝୁ ଗେମ୍ସରେ ୬୦ କିଗ୍ରା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ୨୦୧୪ ସଂସ୍କରଣରେ ବ୍ରୋଞ୍ଜ ପଦକ ପାଇଥିଲେ। ଚଳିତ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲ ବାଉଟ୍ ବେଳେ ତାଙ୍କ ଆଖି ଉପରେ ଆଘାତ ଲାଗିଥିଲା। ଏହାସତ୍ତ୍ୱେ କ୍ୱାର୍ଟର ଫାଇନାଲରେ ରିଙ୍ଗକୁ ଓହ୍ଲାଇ ବିଜୟ ହାସଲ କରିଥିଲେ। ଏହି ବାଉଟ୍‌ରେ ତାଙ୍କ ଆହତ ସମସ୍ୟା ବୃଦ୍ଧି ପାଇଛି। ଏଣୁ ଉପସ୍ଥିତ ଡାକ୍ତରି ଦଳ ତାଙ୍କୁ ଶୁକ୍ରବାର ଅନ୍‌ଫିଟ୍ ଘୋଷଣା କରିଛନ୍ତି।



ଅମିତ ପାଙ୍ଘଲ (ବ୍ଲୁ ଜର୍ସି) ଓ କାର୍ଲୋ ପାଲାମଙ୍କ ମଧ୍ୟରେ ଅନୁଷ୍ଠିତ ଲଢ଼େଇ।

# ସେଲିଂରେ ଭାରତ ଜିତିଲା ୩ ପଦକ

**ଜାକର୍ତ୍ତା, ୩୧।୮ (ପି.ଟି.)**

ଚଳିତ ଏସିଆନ ଗେମ୍ସର ୧୩ତମ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ସେଲିଂରେ ଗୋଟିଏ ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ସହ ମୋଟ ୩ଟି ପଦକ ହାସଲ କରିଛନ୍ତି। ବର୍ଷା ଗୌତମ ଓ ଶ୍ୱେତା ଶେରଭେଗର ୪୯ଇଆର ଏଫ୍‌ଏକ୍ ମହିଳା ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିବାବେଳେ ଓପନ୍ ଲେଜର ୪.୭ ଇଭେଣ୍ଟରେ ଅନ୍ୟତମ ଭାରତୀୟ ହର୍ଷିତା ତୋମାର ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ବରୁଣ ଥାକ୍କର ଅଶୋକ ଓ ଚେନଗାପ୍ପା ଗନପତି କେଲାପଣ୍ଡା ୪୯ଇଆର ପୁରୁଷ ଇଭେଣ୍ଟ ରେସ୍ ୧୫ରେ ବ୍ରୋଞ୍ଜ୍ ଜିତିଛନ୍ତି।

ସ୍ଥାନୀୟ ଇଣ୍ଡୋନେସିଆ ସେଲିଂ ସେଣ୍ଟରରେ ୨୦ ବର୍ଷୀୟା ବର୍ଷା ଓ ୨୭ ବର୍ଷୀୟା ଶ୍ୱେତା ମିଳିତଭାବେ ଦମ୍‌ଦାର ପ୍ରଦର୍ଶନ କରି ୧୫ ରେସ ପରେ ୪୦ ସ୍କୋର କରି ଦ୍ୱିତୀୟସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ୧୬ ବର୍ଷୀୟା ହର୍ଶିତା ରେସ ୧୨ ପରେ ୬୨ ସ୍କୋର କରି ତୃତୀୟ ସ୍ଥାନରେ ରହିବା ସହ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଦେଶ ପାଇଁ ପଦକ ଜିତିବା ନିଶ୍ଚିତ ଭାବେ ଗର୍ବର ବିଷୟ ଓ ଆନନ୍ଦ ଦାୟକ। ଏହାକୁ ମୁଁ ଭାଷାରେ କହି ପାରିବି ନାହିଁ ବୋଲି ପଦକ ଜିତିବା ପରେ ହର୍ଷିତା କହିଛନ୍ତି। ଅନ୍ୟତମ ଭାରତୀୟ ସେଲର ଗୋବିନ୍ଦ ବାଇରଙ୍ଗୀ ଓପନ୍ ଲେଜର ୪.୭ ଇଭେଣ୍ଟରେ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ନେଥ୍ରା କୁମାନନ ଲେଜର ରେଡିଆଲ ସେଲିଂ ଇଭେଣ୍ଟରେ ପଞ୍ଚମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି।

**ଫାଇନାଲରେ ମହିଳା ସ୍କ୍ୱାଶ ଦଳ**

ଭାରତୀୟ ମହିଳା ସ୍କ୍ୱାଶ ଦଳ ଏଠାରେ ଚାଲିଥିବା ଏସିଆନ୍ ଗେମ୍ସର ଫାଇନାଲରେ ପ୍ରବେଶ କରିଛି। ଫଳରେ ଦଳର ରୌପ୍ୟ ପଦକ ଜିତିବା ନଶ୍ଚିତ। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ମାଲେସିଆକୁ ପରାସ୍ତ କରିଛି। ଜୋସ୍ନା ଚିନ୍ନାପା, ଦୀପିକା ପାଲିକଲ କାର୍ତ୍ତିକ, ସୁନୟନା କୁରୁଭିଲା ଓ ତାନ୍‌ଭୀ ଖାନାଙ୍କୁ ନେଇ ଗଠିତ ଭାରତୀୟ ଦଳ ୨-୦ ବ୍ୟବଧାନରେ ବିଜୟ ଲାଭ କରିଛି।

## ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୧୮ | ୮୫ | ୬୦ | ୨୬୩ |
| ଜାପାନ | ୬୯ | ୫୦ | ୭୦ | ୧୮୯ |
| ଦକ୍ଷିଣ କୋରିଆ | ୪୩ | ୫୪ | ୬୩ | ୧୬୦ |
| ଇଣ୍ଡୋନେସିଆ | ୩୦ | ୨୩ | ୪୦ | ୯୩ |
| ଇରାନ | ୧୯ | ୧୯ | ୨୦ | ୫୮ |
| ଚାଇନିଜ୍ ତାଇପେ | ୧୬ | ୧୭ | ୨୭ | ୬୦ |
| ଉଜବେକିସ୍ତାନ | ୧୫ | ୧୯ | ୨୩ | ୫୭ |
| ଭାରତ | ୧୩ | ୨୩ | ୨୯ | ୬୫ |
| କାଜାଖସ୍ତାନ | ୧୨ | ୧୧ | ୪୧ | ୬୪ |
| ଉତ୍ତର କୋରିଆ | ୧୨ | ୯ | ୧୩ | ୩୪ |
| ବାହାରିନ | ୧୨ | ୭ | ୭ | ୨୬ |

# ପୁରୁଷ ଦଳଗତ ଟିଟି: ଭାରତକୁ ବ୍ରୋଞ୍ଜ

**ଜାକର୍ତ୍ତା, ୩୧।୮**

ଭାରତୀୟ ମହିଳା ଟେବୁଲ ଟେନିସ୍ (ଟିଟି) ଦଳ ମାଲେସିଆକୁ ହରାଇ ଫାଇନାଲରେ ପ୍ରବେଶ କରିଥିବାବେଳେ ପୁରୁଷ ଦଳ ସେମିଫାଇନାଲରେ ହଂକଂଠାରୁ ପରାସ୍ତ ହୋଇଛି। ଫଳରେ ପୁରୁଷ ଦଳ ବ୍ରୋଞ୍ଜ ପଦକ ସହ ଅଭିଯାନ ଶେଷ କରିଛି। ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ହଂକଂ ୨-୦ ବ୍ୟବଧାନରେ ଭାରତକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚ୍‌ରେ ସୌରଭ ଘୋଷାଲ ଓ ୨ୟ ମ୍ୟାଚ୍ ହରିନ୍ଦର ପାଲ ସିଂ ସାନ୍ଧୁ ପରାସ୍ତ ହୋଇଥିଲେ। ଉଭୟ ସିଧାସଳଖ ଗେମ୍‌ରେ ହାରି ଯାଇଥିଲେ।

# ବ୍ଲାକ୍ ବେଲ୍ଟ, ଡାନ୍ ଗ୍ରେଡିଂ ପରୀକ୍ଷା



ବ୍ଲାକ୍ ବେଲ୍ଟ, ଡାନ୍ ଗ୍ରେଡିଂ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା କରାଟେକାମାନେ ଅତିଥିଙ୍କ ସହ।

**ଭୁବନେଶ୍ୱର, ୩।୮ (କ୍ରୀଡ଼ା ପ୍ରତିନିଧି)**

ଉତ୍କଳ କରାଟେ ସ୍କୁଲ ପରିସରରେ ବ୍ଲାକ୍ ବେଲ୍ଟ ଓ ଉଚ୍ଚତର ଡାନ୍ ଗ୍ରେଡିଂ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିସରରେ ୨ ଦିନ ଧରି ଇନ୍‌ଷ୍ଟ୍ରକ୍ଟର କ୍ୟାମ୍ପ ହେବାପରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଡାନ୍ ଗ୍ରେଡିଂରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ହେଲେ ସୁରେଶ ଚନ୍ଦ୍ର ଜାଲ୍(୫ମ ଡାନ), ସରୋଜ କାନ୍ତ ବେହେରା(୫ମ ଡାନ), ଦିଲୀପ କୁମାର ଜେନା(୩ୟ ଡାନ), ଗୋପାଳ ଚନ୍ଦ୍ର ଜିପ୍ ଓ ଗୋପାଳ ଚନ୍ଦ୍ର କଅଁର(୩ୟ ଡାନ), ସୁଜାତା ସାହୁ, କୃଷ୍ଣଚନ୍ଦ୍ର ମହାରଣା, ଅଭିଷେକ ପଟ୍ଟନାୟକ, ବିଶ୍ୱଜିତ ସାମଲ, ସଙ୍କେତ ନାୟକ(ସମସ୍ତେ ୨ୟ ଡାନ), କୃଷ୍ଣଚନ୍ଦ୍ର ନାୟକ, ସୁସ୍ମିନ ପାଲ୍‌ଟାସିଂ, ଅନୁରାଧା ପାତ୍ର, ଜିତେନ୍ଦ୍ର କୁମାର ଦାସ, ଲୋମା ସ୍ୱାଇଁ, ସାଗରିକା ହରିଚନ୍ଦନ, ଅନୁଷ୍କା ପ୍ରିୟଦର୍ଶିନୀ, ଚନ୍ଦ୍ରଶେଖର ପଣ୍ଡା, ତୁଷାର କାନ୍ତ ନାୟକ, ଆଶୁତୋଷ ମହାପାତ୍ର, ମଧୁପ୍ରିୟା, ରିତେଶ ମହାନ୍ତି, ଅବିନାଶ ମହାପାତ୍ର, ଆଦିତ୍ୟ କୁମାର, ଜୟକୃଷ୍ଣ ପାତ୍ର ଓ ରଞ୍ଜନ ପାତ୍ର(୧ମ ଡାନ୍)।

# ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ବିସିସିଆଇର ଯୋଜନା

**ନୂଆଦିଲ୍ଲୀ, ୩୧।୮ (ପି.ଟି.)**

ଆସନ୍ତା ସିଜନରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପ୍ରଥମ ଥର ପାଇଁ ଘରୋଇ କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ସେମାନଙ୍କ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜେନେରାଲ ମ୍ୟାନେଜର କ୍ରିକେଟ ଅପରେଶନ୍ସ ସବା କରିମ ଏବଂ ତାଙ୍କ ଟିମ୍ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ଏଥର ୯ଟି ନୂଆ ରାଜ୍ୟର କ୍ରିକେଟ ଦଳ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଏଥିପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଆବଶ୍ୟକତା ଦୃଷ୍ଟିରୁ ଚଳିତ ସିଜନରେ ଆମ ନିକଟରେ ୧୨ ନୂଆ ମ୍ୟାଚ୍ ରେଫରି ଓ ୧୪ ନୂଆ ଅମ୍ପାୟର ରହିବେ। ଏଥର ଆକଳନ ପ୍ରକ୍ରିୟାରେ ପରିବର୍ତ୍ତନ କରାଯିବ। ଅମ୍ପାୟରମାନେ ମ୍ୟାଚ୍ ରେଫରିଙ୍କ ମୂଲ୍ୟାୟନ କରିବେ। ଏହି ପ୍ରକ୍ରିୟା ଉପରେ କ୍ରିକେଟ ଅପରେଶନ୍ସ ଟିମ୍ ନଜର ରଖିବ ବୋଲି କରିମ ଏଠାରେ ଖବରଦାତାମାନଙ୍କ ନିକଟରେ ସୂଚନା ଦେଇଛନ୍ତି। ବିହାର, ଉତ୍ତରାଖଣ୍ଡ ଓ ପୁଡୁଚେରୀ ଭଳି କେତେକ ନୂଆ ଦଳ ନିଜକୁ ଭଲରୂପେ ପ୍ରସ୍ତୁତ କରିଛନ୍ତି। ସେମାନେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ମଧ୍ୟ କେତେକ ପ୍ରତିଭା ଖେଳାଳି ରହିଛନ୍ତି। ସେମାନଙ୍କ ଦକ୍ଷତା ବୃଦ୍ଧିର ଆବଶ୍ୟକତା ରହିଛି। ପ୍ରତ୍ୟେକ ନୂଆ ରାଜ୍ୟକୁ ୪ଜଣ ଲେଖାଏଁ ପ୍ରଶାସନିକ ଷ୍ଟାଫ୍ ଯୋଗାଇ ଦିଆଯିବ। ଯଥା- ଆର୍ଥିକ ବିଶାରଦ, କ୍ରିକେଟ ପରିଚାଳକ ଏବଂ ଦୁଇଜଣ ଲଜିଷ୍ଟିକ୍ସ ଯୋଗାଇ ଦେବେ। ଏହାଛଡ଼ା ସେମାନଙ୍କୁ ବିସିସିଆଇ ସ୍ୱୀକୃତିପ୍ରାପ୍ତ ୪ ପ୍ରଶାସନିକ ଷ୍ଟାଫ୍ ମଧ୍ୟ ଯୋଗାଇ ଦିଆଯିବ। ସେମାନଙ୍କ ମଧ୍ୟରେ ଜଣେ ମୁଖ୍ୟ କ୍ୟୁରେଟର, ଜଣେ ମେଣ୍ଟେନାନ୍ସ ମ୍ୟାନେଜର ଓ ୨ଜଣ ଆସିଷ୍ଟାଣ୍ଟ କ୍ୟୁରେଟର ରହିବେ। ଉତ୍ତର ପୂର୍ବାଞ୍ଚଳ ଗ୍ରାଉଣ୍ଡଗୁଡ଼ିକ ସେପ୍ଟେମ୍ବର ୭ ସୁଦ୍ଧା ପ୍ରସ୍ତୁତ ହୋଇଯିବ ବୋଲି କରିମ ଆଶା ପ୍ରକାଶ କରି କହିଛନ୍ତି।

## ଇଂଲଣ୍ଡରେ ଖେଳିବ ଭାରତୀୟ ଖୋ ଖୋ ଦଳ

**ନୂଆଦିଲ୍ଲୀ, ୩୧।୮ (ପି.ଟି.)**

ଇଂଲଣ୍ଡରେ ସେପ୍ଟେମ୍ବର ୧ରୁ ୪ ପର୍ଯ୍ୟନ୍ତ ପ୍ରଥମ ଅନ୍ତର୍ଜାତୀୟ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ଦଳକୁ ଅଂଶଗ୍ରହଣ କରିବା ଲାଗି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଅନୁମତି ଦେବା ସହ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇଦେବ ବୋଲି କହିଛି। ସରକାରଙ୍କ ଅନ୍ୟାନ୍ୟ କ୍ରୀଡ଼ା ତାଲିକାରେ ଖୋ ଖୋ ରହିଥିବାରୁ କୌଣସି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେବା ଲାଗି ଏହା ଆର୍ଥିକ ସହାୟତା ପାଇବା କଥା ନୁହେଁ। ମାତ୍ର ମନ୍ତ୍ରଣାଳୟ ପ୍ରଥମ ଥର ତାଙ୍କ ଗାଇଡ୍‌ଲାଇନ୍‌ରେ କୋହଳତା ଅବଲମ୍ବନ କରିଛନ୍ତି। ଖୋ ଖୋ ହେଉଛି ଭାରତର ଏକ ପାରମ୍ପରିକ ଖେଳ। ଏହାକୁ ପ୍ରୋତ୍ସାହନର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ କ୍ଷେତ୍ରରେ ଖୋ ଖେଳ ଖେଳ ପ୍ରସାରିତ ହେବାରେ ଲାଗିଛି। ତେଣୁ ଏହାକୁ ଏସିଆନ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଅଲିମ୍ପିକ୍ସରେ ସାମିଲ କରାଯିବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

## କ୍ରିକେଟରୁ ଅବସର ନେଲେ ବଦ୍ରିନାଥ

**ମାଡ୍ରାସ, ୩୧।୮ (ପି.ଟି.)**

ଭାରତର ପୂର୍ବତନ କ୍ରିକେଟର ସୁବ୍ରମଣ୍ୟମ ବଦ୍ରିନାଥ ଶୁକ୍ରବାର ଖେଳର ସମସ୍ତ ଫର୍ମାଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ତାମିଲନାଡୁର ଏହି ପୂର୍ବତନ ଷ୍ଟାଇଲିଶ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଦୁଇଟି ଟେଷ୍ଟ, ୭ ଅନ୍ତର୍ଜାତୀୟ ଦିନିକିଆ ଓ ଏକମାତ୍ର ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସେ କହିଛନ୍ତି, ମୁଁ ଏକ ବର୍ଷ ହେଲା ଅବସର କଥା ଚିନ୍ତା କରୁଥିଲି। ପରିବାର ସହିତ ଅଧିକ ସମୟ ଦେବାକୁ ଚାହୁଁଥିବାରୁ ମୁଁ ଏହି ନିଷ୍ପତ୍ତି ନେଇଛି।

# ୟୁନିଲାଇଟ୍ କପ୍: କ୍ୱାର୍ଟରରେ କିସ୍ ସ୍କୁଲ

**ଭୁବନେଶ୍ୱର, ୩୧।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ୟୁନିଟ- ୬ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ ଭୁବନେଶ୍ୱର ଆନ୍ତଃ ସ୍କୁଲ ଫୁଟବଲ ପ୍ରତିଯୋଗିତାରେ କିସ୍ ସ୍କୁଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ କିସ୍ ୪-୦ ଗୋଲରେ ସିଆରପିଏଫ୍ କେନ୍ଦ୍ରୀୟ ବିଦ୍ୟାଳୟ ସ୍କୁଲକୁ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ଉଠିଛି। କିସ୍ ତରଫରୁ କୁନାରାମ ସୋରେନ ଦୁଇଟି ଓ ଜଗନ୍ନାଥ ସୋରେନ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ଅତିଥିଭାବେ କ୍ରୀଡ଼ା ନିର୍ଦ୍ଦେଶାଳୟର ଅଧିକାରୀ ଅମିୟକାନ୍ତ ମିଶ୍ର କୁନାରାମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଦେବେନ୍ଦ୍ର ମିଶ୍ର, ଦିଲୀପ ଦାସ, ପ୍ରଫୁଲ୍ଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ପରିଚାଳନା କରିଥିଲେ ସରୋଜ ମହାରଣା, ପ୍ରକାଶ ଦାସ, ଶ୍ରୀକାନ୍ତ ପଣ୍ଡା, ରାଜେନ୍ଦ୍ର ବାରିକ, ଚନ୍ଦ୍ରକାନ୍ତ ବାରିକ, ପାକା ପଣ୍ଡା, ମହେଶ୍ୱର ସିଂ।

ଏହାପୂର୍ବରୁ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ୟୁନିଟ-୨ ସରକାରୀ ହାଇସ୍କୁଲ ଓ ରାମକୃଷ୍ଣ ହାଇସ୍କୁଲ ପରସ୍ପରକୁ ଭେଟିଥିଲେ। ଏହି ମୁକାବିଲା ୨-୨ରେ ଅମୀମାଂସିତ ରହିଥିଲା। ୟୁନିଟ-୨ ତରଫରୁ ରାକେଶ ମଲ୍ଲିକ ଓ ସୁଜିତ କୁମାର ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟପଟେ ରାମକୃଷ୍ଣ ପକ୍ଷରୁ ଶକିତ ରଞ୍ଜନ ପଟ୍ଟନାୟକ ଓ ଦଇତାରାମ ସୋରେନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅତିଥି ଭୁବନେଶ୍ୱର ଆଥଲେଟିକ ଆସୋସିଏଶନ ସମ୍ପାଦକ ନବରଞ୍ଜନ ପଟ୍ଟନାୟକ ରାକେଶ ମଲିକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ସୈନିକ ସ୍କୁଲ ଓ ଟାଇମ୍ସ ଗୁରୁକୁଳ ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି।




କୁନାରାମ ସୋରେନ ଅତିଥିଙ୍କ ଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

## ଉର୍ମିଳା ଫୁଟ୍‌ବଲ ଏକାଡେମୀ ବିଜୟୀ

**ଭୁବନେଶ୍ୱର, ୩୧।୮ (ସ୍ପୋର୍ଟ୍ସ ବ୍ୟୁରୋ)**- ଓଡ଼ିଶା ସେକ୍ରେଟାରିଏଟ ଏମ୍ପ୍ଲଇଜ୍ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଫାଇଭ୍-ଏ-ସାଇଡ୍ ଆନ୍ତଃ ବିଭାଗୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ବିଶ୍ରାମ ଦିବସରେ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିଟ-୯ ଉର୍ମିଳା ଫୁଟ୍‌ବଲ ଏକାଡେମୀ ୨-୧ ଗୋଲରେ ଘାଟିକିଆ ବଜରଙ୍ଗୀ ୟୁନାଇଟେଡ୍‌କୁ ପରାସ୍ତ କରିଛି। ଉର୍ମିଳା ଏକାଡେମୀର ସ୍ୱପ୍ନାରାଣୀ ଦାସ, ଅନୁପ୍ରିୟା ମହାରଣା ଏବଂ ବଜରଙ୍ଗୀ କ୍ଲବର ଜ୍ୟୋତ୍ସ୍ନା ସ୍ୱାଇଁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମୁଖ୍ୟ ପ୍ରତିଯୋଗିତାର ସେମିଫାଇନାଲରେ ପରାଜିତ ହୋଇଥିବା ଦୁଇ ଦଳ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଖଣି ଓ ଇସ୍ପାତ ବିଭାଗ ମଧ୍ୟରେ ଶନିବାର ପ୍ଲେ-ଅଫ୍ ମ୍ୟାଚ୍ ଅନୁଷ୍ଠିତ ହେବ।

## କ୍ଷମା ମାଗିଲେ ୟୁଏସ୍ ଓପନ ଆୟୋଜକ

**ନ୍ୟୁୟର୍କ, ୩୧।୮**

ଚଳିତ ୟୁଏସ୍ ଓପନରେ ମହିଳା ଫ୍ରେଞ୍ଚ ଖେଳାଳି ଆଲିଜେ କର୍ନେଟଙ୍କୁ ଖେଳର ଭଙ୍ଗ କରିବା ଲାଗି ଚେତାବନୀ ଦିଆଯାଇଥିଲା। ବୁଧବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମ୍ୟାଚ୍ ବେଳେ ସେ ଶାର୍ଟ ଚେଞ୍ଜ କରିଥିଲେ। ମ୍ୟାଚ୍‌ର ୨ୟ ସେଟ୍ ଶେଷ ହେବା ପରେ ଫ୍ରେଞ୍ଚ ଖେଳାଳି ୧୦ ମିନିଟ୍‌ର ବିରତି ନେଇଥିଲେ। ଏଥିଯୋଗୁ ତାଙ୍କୁ ମ୍ୟାଚ୍ ଅମ୍ପାୟର କ୍ରିଷ୍ଟିଆନ ରାସ୍କ ଚେତାବନୀ ଦେଇଥିଲେ। କିନ୍ତୁ ଶାର୍ଟ ପରିବର୍ତ୍ତନ କରିବା ନିୟମ ବିରୋଧ ନୁହେଁ। ଏଣୁ ଟୁର୍ନାମେଣ୍ଟ ଆୟୋଜକଙ୍କ ପକ୍ଷରୁ କ୍ଷମାପ୍ରାର୍ଥନା କରାଯାଇଛି। ପୁରୁଷ ଖେଳାଳିମାନେ ବହୁ ବାର ଶାର୍ଟ ପରିବର୍ତ୍ତନ କରନ୍ତି ଓ ବେଳେବେଳେ ବିନା ଶାର୍ଟରେ ମଧ୍ୟ ବସନ୍ତି।



"ଭାରତ ଆମର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲା। ଏଥିରେ ଆଶଙ୍କା ନ କରି ପ୍ରଚେଷ୍ଟା ଦ୍ୱାରା ଆମେ ଏକ ଲଢୁଆ ସ୍କୋର ଛିଡ଼ା କରିପାରିଲୁ।"

–ସାମ କୁରାନ, ଇଂଲଣ୍ଡ କ୍ରିକେଟର



"ସେଲିଂ ଏକ ଗ୍ଲାମର ରେସ୍ ବୋଲି ଅନେକଙ୍କ ମନରେ ଯେଉଁ ଧାରଣା ରହିଛି ତାହା ଠିକ୍ ନୁହେଁ, ବରଂ ଏହା ଏକ ସଂଘର୍ଷପୂର୍ଣ୍ଣ କଷ୍ଟସାଧ ଇଭେଣ୍ଟ।"

–ବର୍ଷା ଗୌତମ, ଭାରତୀୟ ମହିଳା ସେଲର

## ସଂକ୍ଷେପରେ

### ୟୁଏସ୍ ଓପନ: ଚତୁର୍ଥ ରାଉଣ୍ଡରେ ଷ୍ଟିଫେନ୍ସ୍ ତୃତୀୟ ରାଉଣ୍ଡରେ ଜୋକୋଭିଚ୍



ନ୍ୟୁୟର୍କ, ୩୧।୮(ଏ.ଏଫ.ପି)- ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ ଟେନିସ ଟୁର୍ନାମେଣ୍ଟରେ ଆମେରିକାର ତୃତିୟ୍ ସିଡ ଖେଳାଳି ସ୍ଲୋଆନ ଷ୍ଟିଫେନ୍ସ୍, ୧୫ତମ ସିଡ଼ି ବେଲଜିୟମର ଏଲିଜ ମେର୍ଟେନ୍ସ୍, ୧୯ତମ ସିଡ ଲାଟଭିଆର ଆନଷ୍ଟାସିଜା ସେଭାଶୋଭା ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ପୁରୁଷ ସିଙ୍ଗଲ୍ସରେ ସର୍ବିଆର ନୋଭାକ ଜୋକୋଭିଚ୍, ଫ୍ରାନ୍ସର ରିଚାର୍ଡ ଗାସ୍‌କ୍ୱେଟ ତୃତୀୟ୍ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଷ୍ଟିଫେନ୍ସ୍ ୬-୩, ୬-୪ ସେଟରେ ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କାଙ୍କୁ ହରାଇ ବିପର୍ଯ୍ୟୟ୍ ଘଟାଇବା ସହ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଷ୍ଟିଫେନ୍ସ୍ ଚତୁର୍ଥ ରାଉଣ୍ଡରେ ମେର୍ଟେନ୍ସ୍‌ଙ୍କୁ ଭେଟିବେ। ମେର୍ଟେନ୍ସ୍ ତୃତୀୟ୍ ରାଉଣ୍ଡରେ ଚେକ ଗଣରାଜ୍ୟର ବାର୍ବୋରା ଷ୍ଟ୍ରିକୋଭାଙ୍କୁ ୬-୩,୭-୬ ସେଟରେ, ସେଭାଶୋଭା ୪-୬, ୬-୧, ୬-୨ ସେଟରେ ରୁଷିଆର ଏକାଟେରିନା ମାକାରୋଭାଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତ। ସେହିପରି ପୁରୁଷ ସିଙ୍ଗଲ୍ସରେ ଦୁଇଥର ଚାମ୍ପିୟନ ଜୋକୋଭିଚ୍ ୬-୧, ୬-୩, ୬-୭, ୬-୨ ସେଟରେ ଟି. ସାଣ୍ଡଗ୍ରୀନଙ୍କୁ ହରାଇ ତୃତୀୟ୍ ରାଉଣ୍ଡକୁ ଉଠିଛନ୍ତି। ଷଷ୍ଠ ସିଡ ଜୋକୋଭିଚ୍ ଏବେ ଫ୍ରାନ୍ସର ରିଚାର୍ଡ ଗାସ୍‌କ୍ୱେଟଙ୍କୁ ଭେଟିବେ। ଗାସ୍‌କ୍ୱେଟ ସର୍ବିଆର ଲାସଲୋ ଜେରେଙ୍କୁ ୬-୩, ୭-୬, ୬-୩ ସେଟରେ ହରାଇ ତୃତୀୟ୍ ରାଉଣ୍ଡକୁ ଉଠିଛନ୍ତି।

# ଦୂତୀଙ୍କ ଅଲିମ୍ପିକ୍ସ ପ୍ରସ୍ତୁତି ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର

**ଭୁବନେଶ୍ୱର, ୩୧।୮(କ୍ରୀଡ଼ା ପ୍ରତିନିଧି)**

ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଚାଲିଥିବା ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ହାସଲ କରି ଦେଶ ଓ ରାଜ୍ୟକୁ ଗର୍ବିତ କରିଥିବା ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ଶୁକ୍ରବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ, କିଟ୍ ଓ କିସ୍‌ର କର୍ମକର୍ତ୍ତା, ମେୟର ଅନନ୍ତ ନାରାୟଣ ଜେନା, କ୍ରୀଡ଼ାପ୍ରେମୀ ଓ ଶୁଭେଚ୍ଛୁମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ବିମାନବନ୍ଦରରୁ ଦୂତୀ ସିଧା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବାକୁ ସଚିବାଳୟ ଯାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ୩ କୋଟି ଟଙ୍କାର ଚେକ୍ ପୁରସ୍କାର ଆକାରରେ ପ୍ରଦାନ କରିଥିଲେ। ଦୂତୀ ପଦକ ଜିତିବା ପରେ ଦେଢ଼ କୋଟି ଲେଖାଏଁ ପୁରସ୍କାର ରାଶି ପୂର୍ବରୁ ଘୋଷଣା କରାଯାଇଥିଲା। "ଦୂତୀ କେବଳ ରାଜ୍ୟ ପାଇଁ ନୁହେଁ, ସମଗ୍ର ଦେଶ ଲାଗି ସମ୍ମାନ ଆଣିଛନ୍ତି। ଆଗକୁ ଆହୁରି ଭଲ ପ୍ରଦର୍ଶନ କରି ଦେଶ ପାଇଁ ସଫଳତା ଆଣିବା କାମନା କରୁଛି। ୨୦୨୦ରେ ଟୋକିଓରେ ହେବାକୁ ଥିବା ଅଲିମ୍ପିକ୍‌ରେ ଦୂତୀଙ୍କ ପ୍ରସ୍ତୁତିର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ" ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ନିଜ ମାଟିରେ ସମ୍ବର୍ଦ୍ଧନା ଦୂତୀଙ୍କୁ ଭାବବିହ୍ୱଳ କରିଥିଲା। "ପ୍ରତି ୪ ବର୍ଷରେ ହେଉଥିବା ଏସିଆନ ଗେମ୍ସରେ ଦେଶ ପାଇଁ ୨ଟି ପଦକ ନେଇ ଫେରିବା ତାଙ୍କ ପାଇଁ ଗୌରବର ବିଷୟ। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ପାଇଁ ଭଗବାନ ସାବସ୍ତ୍ୟ ହୋଇଛନ୍ତି" ବୋଲି ଦୂତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ରାଜ୍ୟର ସମସ୍ତ ଜନସାଧାରଣଙ୍କ ଭଲପାଇବା ଏବଂ କ୍ରୀଡାପ୍ରେମୀଙ୍କ ଶୁଭେଚ୍ଛା ପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି। ବିବାଦୀୟ ହାଇପରଆଣ୍ଡ୍ରୋଜେନିଜମ୍ ନିୟମ ପାଇଁ ଦୂତୀଙ୍କ କ୍ୟାରିୟର ୨୦୧୪ରେ ସଙ୍କଟ ମଧ୍ୟକୁ ଚାଲିଯାଇଥିଲା।




ସଚିବାଳୟଠାରେ ଶୁକ୍ରବାର ଦୂତୀ ଚାନ୍ଦଙ୍କୁ ସ୍ୱାଗତ କରିବା ସହ ଚେକ୍ ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

- ରାଜଧାନୀରେ ଭବ୍ୟ ସ୍ୱାଗତ
- ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା
- ୩ କୋଟି ଟଙ୍କାର ଚେକ୍ ପ୍ରଦାନ

ଫଳରେ ସେ ସେତେବେଳେ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇପାରି ନ ଥିଲେ। ହେଲେ ୧୦ ଜଣ ଆଇନଜୀବୀଙ୍କ ପ୍ରଚେଷ୍ଟାରୁ ଦୂତୀ କୋର୍ଟ ଫର ଆର୍ବିଟ୍ରେଶନ ଅଫ୍ ସ୍ପୋର୍ଟ୍ସ (କାସ୍)ରେ ନ୍ୟାୟ ପାଇଥିଲେ। ଏସିଆଡ୍ ସଫଳତା ପରେ ଦୂତୀ ଅତୀତର ସେଇ କେତେଦିନ ମନେ ପକାଇ ଭାବବିହ୍ୱଳ ହୋଇଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କଠାରୁ ବିଦାୟ ନେଇ ସେ କିଟ୍ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିଲେ। ଜାକର୍ତ୍ତାରେ ଅନୁଷ୍ଠିତ ମହିଳା ୧୦୦ ମିଟର ରେସ୍‌ରେ ସେ ୧୧.୩୨ ଓ ୨୦୦ ମିଟରରେ ୨୩.୨୦ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ। ଓଡ଼ିଶାର ପ୍ରଥମ ଆଥଲେଟ୍ ଭାବେ ସେ ଏହି ସଫଳତା ପାଇଥିଲେ। ପୂର୍ବରୁ ଓଡ଼ିଶାର କୌଣସି ଆଥଲେଟ୍ ଗୋଟିଏ ଏସିଆନ ଗେମ୍ସରେ ୨ଟି ପଦକ ଜିତି ନ ଥିଲେ।

## ୧୦୦ମିଟର ପଦକକୁ ନେଇ ଅଧିକ ଖୁସି: ଦୂତୀ

ଦେଶର ଦ୍ରୁତତମ ଧାବିକା ତଥା ତାରକା ମହିଳା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଚଳିତ ଏସିଆନ ଗେମ୍ସରେ ଦୁଇଟି ରୌପ୍ୟ ପଦକ ହାସଲ କରିଛନ୍ତି। ନିଜର ଦୁଇ ଫେଭରାଇଟ୍ ଇଭେଣ୍ଟ ୧୦୦ ଓ ୨୦୦ ମିଟର ଦୌଡରେ ସେ ରୌପ୍ୟ ଜିତି ଇତିହାସ ସୃଷ୍ଟି କରି ସବୁ ମହଲରୁ ପ୍ରଶଂସାର ପାତ୍ର ହୋଇଛନ୍ତି। ତେବେ ୨୦୦ ମିଟର ଅପେକ୍ଷା ୧୦୦ ମିଟର ପଦକ ମୋତେ ଅଧିକ ଆନନ୍ଦ ଦେଇଛି ବୋଲି ୨୨ ବର୍ଷୀୟା ଦୂତୀ କହିଛନ୍ତି। ଦୁଇଟି ପଦକ ଜିତି ଦୂତୀ କିମ୍ବଦନ୍ତୀ ଧାବିକା ତଥା ଦୌଡ଼ରାଣୀ ପି.ଟି. ଉଷାଙ୍କ ସମକକ୍ଷ ହୋଇଛନ୍ତି। ଉଷା ପୂର୍ବରୁ ଏସିଆନ ଗେମ୍ସରେ ଏକାଧିକ ପଦକ ହାସଲ କରିଥିଲେ।

ପଦକ ଜିତିବା ପାଇଁ ମୋତେ ବେଶ୍ କଠିନ ପରିଶ୍ରମ କରିବାକୁ ପଡିଥିଲା। ଏହି ମେଗା ଇଭେଣ୍ଟରେ ଦୁଇଟି ପଦକ ଜିତିବା ମୋ ପାଇଁ ଏକ ବଡ଼ ସଫଳତା। ତେବେ ୧୦୦ ମିଟର ପଦକକୁ ମୁଁ ଅଧିକ ପସନ୍ଦ କରୁଛି। କାରଣ ଏହି ଇଭେଣ୍ଟ ମୋର ସବୁଠାରୁ ଫେଭରାଇଟ। ୧୦୦ ମିଟର ଦୌଡ ଉପରେ ମୁଁ ସବୁବେଳେ ଫୋକସ କରିଥାଏ। ତେବେ ଅଳ୍ପକେ ମୁଁ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିପାରି ନ ଥିଲି ବୋଲି ସେ କହିଛନ୍ତି।

ଏସିଆନ ଗେମ୍ସ ୧୦୦ମିଟର ଇଭେଣ୍ଟରେ ଦୂତୀ ୧୧.୩୨ ସେକେଣ୍ଡ ସମୟ ନେଇ ରୌପ୍ୟ ଜିତିଥିଲେ। ତେବେ ବାହାରିନର ଓଡିଓଙ୍ଗ୍ ଏଡିଡିଅଙ୍ଗ୍ ୧୧.୩୦ ସେକଣ୍ଡ ନେଇ ସ୍ୱର୍ଣ୍ଣ ହାତେଇ ନେଇଥିଲେ। ସେହିପରି ଚାଇନାର ୱେଇ ୟୋଙ୍ଗଲି ୧୧.୩୩ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲେ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଦୂତୀ ଭାରତୀୟ ଦଳରୁ ବାଦ ପଡିଥିଲେ। ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ)ର ହାଇପରଆଣ୍ଡ୍ରୋଜେନିଜମ ନୀତି କାରଣରୁ ସେ କ୍ରୀଡ଼ାରୁ ବାସନ୍ଦ ହୋଇଥିଲେ। ସେ ଏତିକି ବେଳେ ବେଶ୍ ଖରାପ ସମୟ ଦେଇ ଗତି କରିଥିଲେ। ତେବେ ଏତିକି ବେଳେ ତାଙ୍କୁ ବ୍ୟାଡମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦ ସାହାଯ୍ୟର ହାତ ବଢାଇଥିଲେ। ଗୋପୀଚାନ୍ଦଙ୍କ ହାଇଦ୍ରାବାଦ ଏକାଡେମୀରେ ମୁଁ ୪ ବର୍ଷ ରହିଥିଲି। ଏଠାରେ ରହି ମୁଁ କୋର୍ଟ ଅଫ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ରେ ଆଇନଗତ ଲଢେଇ ଜାରି ରଖିଥିଲି। ଏହା ପରେ ମୁଁ ଜାତୀୟ, ଆନ୍ତର୍ଜାତିକ ଓ ଶେଷରେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲି ବୋଲି ଦୂତୀ କହିଛନ୍ତି। ଆଗାମୀ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମୁଁ ଫାଇନାଲକୁ ଉଠିବାର ଲକ୍ଷ୍ୟ ରଖିଛି।

ମୁଁ ଦୁଇଥର ସ୍ୱର୍ଣ୍ଣ ପଦକ ହରାଇଥିଲି। ବୋଧେ ଏହା ଭଗବାନଙ୍କର ଇଚ୍ଛା ଥିଲା। ପାରୁ ପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥିଲି। ଅଳ୍ପକେ ସ୍ୱର୍ଣ୍ଣ ହାସଲରୁ ବଞ୍ଚିତ ହେବା ନିଶ୍ଚିତ ଭାବେ ଆଘାତ ଦେଇଛି। ଏବେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଫାଇନାଲରେ ପହଞ୍ଚିବା ମୋର ମୁଖ୍ୟ ଲକ୍ଷ୍ୟ ରହିଛି। ରାଜ୍ୟ ସରକାର ମୋତେ ସବୁ ଦିଗରୁ ସମର୍ଥନ କରିଛନ୍ତି। ଆଗାମୀ ଅଲିମ୍ପିକ୍ସ ପର୍ଯ୍ୟନ୍ତ ରାଜ୍ୟ ସରକାର ମୋର ସବୁ ଖର୍ଚ୍ଚ ବହନ କରିବେ। ଏଥିପାଇଁ ରାଜ୍ୟ ସରକାରଙ୍କଠାରେ ମୁଁ କୃତଜ୍ଞ।

# ପୂଜାରାଙ୍କ ଶତକ: ଭାରତ ଅଗ୍ରଣୀ

**ସାଉଥାମ୍ପଟନ,୩୧।୮(ପି.ଟି.)**

ସ୍ଥାନୀୟ ରୋଜ ବାଓଲଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟ ରେ ଚେତେଶ୍ୱର ପୂଜାରା (୧୩୨*, ୨୫୭ବଲ୍, ୧୬ଚୌକା)ଙ୍କ ଅପରାଜିତ ଶତକ ସହାୟତରେ ଭାରତ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ଶୁକ୍ରବାର ଦ୍ୱିତୀୟ ଦିବସରେ ଦଳର ଆରମ୍ଭ ଉତ୍ସାହଜନକ ରହିଥିଲା। କିନ୍ତୁ ମୋଇନ ଅଲି ୫ଟି ଉଇକେଟ ନେଇ ଭ୍ରମଣକାରୀ ଦଳର ସ୍କୋରକୁ ଅଧିକ ବାଟ ଆଗେଇବାକୁ ଦେଇ ନ ଥିଲେ। ଭାରତ ୨୭୩ ରନରେ ଅଲଆଉଟ ହୋଇଯାଇଥିଲା। ପୂଜାରା ଓ ଯଶପ୍ରୀତ ବୁମ୍ରା ଅନ୍ତିମ ଉଇକେଟରେ ୪୬ରନ ଯୋଗ କରିବାରୁ ଦଳ ୨୭ରନରେ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିପାରିଛି। ଜବାବରେ ଇଂଲଣ୍ଡ ଏହାର ଦ୍ୱିତୀୟ ଇନିଂସରେ ଷ୍ଟମ୍ପ ଅପସାରଣ ବେଳକୁ ବିନା କୌଣସି ଉଇକେଟରେ ୬ ରନ କରିଛି।

ସକାଳେ ଭାରତ ପୂର୍ବଦିନର ଅସମାପ୍ତ ସ୍କୋର ୧୯/୦ରୁ ଖେଳ ଆରମ୍ଭ କରିଥିଲା। ପ୍ରଥମ ଦିବସ ଖେଳରେ ଭାରତୀୟ ପେସ୍ ବୋଲରମାନେ ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ଯେଭଳି ସମସ୍ୟାରେ ପକାଇଥିଲେ ସେହି ଆଶଙ୍କାରେ ଶିଖର ଧାୱନ (୨୩) ଓ କେ.ଏଲ ରାହୁଲ (୧୯) ଧୈର୍ଯ୍ୟର ସହିତ ଖେଳ ଆରମ୍ଭ କରିଥିଲେ। ଜେମ୍ସ ଆଣ୍ଡରସନ ବଲ୍ ମୁଭମେଣ୍ଟ କରାଇବାରେ ବିଫଳ ରହିଥିଲେ। କିନ୍ତୁ ଷ୍ଟୁଆର୍ଟ ବ୍ରଡ୍ ବାମହାତୀ ଧାୱନଙ୍କ ପାଇଁ କଣ୍ଟା ସାଜିଥିଲେ। ଦ୍ୱିତୀୟ ଦିବସ ଖେଳର ଚତୁର୍ଥ ତଥା ଇନିଂସର ୮ମ ଓଭରରେ ବ୍ରଡ ବ୍ରେକ୍ ଥ୍ରୁ ଆଣିବାରେ ସଫଳ ରହିଥିଲେ। ରାହୁଲଙ୍କୁ ସେ ଏଲବିଡବ୍ଲ୍ୟୁ କରିଦେଇଥିଲେ। ବ୍ୟାଟ୍ସମ୍ୟାନ ଡିଆରଏସର ସହାୟତା ନେଇଥିଲେ କିନ୍ତୁ ନିଷ୍ପତ୍ତି ଇଂଲଣ୍ଡ ସପକ୍ଷରେ ଯାଇଥିଲା। ୧୪ତମ ଓଭରରେ ଏହି ପେସ୍ ବୋଲର ଧାୱନଙ୍କ ବିରୋଧରେ ଏକ ଏଲବି ଡବ୍ଲ୍ୟୁ ଅପିଲ କରି ବିଫଳ ହୋଇଥିଲେ। ସେ ଡିଆରଏସର ମଧ ସହାୟତା ନେଇଥିଲେ। ମାତ୍ର ତାହା ବୃଥା ପ୍ରମାଣିତ ହୋଇଥିଲା। ବ୍ରଡ ଶେଷରେ ୧୮ତମ ଓଭରରେ ସଫଳ ହୋଇଥିଲେ। ଧାୱନଙ୍କୁ ସେ କଟ୍ ବିହାଇଣ୍ଡ କରାଇଥିଲେ। ଭାରତର ସ୍କୋର ସେତେବେଳକୁ ୫୦ ଛୁଇଁଥିଲା।

ମଧାହ୍ନଭୋଜନ ବିରତି ବେଳକୁ ଭାରତ ୨ ଉଇକେଟ ବିନିମୟରେ ୧୦୦ ରନ କରିଥିଲା। ଚେତେଶ୍ୱର ପୂଜାରା ଓ ଅଧିନାୟକ ବିରାଟ କୋହଲି (୪୬) ତୃତୀୟ ଉଇକେଟରେ ୯୨ ରନ ଯୋଗ କରି ଦଳର ସ୍ଥିତିରେ ସୁଧାର ଆଣିଥିଲେ। ସାମ କୁରାନ କୋହଲିଙ୍କୁ ଆଲିଷ୍ଟର କୁକ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ କରି ଏହି ପାର୍ଟନରଶିପକୁ ଭାଙ୍ଗିଦେବା ପରେ ଭାରତ ଅଳ୍ପ ରନ ବ୍ୟବଧାନରେ ୫ ଜଣ ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେ (୧୧), ରିଶଭ ପନ୍ତ(୦), ହାର୍ଦ୍ଦିକ ପାଣ୍ଡ୍ୟା(୪), ରବିଚନ୍ଦ୍ରନ ଅଶ୍ୱିନ (୧), ମହମ୍ମଦ ଶାମି (୦) ଓ ଇଶାନ୍ତ ଶର୍ମା (୧୪) ଙ୍କ ଉଇକେଟ ହରାଇଥିଲା। ରାହାନେଙ୍କୁ ବେନ୍ ଷ୍ଟୋକ୍ସ ଏଲବିଡବ୍ଲ୍ୟୁ କରିଥିବାବେଳେ ପନ୍ତ, ପାଣ୍ଡ୍ୟା, ଅଶ୍ୱିନ, ଶାମି ଓ ଇଶାନ୍ତ ମୋଇନ ଅଲିଙ୍କ ବୋଲିଂର ଶିକାର ହୋଇଥିଲେ।



ଶତକ ହାସଲ ଅବସରରେ ଶଟ୍ ଖେଳୁଛନ୍ତି ଚେତେଶ୍ୱର ପୂଜାରା।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୨୪୬

**ଭାରତ ପ୍ରଥମ ଇନିଂସ:** ୨୭୩/ଅଲଆଉଟ (ଚେତେଶ୍ୱର ପୂଜାରା–୧୩୨*, ବିରାଟ କୋହଲି–୪୬, ଶିଖର ଧାୱନ–୨୩ ; ମୋଇନ ଅଲି–୫/୬୩,ଷ୍ଟୁଆର୍ଟ ବ୍ରଡ୍–୩/୬୩, ସାମ୍ କୁରାନ–୧/୪୧, ବେନ୍ ଷ୍ଟୋକ୍ସ–୧/୨୩)।

## ବାସ୍କେଟ୍‌ବଲ ଚୟନ ଟ୍ରାଏଲ

**ଭୁବନେଶ୍ୱର, ୩୧।୮(କ୍ରୀଡ଼ା ପ୍ରତିନିଧି)**

ସେପ୍ଟେମ୍ବର ୬ରୁ ୯ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ୟୁଥ୍ ବାସ୍କେଟ୍‌ବଲ ଚାମ୍ପିୟନଶିପ୍ ରାଉରକେଲାରେ ଅନୁଷ୍ଠିତ ହେବ। ଏଥିପାଇଁ ଭୁବନେଶ୍ୱର ଦଳର ଚୟନ ଟ୍ରାଏଲ କଳିଙ୍ଗ ଷ୍ଟାଡିୟମରେ ସନ୍ଧ୍ୟା ୫ଟାରୁ ୬ଟା ପର୍ଯ୍ୟନ୍ତ ଶନିବାର ଅନୁଷ୍ଠିତ ହେବ। ୨୦୦୨ ଜାନୁୟାରୀ ୧ ପରେ ଜନ୍ମଗ୍ରହଣ କରିଥିବା ପିଲାମାନେ ଏଥିରେ ଭାଗ ନେଇପାରିବେ ବୋଲି ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସୂତ୍ରରୁ ପ୍ରକାଶ।




# କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟ ସ୍କୁଲ ଚେସ୍ ୮ରୁ

**କଟକ ଅଫିସ,୩୧।୮**

ଏସ୍‌ଆର୍ ଚେସ ସେଣ୍ଟର ଆନୁକୂଲ୍ୟରେ ସେପ୍ଟେମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଚାମ୍ପିୟନଶିପ ଅନୁଷ୍ଠିତ ହେବ। କଟକ ରେଳଷ୍ଟେଶନ ନିକଟସ୍ଥ ପୂର୍ବତଟ ରେଲୱେ ଇନ୍‌ଷ୍ଟିଚ୍ୟୁଟଠାରେ ହେବାକୁ ଥିବା ଏହି ଚାମ୍ପିୟନଶିପ୍‌ରେ ପୁରସ୍କାର ରାଶି ବାବଦ ମୋଟ୍ ୧୦ହଜାର ଟଙ୍କା ପ୍ରଦାନ କରାଯିବାକୁ ଥିବାବେଳେ ୮୦ଟି ଟ୍ରଫି ଓ ୯୦ଟି ପଦକ ପ୍ରଦାନ କରାଯିବ। ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ର କିମ୍ବା ୨୦୦୩ ମସିହା ଜାନୁୟାରୀ ୧ ତାରିଖ ପରେ ଜନ୍ମଗ୍ରହଣ କରିଥିବା ଖେଳାଳି ଅଂଶଗ୍ରହଣ କରିପାରିବେ। ଭାଗନେବା ନିମନ୍ତେ ପ୍ରବେଶିକା ଶୁଳ୍କ ୩୦୦ଟଙ୍କା ରହିଛି। ଏହି ଅବସରରେ ବିଶ୍ୱ ଜୁନିୟର ଦୃଷ୍ଟିହୀନ ଚେସ୍‌ରେ ରୌପ୍ୟ ବିଜୟୀ ସୌନ୍ଦର୍ଯ୍ୟ ପ୍ରଧାନ, ବରିଷ୍ଠ କ୍ରୀଡ଼ା ଖବରଦାତା ଦେବୀ ପ୍ରସନ୍ନ ମହାନ୍ତି, ଅବସରପ୍ରାପ୍ତ ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ ବନମାଳୀ ବିଶୋୟୀ, ଏସିଆନ ସ୍କୁଲ ଚେସ୍‌ରେ ପଦକ ଜିତିଥିବା ଆରୁଷୀ ଶ୍ରୀଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହାଛଡ଼ା ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିମାନଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ନାମ ପଞ୍ଜୀକରଣ କରିବା ନିମନ୍ତେ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧/୨୦୧୮ Bhubaneswar, Saturday, September 1/ 2018

## ସାଇ ବଚ୍‌ପନ୍‌ରେ ଶପଥ ନେଲେ କୁନିପିଲା

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ):** ରସୁଲଗଡ଼ ସ୍ଥିତ ସାଇ ବଚ୍‌ପନ୍ ପ୍ରିସ୍କୁଲ ପକ୍ଷରୁ ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହା ୱିସ୍ ଫାଉଣ୍ଡେସନ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ପ୍ରଥମ ଅଧିବେଶନରେ ସ୍କୁଲର କୁନିକୁନି ପିଲାମାନେ ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଗଠନ ପାଇଁ ଶପଥ ନେଇଥିଲେ। ଏହାପରେ ସଚେତନତା ପ୍ରଶ୍ନୋତ୍ତର, କୁଇଜ୍ ଓ ସ୍ଲୋଗାନ ଆଦି ପ୍ରତିଯୋଗିତା କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ରଖାଯାଇଛି। ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ଅଭିଭାବକମାନଙ୍କୁ ନିବେଦନ କରାଯାଇଛି। ପିଲାମାନେ ସ୍କୁଲକୁ କୌଣସି ପ୍ଲାଷ୍ଟିକ୍ ଏବଂ ପଲିଥିନ୍ ଉପକରଣ ଆଣିବେ ନାହିଁ ଏବଂ ଘରେ ମଧ ବ୍ୟବହାର କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଘରକୁ ଗଲେ ପରିବାର, ସ୍ଥାନୀୟବାସିନ୍ଦା ଏବଂ ଆଖପାଖର ଦୋକାନ ବଜାରମାନଙ୍କରେ ଅନ୍ୟମାନଙ୍କୁ ଏହାର କୁପରିମାଣ ସମ୍ପର୍କରେ ବୁଝାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏନେଇ ସ୍କୁଲର ପ୍ରିନ୍ସିପାଲ ବିଜୟାଶ୍ରୀ ସିଂ କୁହନ୍ତି, ଯେ ପର୍ଯ୍ୟନ୍ତ ଶତପ୍ରତିଶତ ପ୍ଲାଷ୍ଟିକ ମୁକ୍ତ ନ ହୋଇଛୁ ସେ ପର୍ଯ୍ୟନ୍ତ ସ୍କୁଲ ତରଫରୁ ପ୍ରତିଦିନ ପ୍ରାର୍ଥନା ସମୟରେ ପ୍ଲାଷ୍ଟିକ୍ ସମ୍ପର୍କରେ ସଚେତନତା କରାଯିବ ଏବଂ ସ୍କୁଲକୁ ପ୍ରବେଶ ସମୟରେ ସମସ୍ତଙ୍କ ବ୍ୟାଗ୍ ଚେକ୍ କରାଯିବ। କୌଣସି ପୂଜା ଏବଂ ଉତ୍ସବ ଆଦିରେ ମଧ ପଲିଥିନ୍ ବ୍ୟବହାର କରାଯିବ ନାହିଁ। ପ୍ଲାଷ୍ଟିକ୍ ବଦଳରେ ବାୟୋଡିଗ୍ରେଡେବୁଲ ପଦାର୍ଥ ଯେପରିକି କାଗଜ ଡଙ୍ଗା, କପଡ଼ା ବା କାଗଜ ବ୍ୟାଗ୍‌ର ବ୍ୟବହାର ପାଇଁ ପ୍ରୋତ୍ସାହିତ କରାଯିବ। ଯଦି ନିୟମକୁ କେହି ଅଣଦେଖା କରନ୍ତି ତେବେ ତାଙ୍କ ଅଭିଭାବକଙ୍କୁ ନୋଟିସ୍ କରାଯାଇ ବୁଝାଯିବ। ୱିସ୍ ଫାଉଣ୍ଡେସନ୍‌ର ଅଧକ୍ଷା ଅନୁଶ୍ରୁତା ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ୍‌ର ଅପକାରିତା ଓ ପରିବେଶ ପ୍ରତି କୁପ୍ରଭାବ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଇ ସାମିଲ ହୋଇଥିବା ପୁରୀର ଅଭିନବ ଡ୍ରାମାଟିକ୍ କ୍ଲବ ଏବଂ ଫେଟ୍ ଫାଇଟର୍ସ କ୍ଲବର କଳାକାରମାନେ।



ଅଭିଯାନକୁ ସମର୍ଥନ ଜଣାଉଛନ୍ତି ପୁରୀର ସିନିୟର ସିଟିଜେନ କର୍ନରର ବରିଷ୍ଠ ନାଗରିକମାନେ।

**ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଅଭିଯାନ**

# ପୁରୀରେ ସାମିଲ ହେଲେ କଳାକାର, ବୁଦ୍ଧିଜୀବୀ

**ପୁରୀ ଅଫିସ, ୩୧।୮**

ରାଜ୍ୟ ସରକାର ଅକ୍ଟୋବର ୨ରୁ ପ୍ଲାଷ୍ଟିକକୁ ନିଷେଧ କରିବା ଲାଗି ଘୋଷଣା କରିଛନ୍ତି। ଏନେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଚାଲିଛି ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନ। ଏହି ଅଭିଯାନରେ ଓଡ଼ିଶାର ବିଭିନ୍ନ ସାମାଜିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବୁଦ୍ଧିଜୀବୀ ଏବଂ କଳାକାରମାନେ ଯୋଡି ହେବାରେ ଲାଗିଛନ୍ତି। ଶୁକ୍ରବାର ପୁରୀ ସହରରେ ଯୁବ କଳାନୁଷ୍ଠାନ ଅଭିନବ ଡ୍ରାମାଟିକ୍ କ୍ଲବ ଏବଂ ଫେଟ୍ ଫାଇଟର୍ସ କ୍ଲବର କଳାକାରମାନେ ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ହୋଇଛନ୍ତି। ଅନୁଷ୍ଠାନର ସମୀର ଶତପଥୀ, ଜ୍ଞାନରଞ୍ଜନ ମହାନ୍ତି, ସନ୍ତୋଷ ମହାନ୍ତି, ପ୍ରମୋଦ ପଟ୍ଟନାୟକ, ଜଗନ ପାଲ, ନିରଜ ମହାନ୍ତି, ଶିବ ରେଣ୍ଡୀ ପ୍ରମୁଖ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଲାଗି ଶ୍ରୀଜଗନ୍ନାଥବଲ୍ଲଭ ପରିସରରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଅଭିନବ ଡ୍ରାମାଟିକ୍ କ୍ଲବର ସମ୍ପାଦକ ସନ୍ତୋଷ ମହାନ୍ତି କୁହନ୍ତି, ପ୍ଲାଷ୍ଟିକ ଓ ପଲିଥିନର ବହୁଳ ବ୍ୟବହାର ଯୋଗୁ ପରିବେଶ ଉପରେ କୁପ୍ରଭାବ ପଡୁଛି। ଆଗାମୀ ଦିନରେ ଏନେଇ ଆମେ ଏକ ପଥପ୍ରାନ୍ତ ସଭା ଓ ଡ୍ରାମା କରିବା ଲାଗି ଯୋଜନା କରିଛୁ।

ସେହିପରି ସିନିୟର ସିଟିଜେନ କର୍ନରର ବରିଷ୍ଠ ନାଗରିକମାନେ ପ୍ଲାଷ୍ଟିକ ମୁକ୍ତ ଅଭିଯାନକୁ ସ୍ୱାଗତ କରିଛନ୍ତି। ସିଟିଜେନ କର୍ନର ସମସ୍ତ ବୁଦ୍ଧିଜୀବୀ ଏବଂ ସଦସ୍ୟ ମାନେ ଏହି ଅଭିଯାନରେ ସାମିଲ ହୋଇଥିଲେ। ଅନୁଷ୍ଠାନର ଡ. ବରେନ ପଟ୍ଟନାୟକ, ସାମାଜିକ କର୍ମୀ ନଟବର ସାହୁ, ସୁଧାକର ମିଶ୍ର, ବିଜୟ କୁମାର ମହାପାତ୍ର, ଗୌରହରି ଦେବ ଗୋସ୍ୱାମୀ, ମାୟାଧର ପାତ୍ର, ବିଜୟ ସେନାପତି ଓ ଯୁଗବ୍ରତ କର ପ୍ରମୁଖ ଉପସ୍ଥିତ ଥିଲେ।

### ସାମନ୍ତରାପୁରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ

# ସଂକଳ୍ପ କଲେ ଛାତ୍ରୀଛାତ୍ର

**ପୁରୁଣା ଭୁବନେଶ୍ୱର,୩୧।୮ ( ଡି.ଏନ.ଏ.)**

ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନରେ ସାମିଲ ହୋଇଛନ୍ତି ରାଜଧାନୀର ସାମନ୍ତରାପୁରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ଛାତ୍ରୀଛାତ୍ରମାନେ। ଗୁରୁବାର ଏ ନେଇ ସ୍କୁଲ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ପ୍ଲାଷ୍ଟିକ ବ୍ୟବହାରର କୁପରିଣାମ ସମ୍ପର୍କରେ ବୁଝାଇଥିଲେ ଶିକ୍ଷୟିତ୍ରୀଶିକ୍ଷକମାନେ। ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା କର୍କଟ ରୋଗ ଭଳି ବିଭିନ୍ନ ମାରାତ୍ମକ ରୋଗ ସୃଷ୍ଟି ହୋଇଥାଏ। ପ୍ଲାଷ୍ଟିକ ପଦାର୍ଥ ମାଟିରେ ନ ମିଶୁ ଥିବାରୁ ମୃତ୍ତିକା ନଷ୍ଟ ହୋଇଥାଏ। କୌଣସି ପୂଜା ସାମଗ୍ରୀ ପ୍ଲାଷ୍ଟିକ ବ୍ୟବହାର ଏକ ଧାର୍ମିକ ଚେତନାକୁ କ୍ଷୁଣ୍ଣ କରିଥାଏ ବୋଲି ସ୍କୁଲ ନିର୍ଦ୍ଦେଶକ ଅଜିତ୍‌କୁମାର ଦାଶ ପିଲାମାନଙ୍କୁ ବୁଝାଇଥିଲେ। ଶେଷରେ ପ୍ଲାଷ୍ଟିକ ବର୍ଜନ ନେଇ ଛାତ୍ରୀଛାତ୍ରମାନେ ସଙ୍କଳ୍ପ କରିଥିଲେ। ଏପରି କି ଆସନ୍ତା ଗଣେଶ ପୂଜାରେ ପଲିଥିନ ଓ ପ୍ଲାଷ୍ଟିକ ପଦାର୍ଥରେ ନୁହେଁ ଡାଲାରେ ଭୋଗ ଆଣିବାକୁ ପିଲାମାନେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ପ୍ରିନ୍ସିପାଲ ଏସ. ଆର. ଆଲାନଙ୍କ ସହ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।




ଅଭିଯାନରେ ସାମିଲ ହୋଇଥିବା ଭୁବନେଶ୍ୱର ସାମନ୍ତରାପୁରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ।




'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନରେ ସାମିଲ ହୋଇଥିବା ଭୁବନେଶ୍ୱର ରସୁଲଗଡ଼ ସ୍ଥିତ ସାଇ ବଚ୍‌ପନ୍ ପ୍ରିସ୍କୁଲର କୁନି ପିଲା ଓ ଶିକ୍ଷୟିତ୍ରୀମାନେ।

# ହକି ବିଶ୍ୱକପ୍ ପୂର୍ବରୁ ୱାଇଫାଇ ସୁବିଧା

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

ହକି ବିଶ୍ୱକପ୍ ପୂର୍ବରୁ ସହରରେ ୱାଇଫାଇ ସଂଯୋଗ ହେବ। ୩୦୦ ଆକ୍ସେସ୍ ପଏଣ୍ଟରେ ୮୦ କିମି ରାସ୍ତାରେ ୱାଇଫାଇ ଉପଲବ୍ଧ ହେବ। ସହରବାସୀ ଏହାର ସମ୍ପୂର୍ଣ୍ଣ ଫାଇଦା ନେବେ ବୋଲି ବିଏମ୍‌ସି କମିଶନର ତଥା ବିଡିଏ ଉପାଧକ୍ଷ କ୍ରିଷନ କୁମାର କହିଛନ୍ତି। ସ୍ମାର୍ଟସିଟି ମିଶନର ମାଷ୍ଟର ସିଷ୍ଟମ୍ ଇଣ୍ଟିଗ୍ରେଟେଡ ପ୍ରକଳ୍ପରେ ଏହା ଅନ୍ତର୍ଭୁକ୍ତ। ସ୍ମାର୍ଟସିଟି ମିଶନରେ ସହରରେ ୱାଇଫାଇ ସଂଯୋଗ ପାଇଁ ପ୍ରସ୍ତାବ ରହିଥିଲା। ବିଶ୍ୱ କପ୍ ଆରମ୍ଭ ହେବା ପୂର୍ବରୁ ଏହା ଉପଲବ୍ଧ ହେଲେ ବିଦେଶୀ ନାଗରିକଙ୍କ ସହିତ ଭୁବନେଶ୍ୱର ସହରବାସୀ ଉପକୃତ ହେବେ। କିଟ୍ ଛକରୁ ରାଜଭବନ, ଗୋପବନ୍ଧୁ ଛକରୁ ରାଜଭବନ, ଏୟାରପୋର୍ଟରୁ ଆଚାର୍ଯ୍ୟ ବିହାର, ଆଚାର୍ଯ୍ୟ ବିହାରରୁ ନାଲ୍‌କୋ ଛକ, କଳ୍ପନାରୁ ରସୁଲଗଡ, ଶିଶୁଭବନ ଛକରୁ ବାଣୀବିହାର ଏବଂ ରସୁଲଗଡ଼ରେ ଏହି ସୁବିଧା ମିଳିବ। ଅକ୍ଟୋବର ଶେଷ ଏବଂ ନଭେମ୍ବର ପ୍ରଥମ ସପ୍ତାହ ବେଳକୁ ଏସବୁ ସ୍ଥାନରେ ୱାଇଫାଇ କାର୍ଯ୍ୟକ୍ଷମ ହେବ।

# ଏଣିକି ଥାନାକୁ ଦୌଡିବେନି ଆବେଦନକାରୀ

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

**ପାସ୍‌ପୋର୍ଟ ଭେରିଫିକେଶନ**

- ଜୁନ ୧ରୁ ବୈଦେଶିକ ମନ୍ତ୍ରଣାଳୟ ଜାରି କରିଛି ନୂଆ ଫର୍ମ
- ଭେରିଫିକେଶନ ନାଁରେ ହଇରାଣ କରିପାରିବନି ପୋଲିସ




ପାସ୍‌ପୋର୍ଟ ଆବେଦନକାରୀଙ୍କ ପାଇଁ ଖୁସି ଖବର। ପୂର୍ବଭଳି ଆଉ ଥାନାକୁ ବାରମ୍ବାର ଦୌଡିବାକୁ ପଡିବ ନାହିଁ କି ପୋଲିସ ବାବୁଙ୍କୁ ହାତଗୁଞ୍ଜା ଦେବାକୁ ପଡିବ ନାହିଁ। ପାସ୍‌ପୋର୍ଟ ଲାଗି ବୈଦେଶିକ ମନ୍ତ୍ରାଳୟ ନୂତନ ଫର୍ମ ଜାରି କରିଛି, ଯେଉଁଥିରେ ଆବେଦନକାରୀଙ୍କ ପାସ୍‌ପୋର୍ଟ ଭେରିଫିକେଶନର ଆବଶ୍ୟକତା ପଡ଼ିବ ନାହିଁ। ଏ ନେଇ ଭୁବନେଶ୍ୱର ଡିସିପିଙ୍କ ଅଧକ୍ଷତାରେ ଗୁରୁବାର ଭୁବନେଶ୍ୱରର ସମସ୍ତ ଥାନା ଅଧିକାରୀ ଓ ପାସ୍‌ପୋର୍ଟ ଭେରିଫିକେଶନ କରୁଥିବା ଅଫିସରମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଆଞ୍ଚଳିକ ପାସପୋର୍ଟ ଅଧିକାରୀ ଯୋଗଦେଇ ଗତ ଜୁନ ୧ରେ ନୂତନ ଭାବରେ ରୂପାନ୍ତରଣ ହୋଇଥିବା ପାସପୋର୍ଟ ପୋଲିସ ଭେରିଫିକେଶନ ରିପୋର୍ଟ ବିଷୟରେ ଅବଗତ କରାଇଥିଲେ। ପୂର୍ବରୁ କୌଣସି ଭାରତୀୟ ନାଗରିକ ପାସପୋର୍ଟ ପାଇଁ ଆବେଦନ କରିସାରିଲା ପରେ ସମ୍ପୃକ୍ତ ଜିଲାର ଗୋଇନ୍ଦା ବିଭାଗ ଜରିଆରେ ପାସ୍‌ପୋର୍ଟ ଆବେଦନ କରିଥିବା ବ୍ୟକ୍ତିଙ୍କ ଅଞ୍ଚଳର ଥାନାକୁ ପଠାଇ ଦିଆଯାଉଥିଲା। ସେଠାରେ ଥାନା ଅଧିକାରୀମାନେ ଆବେଦନକାରୀଙ୍କୁ ଥାନାକୁ ଡକାଇ ଭେରିଫିକେଶନ କରିବା ପରେ ଜିଲା ଗୋଇନ୍ଦା ବିଭାଗକୁ ପଠାଉଥିଲେ। ଏହାପରେ ଉକ୍ତ ବ୍ୟକ୍ତି ପାସ୍‌ପୋର୍ଟ ପାଉଥିଲା। ଏଭଳି ପ୍ରକ୍ରିୟା ଦ୍ୱାରା ଜନସାଧାରଣ ବହୁତ ଅସୁବିଧାରେ ପଡୁଥିବା ବେଳେ ପୋଲିସର କାର୍ଯ୍ୟକଳାପ ଉପରେ ସନ୍ଦେହ ଉପୁଜୁଥିଲା। ପାସ୍‌ପୋର୍ଟ ଆବେଦନକାରୀଙ୍କୁ ପୋଲିସ ବିଭିନ୍ନ କାଗଜପତ୍ର ମାଗିବା ସହ ଥାନାକୁ ବାରମ୍ବାର ଡକାଇ ହଇରାଣ କରୁଥିଲା।

ଏସବୁକୁ ଦୃଷ୍ଟିରେ ରଖି ବୈଦେଶିକ ମନ୍ତ୍ରାଳୟ ଗତ ଜୁନ ୧ରୁ ଭେରିଫିକେଶନ ପାଇଁ ନୂତନ ଫର୍ମ ଜାରି କରିଛି। ଏଥିରୁ ପାସପୋର୍ଟ ଆବେଦନକାରୀ ଦେଇଥିବା ଠିକଣା ଭେରିଫିକେଶନ ଓ ଆବେଦନକାରୀଙ୍କ ଫଟୋ ଆଟେଷ୍ଟେସନ, ଦସ୍ତଖତ ଆଦିକୁ ସମ୍ପୂର୍ଣ୍ଣ ଭାବରେ ଉଠାଇ ଦିଆଯାଇଛି। ପୋଲିସ କେବଳ ଆବେଦନକାରୀଙ୍କ ଆପରାଧିକ ରେକର୍ଡକୁ ତନଖି କରିବ। ଯେହେତୁ ଆବେଦନକାରୀଙ୍କ ଠିକଣାର ଭେରିଫିକେଶନ, ଫଟୋ ଆଟେଷ୍ଟେଶନ ଓ ଦସ୍ତଖତ ଆଦି ହେଉନାହିଁ, ତେଣୁ ଆବେଦନକାରୀଙ୍କୁ ଆଉ ଥାନାକୁ ଯିବାକୁ ପଡିବ ନାହିଁ। ଯଦି କିଛି ଦରକାର ପଡେ ତେବେ ଥାନା ଅଧିକାରୀମାନେ ଆବେଦନକାରୀଙ୍କ ପାଖକୁ ଯିବେ। ସେଥିପାଇଁ ପାସପୋର୍ଟ ଭେରିଫିକେଶନ କରୁଥିବା ସମସ୍ତ ପୋଲିସ କର୍ମଚାରୀଙ୍କୁ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ଅର୍ଥ ଦିଆଯାଉଛି। ଏହି ନୂତନ ନିୟମକୁ କଡାକଡି ଭାବେ ପାଳନ କରିବା ପାଇଁ ଡିସିପି ସମସ୍ତ ଥାନାଧିକାରୀ ଓ ପାସପୋର୍ଟ ଭେରିଫିକେଶନ କରୁଥିବା ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ବିଦ୍ୟୁତ୍ ଫ୍ରାଞ୍ଚାଇଜ କମ୍ପାନୀ ଉପରେ ହାଇକୋର୍ଟଙ୍କ ଅଙ୍କୁଶ

# ଧାର୍ଯ୍ୟ କରିପାରିବନି ଜରିମାନା



**କଟକ ଅଫିସ, ୩୧।୮**

ବିଦ୍ୟୁତ୍ ବିଭାଗରେ ନିୟୋଜିତ ଫ୍ରାଞ୍ଚାଇଜ କମ୍ପାନୀଗୁଡ଼ିକ ଉପରେ ହାଇକୋର୍ଟ ଅଙ୍କୁଶ ଲଗାଇଛନ୍ତି। ଏହି ସବୁ ଫ୍ରାଞ୍ଚାଇଜ କମ୍ପାନୀଗୁଡ଼ିକ କେବଳ ବିଦ୍ୟୁତ୍ ବ୍ୟବସ୍ଥାରେ ଥିବା ତ୍ରୁଟିକୁ ଯାଞ୍ଚ କରିବେ। କିନ୍ତୁ ତ୍ରୁଟି ପାଇଁ କୌଣସି ଉପଭୋକ୍ତାଙ୍କ ଉପରେ ଜରିମାନା ଲାଗୁ କରିପାରିବେ ନାହିଁ। କେବଳ ରାଜ୍ୟ ସରକାର, ବିଦ୍ୟୁତ୍ ବୋର୍ଡ କିମ୍ବା ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀ ଜରିମାନା ଧାର୍ଯ୍ୟ କରିପାରିବେ ବୋଲି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଖୋର୍ଦ୍ଧାର ଗ୍ଲୋବାଲ ଫିଡ୍‌ସ ନାମକ ଏକ ସଂସ୍ଥା ପକ୍ଷରୁ ରୁଜୁ କରାଯାଇଥିବା ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ଏସ୍.ଏନ୍. ପ୍ରସାଦ ଏହି ରାୟ ଦେଇଛନ୍ତି। ସୂଚନାଥାଉକି, ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଫ୍ରାଞ୍ଚାଇଜ୍ କମ୍ପାନୀ ଫେଡ୍‌କୋ ଗ୍ଲୋବାଲ ଫିଡ୍‌ସ ସଂସ୍ଥା ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ଧାର୍ଯ୍ୟ କରିଥିଲା। ଫେଡ୍‌କୋର ଏହି ଜରିମାନାକୁ ଚ୍ୟାଲେଞ୍ଜ କରି ଗ୍ଲୋବାଲ ଫିଡ୍‌ସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ତେବେ ମାମଲାର ଶୁଣାଣି କରି ବିଚାରପତି ଉପରୋକ୍ତ ଆଦେଶ ଦେଇଥିଲେ ମଧ ଗ୍ଲୋବାଲ ଫିଡ୍‌ସକୁ ଜରିମାନାରୁ ମୁକ୍ତ କରିବାକୁ କୌଣସି ଆଦେଶ ଦେଇନାହାନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗର ଅଧିକାରୀ ନିଷ୍ପତ୍ତି ନେବେ ବୋଲି ବିଚାରପତି ଆଦେଶ ଦେଇଛନ୍ତି।




# ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ନିମାପଡ଼ା,୩୧।୮(ଡି.ଏନ୍.ଏ.)**

**ହତ୍ୟା ମାମଲାରେ ଗିରଫ ହୋଇଥିଲେ**

ନିମାପଡା ଉପକାରାଗାରରେ ଥିବା ମୁନା ନାମକ ବିଚାରାଧୀନ କଏଦୀଙ୍କ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ମୃତ୍ୟୁ ଘଟିଥିବା ଜେଲର ବାଗୁଲି ବାରିକ କହିଛନ୍ତି। ଶୁକ୍ରବାର ଅଭିଯୁକ୍ତ ମୁନା ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ନିମାପଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ମୁନା ଓରଫ ମୁନାବର ବିଶ୍ୱାଳ(୪୨)। ସେ ଏକ ହତ୍ୟା ମାମଲାରେ ନିମାପଡା ଜେଲରେ ଥିଲେ। କଏଦୀଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କ ଘରକୁ ଖବର ଦିଆଯାଇଥିବା ଜେଲର ବାରିକ କହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧ ସେପ୍ଟେମ୍ବର, ୨୦୧୮



ନାମରେ ଭକ୍ତି, ଜୀବରେ ଦୟା ନର ଜନ୍ମର ସର୍ବଶ୍ରେଷ୍ଠ କାର୍ଯ୍ୟ।

- ଗୁରୁ ନାନକ



## ସଂକ୍ଷେପରେ

### ସାପ କାମୁଡ଼ାରେ ସ୍କୁଲ୍ ଛାତ୍ରୀଙ୍କ ମୃତ୍ୟୁ

**ବାଙ୍କୀ/ତିଗିରିଆ,୩୧।୮(ସ୍ୱ.ପ୍ର./ଡି.ଏନ.ଏ.):** ସାପ କାମୁଡ଼ାରେ ଗୁରୁବାର ରାତିରେ ବାଙ୍କୀ ବ୍ଲକ ବାଉଁଶପୁଟ ପଞ୍ଚାୟତ ପାଳକୁଟ ଗ୍ରାମର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଲେ ଗ୍ରାମର ଅର୍ଜୁନ ରାଉତଙ୍କ ଝିଅ ପୂଜାର୍ଚ୍ଚନା ରାଉତ(୧୩)। ସେ ରାତିରେ ଶୋଇଥିବାବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ଫଳରେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତିଗିରିଆ ପରେ ଓ ଆଠଗଡ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଲକ୍ଷାଧିକ ଟଙ୍କାର ଟିଭି, ଫ୍ରିଜ୍ ଜଳିଗଲା

**ସାଲେପୁର,୩୧।୮(ଡି.ଏନ.ଏ.):** ସାଲେପୁର ବ୍ଲକ ପୁରୁଣାହାଟ ପଞ୍ଚାୟତ ଓଡ଼କିମିରା ଗ୍ରାମର ରଘୁନାଥ ମଲ୍ଲଙ୍କ ଘରେ ଶୁକ୍ରବାର ବିଦ୍ୟୁତ୍ ଶର୍ଟ ଶର୍କିଟ୍ ଯୋଗୁ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ରଘୁନାଥଙ୍କ ଘରେ ଥିବା ଲକ୍ଷାଧିକ ଟଙ୍କାର ଟିଭି, ଫ୍ରିଜ୍ ସମେତ ବିଭିନ୍ନ ଘରକରଣା ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ରଘୁନାଥ ସାମଗ୍ରୀ ଉଦ୍ଧାର କରିବାକୁ ଯାଉଥିବା ବେଳେ ତାଙ୍କ ଗୋଡ଼ରେ ଆଘାତ ଲାଗିଛି। ଖବରପାଇ ସାଲେପୁରରୁ ୨ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସବୁକିଛି ଜଳି ସାରିଥିଲା।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ଲଳିତଗିରି,୩୧।୮(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଲଳିତଗିରି ଉଚ୍ଚ ବିଦ୍ୟାଳୟ ପରିସରରେ ରୋଟାରି କ୍ଲବ ଏବଂ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଗୁରୁବାର ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ସସ୍ମିତା ଶୁକ୍ଳା ଉଦ୍‌ଘାଟନ କରିଥିଲେ। ଲଳିତଗିରି ପଞ୍ଚାୟତ ସହଯୋଗରେ ଆୟୋଜିତ ଶିବିରରେ ଚକ୍ଷୁ ସହାୟକ ଶୁଶିଲ ଜେନା, ଶ୍ରଦ୍ଧାଞ୍ଜଳି ମଲିକ, ଅର୍ଚ୍ଚନା ମହାନ୍ତି, ସଞ୍ଜିବ ମହାପାତ୍ର ଓ ନୃସିଂହ କର ଯୋଗ ଦେଇଥିଲେ। ଶିବିରରେ ମୋଟ ୭୦ ଜଣ ଚକ୍ଷୁ ରୋଗୀଙ୍କ ଚିକିତ୍ସା ହୋଇଥିଲା। ସେମାନଙ୍କ ମଧ୍ୟରୁ ୨୫ ଜଣଙ୍କ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ପୂର୍ବତନ ସମିତିସଭ୍ୟ ରୁଦ୍ରନାରାୟଣ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ନାରାୟଣ ଚନ୍ଦ୍ର ସିଂହ, ଶୁକଦେବ ସାମଲ ଓ ପ୍ରଦୀପ୍ତ ମହାରଣା ସହଯୋଗ କରିଥିଲେ।

### ଆଇନଜୀବୀଙ୍କ ଅଦାଲତ ବର୍ଜନ

**ଆଠଗଡ଼,୩୧।୮(ସ୍ୱ.ପ୍ର.):** ଜଣେ ହାଇକୋର୍ଟ ଆଇନଜୀବୀଙ୍କୁ ଚାଉଳିଆଗଞ୍ଜ ପୋଲିସ ମାଡ଼ ମାରିବା ଘଟଣାକୁ ଆଠଗଡ଼ ଓକିଲ ସଂଘ ଏବଂ ସିଭିଲ ବାର ଆସୋସିଏଶନ ସଭ୍ୟମାନେ ତୀବ୍ର ନିନ୍ଦା କରିଛନ୍ତି। ଏଥିସହିତ ସେମାନେ ବୁଧବାରଠାରୁ ଅଦାଲତ ବର୍ଜନ କରିବା ସହ ଆକ୍ରମଣ କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କାର୍ଯ୍ୟବନ୍ଦ ଯୋଗୁ ଆଠଗଡ଼ର ସମସ୍ତ ବିଚାର ବିଭାଗୀୟ ଅଦାଲତର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଦୂରାଦୂରାନ୍ତରୁ ଆସୁଥିବା ମହକିଲମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଲକ୍ଷ୍ୟ କରାଯାଇଛି।

### ପଞ୍ଚାୟତସ୍ତରୀୟ କଂଗ୍ରେସ କର୍ମୀ ବୈଠକ

**ଲଳିତଗିରି,୩୧।୮(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ପାଇକରାପୁର ପଞ୍ଚାୟତସ୍ତରୀୟ କଂଗ୍ରେସ କର୍ମୀ ବୈଠକ ବିଲିପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ତ୍ରିଲୋଚନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ପ୍ରଦୀପ୍ତ ଦାସ ଯୋଗଦେଇ ମାହାଙ୍ଗାରେ ଚାଲିଥିବା ଦୁର୍ନୀତିର ମୂଳପ୍ରାଟନ କରିବାକୁ ହେଲେ କଂଗ୍ରେସ କ୍ଷମତାକୁ ଆସିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଯୁବ କଂଗ୍ରେସ ସଭାପତି ଶ୍ରିନିବାସ ବେହୁରା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ଚନ୍ଦ୍ର ନାୟକ, ଯୁବନେତା ଶିବାନୀ ବିଶ୍ୱାଳ, ସାଧୁମଣି ନାୟକ, ଜୟଦେବ ସାହୁ, ଜୟନ୍ତ ସାମଲ, ଅରୁଣ ସାମଲ, ବଳରାମ ଜେନା, ଚନ୍ଦନ ସେଠୀ, ଜଗବନ୍ଧୁ ସାମଲ, ଜିତେନ୍ଦ୍ର ସାମଲ, ବିଭୂତି ସାମଲ, ଦୀପକ ସାମଲ, ସଞ୍ଜୟ ଜେନା, ଦିଲୀପ ସାମଲ, ଗଣେଶ ସାମଲ, ଗଜେନ୍ଦ୍ର ନାୟକ ଓ ଗଗନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋରୁଙ୍କ ଜୀବନ ନେଉଛି ଥାଲେରିଆ

**ମାହାଙ୍ଗା,୩୧।୮(ସ୍ୱ.ପ୍ର.)**



- ଚିନ୍ତାରେ ଗୋପାଳକ
- ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଦାବି
- ବୀମାରାଶି ମିଳିବା ନେଇ ପ୍ରଶ୍ନବାଚୀ

ମାହାଙ୍ଗା ବ୍ଲକ ପ୍ରାଣୀଧନ ଚିକିତ୍ସାଳୟ ଅଧୀନରେ ଥିବା ବିଭିନ୍ନ ଗ୍ରାମରେ ଏବେ ଫାଟୁଆ, ବଜ୍‌ବଜିଆ ଓ ଥାଲେରିଆ ରୋଗ ବ୍ୟାପିବାରେ ଲାଗିଛି। ଫଳରେ ଏଥିରେ ଅନେକ ଗୋରୁ ଆକ୍ରାନ୍ତ ହେଉଛନ୍ତି। ସେଥିରୁ କେତେକ ଗୋରୁଙ୍କ ଜୀବନ ମଧ ଯାଇଛି। ବିଶେଷକରି ଚାହାପଡା ପଞ୍ଚାୟତ ଜହଳ ଗ୍ରାମରେ ଥାଲେରିଆ ରୋଗରେ ଆକ୍ରାନ୍ତ ହୋଇ ସପ୍ତାହକ ମଧ୍ୟରେ ୫ରୁ ଉର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ଘଟି ସାରିଲାଣି। ଗୁରୁବାର ଏହି ଗ୍ରାମର ଗୌତମ ପରିଡାଙ୍କ ଏକ ଗାଈର ମୃତ୍ୟୁ ଘଟିଥିବାବେଳେ ୨ ଦିନ ପୂର୍ବେ ରାଜ କିଶୋର କୁଅଁରଙ୍କ ୩ ଓ ପ୍ରମୋଦ କୁଅଁରଙ୍କ ୧ ଗାଈର ମୃତ୍ୟୁ ଘଟିଛି। ଏହି ରୋଗ ନିରାକରଣ ପାଇଁ ପ୍ରାଣୀଧନ ଚିକିତ୍ସାଳୟ ପକ୍ଷରୁ ଉଚିତ ପଦକ୍ଷେପ ନିଆଯାଉ ନ ଥିବାରୁ ଦିନକୁ ଦିନ ରୋଗ ବ୍ୟାପିବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେଜଣ ବ୍ୟକ୍ତି ବ୍ୟାଙ୍କରୁ ଋଣ ଆଣି ଗାଈ କିଣିଥିବା ବେଳେ ଏବେ ଋଣ କିପରି ପରିଶୋଧ କରିବେ ସେନେଇ ଚିନ୍ତିତ ହୋଇ ପଡିଛନ୍ତି। ଅନ୍ୟପକ୍ଷରେ ମୃତ୍ୟୁ ଘଟିଥିବା ଗୋରୁଙ୍କ ମାଲିକମାନଙ୍କୁ ବୀମା ରାଶି ମିଳିବ କି ନାହିଁ ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଗୋରୁ ଜୀବିତ ଥିବା ବେଳେ ସମ୍ପୃକ୍ତ ଗୋପାଳକମାନେ ନିୟମିତ ବୀମା ରାଶି ପୈଠ କରୁଥିଲେ। ମାତ୍ର ଗତ କିଛି ମାସ ହେବ ମାହାଙ୍ଗା ବ୍ଲକ ପ୍ରାଣୀଧନ ଚିକିତ୍ସାଳୟକୁ କୌଣସି ଇନ୍‌ସ୍ୟୁରାନସ କମ୍ପାନୀ ଆସୁନାହାନ୍ତି। ଏନେଇ ଗୋପାଳକମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ କୌଣସି ସୁଫଳ ମିଳୁ ନ ଥିଲା। ଏବେ ବୀମା ରାଶି ପୈଠ ହୋଇ ନ ଥିବାରୁ କ୍ଷତିପୂରଣ କିପରି ମିଳିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ଥାଲେରିଆ ରୋଗରେ ଅଞ୍ଚଳର ଗୌତମ ପରିଡା, ରାଜକିଶୋର କୁଅଁର, ଗୌତମ କୁଅଁର, ମଗୁଲି ଦାସ, ଦିବାକର ପଲେଇ ଓ ନରହରି ବିଶ୍ୱାଳ ପ୍ରମୁଖଙ୍କ ବହୁ ଗୋରୁ ଆକ୍ରାନ୍ତ ହୋଇଛନ୍ତି। ଗୋପାଳକ କୃଷ୍ଣଚନ୍ଦ୍ର ଦାସଙ୍କ କହିବାନୁସାରେ ଗୋରୁଙ୍କୁ ପ୍ରଥମେ ଜ୍ୱର ହେବା ସହ ପାଟିରୁ ଲାଳ ଗଡୁଛି ଏବଂ ନଖରେ ଘା ହେଉଛି। ପରେ ସେମାନଙ୍କ ମୃତ୍ୟୁ ଘଟୁଛି। ଏ ସମ୍ପର୍କରେ ମାହାଙ୍ଗା ପ୍ରାଣୀଧନ ଚିକିତ୍ସା ଅଧିକାରୀ ମୃଣ୍ମୟ ପଣ୍ଡା କହିଛନ୍ତି, ଥାଲେରିଆ ରୋଗର ନିରାକରଣ ପାଇଁ ସରକାରଙ୍କ ତରଫରୁ ରିହାତି ମୂଲ୍ୟରେ ଟିକାକରଣ ବ୍ୟବସ୍ଥା ରହିଛି। ତେବେ ରୋଗ ବ୍ୟାପିଥିବା ଅଞ୍ଚଳକୁ ଏକ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ ଯାଇ ଚିକିତ୍ସା କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ଗ୍ରାମର କ୍ଷତିଗ୍ରସ୍ତ ଗୋପାଳକଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବା ସହ ରୋଗ ନିରାକରଣ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଗୋପୀନାଥପୁର-ବୈଦେଶ୍ୱର ସେତୁ କାର୍ଯ୍ୟ ଶୁଭାରମ୍ଭ ଆଜି

**ବଡ଼ମ୍ବା,୩୧।୮ (ଡି.ଏନ.ଏ.)**

ମହାନଦୀ ଉପରେ ନିର୍ମାଣ ହେବାକୁଥିବା ଗୋପୀନାଥପୁର-ବୈଦେଶ୍ୱର ସେତୁ କାର୍ଯ୍ୟ ଶନିବାର ଶୁଭାରମ୍ଭ ହେବ। ଏହା ଦ୍ୱାରା ବଡ଼ମ୍ବା ଜନସାଧାରଣଙ୍କ ବହୁଦିନର ଆଶା ପୂରଣ ହେବାକୁ ଯାଉଥିବାବେଳେ ବ୍ୟକ୍ତିଗତଭାବେ ମୁଁ ଅତ୍ୟନ୍ତ ଖୁସିବୋଲି ସ୍ଥାନୀୟ ରାଜସ୍ୱ ଡାକ ବଙ୍ଗଳାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବିଧାୟକ ଦେବୀପ୍ରସାଦ ମିଶ୍ର ପ୍ରକାଶ କରିଛନ୍ତି। ବିଧାୟକ ମିଶ୍ର ସେତୁ କାର୍ଯ୍ୟର ଶୁଭାରମ୍ଭ ନେଇ ଏକ ଖବରଦାତା ସମ୍ମିଳନୀରେ କହିଥିଲେ, ରାଜ୍ୟ ସରକାରଙ୍କ ଉଦ୍ୟମ ଏବଂ ନାବାର୍ଡ ସହାୟତାରେ ଏହି ପ୍ରକଳ୍ପ ନିର୍ମାଣ ହେବାକୁଯାଉଛି। ବଡ଼ମ୍ବା ଗୋପୀନାଥପୁରଠାରେ ନିର୍ମାଣକାର୍ଯ୍ୟର ଶୁଭାରମ୍ଭ ହେବ ଏବଂ ସେଠାରେ ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେବେ ବୋଲି ମିଶ୍ର ସୂଚନା ଦେଇଛନ୍ତି। ନିର୍ମାଣ ହେବାକୁଥିବା ଏହି ସେତୁ ବାବଦକୁ ପ୍ରାୟ ୧୩୧କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ଏନେଇ କ୍ୟାବିନେଟ ମଞ୍ଜୁରୀ କରିଥିଲେ। ବିଧାୟକ ମିଶ୍ର ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବଡ଼ମ୍ବା ଜନସାଧାରଣଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ସୂଚନାଯୋଗ୍ୟ, ନାବାର୍ଡ ଏବଂ ଦିଲ୍ଲୀ ଆଇଆଇଟିର ବୈଷୟିକ ସହଯୋଗରେ ନିର୍ମାଣ ହେବାକୁ ଯାଉଥିବା ଏହି ପୋଲର ଲମ୍ବ ପ୍ରାୟ ୩.୧୧୯କି.ମି. ଏବଂ ଏହି ସେତୁର ମଧ୍ୟଭାଗରୁ ପ୍ରାୟ ୨୪୦ ମିଟର ଲମ୍ବର ଅନ୍ୟଏକ ସଂଯୋଗ ପୋଲ ପର୍ଯ୍ୟଟନ କ୍ଷେତ୍ର ସିଂହନାଥ ପୀଠକୁ କରାଯିବାକୁ ସ୍ଥିର ହୋଇଛି। ପ୍ରସ୍ତାବିତ ପୋଲଟି ନିର୍ମାଣ ହେଲେ ଗମନାଗମନ ଦୃଷ୍ଟିରୁ ବଡ଼ମ୍ବା ସହିତ ମହାନଦୀ ଦକ୍ଷିଣପାର୍ଶ୍ୱରେ ଥିବା ବାଙ୍କୀ, ଖୋର୍ଦ୍ଧା, ନୟାଗଡ଼ ଏବଂ ଉତ୍ତରପାର୍ଶ୍ୱସ୍ଥ ଢେଙ୍କାନାଳ, ଅନୁଗୋଳ, ହିନ୍ଦୋଳ ଓ ନରସିଂହପୁର ଆଦି ସହର ମଧ୍ୟରେ ସଂଯୋଗ ସ୍ଥାପନ ହୋଇପାରିବ। ଏପରି କି ବଡ଼ମ୍ବାରୁ ଭୁବନେଶ୍ୱରର ଦୂରତା ପ୍ରାୟ ୨୫କି.ମି ହ୍ରାସ ପାଇବ। ମହାନଦୀର ମଧ୍ୟଭାଗରେ ଥିବା ପ୍ରସ୍ତର କାରୁକାର୍ଯ୍ୟପୂର୍ଣ୍ଣ ପ୍ରାଚୀନ ଶୈବପୀଠ ସିଂହନାଥ ମନ୍ଦିରକୁ ଯିବାପାଇଁ ପର୍ଯ୍ୟଟକଙ୍କୁ ସୁବିଧା ହେବ। ସେହିଭଳି କାର୍ଯ୍ୟକ୍ରମ ଅବସରରେ ବଡ଼ମ୍ବା ଅଭିମାନପୁରଠାରେ ପ୍ରାୟ ୮୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କରାଯାଇଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ରର ଉଦ୍‌ଘାଟନ ଉନ୍ମୋଚନ କରାଯିବ ବୋଲି କୁହାଯାଇଛି।

# ସବୁଥିରେ ଆଗୁଆ ହେବାକୁ ଆହ୍ୱାନ




ସ୍ୱାୟତ୍ତ ଶାସନ ଦିବସ ଉତ୍ସବରେ ଏମ୍‌ପି ଭର୍ତ୍ତୃହରି ମହତାବ, ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ପ୍ରଭାତ ତ୍ରିପାଠୀ ଓ ଅନ୍ୟମାନେ ଉପସ୍ଥିତ।

**ବାଙ୍କୀ,୩୧।୮(ସ୍ୱ.ପ୍ର.)**

**ସ୍ୱାୟତ୍ତ ଶାସନ ଦିବସ**

ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦର ସ୍ୱାୟତ୍ତ ଶାସନ ଦିବସ ସ୍ଥାନୀୟ ଟାଉନ୍‌ହଲ୍‌ଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏମ୍‌ପି ଭର୍ତ୍ତୃହରି ମହତାବ୍ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏଥିସହିତ ବାଙ୍କୀ ରାଜ୍ୟର ପ୍ରଥମ ବାହ୍ୟ ମଳମୁକ୍ତ ସହର ହୋଇଥିବାରୁ ସେ ବାଙ୍କୀବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନଗରପାଳ ଅକ୍ଷୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ ଯୋଗଦେଇ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ଦକ୍ଷତା ଉପରେ ଆଲୋଚନା କରିବା ସହିତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା ଯୋଗଦେଇ ଏନଏସିର କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଥିଲେ। ବାଙ୍କୀ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ନିଜ ବକ୍ତବ୍ୟରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ସବୁ କ୍ଷେତ୍ରରେ ପ୍ରଥମରେ ପରିଗଣିତ କରିବା ପାଇଁ ପାରିଷଦ ବର୍ଗ ଚେଷ୍ଟା ଜାରି ରଖିଥିବା ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ବାଙ୍କୀ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଡୁଡ଼ା ପ୍ରକଳ୍ପ ନିର୍ଦ୍ଦେଶକ ସୁମିତ୍ରା ସରକାର ଯୋଗଦେଇ ବାଙ୍କୀବାସୀଙ୍କ ଅଦ୍ୟମ ଇଚ୍ଛାଶକ୍ତି ଯୋଗୁ ଆଗାମୀ ଦିନରେ ବାଙ୍କୀ ଏକ ଶ୍ରେଷ୍ଠ ଅଞ୍ଚଳରୂପେ ପରିଗଣିତ ହେବ ବୋଲି ପ୍ରକାଶ କରିଥିଲେ। ଏନଏସି ହେଡ୍‌କ୍ଲର୍କ ସଞ୍ଜୟ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରତ୍ୟୁଷରୁ ପୌରାଅଞ୍ଚଳରେ ଥିବା ମହାପୁରଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଏନଏସି କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ, ପ୍ରେସ୍ କ୍ଲବଠାରେ ରକ୍ତଦାନ ଶିବିର ଉନ୍ମୋଚନ, ଉପଖଣ୍ଡ ଚିକିତ୍ସାଳୟ ଓ ଜେଲ୍‌ରେ ଫଳବଣ୍ଟନ, ଉନ୍ନତି ଯୋଜନାରେ ନିର୍ମିତ ୫ଟି କାର୍ଯ୍ୟର ଉଦ୍‌ଘାଟନ, ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର ଫଳକ ଉଦ୍‌ଘାଟନ, କଚେରି ପଡିଆ ନିକଟରେ ଆହାର କେନ୍ଦ୍ରର ଉଦ୍‌ଘାଟନ, ବାଙ୍କୀ ଚର୍ଚ୍ଚିକା ମନ୍ଦିର ପରିସରରେ ରୋଷଘର ଏବଂ ପ୍ରସାଦ ବିତରଣ ଗୃହର ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କେଶବ ଚନ୍ଦ୍ର ବେହେରା, ଦୀପକ ସାମନ୍ତରାୟ, ସୁରାସି ସାହୁ, ଜୟନ୍ତ ବେଉରା, ଅଭିରାମ ଝା ଓ ଅଦିମ କର୍ତ୍ତବ୍ୟ ତ୍ରିପାଠୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, କାଳନ୍ଦୀ ଚରଣ ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ସନ୍ତୋଷ ରଣା, ଅଶୋକ ରଣା ଏବଂ ବାଙ୍କୀର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ମେଗା ସମନ୍ୱୟ ମେଳା ୧୫୫ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ ବ୍ୟବସ୍ଥା

**ନିଶ୍ଚିନ୍ତକୋଇଲି,୩୧।୮(ସ୍ୱ.ପ୍ର.)**

ଶୁକ୍ରବାର ନିଶ୍ଚିନ୍ତକୋଇଲି ବ୍ଲକ ସଭାଗୃହରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅନୁକୂଲ୍ୟରେ ଜୀବିକା ମିଶନ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ସଂଯୋଗୀକରଣ ନିମନ୍ତେ ଏକ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ୧୫୫ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩ କୋଟି ଟଙ୍କା ଋଣ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ବ୍ଲକ ଅଧ୍ୟକ୍ଷା ସବିତା ଓଝା ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ବିଡିଓ ସୁଶାନ୍ତ ରଣା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ କିପରି ଋଣ ଅର୍ଥକୁ ସୁ ବିନିଯୋଗ କରିବେ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। ମୁଖ୍ୟବକ୍ତା ଉପାଧ୍ୟକ୍ଷାଙ୍କ ପ୍ରତିନିଧି ରମାକାନ୍ତ ମହାନ୍ତି ଯୋଗ ଦେଇଥିଲେ। ବ୍ଲକ ପ୍ରଗତି ସହାୟକ ଅଦିତ୍ୟ ପ୍ରସାଦ ଭୋଳ ସଂଯୋଜନା କରିବା ସହ ମେଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମେଳାରେ ନିଶ୍ଚିନ୍ତକୋଇଲି ଓ ସାଲେପୁର ଅଞ୍ଚଳର ଜାତୀୟକରଣ ବ୍ୟାଙ୍କ ଶାଖା ପରିଚାଳକମାନେ ଉପସ୍ଥିତ ଥିଲେ।

# ସ୍ୱାୟତ୍ତ ଶାସନ ଦିବସ ପାଳିତ



ଆଠଗଡ଼ ଏନ୍‌ଏସି ପରିସରରେ ଅତିଥି ପତାକା ଉତ୍ତୋଳନ କରୁଛନ୍ତି।

**ଆଠଗଡ଼,୩୧।୮(ସ୍ୱ.ପ୍ର.)**

ଆଠଗଡ଼ ଏନଏସି ପରିସରରେ ଶୁକ୍ରବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସକାଳୁ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରିରେ ସହର ପରିକ୍ରମା କରାଯାଇଥିଲା। ପରେ ଏନଏସି ପରିସରରେ ନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅଧ୍ୟକ୍ଷା ସୁଚିତ୍ରା ସାହୁ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନା ଓ ଉପକାରାଗାର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉପକାରାଗାରର ଅନ୍ତେବାସୀଙ୍କ ନିମନ୍ତେ ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା। କର୍ମଚାରୀଙ୍କୁ ନୂତନ ବସ୍ତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ପାର୍ବଣ ଋତୁ ପରିପ୍ରେକ୍ଷୀରେ ରାସ୍ତାଘାଟର ଉନ୍ନତୀକରଣ ଓ ଆଲୋକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅଧ୍ୟକ୍ଷା ସାହୁ କର୍ମଚାରୀ ଓ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ କର୍ମଚାରୀ ନିରଞ୍ଜନ ଦାସ, ପ୍ରଭାତ ଚନ୍ଦ୍ର ବାରିକ, ଦିଲୀପ କୁମାର ବାରିକ ଓ ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଆଇନ ସଚେତନତା ଶିବିର

**ତିଗିରିଆ,୩୧।୮(ଡି.ଏନ.ଏ.)**

ତିଗିରିଆ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ବ୍ଲକ ସଦର ମହକୁମାର ପାଞ୍ଚଗାଁସ୍ଥିତ କଲ୍ୟାଣ ମଣ୍ଡପଠାରେ ଏକ ଆଇନ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶ ମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିବିରରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ତଥା ତିଗିରିଆ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୌଦାମିନୀ ସିଂହ ଅଧ୍ୟକ୍ଷତା କରିଥିଲେ। ବିଡିଓ ତପନ କୁମାର ଖୁଣ୍ଟିଆ, ଆଇନ ସହାୟକ କୁମାର ପଟ୍ଟନାୟକ, ତିଗିରିଆ ଓକିଲ ସଂଘ ସଭାପତି ସରୋଜ ସାହୁ, ଉପସଭାପତି ସୁବାସ ଚନ୍ଦ୍ର ସାହୁ, ସମ୍ପାଦକ ଶ୍ରୀକାନ୍ତ ସାହୁ, ସହସମ୍ପାଦକ ଶାନ୍ତନୁ ଦାସ, ସରକାରୀ ଓକିଲ ମଙ୍ଗଳକୃଷ୍ଣ ଦାଶ, ଏକଜିକ୍ୟୁଟିଭ ବଡ଼ି ମେମ୍ବର ଅର୍ଚ୍ଚନା ସିଂହସାମନ୍ତ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ନାରାୟଣ ମହାନ୍ତି, ଶଙ୍କର୍ଷଣ ମହାନ୍ତି, ସଞ୍ଜୟ ଦାସ, ରଞ୍ଜନ ମହାରଣା ଓ ରଘୁନାଥ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ସରକାରଙ୍କ ତରଫରୁ ଲୋକଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ଓ ସହାୟତା ଉପରେ ଆଲୋଚନା କରାଯାଇଥିଲା। ଶିବିରରେ ବ୍ଲକର ନୂଆପାଟଣା, ବିଷ୍ଣୁପୁର, ବିନ୍ଧାଣିମା, ନିଜିଗଡ଼, ପୁରୁଣାତିଗିରିଆ ଓ ପାଞ୍ଚଗାଁ ଆଦି ଗ୍ରାମରୁ ୩ଶହରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇ ସେମାନେ ବଞ୍ଚିତ ହୋଇଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଜଣାଇଥିଲେ। ଅଦାଲତ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।




ଆଇନ ସଚେତନତା ଶିବିରରେ ଯୋଗଦେଇଥିବା ଅତିଥି।

# ବାଙ୍କୀ ମହୋତ୍ସବ ନିମନ୍ତେ ଜୋନସ୍ତରୀୟ ପ୍ରତିଯୋଗିତା

**ବାଙ୍କୀ,୩୧।୮(ବି.ପ୍ର.)**

ବାଙ୍କୀ ମହୋତ୍ସବ ୨୦୧୮ ନିମନ୍ତେ ବାଙ୍କୀ ବ୍ଲକ କଳାପଥର ଧଳାପଥର ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଜୋନସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୨ ପ୍ରତିଯୋଗୀ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଓ କଣ୍ଠ ସଂଗୀତରେ ଭାଗ ନେଇଥିଲେ। ବିଚାରକ ଭାବେ ଗଣନାଥ ଦାସ, ରବିନାରାୟଣ ମଙ୍ଗରାଜ, ଧରଣୀଧର ଜୁଝାରସିଂ, ଉପେନ୍ଦ୍ର ସ୍ୱାଇଁ, ସଚିଦାନନ୍ଦ ମିଶ୍ର, ସୁବଳ ରାଉତରାୟ ଓ ବସନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜନ ସାହୁ, ସୁରଞ୍ଜନ ପଣ୍ଡା, ଗୋଦାବରିଶ ମିଶ୍ର, ଗୌରାଙ୍ଗ ଦେବତା ଓ ଭାବଗ୍ରାହୀ ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଅଭ୍ୟାସ ସେମାନଙ୍କୁ ଆଗକୁ ବଢିବାରେ ସହଯୋଗ କରିଥାଏ ବୋଲି ମତପ୍ରକାଶ କରିଥିଲେ। ପ୍ରବନ୍ଧରେ ସ୍ଥିତିପ୍ରଜ୍ଞା ସାମନ୍ତ, ଆଲୋକ ଜେନା, ଅଭିମନ୍ୟୁ ସ୍ୱାଇଁ, ବକ୍ତୃତାରେ ସମାପିକା ପଟ୍ଟନାୟକ, ଅଭିପ୍ସା ଜେନା, ସ୍ୱର୍ଣ୍ଣଶ୍ରୀ ଷଡ଼ଙ୍ଗୀ, ଚିତ୍ରାଙ୍କନରେ ଅମିତା ପ୍ରିୟଦର୍ଶିନୀ ସ୍ୱାଇଁ, ସାଇସ୍ମିତା ସାହୁ, ଭାଗୀରଥି ମହାରଣା, କଣ୍ଠ ସଂଗୀତରେ ବିଷ୍ଣୁ ପ୍ରସାଦ ସାହୁ, ଦେବସଞ୍ଜୀବନୀ ପରିଡା ଓ ଜ୍ୟୋତିରାଦିତ୍ୟ ସର୍ଦ୍ଦାରସିଂ ପ୍ରମୁଖ ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରି ଜୋନସ୍ତରୀୟ ପ୍ରତିଯୋଗିତାରୁ କେନ୍ଦ୍ରସ୍ତରକୁ ଉନ୍ନୀତ ହୋଇଛନ୍ତି। ବିଦ୍ୟାଳୟ ପ୍ରଧାନଶିକ୍ଷକ ବଳରାମ ସାହୁ, ସହକାରୀ ଶିକ୍ଷୟିତ୍ରୀଶିକ୍ଷକ ଓ ସମସ୍ତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ରମାକାନ୍ତ ଭଞ୍ଜ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଅଖିଳ ଉତ୍କଳ ବୃହଦମ୍ବା ପାଲା ପରିଷଦ ବାର୍ଷିକ ସମ୍ମିଳନୀ

**ବଡ଼ମ୍ବା,୩୧।୮(ଡି.ଏନ.ଏ)**

ବଡ଼ମ୍ବା ଗାନ୍ଧିଛକସ୍ଥିତ ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକ ସ୍ମୃତି ସଂସଦରେ ଶୁକ୍ରବାର ଅଖିଳ ଉତ୍କଳ ବହୃଦମ୍ବା ପାଲା ପରିଷଦର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଯୁଗଳଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଦେବୀପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଅନସୂୟା ନାଏକ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ମନୋରଞ୍ଜନ ମହାନ୍ତି, ସାମାଜିକକର୍ମୀ ରବୀନ୍ଦ୍ର ସାହୁ ଓ ସମିତିସଭ୍ୟ ମୁରଲୀଧର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ଅଞ୍ଚଳର ବରିଷ୍ଠ ପାଲା କଳାକାର ବ୍ରଜବନ୍ଧୁ ମଲ୍ଲିକ, ଚନ୍ଦ୍ରଶେଖର ପାତ୍ର, ହଜାରୀ ନାୟକ ଓ କାମଦେବ ଲେଙ୍କା ପ୍ରମୁଖଙ୍କୁ ସେମାନଙ୍କ ଜୀବନବ୍ୟାପୀ କଳା ପରିବେଷଣ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ମାୟାଧର ଶତପଥୀ, ଗାୟକ ଜଙ୍ଗଲି ଷଣ୍ଢ ଏବଂ ଯୁବକଳାକାର ଜିତେନ୍ଦ୍ର ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରମାନନ୍ଦ ସେଠୀ, ରଘୁପତି ମହାନ୍ତି ଓ ପ୍ରଦୀପ୍ତ ସ୍ୱାଇଁ ପ୍ରମୁଖ ନିମନ୍ତ୍ରିତ ଅତିଥିଭାବେ ଯୋଗ ଦେଇଥିଲେ। ଶେଷରେ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ପାଲା ପରିଷଦ ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।



"ନାମରେ ଭକ୍ତି, ଜୀବରେ ଦୟା ନର ଜନ୍ମର ସର୍ବଶ୍ରେଷ୍ଠ କାର୍ଯ୍ୟ।
- ଗୁରୁ ନାନକ



## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**କଟକ ଅଫିସ,୩୧।୮:** ଶୁକ୍ରବାର ପୁରୀଘାଟ ଥାନା ଅନ୍ତର୍ଗତ ବାର୍ଣ୍ଣିସାହି ଅଞ୍ଚଳର କମଳ ଲୋଚନ ଭୋଇ(୨୩) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ଏହା ଏକ ଆତ୍ମହତ୍ୟା ଘଟଣା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏଥିସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଟଙ୍କାକୁ ନେଇ ପରିବାର ମଧ୍ୟରେ ଝଗଡା ଲାଗି ରହିଥିଲା। ଶୁକ୍ରବାର ସକାଳେ ଏହାକୁ ନେଇ ମଧ୍ୟ ପରିବାର ମଧ୍ୟରେ ଝଗଡା ହୋଇଥିଲା। ଘରେ କେହି ନ ଥିବାବେଳେ ଯୁବକ ଜଣଙ୍କ ଘରର କବାଟ ଦେଇ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ। ମଧ୍ୟାହ୍ନ ୧୨ଟାରେ ପରିବାର ଲୋକ ଘରକୁ ଆସି କବାଟ ବାଡେଇଥିଲେ ମଧ୍ୟ ଭିତରୁ ଖୋଲି ନ ଥିଲା। ପରେ କବାଟ ଭାଙ୍ଗି ଦେଖିବାରୁ କମଳଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା।

### ସ୍ୱାୟତ୍ତ ଶାସନ ଦିବସ ପାଳନ

**ଚୌଦ୍ୱାର, ୩୧।୮ (ଡି.ଏନ୍.ଏ.):** ଚୌଦ୍ୱାରରେ ସ୍ୱାୟତ୍ତ ଶାସନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପୌରାଧ୍ୟକ୍ଷ କୈଳାସ ଚନ୍ଦ୍ର ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି, ଉପ ନଗରପାଳ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୌର ନିର୍ବାହୀ ଅଧିକାରୀ ପ୍ରାଣକୃଷ୍ଣ ଜେନା, ଇଂ. ବାସୁଦେବ ମହାପାତ୍ର, ପ୍ରଭାତ ପ୍ରଧାନ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, କୈଳାସ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ କାଉନସିଲର, ପୌର କର୍ମଚାରୀ, ଛାତ୍ରୀଛାତ୍ର ଏବଂ ସାଧାରଣ ନାଗରିକ ଯୋଗଦେଇଥିଲେ। ସକାଳେ ସହରାଞ୍ଚଳରେ ପ୍ରତିଷ୍ଠିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେକ୍ ରାଜୁଦ୍ଦିନ୍, ସନ୍ତୋଷ ପାଣି, ବିଜୟ ସ୍ୱାଇଁ, ଚନ୍ଦନ ଦାସ, ମୁରଲୀଧର ତ୍ରିପାଠୀ, ପଞ୍ଚାନନ ଭଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଜ୍ୟ ଅର୍ଥ ନିଗମ ଅବସ୍ଥାରେ ସୁଧାର ଆସୁଛି

କଟକ ଅଫିସ, ୩୧।୮: ଓଡ଼ିଶା ରାଜ୍ୟ ଅର୍ଥ ନିଗମର ଆର୍ଥିକ ସ୍ଥିତିରେ ସୁଧାର ଆସୁଛି। ୭୦୦ରୁ ଊର୍ଦ୍ଧ୍ୱ ମାମଲା ବିଭିନ୍ନ ଅଦାଲତରେ ବିଚାରାଧୀନ ରହିଥିବାରୁ ଋଣ ଆଦାୟରେ ଯେଉଁ ଅସୁବିଧା ଉପୁଜିଥିଲା ସେଥିରେ ଅନେକ ସୁଧାର ଆସିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ୧୧୯ଟି ମାମଲା ଓ ୨୦୧୮-୧୯ ଜୁଲାଇ ମାସ ସୁଦ୍ଧା ୪୩ଟି ମାମଲା ଫଇସଲା ହୋଇପାରିଛି। ଚଳିତବର୍ଷ ୨୦୦ଟି ମାମଲା ଫଇସଲା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ନିଗମର ପରିଚାଳନା ନିର୍ଦ୍ଦେଶକ ପ୍ରସନ୍ନ କୁମାର ଜେନା କହିଛନ୍ତି। ଜେନାଙ୍କ କହିବା ଅନୁଯାୟୀ, ଋଣ ଆଦାୟ କ୍ଷେତ୍ରରେ ୨୦୧୬-୧୭ ଆର୍ଥିକବର୍ଷରେ ମାତ୍ର ୫କୋଟି ଟଙ୍କାରେ ସୀମିତ ଥିବାବେଳେ ୨୦୧୭-୧୮ରେ ପ୍ରାୟ ୧୫ କୋଟି ଟଙ୍କା ଆଦାୟ ହୋଇପାରିଛି। ଚଳିତବର୍ଷ ୫୦ କୋଟି ଟଙ୍କା ଆଦାୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ଲକ୍ଷ୍ୟ ହାସଲ ପାଇଁ ନିୟମିତ ପ୍ରଚେଷ୍ଟା ଜାରି ରହିଛି। ଯେଉଁ ଋଣ ଗ୍ରହୀତାମାନେ ଇଚ୍ଛାକୃତ ଭାବେ ଋଣ ପରିଶୋଧ ନ କରି ଅବା ଏକକାଳୀନ ଋଣ ପରିଶୋଧ ଯୋଜନାରେ ଋଣ ପରିଶୋଧ ପାଇଁ କୌଣସି ଉଦ୍ୟମ କରୁନାହାନ୍ତି ସେମାନଙ୍କ ପ୍ରତି ନିଗମ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି।

### ମାନସିକ ବିକାରଗ୍ରସ୍ତ ଯୁବତୀ ନିଖୋଜ

**କଟକ ଅଫିସ,୩୧।୮:** ମଙ୍ଗଳାବାଗ ଥାନା ଅନ୍ତର୍ଗତ ବଜ୍ରକବାଟୀ ଅଞ୍ଚଳରୁ ଶୁକ୍ରବାର ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଅନ୍ତର୍ଗତ ଓଲଠା ଅଞ୍ଚଳର ନିବେଦିତା ଦେହୁରୀ। ସେ ମାନସିକ ରୋଗରେ ପୀଡିତ ଥିବାବେଳେ ତାଙ୍କ ମୁଣ୍ଡ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିଲା। ଚିକିତ୍ସା ନିମନ୍ତେ ଶୁକ୍ରବାର ତାଙ୍କ ମା' ଏବଂ ଭାଇ ତାଙ୍କୁ ନେଇ କଟକ ଏସ୍‌ସିବି ମେଡିକାଲକୁ ଆସିଥିଲେ। ଡାକ୍ତରଙ୍କୁ ଦେଖାଇବା ପରେ ସେମାନେ କାରରେ ବଜ୍ରକବାଟୀ ଅଞ୍ଚଳକୁ ଯାଇଥିଲେ। କାରରୁ ଓହ୍ଲାଇ ତାଙ୍କ ମା' ଏବଂ ଭାଇ ବାହାରକୁ ଯାଇଥିଲେ। ଏହି ସମୟରେ ନିବେଦିତା କାର ଡୋର ଖୋଲି ଦୋଳମୁଣ୍ଡାଇ ଆଡକୁ ଦୌଡିଥିଲେ। ମା' ଏବଂ ଭାଇ ତାଙ୍କ ପଛେ ପଛେ ଯାଇଥିଲେ ମଧ୍ୟ ପାଇ ନ ଥିଲେ। ନିବେଦିତାଙ୍କ ମା ଏନେଇ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଖୋଜାଖୋଜି ଆରମ୍ଭ କରିଛି।

# ମନ୍ତ୍ରୀ ଆସିଲେନି, ଅଟକିଲା ଉଦ୍‌ଘାଟନ



ସିଡିଏ ବେଲ୍‌ଭ୍ୟୁ ଛକଠାରେ ହେବାକୁ ଥିବା ଶିଳାନ୍ୟାସ ସ୍ଥଳରେ କଂଗ୍ରେସ କର୍ମୀମାନେ ଧାରଣାରେ ବସିଛନ୍ତି।



କଟକ ନଗର ଜିଲା ଭାଜପା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସକୁ କଳା ଦିବସ ଭାବେ ପାଳନ କରାଯିବା ସହ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭା।

**କଟକ ଅଫିସ,୩୧।୮**

ଶୁକ୍ରବାର କଟକ ମହାନଗର ନିଗମ (ସିଏମ୍‌ସି) ପାଳିଛି ସ୍ୱାୟତ୍ତ ଶାସନ ଦିବସ। ମହାନଗର ନିଗମ ଅଧୀନ ତିନୋଟି ନିର୍ବାଚନମଣ୍ଡଳୀର ୩୪ଟି ପ୍ରକଳ୍ପରୁ ୭ଟି ପ୍ରକଳ୍ପ ଉଦ୍‌ଘାଟନ ହୋଇପାରିନାହିଁ। କଟକ ସଦର ବିଧାୟକ ତଥା କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କ ଅନୁପସ୍ଥିତି ଯୋଗୁ ଏହି ଉଦ୍‌ଘାଟନ ପର୍ବ ଅଧୁରା ରହିଛି।
ଭାଜପା ନେତା ସମୀର ଦେ କହିଛନ୍ତି ଯେ, ମହାନଗର ନିଗମର ମୁଖ୍ୟ ହେଉଛନ୍ତି ମେୟର। ନିୟମ କହୁଛି, ଯଦି କୌଣସି ନିମନ୍ତ୍ରିତ ଜନପ୍ରତିନିଧି ଅନୁପସ୍ଥିତ ରୁହନ୍ତି ତେବେ ସହରବାସୀଙ୍କ ପାଇଁ ତିଆରି ପ୍ରକଳ୍ପ ଉଦ୍‌ଘାଟନରେ ବିଳମ୍ବ କରିବା ଅନାବଶ୍ୟକ। ହେଲେ ମନ୍ତ୍ରୀ ବେହେରାଙ୍କ ଅନୁପସ୍ଥିତି ଯୋଗୁ କଟକ ସଦରର ୭ଟି ପ୍ରକଳ୍ପର ଉଦ୍‌ଘାଟନକୁ ଯେଉଁଭଳି ରୋକିଦିଆଗଲା ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଲେ ଯେ ମହାନଗର ନିଗମର କ୍ଷମତା ମେୟରଙ୍କ ହାତରେ କେବଳ ଲୋକଦେଖାଣିଆ। ଅସଲ କ୍ଷମତା ସ୍ଥାନୀୟ ବିଧାୟକଙ୍କ ହାତରେ। କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ କହିଛନ୍ତି ଯେ, ମନ୍ତ୍ରୀ ବେହେରାଙ୍କ ଅନୁପସ୍ଥିତିରେ ଉଦ୍‌ଘାଟନ ହେଲେ ସେ ଆସନ୍ତା ନିର୍ବାଚନୀରେ ସେଥିରୁ ଫାଇଦା ହାସଲ କରିପାରିବେ ନାହିଁ। ତେଣୁ ଉଦ୍‌ଘାଟନ ପର୍ବ ସ୍ଥଗିତ ହେଲା। ଏ ସମ୍ପର୍କରେ ମେୟର ମୀନାକ୍ଷୀ ବେହେରା କହିଛନ୍ତି ଯେ, ଆମେ ମନ୍ତ୍ରୀ ବେହେରାଙ୍କୁ ଅତିଥି କରିଥିଲୁ। ତାଙ୍କ ଅନୁପସ୍ଥିତି ଯୋଗୁ ୭ ପ୍ରକଳ୍ପର ଉଦ୍‌ଘାଟନ କାର୍ଯ୍ୟକ୍ରମ ଦୁଇଦିନ ଘୁଞ୍ଚାଇ ଦିଆଯାଇଛି।

ଶୁକ୍ରବାର ସକାଳ ୮ଟାରେ ନିଗମ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ ପରେ ଆରମ୍ଭ ହୋଇଥିଲା ଉଦ୍‌ଘାଟନ ଓ ଶିଳାନ୍ୟାସ ପର୍ବ। ଦିନ ୧୦ଟା ବେଳେ କାଟକ-ବାରବାଟୀ ନିର୍ବାଚନମଣ୍ଡଳୀର ହାଇଟେକ ଚନ୍ଦନ ପୋଖରୀଠାରୁ ଉଦ୍‌ଘାଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଏହାପରେ କଟକ-ବାରବାଟୀ ନିର୍ବାଚନମଣ୍ଡଳୀ ଏବଂ କଟକ-ଚୌଦ୍ୱାର ନିର୍ବାଚନମଣ୍ଡଳୀର ସମସ୍ତ ପ୍ରକଳ୍ପ ଉଦ୍‌ଘାଟନ ଏବଂ ଶିଳାନ୍ୟାସ କାର୍ଯ୍ୟକ୍ରମ ସରିଥିଲା। ହେଲେ ଅଟକି ରହିଲା କଟକ ସଦର ନିର୍ବାଚନମଣ୍ଡଳୀର ୭ଟି ପ୍ରକଳ୍ପ। ସେଥିମଧ୍ୟରେ ରହିଛି ୪ଟି ଗୋଷ୍ଠୀ ଶୌଚାଳୟ ସମେତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ର ଏବଂ ବିଜୁ ପଟ୍ଟନାୟକ ପାଠାଗାର ରହିଛି।

ଅନ୍ୟପକ୍ଷରେ ପୂର୍ବ ଘୋଷଣା ଅନୁଯାୟୀ ବିରୋଧୀ କଂଗ୍ରେସ ଏବଂ ଭାଜପା ଶୁକ୍ରବାର କଳାଦିବସ ପାଳନ କରିଛନ୍ତି। ନଗର କଂଗ୍ରେସ ପକ୍ଷରୁ ସଭାପତି ଇଂ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ କଟକ ଭେଲଭ୍ୟୁ ଛକ ନିକଟରେ ମହାନଗର ନିଗମ ଅପାରଗତା ବିରୋଧରେ ନାରାବାଜି କରିଥିଲେ। ଏହାସହ ସେମାନେ ଭେଲଭ୍ୟୁ ଛକ ନିକଟରେ ଏକ ପ୍ରକଳ୍ପ ଉଦ୍‌ଘାଟନକୁ ଅବରୋଧ କରିବାକୁ ଚେଷ୍ଟା କରିଥିଲେ। ଶେଷରେ ପୋଲିସ କେତେଜଣ କଂଗ୍ରେସ କର୍ମୀଙ୍କୁ ଅଟକ ରଖି ପରେ ଛାଡିଦେଇଥିଲା। ସେହିପରି ଭାଜପା ପକ୍ଷରୁ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ କଳାପତାକା ଉତ୍ତୋଳନ କରାଯିବା ସହ ସିଏମ୍‌ସି ସହରବାସୀଙ୍କୁ ନିମ୍ନତମ ସୁବିଧା ଯୋଗାଇଦେବାରେ ବିଫଳ। ତେଣୁ ଆଜି କେବଳ ଉଦଘାଟନ ଏବଂ ଶିଳାନ୍ୟାସ କରି ସିଏମସି ନିଜର ଅପାରଗତାକୁ ଲୁଚାଇବାକୁ ଚେଷ୍ଟା କରୁଛି ବୋଲି କହିଥିଲେ ଭାଜପା ନେତା ନୟନ କିଶୋର ମହାନ୍ତି।

### ଜିଲାସ୍ତରୀୟ କବାଡ଼ି, ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ

**କଣ୍ଟାପଡା, ୩୧।୮(ଡି.ଏନ୍.ଏ.):**
କଣ୍ଟାପଡା ବ୍ଲକସ୍ଥିତ ଅଡଶପୁର ପ୍ରାଚୀ ଏକାଡେମୀ ହାଇସ୍କୁଲ ଖେଳପଡିଆରେ ଜିଲାସ୍ତରୀୟ କବାଡି ଓ ଖୋଖୋ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଡଶପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କଟକ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ମୁଖ୍ୟଅତିଥି, ଜିଲା ଅତିରିକ୍ତ ଶିକ୍ଷାଧିକାରୀ ସୁସ୍ମିତା ସାହୁ ମୁଖ୍ୟବକ୍ତା, କଣ୍ଟାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ, ଓଷ୍ଟାର ରାଜ୍ୟ ସମ୍ପାଦକ ଅଶୋକ ମହାପାତ୍ର, ଜିଲା କ୍ରୀଡା ପରିଦର୍ଶିକା ଲକ୍ଷ୍ମୀପ୍ରିୟା ଦେଈ, ସାମାଜିକ କର୍ମୀ ଆର୍ତ୍ତବଲ୍ଲଭ ମହାନ୍ତି, କଣ୍ଟାପଡା ବ୍ଲକ ଓଷ୍ଟାର ସମ୍ପାଦକ ମନୋରଞ୍ଜନ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶୁକ୍ରବାର ଅନୁଷ୍ଠିତ ଖୋଖୋ ପ୍ରତିଯୋଗିତାରେ କଟକ ଜିଲାର ୧୪ଟି ବ୍ଲକରୁ ୨୮୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବୁଧବାର କବାଡିପାଇଁ ବାଳିକା ଓ ବାଳକ ବିଭାଗରୁ ୧୨ଜଣ ଲେଖାଏ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରରେ ଖେଳିବା ପାଇଁ ଚୟନ କରାଯାଇଥିବାବେଳେ ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ଭାଗନେବା ପାଇଁ ସମାନଭାବେ ଖେଳାଳି ଚୟନ ଶୁକ୍ରବାର କରାଯାଇଛି। ଏହି ପ୍ରତିଯୋଗିତାକୁ କଣ୍ଟାପଡା ବ୍ଲକର ବିଭିନ୍ନ ହାଇସ୍କୁଲର ଶାରୀରିକ ଶିକ୍ଷୟିତ୍ରୀଶିକ୍ଷକମାନେ ପରିଚାଳନା କରିଥିଲେ।




ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ କଟକ ଶହୀଦ ଭବନରେ ଶୁକ୍ରବାର ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

### ଏସ୍‌ସିବିରୁ ଉଦ୍ଧାର ଶିଶୁଙ୍କୁ ଚିକିତ୍ସା ମିଳିଲା

**କଟକ ଅଫିସ, ୩୧।୮**

ଗୁରୁବାର ଏସ୍‌ସିବି ମେଡିକାଲ ପରିସରରୁ ଉଦ୍ଧାର ହୋଇଥିବା ୧୦ ବର୍ଷର ଶିଶୁଙ୍କୁ ଚିକିତ୍ସା ମିଳିଛି। ଏସ୍‌ସିବି ମେଡିକାଲ ଶିଶୁ ବିଭାଗର ମୁଖ୍ୟ ଚିକିତ୍ସକ ଡା. ଲିନା ଦାସଙ୍କ ଅଧୀନରେ ଉକ୍ତ ଶିଶୁ ଚିକିତ୍ସିତ ହେଉଛନ୍ତି। ଜିଲା ଆଇନସେବା ପ୍ରାଧିକରଣଙ୍କ ପାରାଲିଗାଲ ଭଲ୍ୟୁଣ୍ଟିୟର ବିଭୂତି କୁମାର ରାଏ ଏହି ଶିଶୁଙ୍କୁ ଉଦ୍ଧାର କରିଥିଲେ। ଶିଶୁଙ୍କ ଘର ଭଦ୍ରକ ଆରଡି ଅଞ୍ଚଳରେ। ଶିଶୁଙ୍କ ରକ୍ଷଣାବେକ୍ଷଣ ପାଇଁ ମା' ବାପାଙ୍କ ସହଯୋଗ ମିଳି ନ ଥିଲା। ଫଳରେ ସେ ଯାଜପୁର ରୋଡ୍ ରେଲୱେ ଷ୍ଟେଶନରେ ଭିକ୍ଷାବୃତ୍ତି କରି ଟିକଟ କାଉଣ୍ଟରରେ ଶୋଉଥିଲେ। କିଛିଦିନ ତଳେ ତାଙ୍କ ଦେହ ଖରାପ ହେବାରୁ କେତେଜଣ ସାମାଜିକ କର୍ମୀଙ୍କ ଦ୍ୱାରା ଭଦ୍ରକ ହସ୍ପିଟାଲରେ ଚିକିତ୍ସା ହେଉଥିଲେ। ସେଠାରେ ସହଯୋଗ ନ ପାଇବାରୁ ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ।

### ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ଉଦ୍‌ବେଗଜନକ

**କଟକ ଅଫିସ, ୩୧।୮**

ଆସାମ ସମେତ ଓଡ଼ିଶା, ପଶ୍ଚିମବଙ୍ଗ, ମେଘାଳୟ ଆଦି ରାଜ୍ୟରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା କ୍ରମାଗତ ଭାବରେ ବଢ଼ିଚାଲିଛି, ଯାହା ଏବେ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏହି କଥା କହିଛନ୍ତି, ଆସାମରେ କାର୍ଯ୍ୟ କରିଥିବା ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଡ. ଅଶୋକ କୁମାର ସାହୁ। ରୋଟାରି କ୍ଲବ ଅଫ୍ କଟକ ମିଲେନିୟମ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ 'ଜାତୀୟ ନାଗରିକ ପଞ୍ଜିକା' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟବକ୍ତା ରୂପେ ଯୋଗଦେଇ ସାହୁ କହିଲେ ଯେ, ଆସାମରେ ବେଆଇନ ଭାବେ ପ୍ରବେଶ କରିଥିବା ଲୋକଙ୍କୁ ଚିହ୍ନଟ କରିବା ଓ ଆବେଦନ କରିଥିବା ଲୋକଙ୍କ ନାଗରିକତା ନିର୍ଣ୍ଣୟ କରିବା ଲକ୍ଷ୍ୟ ନେଇ ଜାତୀୟ ନାଗରିକ ପଞ୍ଜୀକରଣ(ଏନ୍‌ଆରସି)ର ଚିଠା ପ୍ରକାଶ କରାଯାଇଛି। ଏହାର ସୁଦୀର୍ଘ ଇତିହାସକୁ ପୁଙ୍ଖାନୁପୁଙ୍ଖ ରୂପେ ଉପସ୍ଥାପନ କରି ସାହୁ ଭାରତରେ ଅନୁପ୍ରବେଶ ସମସ୍ୟାର ଶୀଘ୍ର ସମାଧାନ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ରୋଟାରି କ୍ଲବର ସଭାପତି ଡ. ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ରୋଟାରିଆନ ଡ. ଦେବୀଦତ୍ତ ପ୍ରଧାନ, ସରୋଜକାନ୍ତ ପାଇଟାଳ, ଦୀପକ କୁମାର ମହାନ୍ତ, ସରୋଜ କୁମାର ସାହୁ, ମନୋଜ କର୍ମକାର, ଡ. ଚନ୍ଦ୍ରପ୍ରଭା ମହାନ୍ତି, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ରୋଟାରିଆନ ଜ୍ଞାନୀନ୍ଦ୍ର ବିଶ୍ୱାଳ ବିବରଣୀ ପାଠ କରିଥିଲେ ଏବଂ ପୂର୍ବତନ ସଭାପତି ପ୍ରଦୀପ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ।

## ସାମାଜିକ କର୍ମୀମାନଙ୍କ ଉପରୁ ମିଥ୍ୟା କେସ୍ ପ୍ରତ୍ୟାହାର ଦାବି

**କଟକ ଅଫିସ, ୩୧।୮**

**ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର**

କଟକ ସହରର ବିଭିନ୍ନ ଗଣସଙ୍ଗଠନ ଓ ବୁଦ୍ଧିଜୀବିମାନଙ୍କୁ ନେଇ ଗଠିତ 'ଜନଗଣଙ୍କ ମିଳିତ ମଞ୍ଚ' ପକ୍ଷରୁ ଶୁକ୍ରବାର ସାମାଜିକ କର୍ମୀମାନଙ୍କ ଉପରେ ପୋଲିସ ଜୁଲମର ପ୍ରତିବାଦ କରାଯାଇଛି। ଗତ ୨୮ ତାରିଖରେ ମହାରାଷ୍ଟ୍ର ରାଜ୍ୟର ପୁଣେ ପୋଲିସ ଅଧିକାରୀଙ୍କ ଦ୍ୱାରା ଦେଶର ବିଭିନ୍ନ ସ୍ଥାନରେ ସାମାଜିକ କର୍ମୀ, ପ୍ରଗତିଶୀଳ ଲେଖକ, କବି, ମାଗଣା ଆଇନ ସହାୟତା ଯୋଗାଉଥିବା ଓକିଲଙ୍କୁ ମିଥ୍ୟା କେସ୍ ଦ୍ୱାରା ଗିରଫ କରାଯାଇଛି। ଏହା ଗଣତନ୍ତ୍ରର କଣ୍ଠରୋଧ କରିବାର ଅପଚେଷ୍ଟା। ଉକ୍ତ ଘଟଣା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅସଲ ମୁଖା ଖୋଲିଦେଇଛି ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ତେଣୁ ସାମାଜିକ କର୍ମୀମାନଙ୍କ ବିରୋଧରେ ମିଥ୍ୟା କେସ୍ ପ୍ରତ୍ୟାହାର ନିମନ୍ତେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଗତିଶୀଳ ଓକିଲ ସଂଘ ନେତା କ୍ଷୀରୋଦ କୁମାର ରାଉତ, ବସ୍ତିନେତା ସେଖ୍ ଅବଦୁଲ୍ଲା, ସାମାଜିକ କର୍ମୀ ଅରବିନ୍ଦ ମଲ୍ଲିକ, ବିରଞ୍ଚି ନାୟକ, ହେମେନ୍ଦ୍ର ସାମଲ, ଡା. ରବିରଞ୍ଜନ ସାହୁ, ନାରିନେତ୍ରୀ ନୟନା ନାୟକ, ରେଣୁବାଳା ଦାସ, ଶରତ ମଲ୍ଲିକ, ପଦ୍ମାବତୀ ନାୟକ ପ୍ରମୁଖ ସରକାରଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟର ନିନ୍ଦା କରିଥିଲେ। ଏହି ବିକ୍ଷୋଭ ପୂର୍ବରୁ କଚେରି ଗଡ଼ା ନିକଟରୁ ଏକ ପଟୁଆର ବାହାରିଥିଲା।

## ଅସହାୟ ରୋଗୀଙ୍କ ପାଇଁ ଧାରଣା

**କଟକ ଅଫିସ,୩୧।୮**

ଏସ୍‌ସିବିରେ ଅସହାୟ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା କିମ୍ବା ଯତ୍ନ ମିଳୁନାହିଁ। ଅସହାୟ ରୋଗୀଙ୍କ ସେବା ଓ ଯତ୍ନ ପାଇଁ ମେଡିକାଲ ପକ୍ଷରୁ ଘରୋଇ ସଂସ୍ଥାର ଆଟେଣ୍ଡାଣ୍ଟମାନଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ଏହି ରୋଗୀମାନେ ସେଥିରୁ ସୁଫଳ ପାଉନାହାନ୍ତି। ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ପରେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ଯତ୍ନବାନ ହେଉନାହାନ୍ତି। ଏଭଳି ଅଭିଯୋଗ କରି ସାମାଜିକ କର୍ମୀ ଅଚ୍ୟୁତ ସାହୁ, ଉମେଶ ବିଶ୍ୱାଳ, ଦୀପକ ଆଚାର୍ଯ୍ୟ, ପ୍ରହ୍ଲାଦ ମହାରଣା, ଅଭିଜିତ ଦାସ ଓ ମୁରଲୀଧର ପ୍ରଧାନ ଶୁକ୍ରବାର ଅପରାହ୍ନରେ ମେଡିକାଲ ଅଧୀକ୍ଷକଙ୍କ ଚାମ୍ବର ଆଗରେ ଧାରଣାରେ ବସିଥିଲେ। ମେଡିକାଲ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା ଓ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ଧାରଣାସ୍ଥଳକୁ ଆସି ସେମାନଙ୍କ ସହିତ ଆଲୋଚନା କରିଥିଲେ। ଶନିବାର ପୂର୍ବାହ୍ନ ୧୧ଟାରେ ଏ ସମ୍ପର୍କରେ ଉଚ୍ଚସ୍ତରୀୟ ବୈଠକ କରାଯାଇ ସମାଧାନର ସୂତ୍ର ବାହାର କରାଯିବ ବୋଲି ଅଧିକାରୀ ଦ୍ୱୟ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଏସ୍‌ସିବିରେ ୧୧୩ ଡେଙ୍ଗୁ ରୋଗୀ

**କଟକ ଅଫିସ, ୩୧।୮:** ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ୧୧୩ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୧୨ ଜଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଶୁକ୍ରବାର ମେଡିକାଲରେ ୧୨୭ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୩୭ ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଥିଲା। ପଜିଟିଭ ରୋଗୀଙ୍କ ମଧ୍ୟରେ କଟକରୁ ୧୭, ଜଗତ୍‌ସିଂହପୁରରୁ ୬, ଯାଜପୁରରୁ ୪ ଜଣଙ୍କ ସମେତ ଅନ୍ୟ ଅଞ୍ଚଳର ରୋଗୀ ରହିଛନ୍ତି।

## ୮ ହଜାର ଲୋକଙ୍କୁ ମିଳିବ ଖାଦ୍ୟ ନିରାପତ୍ତା କାର୍ଡ

**କଟକ ସଦର, ୩୧।୮(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମରେ କଟକ ସଦର ବ୍ଲକର ୨୩ଟି ପଞ୍ଚାୟତ ପାଇଁ ୮ ହଜାର ଲୋକଙ୍କୁ ସାମିଲ କରିବାକୁ ଯୋଗାଣ ଓ ଖାଉଟି ବ୍ୟାପାର ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏଥିରେ ସାମିଲ ଲୋକମାନଙ୍କୁ ରାଜ୍ୟ ଖାଦ୍ୟ ନିରାପତ୍ତା କାର୍ଡ ମିଳିବ। ଇତିମଧ୍ୟରେ ବ୍ଲକ କାର୍ଯ୍ୟାଳୟରେ ୨୦୦୦ ଲୋକ ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିଛନ୍ତି। ଏହି ଆବେଦନ ମଧ୍ୟରେ ବହୁ ଅଯୋଗ୍ୟ ହିତାଧିକାରୀ ସାମିଲ ହୋଇଥିବା ଜଣାପଡିଛି। କାରଣ ୨୦୧୧ ମସିହା ସାମାଜିକ ଅର୍ଥନୈତିକ ଜାତିଭିତ୍ତିକ ସର୍ବେକ୍ଷଣରେ ଅଧିକାଂଶ ସ୍ୱଚ୍ଛଳ ବର୍ଗ ଅଛନ୍ତି ବୋଲି ଉଲ୍ଲେଖ ରହିଛି। ତେଣୁ କୋଟା ଫେରିଯିବାର ସମ୍ଭାବନା ଥିବାରୁ ପୁରୁଣା କାର୍ଡଧାରୀମାନେ ନବାଗତ ଶିଶୁ ଓ ବିବାହିତା ମହିଳାଙ୍କ ନାମ ସାମିଲ ପାଇଁ ଦରଖାସ୍ତ କରୁଥିବା ଲକ୍ଷ୍ୟ କରାଯାଉଛି। ଏବେସୁଦ୍ଧା ଏହି ବ୍ଲକରେ ୨୮,୯୩୬ ଜଣ ସାମିଲ ହୋଇସାରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆବେଦନପତ୍ରଗୁଡିକ ଯାଞ୍ଚ ପାଇଁ ବ୍ଲକର ସମ୍ପ୍ରସାରଣ ଅଧିକାରୀମାନଙ୍କୁ ଦାୟିତ୍ୱ ଦେବା ଲାଗି ସରକାରୀ ନିର୍ଦ୍ଦେଶନାମା ଥିଲେ ମଧ୍ୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକମାନଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ଏହା ନିୟମ ବିରୁଦ୍ଧ ହୋଇଥିଲେ ମଧ୍ୟ ବିଡିଓ ପ୍ରଶାନ୍ତ କୁମାର ନାୟକ ଏହା ଉପରେ କୌଣସି ମତ ଦେଇନାହାନ୍ତି।

### ସର୍ବନିମ୍ନ ମଜୁରି ନ ମିଳିଲେ ସାମୂହିକ ଛୁଟି

କଣ୍ଟାପଡା, ୩୧।୮(ଡି.ଏନ୍.ଏ.)- ଗ୍ରାମାଞ୍ଚଳରେ କାର୍ଯ୍ୟରତ ପାନୀୟଜଳ ଯୋଗାଣ କ୍ଷେତ୍ରରେ କାମ କରୁଥିବା କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରି ନ ମିଳିଲେ ଆସନ୍ତା ଦୁର୍ଗାପୂଜାଠାରୁ ସାମୂହିକ ଛୁଟିନେବେ ବୋଲି ଚେତାବନୀ ଦିଆଯାଇଛି। କଣ୍ଟାପଡା ବ୍ଲକର ଖେରସସ୍ଥିତ ଏଗାରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡିଶା ପାଇପଜଳ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ସଂଘ ସାଧାରଣ ସମ୍ପାଦକ ମନୋଜ ମହାନ୍ତି ଯୋଗଦେଇ ଗ୍ରାମାଞ୍ଚଳରେ କାର୍ଯ୍ୟରତ ପାଇପ ଜଳଯୋଗାଣ କର୍ମଚାରୀମାନଙ୍କ ଦୟନୀୟ ସ୍ଥିତି ବିଷୟରେ କହିଥିଲେ। ଏଥିରେ ରାଜ୍ୟ ସଙ୍ଗଠନ ସମ୍ପାଦକ ପଲ୍ଲବ ମହାନ୍ତି, ହୃଷୀକେଶ ସାହୁ, ଦାମୋଦର ସ୍ୱାଇଁ ଯୋଗଦେଇଥିଲେ।



କଟକ ଖାନ୍‌ନଗର ରିଂବନ୍ଧ ରାସ୍ତାପାର୍ଶ୍ୱ ଏକ ଦୋକାନରୁ ଜଣେ ଗ୍ରାହକ ଖୁଦୁରୁକୁଣୀଙ୍କ ମୃଣ୍ମୟୀ ପ୍ରତିମା କିଣୁଛନ୍ତି।



କଟକ ଖାନ୍‌ନଗର ନୋଡାଲ ହାଇସ୍କୁଲରେ ଶୁକ୍ରବାର ଅନୁଷ୍ଠିତ ବିଜ୍ଞାନ ମେଳା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧ସେପ୍ଟେମ୍ବର,୨୦୧୮



ନାମରେ ଭକ୍ତି, ଜୀବରେ ଦୟା ନର ଜନ୍ମର ସର୍ବଶ୍ରେଷ୍ଠ କାର୍ଯ୍ୟ।

- ଗୁରୁ ନାନକ



## ସଂକ୍ଷେପରେ

### ମାଙ୍କଡ଼ା ଖଣିରେ ଚଢ଼ାଉ, ୩ ଗାଡ଼ି ଜବତ

ଖୋର୍ଦ୍ଧା ଅଫିସ,୩୧।୮: ଖୋର୍ଦ୍ଧା ତହସିଲର ପାଇକତିଗିରିଆ ରାଜସ୍ୱ ମୌଜାର ଚାନ୍ଦପୁରର ବେଆଇନ ମାଙ୍କଡା ପଥର ଖଣିରେ ଚଢ଼ାଉ କରାଯାଇ ଗୋଟିଏ ଜେସିବି ସମେତ ଦୁଇ ଟ୍ରାକ୍ଟରକୁ ଜବତ କରାଯାଇଛି। ସେହିପରି ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡି ପଛ ପାର୍ଶ୍ୱରେ ୩ ଟ୍ରିପ ଖଣ୍ଡାଲାଇଟ ପଥର ଜବତ କରାଯାଇଛି। ଏହି ଚଢ଼ାଉରେ ଖୋର୍ଦ୍ଧା ତହସିଲଦାର ଶୁଭେନ୍ଦୁ କୁମାର ସାମଲ, ପାଇକତିଗିରିଆ ଓ ଖୋର୍ଦ୍ଧା ଆରଆଇଙ୍କ ସମେତ ପୋଲିସ ସାମିଲ ଥିଲେ।

### ବାଣପୁରରେ ବିଜେଡିର ମହିଳା ସମାବେଶ

ଖୋର୍ଦ୍ଧା ଅଫିସ/ ବାଲୁଗାଁ, ୩୧।୮ (ଡି.ଏନ.ଏ.)- ବାଣପୁର ବ୍ଲକ ଗାଲୁଆ ପଞ୍ଚାୟତସ୍ଥିତ ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବିଜେଡିର ବାଣପୁର ବ୍ଲକସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗାଲୁଆ ପଞ୍ଚାୟତର ସଭାନେତ୍ରୀ ସୁପ୍ରଭା ଶାସମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ପୂର୍ବତନ ବିଧାୟକ ରଘୁନାଥ ସାହୁ ଯୋଗଦେଇ ରାଜ୍ୟରେ ମହିଳାମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ମହିଳା ମହାସଂଘର ସଭାନେତ୍ରୀ କବିତାରାଣୀ ମହାପାତ୍ର, ବେବନା ତ୍ରିପାଠୀ, ସୁପ୍ରିୟା ମହାରଣା, ବ୍ଲକ ପର୍ଯ୍ୟବେକ୍ଷକ ଭରତଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷା ରିତା ସେଠୀ ପ୍ରମୁଖ ଯୋଗଦେଇଥିଲେ।

### ଜାତୀୟ ରାଜପଥ ମାନ୍ୟତା ସତ୍ତ୍ୱେ ମିଳୁନି କ୍ରମାଙ୍କ ସଂଖ୍ୟା

ନିରାକାରପୁର,୩୧।୮(ଡି.ଏନ.ଏ.)- ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳ ସଡ଼କ ପଥ ଯାତ୍ରୀମାନେ ପୁରୀ ଶ୍ରୀକ୍ଷେତ୍ରକୁ ଯିବା ପାଇଁ ସୁବିଧାଜନକ ଓ ସଟ୍‌କଟ୍ ରାସ୍ତା ହେଉଛି ନୂଆ ଜଗନ୍ନାଥ ସଡ଼କ ପଥ। ଶରଣକୁଳଠାରୁ ଯାଉଥିବା ରାସ୍ତାଟି ୧୬, ୫୩ ଓ ୩୧୬ କ୍ରମାଙ୍କ ଜାତୀୟ ରାଜପଥକୁ ଛୁଇଁ ପୁରୀକୁ ଯାଇଛି। ଏହି ସଡ଼କକୁ ଗୁରୁତ୍ୱ ଦେଇ ଶ୍ରୀଜଗନ୍ନାଥଙ୍କ ନବକଳେବର ସମୟରେ ଜାତୀୟ ରାଜପଥ ଘୋଷଣା କରାଯାଇଥିଲା। ତେବେ ପ୍ରଶାସନିକ ଅପାରଗତା, ଅବହେଳା ଯୋଗୁ ଆଜି ପର୍ଯ୍ୟନ୍ତ ମାନ୍ୟତାପ୍ରାପ୍ତ ଉକ୍ତ ରାଜପଥଟିକୁ କ୍ରମାଙ୍କ ସଂଖ୍ୟା ପ୍ରଦାନ କରାଯାଇନାହିଁ। ସୂଚନାଯୋଗ୍ୟ, ୨୦୧୫ରେ ପିପିଲିଠାରେ ଏକ ସାଧାରଣ ସଭାରେ କେନ୍ଦ୍ରମନ୍ତ୍ରୀ ନିତିନ୍ ଗଡ଼କରୀ ରାସ୍ତାଟିକୁ ଜାତୀୟ ରାଜପଥ ଘୋଷଣା କରିଥିଲେ।

### ଜମି ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଜଟଣୀ,୩୧।୮(ଡି.ଏନ୍.ଏ.): ଜଟଣୀ ତହସିଲ ଅନ୍ତର୍ଗତ ୧୧ଟି ମୌଜାର ସ୍ଥିତିବାନ୍ ରୟତଙ୍କ ଭିଟାମାଟିର ମାଲିକାନା ପରିବର୍ତ୍ତନ ହୋଇଯିବା ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁକ୍ରବାର ଏକ ପ୍ରତିନିଧିଦଳ ଭେଟି ଦୃଷ୍ଟି ଆକର୍ଷଣ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ୫ ବର୍ଷ ପୂର୍ବେ ରୟତମାନଙ୍କ ଅଗୋଚରରେ ସେମାନଙ୍କର ସ୍ଥିତିବାନ ଜମି ଓ ଭିଟାମାଟିର ରେକର୍ଡ ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ନାମରେ ପରିବର୍ତ୍ତନ କରିଦିଆଯାଇଥିଲା, ଯଦ୍ୱାରା ଶତାଧିକ ବର୍ଷ ହେବ ବାପ ଅଜା ଅମଳରୁ ରହିଆସୁଥିବା ଏକ ଲକ୍ଷ ପାଖାପାଖି ସ୍ଥିତିବାନ ରୟତ ବହୁ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଏହାକୁ ନେଇ ବହୁବାର ଆନ୍ଦୋଳନ କରାଯାଇଛି। ବିଭାଗୀୟ ମନ୍ତ୍ରୀ, ସଚିବ ଓ ଅନ୍ୟ ଅଧିକାରୀମାନଙ୍କୁ ବହୁବାର ଭେଟି ଦୃଷ୍ଟି ଆକର୍ଷଣ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ସମୟରେ ପ୍ରତିନିଧି ଦଳର ପଦ୍ମଚରଣ ସୁବୁଦ୍ଧି, ବିବେକାନନ୍ଦ ବଡ଼ଜେନା, ଆଶୁତୋଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜୁଆ ନଦୀରେ ବନ୍ୟା

ଖୋର୍ଦ୍ଧା ଅଫିସ,୩୧।୮:

ହୀରାକୁଦରୁ ଆସିଥିବା ବନ୍ୟାଜଳ ଯୋଗୁ ରାଜୁଆ ନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଖୋର୍ଦ୍ଧା ଜିଲାର ଅନେକ ଅଞ୍ଚଳକୁ ଜଳମଗ୍ନ କରିଛି। ଖୋର୍ଦ୍ଧା ବ୍ଲକ ଅଞ୍ଚଳର ୨ଟି ଗ୍ରାମ ଜଳପ୍ଲାବିତ ହୋଇଥିବା ବେଳେ ୩ଶହ ଏକରରୁ ଉର୍ଦ୍ଧ୍ୱ ଜମି ପାଣି ଘେରରେ ରହିଛି। ଖୋର୍ଦ୍ଧା ବ୍ଲକ ଅଞ୍ଚଳର ହିରିମୂଳ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ଡିହଖଳା ଗ୍ରାମ ଭିତରେ ୧ଫୁଟର ବନ୍ୟାଜଳ ପଶିଥିବା ଜଣାପଡିଛି। ସେହିପରି ନରଣଗଡ ପଞ୍ଚାୟତର ଓରିମି, ଧବଳପୁର, ବଳପୁର, କୃଷ୍ଣପୁର ଓ ମାନପୁର, ଓରବରସିଂ ପଞ୍ଚାୟତର ରାୟପୁର ଓ ଓରବରସିଂ, ଶରଧାପୁର ପଞ୍ଚାୟତର ଶରଧାପୁର ଗ୍ରାମର ଚତୁର୍ପାର୍ଶ୍ୱରେ ଥିବା ଜମିରେ ପାଣି ମାଡି ଯାଇଛି। ପ୍ରଶାସନ ପକ୍ଷରୁ ଡିହଖଳା ଗ୍ରାମରୁ ହିରିମୂଳ ଗ୍ରାମକୁ ଯିବା ପାଇଁ ବୋଟ୍‌ର ବ୍ୟବସ୍ଥା କରାଯାଇଛି।



ଡିହଖଳା ଗାଁ ଦାଣ୍ଡରେ ପାଣି ।



ବନ୍ୟା ପାଣିରେ ଧାନ ଜମି ବୁଡି ରହିଛି ।

### ଦାଉ ସାଧୁଛି ବନ୍ୟାଜଳ

ବର୍ଷା ଋତୁରେ ଖୋର୍ଦ୍ଧା ଏବଂ ପୁରୀ ଜିଲାର କଣାସ ବ୍ଲକ ଅଞ୍ଚଳର ଚାଷୀଙ୍କ ଲାଗି ଦୟାର ଉପନଦୀ ରାଜୁଆ ଦାଉ ସାଧୁଛି। ଏହି ନଦୀରେ ବନ୍ୟା ଆସିବା ଫଳରେ ଖୋର୍ଦ୍ଧା ବ୍ଲକର ହିରିମୂଳ, ଓରମି, ଧବଳପୁର, ବଳପୁର, କୁରୁମପଡା, ନରଣଗଡ, ଷଢେଇଗଡ, ହାଡପଦା, ଡିହଖଳା, ଶରଧାପୁର, ରାମଚଣ୍ଡୀ, ଦୁର୍ଗାପ୍ରସାଦ ଏବଂ କଣାସ ବ୍ଲକର ଗଡସାନପୁଟ, ଗଡବଡପୁଟ, ଟିଗିରିଆ ଓ ହଳଦିଆପଡା ଆଦି ଅଞ୍ଚଳର ଶହ ଶହ ଏକର ଚାଷ ଜମି ବନ୍ୟା ଜଳ ପ୍ଲାବିତ ହେଉଛି। ଗତ ଜୁଲାଇ ୨୪ରୁ ପ୍ରାୟ ୫ଦିନ ପର୍ଯ୍ୟନ୍ତ ବନ୍ୟା ପରିସ୍ଥିତି ଲାଗି ରହିଥିଲା। ଫଳରେ ସ୍ଥାନୀୟ ଅଞ୍ଚଳର ଜମି ଉପରେ ବନ୍ୟାଜଳ ମାଡି ରହିଥିଲା। ଧାନ ଗଛ ନଷ୍ଟ ହୋଇଯାଇଥିଲା। ବନ୍ୟା ଛାଡିବା ପରେ ଚାଷୀ ପୁଣି ଧାନ ତଳି ସଂଗ୍ରହ କରି ରୋଇଥିଲା। ଏବେ ବନ୍ୟା ପୁଣି ଧାନ ଫସଲ ନଷ୍ଟ କରିଦେବାର ଆଶଙ୍କା ରହିଥିବା ବେଳେ ଧାନ ଜମି ଉପରେ ବନ୍ୟାଜଳ ମାଡି ରହିଛି। ଲଘୁଚାପ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ଗତ ଜୁଲାଇରେ ଦେଖାଦେଇଥିଲା। ତେବେ ଅଗଷ୍ଟରେ ହୀରାକୁଦରୁ ଗେଟ ଖୋଲା ହେବା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଣୁ ଚଳିତ ଖରିଫ ଋତୁରେ ଚାଷୀଙ୍କ ପାଇଁ ଖରିଫ୍ ଫସଲ ଉଜୁଡିଯିବ। ତେଣୁ ଏଠାକାର ଚାଷୀ ଖରିଫ ଚାଷରେ ଭରସା ନ କରି ରବି ଫସଲ ଉପରେ ଭରସା କରୁଛନ୍ତି। ଅନ୍ୟପକ୍ଷରେ ଜଳସେଚନର ସୁବିଧା ନ ଥିବାରୁ ରବି ଫସଲ କରିବା ମଧ୍ୟ କଷ୍ଟକର ହୋଇପଡୁଛି।

### ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ହେଉଛି ବନ୍ୟା

୧୯୮୨ ମସିହା ପୂର୍ବରୁ ଖୋର୍ଦ୍ଧା ଓ ପୁରୀ ଜିଲାର କଣାସ ବ୍ଲକ ଅଞ୍ଚଳର ଗ୍ରାମଗୁଡିକରେ ବନ୍ୟା ହେଉଥିଲା। କିନ୍ତୁ ଫସଲ କ୍ଷତି ହେଉ ନ ଥିଲା। ବନ୍ୟାଜଳ ତୁରନ୍ତ ହ୍ରାସ ପାଇ ଯାଉଥିଲା। ତେବେ ସ୍ଥାନୀୟ ଅଞ୍ଚଳରେ ରାସ୍ତା, ଘେରିବନ୍ଧ ନିର୍ମାଣ କରାଯିବା ଦ୍ୱାରା ବନ୍ୟାଜଳ ଚିଲିକାକୁ ନିଷ୍କାସନ ନ ହୋଇ ଜମା ହୋଇ ରହୁଛି, ଯାହା କି ୧୯୮୨ମସିହା ପରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ୨୦୧୪ରୁ ୨୦୧୭ ପର୍ଯ୍ୟନ୍ତ ବର୍ଷା ଅଭାବରୁ ବନ୍ୟା ପରିସ୍ଥିତି ଦେଖାଦେଇ ନ ଥିଲା। କିନ୍ତୁ ୨୦୧୮ରେ ୨ଥର ବନ୍ୟା ପରିସ୍ଥିତି ଦେଖା ଦେଲାଣି। ଅନ୍ୟପକ୍ଷରେ ଉପଜିଲାପାଳ ସରୋଜ ସାହୁ କୁହନ୍ତି, ବନ୍ୟାର ପ୍ରକୋପକୁ ଲକ୍ଷ୍ୟ ରଖାଯାଇଛି । ଏବେ କେବଳ ବୋଟ୍ ଯୋଗାଇ ଦିଆଯାଇଛି। ଆବଶ୍ୟକତାକୁ ଦେଖି ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।

# ଏଡିଏମଙ୍କୁ ଭେଟିଲେ ଭୂମିହୀନ ମହିଳା

ଖୋର୍ଦ୍ଧା ଅଫିସ,୩୧।୮:

ଜଟଣୀ ବ୍ଲକ ମଦନପୁର ପଞ୍ଚାୟତ କାଇମାଟିଆ ଗାଁର ଆଦିବାସୀମାନେ ଭୂମିହୀନ ହୋଇ ଜୀବନଯାପନ କରୁଛନ୍ତି। ୫ ପୁରୁଷ ଧରି ବସବାସ କରୁଥିଲେ ମଧ୍ୟ ପ୍ରଶାସନ ଓ ସରକାରଙ୍କର ଭୂମିହୀନଙ୍କ ପ୍ରତି ନଜର ପଡୁନି। ଏଠାରେ ୨୦୦ ପରିବାରର ୨ ହଜାର ଆଦିବାସୀ ଲୋକ ବସବାସ କରୁଛନ୍ତି। ୪୮ ପରିବାର ପଟ୍ଟା ପାଇଁ ଲାଗିଥିବା ବେଳେ ଅନ୍ୟମାନେ ପଟ୍ଟା ପାଇବାର ବାଟ ଜାଣି ନ ଥିବାରୁ ହଇରାଣ ହୋଇ ଚୁପ ରହୁଛନ୍ତି । ଏଭଳିସ୍ଥଳେ ଶୁକ୍ରବାର ମାତ୍ର ୪୮ ପରିବାରର ସଦସ୍ୟ ଅତିରିକ୍ତ ଜିଲାପାଳ(ଏଡିଏମ)ଙ୍କୁ ଭେଟି ପଟ୍ଟା ଦେବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ଏନେଇ କୃଷ୍ଣଚନ୍ଦ୍ର ଦେହୁରୀ କୁହନ୍ତି, ସରକାରୀ ଜମିରେ ଥିବାରୁ ଆବାସିକ ପ୍ରମାଣ ପତ୍ର ମିଳୁନି। ପିଲାମାନେ ପାଠପଢ଼ାରେ ହଇରାଣର ସମ୍ମୁଖୀନ ହେଉଛନ୍ତି । ଚାକିରି କ୍ଷେତ୍ରରେ ମଧ୍ୟ ସୁବିଧା ମିଳୁନି। ଲିଲି ନାୟକ କୁହନ୍ତି, ଅତିରିକ୍ତ ଜିଲାପାଳଙ୍କୁ ଫେରାଦ ହେଲୁ । ସେ ଅଭିଯୋଗ ପତ୍ର ରଖିଲେ। ହେଲେ ଜିଲାପାଳଙ୍କୁ ଭେଟି ଅଭିଯୋଗ ଜଣାଣ ବୋଲି କହିଲେ । ଏଣୁ ଆଉ ଦିନେ ପୁଣି ଜିଲାପାଳଙ୍କୁ ଭେଟିବାକୁ ଆସିବୁ । ରମା ନାୟକ କୁହନ୍ତି ସରକାର ଭୂମିହୀନମାନଙ୍କୁ ଘରଡିହ ଯୋଗାଇଦେବାର ଘୋଷଣା କରିଛନ୍ତି। ହେଲେ ଆମପରି ଭୂମିହୀନ ପ୍ରତି ପ୍ରଶାସନ ଅଣଦେଖା କରୁଛି ବୋଲି ସେ କହିଥିଲେ।



ଏଡିଏମଙ୍କୁ ଭେଟିବାକୁ ଆସିଥିବା ଆଦିବାସୀମାନେ ।

# ପଥପ୍ରାନ୍ତ ନାଟକରେ ସଚେତନତା

ଜଟଣୀ,୩୧।୮(ଡି.ଏନ୍.ଏ.)

ରେଲୱେ ଷ୍ଟେଶନରେ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ଶୁକ୍ରବାର ଖୋର୍ଦ୍ଧାରୋଡ ରେଳ ଷ୍ଟେଶନ ସମ୍ମୁଖରେ ଆର୍‌ପିଏଫ୍ ଯବାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯବାନମାନେ ନାଟକ ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରଭାତ ସାହୁ, ରମେଶଚନ୍ଦ୍ର ତରେଇ, ଆର୍.ଏନ୍. ବେହେରା ଓ ବ୍ରଜଗୋପାଳ ଦାସ ପ୍ରମୁଖ ଯବାନମାନେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଖୋର୍ଦ୍ଧାରୋଡ଼ ଡିଭିଜନର ଆର୍‌ପିଏଫ୍ ଆସିଷ୍ଟାଣ୍ଟ ସିକ୍ୟୁରିଟି କମିଶନର ବରୁଣ କୁମାର ବେହେରା, ଇନ୍ସପେକ୍ଟର ଦୟାଳୁଚରଣ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଖୋର୍ଦ୍ଧାରୋଡ଼ ଡିଭିଜନର ଅନ୍ୟାନ୍ୟ ରେଳ ଷ୍ଟେଶନରେ ଏପରି ନାଟକ ମାଧ୍ୟମରେ ମହିଳା ଓ ଶିଶୁ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରାଯିବ ବୋଲି ଆସିଷ୍ଟାଣ୍ଟ ସିକ୍ୟୁରିଟି କମିଶନର ବରୁଣ କହିଛନ୍ତି।

# ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ

ଖୋର୍ଦ୍ଧା ଅଫିସ,୩୧।୮

ଖୋର୍ଦ୍ଧା ମ୍ୟୁନିସିପାଲିଟି ପକ୍ଷରୁ ଶୁକ୍ରବାର ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଛି। ପୌରାଧ୍ୟକ୍ଷା ସଂଯୁକ୍ତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇ କହିଥିଲେ, ୨୨ ୱାର୍ଡରେ ବିକାଶ ଚାଲିଛି। ଆଗାମୀ ଦିନରେ ବରୁଣେଇ, ଦସିପୋଖରୀ, ଗଡଖୋର୍ଦ୍ଧାର ସୌନ୍ଦର୍ଯ୍ୟକରଣ ଦିଗରେ ପଦକ୍ଷେପ ନିଆଯିବ। ସେହିପରି ୫୪୦ ଉଠା ଦୋକାନୀଙ୍କୁ ହାବେଲୀଠାରେ ଥଇଥାନ କରାଯିବା ନେଇ ୨୪କୋଟି ୫୨ଲକ୍ଷ ଟଙ୍କା ବିଡିଏରୁ ମଞ୍ଜୁର ହୋଇଛି। ଖୁବ ଶୀଘ୍ର କାମ ଆରମ୍ଭହେବାକୁ ଯାଉଛି। ସେହିପରି ଟି.ଏଲ୍.ସି. ରୋଡ ସାଇଡରେ ଭେଣ୍ଡି ଜୋନ ନିର୍ମାଣ କରାଯାଇ ଛୋଟ ଛୋଟ ବ୍ୟବସାୟୀଙ୍କୁ ଥଇଥାନ କରାଯିବ। କର୍ମଚାରୀଙ୍କ ପକ୍ଷରୁ ୧ଲକ୍ଷ ଟଙ୍କାର ସହାୟତା ରାଶି କେରଳର ବନ୍ୟା ପୀଡ଼ିତଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏମପି ପ୍ରସନ୍ନ ପାଟଶାଣୀ କହିଥିଲେ, ତାଙ୍କ ପାଣ୍ଠିରୁ ୧କୋଟି ଟଙ୍କା ଦେଇ ଖୋର୍ଦ୍ଧା ସହରକୁ ଆଲୋକୀକରଣ କରାଯାଇଥିଲା। ଏହି ଅବସରରେ ପୌରାଞ୍ଚଳର ୭୪ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ଧନ୍ୟବାଦ ଦେଇଥିଲେ।

ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରେ ଶୁକ୍ରବାର ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଛି। ନଗରପାଳିକା ପୁଷ୍ପାଞ୍ଜଳି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଦାଶରଥି ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନିଆଲ ଓ ସମସ୍ତ କାଉନସିଲର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

**ବାଲୁଗାଁ,(ଡି.ଏନ.ଏ.)**–ଖୋର୍ଦ୍ଧା ଜଲା ଅଧୀନ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ସ୍ୱାୟତ୍ତ ଶାସନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରାତଃକାଳରେ ଏନଏସିର ସମସ୍ତ କର୍ମଚାରୀବୃନ୍ଦ ରାମଧୂନୀ ସହ ଶୋଭାଯାତ୍ରାରେ ଯାଇ ବାଲୁଗାଁ ଗାନ୍ଧିଛକ ଠାରେ ଅବସ୍ଥାପିତ ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମାଝି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଉପାଧ୍ୟକ୍ଷ ଅଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମାଝି, କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର ନାଥ ଖୁଣ୍ଟିଆ, କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ସମେତ ସମସ୍ତ କାଉନ୍‌ସିଲର ଯୋଗଦେଇ ଏନ୍‌ଏସିର ଉନ୍ନତିକରଣ ସହ ସ୍ୱାୟତ୍ତ ଶାସନ ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବାଲୁଗାଁ ଏନଏସିର ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହାର କର୍ମକର୍ତ୍ତାଙ୍କୁ ପୁରସ୍କୃତ କରାଯାଇଥିଲା

**ଜଟଣୀ,(ଡି.ଏନ୍.ଏ.):** ଜଟଣୀ ମ୍ୟୁନିସିପାଲିଟି ପକ୍ଷରୁ ଶୁକ୍ରବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏଥିପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସକାଳୁ ରାମଧୂନ ଗାଡ଼ି ବୁଲିବା ସହିତ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳବଣ୍ଟନ କରାଯାଇଥିଲା। ପରେ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ ସହିତ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ସେହିପରି ହାଟବଜାର, ରାଜାବଜାର, କୁଦିଆରୀରେ କମ୍ୟୁନିଟି ଓ ପବ୍ଲିକ ଟୟଲେଟ୍ ସହିତ ଏକ ନୂତନ ଆମ୍ବୁଲାନ୍ସକୁ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ ଓ ନିର୍ବାହୀ ଅଧିକାରୀ ଲଳିତା କପୁର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ମଧ୍ୟରେ ଝୋଟି ଓ ମ୍ୟୁଜିକାଲ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ଗୀତ, ବକ୍ତୃତା ପ୍ରବନ୍ଧ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ କାର୍ଯ୍ୟାଳୟ ପରିସରରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାଉନ୍‌ସିଲର ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ।

# ଶିକ୍ଷା ମଣିଷକୁ ପୂର୍ଣ୍ଣାଙ୍ଗ କରିଥାଏ

ବୋଲଗଡ,୩୧।୮(ଡି.ଏନ.ଏ.)

ବୋଲଗଡ ବ୍ଲକ ଅନ୍ତର୍ଗତ ବାଙ୍କୋଇସ୍ଥିତ ପାଞ୍ଚଗଡ ଅନଙ୍ଗ ନରେନ୍ଦ୍ର ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ଓ ପ୍ରଥମବର୍ଷ ଗୁରୁଛାତ୍ରୀଛାତ୍ରଙ୍କ ଆବାହକତ୍ୱରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏକ ମନୋଜ୍ଞ ପରିବେଶରେ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ୨ୟ ବାର୍ଷିକ ଗୁରୁଛାତ୍ରୀଛାତ୍ର ଏବଂ ଅଧ୍ୟକ୍ଷା ବାଣୀ ମୁଣ୍ଡାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆୟୋଜିତ ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ କାଳୀଚରଣ ଜୟସିଂହ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ରଙ୍କନିଧି ବଳିୟାରସିଂହ, ମୁଖ୍ୟବକ୍ତା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଓ ସମ୍ମାନୀତ ଅତିଥିଭାବେ ଶିକ୍ଷକ ଅନ୍ତର୍ଯ୍ୟାମୀ ପଣ୍ଡା , ବନମାଳୀ ସାହୁ , ବିଜୟ ତ୍ରିପାଠୀ , ବିପନ ବିହାରୀ ସାହୁ , ସ୍ୱପ୍ନେଶ୍ୱର ରଥ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ମଣିଷକୁ ପୂର୍ଣ୍ଣାଙ୍ଗ କରିଥିବା ବେଳେ ଶିକ୍ଷାର ପ୍ରତିଟି ମୁହୂର୍ତ୍ତ ମୂଲ୍ୟବାନ ବୋଲି ଅତିଥିମାନେ କହିଥିଲେ।

# କୁହୁଡ଼ିରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର

ଟାଙ୍ଗୀ(ଖୋର୍ଦ୍ଧା),୩୧।୮(ଡି.ଏନ.ଏ.)– ଖୋର୍ଦ୍ଧା ଜିଲାର କୁହୁଡ଼ି ଜନତା ମହାବିଦ୍ୟାଳୟ ପରିସରରେ ୧୨ଦିନ ଧରି ବାଳିକା ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷକ ଭାବେ ସୁନୀତା ବେହେରା, ରେଖା ବେହେରା, ଜୟଶ୍ରୀ ଜେନା ଯୋଗଦେଇ କଲେଜର ପ୍ରାୟ୧୬୩ ଜଣ ବାଳିକାଙ୍କୁ ଆତ୍ମରକ୍ଷା ରଣକୌଶଳ ତାଲିମ ପ୍ରଦାନ କରିଥିଲେ। ଉଦଯାପନୀ ଦିବସରେ କଲେଜ ଅଧ୍ୟକ୍ଷ ଡ଼.ସଞ୍ଜୟ ମହାପାତ୍ର ,ଅଧ୍ୟାପକ ଦେବଦତ୍ତ ପଣ୍ଡା ଓ ପ୍ରାଧ୍ୟାପକ ଡ.ଚନ୍ଦ୍ରଶେଖର ଦାସ ପ୍ରମୁଖ ଯୋଗଦେଇ ବାଳିକାମାନଙ୍କୁ ଉତ୍ସାହିତକରି ଆତ୍ମରକ୍ଷା ସମ୍ପର୍କୀୟ ପୁସ୍ତକ ପ୍ରଦାନ କରିଥିଲେ।

# ଚିଲିକା ମତ୍ସ୍ୟଜୀବୀ ମହାସଂଘର ୩ରେ ପ୍ରସ୍ତୁତି ସମାବେଶ

**ସେପ୍ଟେମ୍ବର ୪ ଓ ୫ରେ ଚିଲିକାରେ ମାଛଧରା ବନ୍ଦ**

ଖୋର୍ଦ୍ଧା ଅଫିସ,୩୧।୮:

ଚିଲିକା ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ୭ଦଫା ଦାବି ପୂରଣ ନେଇ ଆନ୍ଦୋଳନ ପାଇଁ ସଜବାଜ ଚାଲିଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନଇରୀଠାରେ ସେପ୍ଟେମ୍ବର ୩ରେ ପ୍ରସ୍ତୁତି ସମାବେଶ ହେବାକୁ ଥିବା ବେଳେ ସେପ୍ଟେମ୍ବର ୪ ଓ ୫ରେ ଚିଲିକାରେ ମାଛଧରା ବନ୍ଦ ରହିବ। ଅଭିଯୋଗ ଅନୁସାରେ, ଚିଲିକାରେ ଜଳବିମାନ ବନ୍ଦର ବନ୍ଦ କରିବା, ବିଧାନସଭା ମୌସୁମୀ ଅଧିବେଶନରେ ଚିଲିକା ବିଲ୍ ଗୃହୀତ କରାଇବାର ଦାବି ରହିଛି। ଅପରପକ୍ଷେ ଦହିଖିଆ ନାଳ ଠାରୁ ଟାଟା ବନ୍ଧ, ସିଉଆ ନାଳଠାରୁ ମଗର ମୁଖ ନାଳ, ସିଆଣ୍ଡି ନାଳଠାରୁ କଳାଖାଇ ନାଳ ଏବଂ ଚିଲିକାରୁ ସବୁଜାଲ ଓ ମଶାରି ଜାଲ ଉଚ୍ଛେଦ କରି ଚିଲିକାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଇବା ଦାବି ମଧ୍ୟ ରହିଛି। ରାଜ୍ୟ ସରକାର ୨୦୧୭ ରେ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନେଇ ବେଆଇନ ଘେରି ଉଚ୍ଛେଦ ନିମନ୍ତେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କୁ ଦାୟିତ୍ୱ ଦେଇଥିଲେ। କିଛି ମାସ ତଳେ ସିଡିଏ ପକ୍ଷରୁ ଘେରି ଉଚ୍ଛେଦ ହୋଇଥିଲା। ତେବେ ସବୁ ଘେରି ଉଚ୍ଛେଦ ହୋଇ ପାରି ନାହିଁ। ୭ଦିନ ମଧ୍ୟରେ ବକେୟା ୫୦ ପ୍ରତିଶତ ଘେରି ଉଚ୍ଛେଦ ନ ହେଲେ ମହାସଂଘ ଆଇନକୁ ହାତକୁ ନେବ ବୋଲି ଚେତାବନୀ ଦେଇଥିବା ଚିଲିକା ମତ୍ସ୍ୟଜୀବୀ ମହାସଂଘର ସଭାପତି ରବୀନ୍ଦ୍ର ବେହେରା, ସମ୍ପାଦକ ଦୁଃଖିଶ୍ୟାମ ବେହେରା, ମହାଦେବ ବେହେରା, ବୈକୁଣ୍ଠ ବେହେରା, ଜୟକୃଷ୍ଣ ବେହେରା ପ୍ରମୁଖ କହିଛନ୍ତି।



ଜଟଣୀର କହ୍ନେୟା ପ୍ଲେ ସ୍କୁଲରେ ଜନ୍ମାଷ୍ଟମୀ ଉତ୍ସବ ଉପଲକ୍ଷେ ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି।

# କଟକରେ ବିଶ୍ୱ ନାଟ୍ୟ ମେଳା

## ଭାଗନେବ ଖୋର୍ଦ୍ଧାର ନାଟକ 'ଏନ୍ଏଚ୍ ୧୬'

ଖୋର୍ଦ୍ଧା ଅଫିସ,୩୧।୮:

ସେପ୍ଟେମ୍ବର୧ରୁ ୧୦ ପର୍ଯ୍ୟନ୍ତ କଟକ ସାରଳା ଭବନରେ ଚଳିତ ବର୍ଷର ୨୬ତମ ସର୍ବଭାରତୀୟ ଓ ଅନ୍ତର୍ଜାତୀୟ ନାଟକ ମହୋତ୍ସବ ପାଳନ ହେବ । ୨୫ବର୍ଷ ଧରି ଅନୁଷ୍ଠିତ ହେଉଥିବା ଏହି ବିଶ୍ୱନାଟ୍ୟ ମେଳାରେ ରୁଷିଆ, ଇଟାଲି, ମେକ୍ସିକୋ, କାନାଡା, ସିଙ୍ଗାପୁର, ତୁର୍କି, ସର୍ବିଆ, ଥାଇଲାଣ୍ଡ, ଆର୍ଜେଣ୍ଟିନାର ବିଦେଶୀ ନାଟକ ଦେଖିବାକୁ ମିଳିବ । ସେହିପରି କେରଳ, ହରିୟାଣା, ବିହାର, ଉତ୍ତରପ୍ରଦେଶ ଆଦି ରାଜ୍ୟଗୁଡିକର ନାଟକ ମଧ୍ୟ ଅନୁରୂପ ଭାବେ ମଞ୍ଚସ୍ଥ ହେବ । ଏଥିରେ ଖୋର୍ଦ୍ଧା ନାଟ୍ୟାନୁଷ୍ଠାନ 'ଆନ୍ଦୋଳନ'ର ନାଟକ 'ଏନ୍ଏଚ୍ ୧୬' ଭାଗ ନେଉଛି । 'ଏନ୍ଏଚ୍୧୬' କଡ଼ରେ ଅବସ୍ଥିତ ଏକ ଛୋଟ କୁଡ଼ିଆ ଘରରୁ ଆରମ୍ଭ ହୋଇଛି ନାଟକ । ସେହି ଘରେ ରୁହନ୍ତି ରାକ୍ଷୀ ସହିତ ଦୁଇ ବନ୍ଧୁ ବ୍ରଜ ଓ ବାନା । ରାକ୍ଷୀର ଶୁଭ ହାତ ବାଜିଲେ ଦୁଇ ବନ୍ଧୁ ପ୍ରତ୍ୟହ ବେଲୁନ ଓ ବମ୍ଫେଲଡୁ ଧରି ବାହାରନ୍ତି ବିଭିନ୍ନ ଗାଁକୁ ବିକ୍ରି କରିବାକୁ। ହଠାତ୍ ଦିନେ ସୂର୍ଯ୍ୟ ନାମକ ଜଣେ ଅଟୋ ଡ୍ରାଇଭର ଦୁର୍ଘଟଣାଗ୍ରସ୍ତ ହୋଇ ସେହି ଘରେ ଜୀବନରକ୍ଷା କରିବାକୁ ପଶିଯାଏ । ତିନିଜଣ ମିଛ କହି ସୂର୍ଯ୍ୟକୁ ପୋଲିସ ହାତରୁ ବଞ୍ଚାଇ ସୁସ୍ଥ କରନ୍ତି । ସମୟକ୍ରମେ ସୂର୍ଯ୍ୟଙ୍କ ସହ ସେମାନଙ୍କ ଆତ୍ମୀୟତା ବଢ଼ିଯାଏ । ପରେ ପରେ କୁଡ଼ିଆ ନିକଟରେ ତିଆରି ହୁଏ ପ୍ରେମାନନ୍ଦ ବାବାଙ୍କ ଏକ ଆଶ୍ରମ । ଏଠାରେ ବ୍ରାଉନସୁଗାର ଓ ଗଞ୍ଜେଇ ସହିତ ଯୁବତୀ ଚାଲାଣ ହୁଏ। ବାବାଙ୍କ ସହଯୋଗୀ ଲଙ୍କେଶ୍ୱର ଓ ଗୁଣ୍ଡା ନାଗେଶଙ୍କ ଦୌରାତ୍ମ୍ୟ ଆଶ୍ରମରେ ବଢିବାରେ ଲାଗେ । ପ୍ରେମାନନ୍ଦ ବାବାଙ୍କର ଲୋଲୁପ ଦୃଷ୍ଟି ପଡେ ରାକ୍ଷୀ ଉପରେ । ଇନ୍ସପେକ୍ଟର ଗୌରବ ଓ ହାବିଲଦାର ଆଲୁଅଙ୍କ ଆଶ୍ରମ ଉପରେ ଥାଏ ସତର୍କ ଦୃଷ୍ଟି। ଗୁଣ୍ଡା ନାଗେଶ ରାକ୍ଷୀର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ଦୁଇଥର ବଳାତ୍କାର କରିବାକୁ ଚେଷ୍ଟା କରି ସୂର୍ଯ୍ୟ ଦ୍ୱାରା ମାଡ ଖାଇ ଫେରେ । କ୍ରମେ ସୂର୍ଯ୍ୟ ଓ ରାକ୍ଷୀ ମଧ୍ୟରେ ଗଢ଼ି ଉଠେ ପ୍ରେମ ସମ୍ପର୍କ। ଏହି ସମ୍ପର୍କକୁ ସ୍ୱୀକୃତି ଦିଅନ୍ତି ବାନା ଓ ବ୍ରଜ । ପୋଲିସର ସନ୍ଦେହଠାରୁ ଦୂରେଇଯିବା ପାଇଁ ପ୍ରେମାନନ୍ଦ ଆଶ୍ରମରୁ ଖସିଯିବା ସମୟରେ ପୋଲିସ ହାତରେ ଧରା ପଡେ । ଆଶ୍ରମ ହୁଏ ସିଲ୍ । ଶେଷରେ ପୋଲିସ ନାଗେଶ ଓ ଲଙ୍କେଶ୍ୱରକୁ ଗିରଫ କରେ । ସୂର୍ଯ୍ୟ ସ୍ତ୍ରୀ ରାକ୍ଷୀଠାରୁ ଅନୁମତି ନେଇ ନିଜ ଗାଁକୁ ଯାଏ । ତେବେ ମହାବାତ୍ୟାରେ ହରାଇଥିବା ବାପା ସହିତ ଭେଟ ହୁଏ । ପରେ ଜଣାପଡେ ସୂର୍ଯ୍ୟ ଥିଲା ରାକ୍ଷୀର ପିଲାଦିନର ସାଙ୍ଗ । ସମସ୍ତେ ଏକ ହୁଅନ୍ତି । ଶେଷରେ ବାନା, ବ୍ରଜ, ସୂର୍ଯ୍ୟ ଓ ରାକ୍ଷୀ ମିଶି ଏନ୍ଏଚ୍ ୧୬ କଡ଼ରେ କରନ୍ତି ବଡ଼ ବ୍ୟବସାୟ । ବିଭିନ୍ନ ଭୂମିକାରେ ରତ୍ନାକର ପ୍ରଧାନ, ସୁବାସ ପାଟଶାଣୀ, ପବିତ୍ର ବରାଳ, ରୋହନ ପ୍ରିତମ ଦାଶ, ଚିତ୍ତରଞ୍ଜନ ସାହୁ, ତପନ ନାୟକ, ବାଳକୃଷ୍ଣ ନାୟକ, ତୁଷାର ହରିଚନ୍ଦନ ଓ ଲିପ୍‌ସା ଦାଶ ଅଭିନୟ କରୁଛନ୍ତି।

### ଏମାନେ କୁହନ୍ତି...



ଏନ୍ଏଚ୍ ୧୬ ନାଟକ ଦର୍ଶକଙ୍କୁ ଆକୃଷ୍ଟ କରିବା ଭଳି ଲେଖାଯାଇଛି । ଏହାର ସନ୍ଦେଶ ଅନ୍ତର୍ଜାତୀୟ ଓ ଜାତୀୟସ୍ତରରେ କିପରି ବଳିଷ୍ଠ ଭାବରେ ପହଞ୍ଚିପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି । **-ଧନେଶ୍ୱର ସାହୁ, ନାଟ୍ୟକାର**



ପ୍ରତିବର୍ଷ ବିଶ୍ୱ ନାଟ୍ୟମେଳାରେ ଆନ୍ଦୋଳନ ଅନୁଷ୍ଠାନ ୫ରୁ ୬ ପୁରସ୍କାର ହାତେଇଛି । ଚଳିତ ବର୍ଷ ମଧ୍ୟ ପୁରସ୍କାର ହାତେଇବ ବୋଲି ଆଶା ରଖିଛୁ। ଖୋର୍ଦ୍ଧାର ଗୌରବ ଓ ସମ୍ମାନ ଆର୍ନ୍ତଜାତିକ ସ୍ତରରେ ବଜାୟ ରହିବ । ନୂଆ କଳାକାରମାନେ ଅତ୍ୟନ୍ତ ନିଷ୍ଠାର ସହିତ କାର୍ଯ୍ୟ କରୁଛନ୍ତି । **-ସନ୍ତୋଷ କୁମାର ମହାନ୍ତି, ନିର୍ଦ୍ଦେଶକ ।**



ମୁଁ ୭୦ବର୍ଷ ବୟସର ବୁଢ଼ା ଚରିତ୍ରରେ ଅଭିନୟ କରୁଛି । ମୋ ଚରିତ୍ରକୁ ଦେଖି ଦର୍ଶକ ଯେପରି ଆଗ୍ରହ ପ୍ରକାଶ କରିବେ ସେଥିପ୍ରତି ଦୃଷ୍ଟି ଦେଇ ମୋ ଭୂମିକାରେ ଅଭିନୟ କରିଛି । **-ପବିତ୍ର ବରାଳ, ଅଭିନେତା**



ମୁଁ ହାସ୍ୟରସାତ୍ମକ ଶୈଳୀରେ ଖଳନାୟକ ଚରିତ୍ରରେ ଅଭିନୟ କରୁଛି । ମୋ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିବ । କାରଣ ଦର୍ଶକ ଦେଖିଲେ ଅଧାରୁ ନାଟକ ଛାଡି ଯିବେ ନାହିଁ । **-ରତ୍ନାକର ପ୍ରଧାନ, ଖଳନାୟକ ।**



ମୁଁ ପ୍ରଥମଥର ପାଇଁ ଅଭିନୟ କ୍ଷେତ୍ରରେ ପାଦ ଦେଇଛି । ମୂର୍ତ୍ତି ବିକାଳିର ଗରିବ ଚରିତ୍ରକୁ ଅତ୍ୟନ୍ତ ବାସ୍ତବ ରୂପେ ଦେବାକୁ ମୁଁ ପ୍ରଚେଷ୍ଟା କରୁଛି । ଶ୍ରେଷ୍ଠ ଅଭିନେତ୍ରୀରେ ପୁରସ୍କାର ହାତେଇବାକୁ ମୋର ପ୍ରଚେଷ୍ଟା ଜାରି ରହିଛି । **-ଲିପ୍‌ସା ଦାଶ, ମୁଖ୍ୟ ଅଭିନେତ୍ରୀ**



ନାମରେ ଭକ୍ତି, ଜୀବରେ ଦୟା ନର ଜନ୍ମର ସର୍ବଶ୍ରେଷ୍ଠ କାର୍ଯ୍ୟ।

-ଗୁରୁ ନାନକ



## ସଂକ୍ଷେପରେ

### ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା

ନିମାପଡ଼ା,୩୧।୮(ଡି.ଏନ୍.ଏ.): ନିମାପଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଉକ୍ତ ଅଞ୍ଚଳର ଜଣେ ଯୁବକ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଏ ନେଇ ଯୁବତୀ ଜଣକ ଗୁରୁବାର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୨୪୭/୧୮) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ନିମାପଡ଼ା ଅଞ୍ଚଳର ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ଉକ୍ତ ଅଞ୍ଚଳର ଜଣେ ୨୨ ବର୍ଷୀୟ ଯୁବକ ଭଲ ପାଉଥିଲେ। ଯୁବକ ଜଣକ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିଛିଦିନ ପରେ ଯୁବକ ଜଣକ ସମ୍ପୃକ୍ତ ଯୁବତୀଙ୍କୁ ବିବାହ କରିବା ପାଇଁ ମନା କରିଦେବାରୁ ସେ ପ୍ରତାରଣାର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହା ସହ ଯୁବକ ଜଣକ ତାଙ୍କୁ ଧମକ ଦେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ପୋଲିସ ଶୁକ୍ରବାର ଯୁବତୀଙ୍କୁ ଡାକ୍ତରୀମାଇନା ପାଇଁ ନିମାପଡ଼ା ଡାକ୍ତରଖାନାକୁ ପଠାଇଥିବା ବେଳେ ସମ୍ପୃକ୍ତ ଯୁବକଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### ରେଳ ଧାରଣା କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ପୁରୀ ଅଫିସ, ୩୧।୮: ଡେଲାଙ୍ଗ ରେଲୱେ ଷ୍ଟେଶନ ନିକଟ ରେଳ ଧାରଣା କଡରୁ ଶୁକ୍ରବାର ଜଣେ ଅଜଣା ଯୁବକଙ୍କ ମୃତଦେହକୁ ଆରପିଏଫ୍ ଏବଂ ଜିଆରପି ଉଦ୍ଧାର କରିଛନ୍ତି। ଡେଲାଙ୍ଗ ଜିଆରପି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଜିଆରପି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ମନମୋହନ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା

ନିମାପଡ଼ା,୩୧।୮(ଡି.ଏନ୍.ଏ.): ଭୂବିଜ୍ଞାନୀ ସ୍ୱର୍ଗତ ପ୍ରଫେସର ଡ. ମନମୋହନ ମହାନ୍ତିଙ୍କ ଏକାଦଶାହ ଅବସରରେ ଶୁକ୍ରବାର ଏକ ଶ୍ରଦ୍ଧାଞ୍ଜଳୀ ସଭା, ପାଠଚକ୍ର ସମ୍ମିଳନୀ ଓ ଭଜନ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ଅମଲାପଡା ଗ୍ରୀନଲ୍ୟାଣ୍ଡସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଦୀପ ଜେନା, ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ ମହାପାତ୍ର, ପୋଲିସ କମିଶନର ସତ୍ୟଜିତ ମହାନ୍ତି, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଶତ୍ରୁଘ୍ନ ଦାଶଙ୍କ ସମେତ ବିଧାୟକ ସମୀର ରଞ୍ଜନ ଦାଶ, ବହୁ ବିଶିଷ୍ଟ ବ୍ୟକ୍ତି ଫଟୋଚିତ୍ରରେ ପୁଷ୍ପଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

### ବିପଦ ସଙ୍କେତ ଉପରେ ଦୟାନଦୀ, ବହୁ ଅଞ୍ଚଳ ଜଳମଗ୍ନ

କଣାସ, ୩୧।୮(ସ୍ୱ.ପ୍ର.): କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ବିପଦ ସଙ୍କେତ ଉପରେ ଥିବାରୁ ବହୁ ଗ୍ରାମ ଜଳମଗ୍ନ ହୋଇପଡିଛି। ଜନସାଧାରଣ ଏବଂ ଗୃହପାଳିତ ପଶୁମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାର ଜଣାପଡିଛି। କଣାସଠାରେ ଦୟାନଦୀ ବିପଦ ସଙ୍କେତ ୩.୯୯ମିଟର ଥିବା ବେଳେ ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ଦୟାନଦୀର ଜଳପତନ ୪.୭୪ମିଟର ଥିବା ଜଣାପଡ଼ିଛି। ଦୟା ଓ ରାଜୁଆ ନଦୀର ମଧବର୍ତ୍ତୀଗ୍ରାମ କଖାରୁବସ୍ତ, ବୈଦ୍ୟନାଥପାଟଣା, ବଡ଼ାସ, ତରପଡା, ବାଲିପାଟଣା, ଦୋକନ୍ଦା, ପାଣି ଘେରରେ ରହିଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହାନଦୀରୁ ଜଳପତନ କମୁଥିବାରୁ ତଳମୁଣ୍ଡର ନଦୀଗୁଡିକରେ ଜଳପତନ ବୃଦ୍ଧିପାଇବରେ ଲାଗିଛି।

### କେରଳ ବନ୍ୟା ପୀଡ଼ିତଙ୍କୁ ଛାତ୍ରୀଛାତ୍ରଙ୍କ ସହାୟତା

କଣାସ, ୩୧।୮(ଡି.ଏନ୍.ଏ.)-କଣାସ ବ୍ଲକ ଅନ୍ତର୍ଗତ ଦୟାବିହାର ସ୍ନାତକ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ତରଫରୁ କେରଳ ବନ୍ୟା ପୀଡ଼ିତଙ୍କ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପ୍ରଳୟଙ୍କାରୀ ବନ୍ୟାରେ କେରଳ ବେହାଲ ହୋଇଥିଲା ବେଳେ ସମଗ୍ର ଦେଶରୁ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନେ କେରଳକୁ ସହାୟତା ପ୍ରଦାନ କରୁଛନ୍ତି। ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଜ ସମ୍ବଳ ମତେ ୩ହଜାର ୩ଶହ ୨୦ଟଙ୍କା ସଂଗ୍ରହ କରି କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ କଲେଜ କର୍ତ୍ତୃପକ୍ଷଙ୍କ ଜରିଆରେ ପ୍ରଦାନ କରିଥିଲେ।

# ପୌରସଂସ୍ଥାରେ ମିଶିବ ଲଜିଂ ହାଉସ ଫଣ୍ଡ: ରାଜସ୍ୱ ମନ୍ତ୍ରୀ

ପୁରୀ ଅଫିସ, ୩୧।୮:

ରାଜ୍ୟର ସମସ୍ତ ପୌରସଂସ୍ଥା ମଧ୍ୟରେ ପୁରୀ ପୌରପାଳିକାର ସ୍ୱତନ୍ତ୍ର ପରିଚୟ ରହିଛି। ଏହା ରାଜ୍ୟର ସର୍ବପୁରାତନ ପୌରସଂସ୍ଥା। ସହରର ୭୦ଭାଗ ଲୋକ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ଶ୍ରୀମନ୍ଦିର, ବଡ଼ଦାଣ୍ଡ ଓ ବେଳାଭୂମି ଉପରେ ନିର୍ଭରଶୀଳ। ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କ ପାଇଁ ପୁରୀର ଅର୍ଥନୀତି ସୁଦୃଢ ବୋଲି ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି।

ପୁରୀ ପୌରସଂସ୍ଥା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ପୌର ସଦନଠାରେ ସ୍ୱାୟତ୍ତ ଶାସନ ଦିବସ ସମାରୋହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ମହାନ୍ତି କହିଲେ, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ କମିଲେ ଅର୍ଥନୀତି ଦୁର୍ବଳ ହୋଇପଡେ। ସହରକୁ ସରସ ସୁନ୍ଦର କରି ରଖିଲେ ଅଧିକରୁ ଅଧିକ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଆସିବେ। ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ପରିମଳ କଥା ବୁଝିବା ପାଇଁ ପୁରୀ ଲଜିଂ ହାଉସ ଫଣ୍ଡ କମିଟି ଶହେ ବର୍ଷ ତଳେ ସୃଷ୍ଟି ହୋଇଥିଲା। ଏହି ସଂସ୍ଥା ପୁରୀ ଆସୁଥିବା ଯାତ୍ରୀଙ୍କଠାରୁ ତୀର୍ଥକର ଆଦାୟ କରୁଥିଲା। ବର୍ତ୍ତମାନ ରାଜ୍ୟ ସରକାର ତୀର୍ଥଯାତ୍ରୀଙ୍କ ଠାରୁ ତୀର୍ଥ କର ଆଦାୟ ନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ବିହାର-ଓଡିଶା ପିଲଗ୍ରିମ୍ ଆକ୍ଟ-୧୯୨୦କୁ ରଦ୍ଦ କରିଛନ୍ତି। ଲଜିଂ ହାଉସ ଫଣ୍ଡ ମଧ୍ୟ ସତ୍ତା ହରାଇଛି। ଖୁବ୍‌ଶୀଘ୍ର ଏହି ସଂସ୍ଥା ପୌରସଂସ୍ଥାରେ ମିଶିବ। ପୌର ସଂସ୍ଥାର ଆହୁରି ଦାୟିତ୍ୱ ବଢିବ। ପୌର ସଂସ୍ଥାକୁ ମଧ୍ୟ ସଶକ୍ତ କରିବାର ଆବଶ୍ୟକତା ରହିଛି। ନିଜର ଦାୟିତ୍ୱ ପ୍ରତି ସଚେତନ ହୋଇ ଲୋକଙ୍କୁ ମୌଳିକ ଅଧିକାର ଯୋଗାଇ ଦେବାକୁ ପୌରସଂସ୍ଥା ଯତ୍ନବାନ ହେବା ଦରକାର ବୋଲି ମନ୍ତ୍ରୀ କହିଛନ୍ତି।



ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଅନ୍ୟମାନେ।

**ସ୍ୱାୟତ୍ତ ଶାସନ ଦିବସ**
- ପୌରସଂସ୍ଥାର ବିକାଶ ପାଇଁ ସହଯୋଗ ଲୋଡ଼ିଲେ ନଗରପାଳ
- ବଡ଼ଦାଣ୍ଡ, ସମୁଦ୍ରକୂଳ ପୁରୀବାସୀଙ୍କ ଜୀବନଜୀବିକା
- ତୀର୍ଥଯାତ୍ରୀଙ୍କ ଉପରେ ନିର୍ଭର କରେ ପୁରୀର ଅର୍ଥନୀତି

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୌରାଧ୍ୟକ୍ଷ ଜୟନ୍ତ କୁମାର ଷଡ଼ଙ୍ଗୀ କହିଲେ, ପୌର ସଂସ୍ଥା ଏକାକୀ କିଛି କରିପାରିବ ନାହିଁ। ଏଥିଲାଗି ସମସ୍ତଙ୍କ ସହଯୋଗ ଦରକାର। ପୌର ସଂସ୍ଥା ପୁରୀ ସହର ବାସିନ୍ଦାଙ୍କ ସହ ଯାତ୍ରୀ ସୁବିଧା ପ୍ରତି ଦୃଷ୍ଟି ଦେଉଛି। ପୌର ସଂସ୍ଥାର ପ୍ରମୁଖ ଦୁଇଟି କାମ ହେଲା ବିଜୁଳି ଓ ପରିମଳ। ସକାଳୁ ରାସ୍ତାଘାଟ ଓ ଡ୍ରେନ୍ ସଫା ଏବଂ ସନ୍ଧ୍ୟାରେ ସବୁ ରାସ୍ତାରେ ବିଜୁଳି ଜଳିଲେ ସମସ୍ତେ ଖୁସି। ପୌର କର୍ମଚାରୀମାନେ ଲୋକମାନଙ୍କ କାମ କରିବା ଲାଗି ଯତ୍ନବାନ ରହିଛନ୍ତି। ଗତ ୫ବର୍ଷ ମଧ୍ୟରେ ପୌରସଂସ୍ଥା ପୁରୀ ବସ୍‌ଷ୍ଟାଣ୍ଡର ପୁନରୁଦ୍ଧାର, ସର୍ବୋଦୟ ନଗର ରାତ୍ରିକାଳୀନ ଆଶ୍ରୟ ସ୍ଥଳ, ପାର୍କ ଆଦି ବହୁ ପ୍ରକଳ୍ପ କରିଛି। ସହରକୁ ସଫାସୁତରା ରଖିବା ସହିତ ସମସ୍ତେ ସ୍ୱଚ୍ଛ ପୁରୀ ପାଇଁ ସଂକଳ୍ପବଦ୍ଧ ହେବା ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ଶାନ୍ତିଲତା ପ୍ରଧାନ, ପୌର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ, ଏନ୍‌ଫୋର୍ସମେଣ୍ଟ ଅଫିସର ଓ ପୌରସଦସ୍ୟମାନେ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଆଇନଜୀବୀ ରାମପ୍ରସାଦ ଦାଶ, ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବାମଦେବ ମହାନ୍ତି, କ୍ରୀଡାବିତ ଅନୀଲ କୁମାର ଗୋଛିକାର, ସାମାଜିକ କର୍ମୀ ରବି ନାରାୟଣ ପଣ୍ଡା, ପ୍ରଶାନ୍ତ ପଟ୍ଟନାୟକ, ରାଜେନ୍ଦ୍ର କୁମାର ସାହୁ, ଜୟନ୍ତୀ ବେହେରା, ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ୱାର୍ଡ-୧୮କୁ ବାହ୍ୟ ମଳତ୍ୟାଗ ମୁକ୍ତ ଅଞ୍ଚଳ ଘୋଷଣା କରାଯିବା ସହ ଏହି ୱାର୍ଡର କାଉନ୍‌ସିଲର ସବ୍ୟସାଚୀ ମହାପାତ୍ର, ଏସ୍‌ଏଚ୍‌ଜି ସଦସ୍ୟ, ଅଙ୍ଗନୱାଡି କର୍ମୀ, ୱାର୍ଡ ସାନିଟେଶନ କମିଟି ଆଦିକୁ ପୁରସ୍କୃତ କରାଯାଇଥିଲା। ପୌରସଂସ୍ଥା ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ପ୍ରାତଃରେ ସିଂହଦ୍ୱାରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ମଙ୍ଗଳାଘାଟ ମୁହାଣଠାରୁ ଗାନ୍ଧୀଘାଟ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ୨୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂଆସାହି କମ୍ୟୁନିଟି ସେଣ୍ଟର, ୪୧ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସର୍ବୋଦୟ ନଗର କଲ୍ୟାଣ ମଣ୍ଡପ ଓ ୧୮ଲକ୍ଷ ୬ହଜାର ଟଙ୍କା ବ୍ୟୟରେ ନିର୍ମିତ ଚମାର ସାହି କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ ହୋଇଥିଲା। ଏହାସହିତ ଟିକରପଡା କମ୍ୟୁନିଟି ସେଣ୍ଟର ଓ ପୁରୀ ପୌର କର୍ମଚାରୀ ସଂଘର ଗୃହ ସମ୍ପ୍ରସାରଣ ଉଦ୍‌ଘାଟନ ହୋଇଥିଲା। ଏହି ଅବସରରେ ପୁରୀ ପୌରସଂସ୍ଥା ପକ୍ଷରୁ ପ୍ରଥମ ଥର ଲାଗି ଗୋ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରାଯାଇଛି।

# ୪୬ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ



ନିମାପଡ଼ା ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତଶାସନ ଦିବସ ପାଳନ କରାଯାଉଛି।

ନିମାପଡ଼ା,୩୧।୮(ଡି.ଏନ୍.ଏ.):

ନିମାପଡ଼ା ଏନ୍‌ଏସି ପକ୍ଷରୁ ୪୬ତମ ସ୍ୱାୟତ୍ତ ଶାସନ ଦିବସ ଶୁକ୍ରବାର ଏନ୍‌ଏସି ପରିସରରେ ପାଳିତ ହୋଇଯାଇଛି। ଏଥିରେ ଏନ୍‌ଏସି ଅଧ୍ୟକ୍ଷ ସନାତନ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ। ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ନିମାପଡ଼ା ଏନ୍‌ଏସିକୁ ରାଜ୍ୟରେ ଏକ ବିକାଶଶୀଳ, ସବୁଜ ସୁନ୍ଦର ଏନ୍‌ଏସି ଭାବେ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷା କୌଶଲ୍ୟା ସାହୁଙ୍କ ସମେତ ୮ଜଣ କାଉନ୍‌ସିଲର ଯୋଗଦେଇଥିବା ବେଳେ ୩ଜଣ କାଉନ୍‌ସିଲର ଉପସ୍ଥିତ ଥିଲେ। ଏହି ଅବସରରେ ଅଫିସ ପରିସରରେ ଜାତୀୟ ପତାକା ଉତ୍ତୋଳନ, ଛାତ୍ରୀଛାତ୍ରମାନଙ୍କୁ ମିଷ୍ଟାନ ବଣ୍ଟନ, ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ, ବୃକ୍ଷରୋପଣ କରାଯାଇଥିବା ବେଳେ ୩୧ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏନ୍‌ଏସି ପକ୍ଷରୁ ୪୦ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ଶିଶୁ ଉଦ୍ୟାନ, ବ୍ଲକ ଛକଠାରେ ୯ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୧୪ବଖରା ଭେଣ୍ଡିଂଜୋନ ଦୋକାନ ଗୃହର ଉଦ୍‌ଘାଟନ, ନୂଆ ବସଷ୍ଟାଣ୍ଡଠାରେ ୧ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ, ଅଫିସ ପରିସରରେ ୪୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ କନ୍‌ଫରେନ୍ସ ହଲର ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକ ଦାଶଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚଳିତବର୍ଷ ରଜକୁଇନ ଭାବେ ବିବେଚିତ ହୋଇଥିବା ଚନ୍ଦ୍ରସ୍ନାତା ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

### କୋଣାର୍କ ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ

କୋଣାର୍କ, ୩୧।୮(ଡି.ଏନ୍.ଏ.)

କୋଣାର୍କ ଏନଏସି ପକ୍ଷରୁ ସ୍ୱାୟତ ଶାସନ ଦିବସ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ୮ଟା ୩୦ରେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କୋଣାର୍କସ୍ଥିତ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଛାତ୍ରଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଓ ରାମଧୁନ ଗାନ କରାଯାଇଥିଲା। ପରେ ପରେ କୋଣାର୍କ ଏନଏସି ଅଧ୍ୟକ୍ଷା ଭାନୁମତି ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ପ୍ରଫୁଲ୍ଲ ପାତ୍ର, ନିର୍ବାହୀ ଅଧିକାରୀ ଏମ୍ ଶ୍ରୀନିବାସ, କାଉନସିଲର ସଂଯୁକ୍ତା ତ୍ରିପାଠୀ, ପ୍ରତାପ ଗୋଛାୟତ, ସୁକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଗତ ସ୍ୱାଧୀନତା ଦିବସ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ୧୦ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୨ରୁ ଶ୍ରୀମନ୍ଦିରରେ କୃଷ୍ଣଲୀଳା

ପୁରୀ ଅଫିସ, ୩୧।୮:

ଆସନ୍ତା ୨ ତାରିଖରେ ଶ୍ରୀକୃଷ୍ଣଙ୍କ ଜନ୍ମ। ଏହି ଦିନଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଶ୍ରୀକୃଷ୍ଣ ଲୀଳା। ଏହି ଲୀଳା କଂସ ବଧରେ ସମାପ୍ତ ହେବ। ଏହି ସମୟ ମଧ୍ୟରେ ଶ୍ରୀମନ୍ଦିର ରତ୍ନସିଂହାସନରେ ବିରାଜିତ ଦାରୁବିଗ୍ରହଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହେବ। ଆସନ୍ତା ୫ ତାରିଖରେ ରତ୍ନସିଂହାସନରେ ଠାକୁରଙ୍କ ବଣଭୋଜି ବେଶ ହେବ। ଏହାସହିତ ଶ୍ରୀମନ୍ଦିରରେ କୋଳିବିକା ନୀତି, ବକାସୁର ଓ ଅର୍ଘାସୁର ବଧ ପ୍ରସ୍ତାବ ଆଗତ ହେବ। ୬ରେ ମହାପ୍ରଭୁଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହେବ। ଏଥିସହ ଧେନୁକାସୁର ବଧ ପ୍ରସ୍ତାବ ଆଗତ ହେବ। ୭ରେ ଠାକୁରଙ୍କ ପ୍ରଳମ୍ବାସୁର ବଧ ବେଶ ଏବଂ ୮ ତାରିଖରେ ଦାରୁବିଗ୍ରହଙ୍କ କୃଷ୍ଣବଳରାମ ବେଶ ଅନୁଷ୍ଠିତ ହେବ। ଏଥିସହ ଶ୍ରୀମନ୍ଦିରରେ କୃଷ୍ଣ ଲୀଳାରେ ୯ ତାରିଖରେ ବସ୍ତ୍ରହରଣ ଲୀଳା, ୧୦ରେ ଦାବାଗ୍ନି ଲୀଳା, ୧୧ରେ ନିକୁଞ୍ଜ ଲୀଳା, ୧୨ରେ ଅନ୍ଧ ଲୀଳା, ୧୪ରେ ଦାହ ଲୀଳା, ୧୫ରେ ବିମ୍ବାସୁର ବଧ, ୧୬ରେ କେକେଶୀ ବଧ ଓ ୧୯ ତାରିଖରେ କଂସ ବଧ ଲୀଳା ରହିଛି।

**କେଉଁ ସାହିରୁ କ'ଣ ବାହାରିବ**

ରାମଲୀଳା ଭଳି ଶ୍ରୀକୃଷ୍ଣ ଲୀଳା ଜଗନ୍ନାଥ ସଂସ୍କୃତି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ରାମଲୀଳା ଭଳି ଏଥିରେ ବି ବିଭିନ୍ନ ସାହି, ଆଖଡ଼ା ପକ୍ଷରୁ ବେଶ ବାହାରି ଶ୍ରୀମନ୍ଦିରକୁ ଯାଇ ନୀତି ସମ୍ପାଦନ କରିଥାନ୍ତି। ହରଚଣ୍ଡୀ ସାହିରୁ ଅର୍ଘାସୁର, ଇନ୍ଦ୍ର ହାତୀ, ବାଲିସାହିରୁ ବକାସୁର, କଂସ, କୁଣ୍ଡେଇବେଣ୍ଟ ସାହିରୁ ଧେନୁକାସୁର, ଦୋଳମଣ୍ଡପ ସାହିରୁ ପ୍ରଳମ୍ବାସୁର, ମାର୍କଣ୍ଡେଶ୍ୱର ସାହିରୁ ବିମ୍ବାସୁର, କାଳିକାଦେବୀ ସାହିରୁ କେକେଶୀ, ଗୌଡ଼ବାଡ ସାହିରୁ ଅନ୍ନପ୍ରାସନ ପ୍ରସ୍ତାବ, ମାଟିମଣ୍ଡପ ସାହିରୁ ଦାବାଗ୍ନି, ବାସେଳି ସାହିରୁ ଅନ୍ଧ ମନ୍ଦର ହାତୀ ବାହାରି ନୀତି ସମ୍ପାଦିତ କରିବେ ବୋଲି ଜଣାପଡିଛି।

### ମୁଁ ହିରୋ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ସାକ୍ଷୀଗୋପାଳ, ୩୧।୮(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକରେ ମୁଁ ହିରୋ ମୁଁ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ସାକ୍ଷୀଗୋପାଳ କଲେଜ ପରିସରରେ ଉଦ୍‌ଘାଟିତ ହୋଇଛି। ସତ୍ୟବାଦୀ ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ ଅନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଯୁବପିଢ଼ିଙ୍କ ଭିତରେ ରହିଥିବା ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରିବାକୁ ଏହା ଏକ ସୁଯୋଗ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ସତ୍ୟବାଦୀ ବିଡିଓ ଗୌରବମୟ ପ୍ରଧାନ, ସମ୍ମାନିତ ଅତିଥି ଉପାଧ୍ୟକ୍ଷ ବିକ୍ରମ କୁମାର ଜେନା, କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଚକ୍ର, ରାଜକିଶୋର ପତି, ଶଙ୍କର ପ୍ରଧାନ ଓ ବିଜୁ ଯୁବବାହିନୀର ଜିଲା ସଂଯୋଜକ ସୁଜିତ ମହାନ୍ତି ଯୋଗଦେଇ ଯୁବକ ମାନେ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ବିଜୁ ଯୁବ ବାହିନୀର ସତ୍ୟବାଦୀ ବ୍ଲକ ସଂଯୋଜକ ଅମୂଲ୍ୟ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନବନିର୍ମାଣ ପରିଷଦର ମିଶ୍ରଣ ପର୍ବ

ନିମାପଡ଼ା,୩୧।୮(ଡି.ଏନ୍.ଏ ):

ନିମାପଡ଼ା ବ୍ଲକ ଅଧୀନ କଳାପାଞ୍ଚଣ ହାଟପଡିଆଠାରେ ନିମାପଡ଼ା-ଗୋପ ନବନିର୍ମାଣ ପରିଷଦ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସମିତି ସଭ୍ୟ ଅରକ୍ଷିତ ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପରିଷଦର ଅଧ୍ୟକ୍ଷ ଦିଲୀପ ନାୟକ ଯୋଗଦେଇ ସ୍ଥାନୀୟ ବିଧାୟକଙ୍କ ଏକଛତ୍ରବାଦ ଶାସନରେ ଲୋକମାନେ ଅତିଷ୍ଠ ହୋଇପଡିଛନ୍ତି। ନିମାପଡ଼ାରେ ପରିବର୍ତ୍ତନର ସ୍ୱର ଶୁଭିଲାଣି। ଏଥିପାଇଁ ଲୋକେ ଏକଜୁଟ ହେଲେଣି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ନାୟକ, ଗୋପ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଏକ ଦୁର୍ନୀତିମୁକ୍ତ ନିମାପଡ଼ା ଗଠନ ପାଇଁ ଆହ୍ୱାନ ଦେଇଥିଲେ। କଳାପାଞ୍ଚଣ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ନବନିର୍ମାଣ ପରିଷଦରେ ସାମିଲ ହୋଇଥିବା ପରିଷଦ ଅଧ୍ୟକ୍ଷ ନାୟକ କହିଛନ୍ତି। ପରିଷଦରେ ନୂତନ ଭାବେ ସାମିଲ ହୋଇଥିବା ନେତୃବୃନ୍ଦ ଓ କର୍ମୀମାନଙ୍କୁ ପରିଷଦ ଅଧ୍ୟକ୍ଷ ନାୟକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

### ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଧାରଣା ସ୍ଥଗିତ

ବ୍ରହ୍ମଗିରି, ୩୧।୮(ଡି.ଏନ୍.ଏ.)

**ଚିଲିକାରେ ୱାଟର ଏରୋଡ୍ରମକୁ ବିରୋଧ**

ଚିଲିକାରେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ୱାଟର ଏରୋଡ୍ରମ ଓ ମତ୍ସ୍ୟଜୀବୀଙ୍କ ବିଭିନ୍ନ ସମସ୍ୟା ନେଇ ସାତପଡ଼ାର ସିଡିଏ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ମତ୍ସ୍ୟଜୀବୀ ମଞ୍ଚ ତରଫରୁ ଦିଆଯାଇଥିବା ଧାରଣା ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଶୁକ୍ରବାର ୭ଦିନ ପାଇଁ ସ୍ଥଗିତ ରଖାଯାଇଛି। ପ୍ରକାଶ ଥାଉକି, ଚିଲିକା ଉପରେ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲାର ୩ଲକ୍ଷ ମତ୍ସ୍ୟଜୀବୀ ନିର୍ଭର କରନ୍ତି। ଚିଲିକାର ଜୈବ ବିବିଧତା ଓ ଶାନ୍ତ ପରିବେଶକୁ ନେଇ ଏସିଆ ପର୍ଯ୍ୟଟନ କ୍ଷେତ୍ରରେ ବେଶ ଆଗରେ। ମାତ୍ର କେନ୍ଦ୍ର ସରକାର ଚିଲିକାର ସୁସ୍ଥ ବାତାରଣ ଭିତରେ ୱାଟର ଏରୋଡ୍ରମ କରିବାର ପ୍ରସ୍ତାବକୁ ବିରୋଧକରି ମତ୍ସ୍ୟଜୀବୀମାନେ ଚିଲିକାର ସୁରକ୍ଷା ଓ ନିଜର ଜିବନ ଜୀବିକାକୁ ନେଇ ୫ ଦଫା ଦାବିରେ ସାତପଡ଼ାର ସିଡିଏ କାର୍ଯ୍ୟାଳୟରେ ତିନିଦିନ ଧରି ଧାରଣାରେ ବସିଥିଲେ। ଏହା ସହ ଚିଲିକା ମଧ୍ୟକୁ କୌଣସି ସରକାରୀ କର୍ମଚାରୀଙ୍କୁ ଛାଡି ନ ଥିଲେ। ଫଳରେ ସିଡିଏ କାର୍ଯ୍ୟାଳୟ ବନ୍ଦରହିଥିଲା। ଉପଜିଲାପାଳ ଭବତାରଣ ସାହୁ, ପୁରୀ ସଦର ଏସଡିପିଓ ସୁଶୀଲ ମିଶ୍ର ପ୍ରମୁଖ ଉପସ୍ଥିତ ହୋଇ ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ମିଳିତ ମଞ୍ଚର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଦାବି ପତ୍ର ନେବାସହ ସାତ ଦିନ ମଧ୍ୟରେ ଏ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପାଇଁ ପ୍ରତିଶ୍ରୁତି ଦେବାରୁ ଏହି ଧାରଣା ସ୍ଥଗିତ ରହିଛି। ଏହି ଧାରଣାରେ ଚିଲିକା ପୂର୍ବାଞ୍ଚଳ ମତ୍ସ୍ୟଜୀବୀ ମହାସଂଘ, ଚିଲିକା ହରିଜନ ମତ୍ସ୍ୟଜୀବୀ ମହାସଂଘ ଓ ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ମହାସଂଘ ସାମିଲ ହୋଇଥିଲେ।

■ କଟକରେ ଆଇନଜୀବୀଙ୍କୁ ମାଡ଼ ଘଟଣା

# ଟାୟାର ଜାଳି ଓକିଲଙ୍କ ରାସ୍ତାରୋକୋ



ଓକିଲମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ପୁରୀ ଅଫିସ, ୩୧।୮:

କଟକରେ ଜଣେ ଆଇନଜୀବୀଙ୍କୁ ପୋଲିସର ମାଡ଼ ଘଟଣାରେ ବିବାଦ ବଢିବାରେ ଲାଗିଛି। ଏହି ଘଟଣାକୁ ଆଇନଜୀବୀମାନେ ତୀବ୍ର ନିନ୍ଦା କରିଛନ୍ତି। ହାଇକୋର୍ଟ ବାର୍ ଆସୋସିଏଶନର ନିର୍ଦ୍ଦେଶ କ୍ରମେ ପୁରୀ ଆଇନଜୀବୀ ସଂଘ ପକ୍ଷରୁ ଶୁକ୍ରବାର ବାର୍ କାର୍ଯ୍ୟାଳୟ ଆଗରେ ଶତାଧିକ ଓକିଲ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ବାର ସମ୍ପାଦକ ବିଭୂତି ଭୂଷଣ ତ୍ରିପାଠୀ, ସଂଗ୍ରାମ ମିଶ୍ର, ଅନିଲ ସାହୁ, ଦେବଦତ୍ତ ପଟ୍ଟନାୟକଙ୍କ ସମେତ ଶତାଧିକ ଓକିଲ ଏଥିରେ ସାମିଲ ହୋଇଥିଲେ। ଅନ୍ୟପଟେ ଓକିଲଙ୍କ କାର୍ଯ୍ୟବନ୍ଦ ଯୋଗୁ କୋର୍ଟ କାର୍ଯ୍ୟ ବନ୍ଦ ରହିଛି। ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ସର୍ବଭାରତୀୟ ପୋଷ୍ଟାଲ ଚେସ୍ : ଶୀର୍ଷରେ ସୁଧୀର କୁମାର

ପୁରୀ ଅଫିସ, ୩୧।୮:

ଓଡ଼ିଶା ଡାକ ପରିମଣ୍ଡଳ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ପୋଷ୍ଟାଲ ଚେସ୍ ଟୁର୍ନାମେଣ୍ଟର ୬ଷ୍ଠ ରାଉଣ୍ଡ ଖେଳ ଶେଷ ହୋଇଛି। ଶୁକ୍ରବାର ବିହାରର ସୁଧୀର କୁମାର ସିହ୍ନା ଟପ୍ ସିଡ୍ ବାଉନ କୁମାରଙ୍କୁ ପରାସ୍ତ କରି ମୋଟ ୫.୫ ପଏଣ୍ଟ ସହ ଅଗ୍ରଣୀ ଲାଭ କରିଛନ୍ତି। ଶୁକ୍ରବାର ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ତାମିଲନାଡୁର ପ୍ରଦୀପ କୁମାର ଓଡ଼ିଶାର ସୌମ୍ୟରଞ୍ଜନ ମିଶ୍ରଙ୍କୁ ଏବଂ ଫିଡେ ମାଷ୍ଟର ପି.ମହେଶ୍ୱରନ ମନୋଜ ପାଣିଗ୍ରାହୀଙ୍କୁ ପରାସ୍ତ କରିଛନ୍ତି। ଶନିବାର ଶେଷ ରାଉଣ୍ଡ ଖେଳ ସହିତ ଚେସ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ ବୋଲି ଓଡ଼ିଶା ପରିମଣ୍ଡଳ ପକ୍ଷରୁ କୁହାଯାଇଛି।

■ ସମୁଦ୍ର, ନଦୀରେ ମିଶୁଛି ବର୍ଜ୍ୟଜଳ

# ୪ ସ୍ଥାନରେ ହେବ ପମ୍ପିଂ ଷ୍ଟେସନ

ପୁରୀ ଅଫିସ, ୩୧।୮:

**ଖର୍ଚ୍ଚ ହେବ ୧୭କୋଟି ୨୦ଲକ୍ଷ ୭୧ହଜାର**

ସମୁଦ୍ର ଏବଂ ନଦୀରେ ସହରର ବର୍ଜ୍ୟଜଳ ମିଶି ଜଳ ପ୍ରଦୂଷିତ ହେଉଛି। ଏହାକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଠାରୁ ଆରମ୍ଭ କରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏବେ ଏହି ପ୍ରଦୂଷଣକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ୧୭କୋଟି ୨୦ଲକ୍ଷ ୭୧ହଜାର ଟଙ୍କା ବ୍ୟୟରେ ହୋଟେଲ ଷ୍ଟର୍ଲିଂ, ଗୋପାଳପୁର ସମଗରା(ନୂଆନଇ), ମଙ୍ଗଳାଘାଟ ଓ ଜଟିଆବାବାଜୀ ଛକ ନିକଟରେ କରାଯିବ ପମ୍ପିଂ ଷ୍ଟେଶନ। ଏହାସହିତ ମଙ୍ଗଳାଘାଟ ଏସ୍‌ଟିପିର ସମ୍ପ୍ରସାରଣ ହେବ। ଓଡ଼ିଶା ସ୍ୱେରେଜ ବୋର୍ଡ ଏହି ପ୍ରକଳ୍ପ ନିର୍ମାଣ କରିବ। ଏହି ପ୍ରକଳ୍ପ ହେଲେ ସହରର ପ୍ରଦୂଷିତ ବର୍ଜ୍ୟଜଳ ବିଶୋଧିତ ହୋଇ ସମୁଦ୍ର ଓ ନଦୀରେ ମିଶିବ। ଏହି ପ୍ରକଳ୍ପକୁ ଇତିମଧ୍ୟରେ ପ୍ରଶାସନିକ ମଞ୍ଜୁରୀ ମିଳିଥିବା ଜଣାପଡିଛି।

ସମୁଦ୍ର କୂଳରେ ଡ୍ରେନେଜ ବିଭାଗ ପକ୍ଷରୁ ବର୍ଷାଜଳ ନିଷ୍କାସନ ନଳା ନିର୍ମାଣ କରାଯାଇଛି। ଏହି ନଳାର ଗୋଟିଏ ମୁଣ୍ଡ ବାଙ୍କୀ ମୁହାଣଠାରେ ମିଶିଥିବା ବେଳେ ଅନ୍ୟଟି ହୋଟେଲ ଷ୍ଟର୍ଲିଂ ନିକଟରେ ସମୁଦ୍ରରେ ମିଶିଛି। ଏହି ବର୍ଷାଜଳ ନିଷ୍କାସନ ନଳା ସ୍ୱେରେଜରେ ପରିଣତ ହୋଇଛି। କେତେଜଣ ବ୍ୟକ୍ତି ଘରର ସ୍ୱେରେଜକୁ ଏହି ନଳା ସହ ଯୋଡି ଦେଇଛନ୍ତି। ସହରର ବର୍ଜ୍ୟଜଳ ଓ ବର୍ଜ୍ୟବସ୍ତୁ ଏହି ନଳା ଦେଇ ଆସି ସିଧାସଳଖ ସମୁଦ୍ରରେ ମିଶୁଛି। ବର୍ଷାଜଳ ନିଷ୍କାସନ ନଳା ଦେଇ ସମଙ୍ଗ ନିକଟରେ ବର୍ଜ୍ୟଜଳ ନୂଆନଇରେ ମିଶୁଛି। ସେହିପରି ଏକ ଡ୍ରେନ ଦେଇ ମଙ୍ଗଳାଘାଟ ନିକଟରେ ବର୍ଜ୍ୟଜଳ ମଙ୍ଗଳା ନଦୀରେ ମିଶୁଛି। ସମୁଦ୍ର ଓ ନଦୀଗୁଡିକରେ ବର୍ଜ୍ୟଜଳ ପ୍ରବେଶକୁ ରୋକିବା ଲାଗି ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପଦକ୍ଷେପ ନେଇଛି।